# ଉତ୍କଳ ପ୍ରସଙ୍ଗ

**The Utkal Prasanga**

**December- 2015**

**୭୨ ଭାଗ ୫ମ ସଂଖ୍ୟା ମାର୍ଗଶିର– ପୌଷ ଡିସେମ୍ବର – ୨୦୧୫**

**ମନୋରଞ୍ଜନ ପାଣିଗ୍ରାହୀ,** ଆଇ.ଆର୍.ଏସ୍

କମିଶନର ତଥା ଶାସନ ସଚିବ

**ସୁଶୀଲ୍ କୁମାର ଦାସ,** ଓ.ଏ.ଏସ୍ (ଏସ୍.ଏ.ଜି)

ନିର୍ଦ୍ଦେଶକ

**ଡ. ଲେନିନ୍ ମହାନ୍ତି**

ସମ୍ପାଦକ

(ଭାରପ୍ରାପ୍ତ)

ସମ୍ପାଦନା ସହଯୋଗୀ

**ଗୋବିନ୍ଦଚନ୍ଦ୍ର ମଲ୍ଲିକ**

**ସଚ୍ଚିଦାନନ୍ଦ ବାରିକ**

ପ୍ରଚ୍ଛଦପଟ ଓ ଲେ-ଆଉଟ୍ ଡିଜାଇନିଂ

**ମାନସ ନାୟକ**

**ପୁଷ୍ପାଞ୍ଜଳି ପାଇକରାୟ**

ସହ ସମ୍ପାଦକ

କମ୍ପ୍ୟୁଟର ସେଟିଂ ଓ ଡିଜାଇନିଂ

**ହେମନ୍ତ କୁମାର ସାହୁ**

**ସୁମିତ୍ରା କର**

ଫଟୋ :

**କିଶୋର କୁମାର ସିହ୍ନା**

**ରାଜୁ ସିଂ ଓ ମନୋରଂଜନ ମହାନ୍ତି**

---

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ରେ ମୁଦ୍ରିତ ।

ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଲୋକ ସମ୍ପର୍କ ଭବନ, ଭୁବନେଶ୍ୱର-୭୫୧୦୦୧

ଇ-ମେଲ୍ : iprsec@rediffmail.com, ୱେବ୍ସାଇଟ୍ : www.odisha.gov.in
ଫୋନ୍ : ୦୬୭୪-୨୫୩୦୨୧୧

**ପ୍ରତିଖଣ୍ଡ : ଟ. ୫.୦୦**

# ସୂଚୀ

ଡିସେମ୍ବର– ୨୦୧୫


| | | |
|---|---|---|
| ● ପଞ୍ଚାୟତିରାଜ ଓ ମୋ' ସ୍ୱପ୍ନର ଭାରତବର୍ଷ | ବିଜୁ ପଟ୍ଟନାୟକ | ... ୧ |
| ● ଓଡ଼ିଆ ଭାଷାକୁ କର ଆଦର (କବିତା) | ନବକିଶୋର ଗୋସ୍ୱାମୀ | ... ୩ |
| ● ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଐତିହାସିକ ପଦକ୍ଷେପ | | ... ୪ |
| ● ଉତ୍କଳ କେଶରୀ ମହତାବ : ଏକ ସ୍ମୃତିଚାରଣ | ଜାନକୀ ବଲ୍ଲଭ ପଟ୍ଟନାୟକ | ... ୫ |
| ● ଶାନ୍ତିର ଶହୀଦ ଲାଲବାହାଦୁର ଶାସ୍ତ୍ରୀ | ନିର୍ମଳା କୁମାରୀ ମହାପାତ୍ର | ... ୭ |
| ● ଉତ୍କଳଗୌରବ ମଧୁସୂଦନଙ୍କ କବିତାର ପରିଚୟ | ଡକ୍ଟର ନାରାୟଣ ପଣ୍ଡା | ... ୧୨ |
| ● ଗୀତି କବିତାର ଇତିବୃତ୍ତ | ବୃନ୍ଦାବନ ଜେନା | ... ୧୯ |
| ● ଶୈବ ପୀଠ ଦେଉଳଝରୀ | କୃଷ୍ଣଚନ୍ଦ୍ର ସୁଆର | ... ୨୩ |
| ● ଉତ୍କଳର ଗରିମାମୟ ସ୍ମୃତି ବାଲିଯାତ୍ରା | କୈଳାସ ଚନ୍ଦ୍ର ଜେନା | ... ୨୫ |
| ● ଦେଶ ହିଁ ମୋର ମା'... ମହାପ୍ରାଣ ଗୋପବନ୍ଧୁ | ଡକ୍ଟର ସର୍ବେଶ୍ୱର ସେଣ | ... ୨୭ |
| ● ସ୍ୱାଧୀନତା ଦିବସରେ ଅଶ୍ରୁ ଝରାଉଥିବା ବିଚରା ମଣିଷଟି | ଈଶ୍ୱର ଚନ୍ଦ୍ର ମହାପାତ୍ର | ... ୩୦ |
| ● ବଣ୍ଡାମାନଙ୍କ ମାଘ ପରବ | ଡକ୍ଟର ପ୍ରମୋଦିନୀ ହୋତା | ... ୩୫ |
| ● ତୁଳସୀ ମାହାତ୍ମ୍ୟ ଓ ଜଗଦ୍ଧାତ୍ରୀ ପୂଜା | ପଣ୍ଡିତ ରାମକୃଷ୍ଣ ମିଶ୍ର | ... ୩୭ |
| ● ମୋ ଦେଶ (କବିତା) | ଇଂ ଭାଗିରଥି ସେଠୀ | ... ୩୮ |
| ● ଭୂଦାନ ଯଜ୍ଞର ସନ୍ଥ | ପଣ୍ଡିତ ତ୍ରିଲୋଚନ ମିଶ୍ର | ... ୩୯ |
| ● ଶିଶୁ ଅଧିକାର ଓ ତା'ର ସୁରକ୍ଷା | ଶଶଧର ମହନୀ | ... ୪୧ |
| ● ଖଣ୍ଡଗିରିର ଆତ୍ମଲିପି | ନିରଞ୍ଜନ ପ୍ରଧାନ | ... ୪୩ |
| ● ତୁମ ଚରଣେ ଶତ ପ୍ରଣାମ (କବିତା) | ନିଶିକାନ୍ତ ପାଢୀ | ... ୪୪ |
| ● ମକା ଫସଲର ସମନ୍ୱିତ ରୋଗ ପରିଚାଳନା | ଭାଗ୍ୟଶ୍ରୀ ଖମାରୀ<br>ଡଃ. ସୂର୍ଯ୍ୟକାନ୍ତ ବେଉରା<br>ଡଃ.ନିରାକାର ରଣସିଂହ | ... ୪୫ |
| ● ସ୍ମୃତିରେ ସ୍ମୃତିରେ ରାଧାମୋହନ ଗଡ଼ନାୟକ | ବିମଳା ସିଂହ | ... ୪୮ |
| ● ମାନବ ସମାଜ ପ୍ରତି ବୌଦ୍ଧ ଧର୍ମର ପ୍ରାସଙ୍ଗିକତା | ଡକ୍ଟର ତ୍ରିନାଥ ପଟ୍ଟନାୟକ | ... ୫୧ |
| ● ମାତୃ ବନ୍ଦନା (କବିତା) | ସରୋଜ ରଞ୍ଜନ ପଟ୍ଟନାୟକ | ... ୫୩ |
| ● ଆକାଶ ଦୀପ | ଡକ୍ଟର ଶରତ ଚନ୍ଦ୍ର ପରିଡ଼ା | ... ୫୪ |
| ● ଗାଁରେ ଏବେ ବି ଆନନ୍ଦ ଅଛି | ଇଂ. ଅଭୟ ସୂତାର | ... ୫୯ |
| ● ବିଶ୍ୱ ମାନବବାଦ ଚେତନାରେ ଶ୍ରୀଜଗନ୍ନାଥ | ନମିତା ପ୍ରଧାନ | ... ୬୧ |
| ● ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା–୨୦୧୫ରେ ଓଡ଼ିଶା ମଣ୍ଡପ | ତାପସ କୁମାର ସାହା | ... ୬୫ |
| ● ସପ୍ରସଙ୍ଗ ଓଡ଼ିଶା | | ... ୬୯ |


❖ ❖ ❖

# ଜନ୍ମମାସରେ ଶ୍ରଦ୍ଧାଞ୍ଜଳି



କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

ଜଗତର ନାଥ ଜଗନ୍ନାଥଙ୍କ ଅପାର କରୁଣାରୁ ବିଗତ ୨୦୧୫ ବର୍ଷଟି ସଫଳତାର ବର୍ଷଭାବେ ସାବ୍ୟସ୍ତ ହୋଇପାରିଛି । ଆମ ରାଜ୍ୟ ଓଡ଼ିଶା ଇତିମଧ୍ୟରେ ପ୍ରଗତିର ଏକ ନୂତନ ପରିଭାଷା ସୃଷ୍ଟି କରିଛି । ଉତ୍କଳ ପ୍ରସଙ୍ଗରେ ଏ ବିଷୟରେ ସୂଚନା ପ୍ରଦାନ କରିବାରେ ଆମେ ଅନନ୍ୟ ଆନନ୍ଦ ଅନୁଭବ କରୁ । ୪କୋଟି ଓଡ଼ିଆଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନକ୍ରମେ ୨୦୧୫ ନବକଳେବର ଓ ରଥଯାତ୍ରା ସୁରୁଖୁରୁରେ ଅନୁଷ୍ଠିତ ହୋଇଯାଇଛି । ଏଥିସହ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶାର ଯୋଗଦାନ ମଧ୍ୟ ଉଲ୍ଲେଖନୀୟ । ଏଥିପାଇଁ ଓଡ଼ିଶାବାସୀ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିକଟରେ ଚିର କୃତଜ୍ଞ ।

ଆମେ ମଧ୍ୟ ମାନ୍ୟବର ମନ୍ତ୍ରୀ ଶ୍ରୀ ଅତନୁ ସବ୍ୟସାଚୀ ନାୟକ, ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ଶ୍ରୀ ସୁଶୀଲ୍ କୁମାର ଦାସ ଏବଂ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ନିରଞ୍ଜନ ସେଠୀଙ୍କ ନିରବଚ୍ଛିନ୍ନ ଆନ୍ତରିକ ସହଯୋଗ ନିମନ୍ତେ ସେମାନଙ୍କ ନିକଟରେ ଚିର ଋଣୀ ।


ମୁଁ ଉତ୍କଳ ପ୍ରସଙ୍ଗରେ ଥିବା ମୋର ସହଯୋଗୀ ଶ୍ରୀ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ଶ୍ରୀ ସଚ୍ଚିଦାନନ୍ଦ ବାରିକ, ଶ୍ରୀମତୀ ସୁମିତ୍ରା କର ଏବଂ ଶ୍ରୀ ଅମୂଲ୍ୟ ଚନ୍ଦ୍ର ସେଠୀଙ୍କ ଅଯାଚିତ ସାହାଯ୍ୟ ସହଯୋଗ ନିମନ୍ତେ ସେମାନଙ୍କୁ ମୋର ଆନ୍ତରିକ ଧନ୍ୟବାଦ ଜଣାଉଛି ।

ପତ୍ରିକା ପ୍ରକାଶନରେ ଅକୁଣ୍ଠିତ ଭାବେ ସହାୟତାର ହସ୍ତ ପ୍ରସାର କରିଥିବା ଫଟୋ ଶାଖା ଓ ପ୍ରକାଶନ ପରିଚାଳକଙ୍କ ସହ କଟକସ୍ଥିତ ଓଡ଼ିଶା ସରକାରୀ ମୁଦ୍ରଣାଳୟର ନିର୍ଦ୍ଦେଶକ ଏବଂ ସମସ୍ତ ସହଯୋଗୀଙ୍କୁ ଏ ଅବସରରେ ଧନ୍ୟବାଦ ଜଣାଉଛି ।

**ଉତ୍କଳ ପ୍ରସଙ୍ଗ ପରିବାର ତରଫରୁ**
**ସମସ୍ତ ଲେଖକ/ଲେଖିକା, ପାଠକ/ପାଠିକା ଓ ପୃଷ୍ଠପୋଷକମାନଙ୍କୁ**
**ନବବର୍ଷ ୨୦୧୬ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**
**ନବବର୍ଷ ସମସ୍ତଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ,**
**ଏତିକି କାମନା ।**







# ସମ୍ପାଦକୀୟ

ଜାତୀୟ ବିପର୍ଯ୍ୟୟ ରିଲିଫ୍ ପାଣ୍ଠିରୁ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୩୮୦ କୋଟି ଟଙ୍କାର ସହାୟତା ମଞ୍ଜୁର କରିଛନ୍ତି । ତେବେ ମଞ୍ଜୁର ହୋଇଥିବା ଏହି ସହାୟତାରେ ମଧ୍ୟ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଇଥିବା ମନେ ହେଉଛି । ଓଡ଼ିଶାକୁ ମାତ୍ର ୩୮୦ କୋଟି ଟଙ୍କା ମିଳିଥିବା ବେଳେ ପଶ୍ଚିମବଙ୍ଗକୁ ୧୧୦୪କୋଟି ଟଙ୍କା ଏବଂ ଛତିଶଗଡକୁ ୯୨୫ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି ।

ଓଡ଼ିଶା ରାଉଣ୍ଡ ଟେବୁଲ୍ ୨୦୧୫ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପୋସ୍କୋ ନେଇ ଆଶାବାଦୀ ଅଛନ୍ତି ବୋଲି ମତ ପ୍ରକାଶ କରିଛନ୍ତି । ଓଡ଼ିଶାରେ ଶିଳ୍ପାୟନ ନିମନ୍ତେ ପୁଞ୍ଜିନିବେଶ ଓ ସହଜରେ ବ୍ୟବସାୟ କରିବାର ପଥ ସୁଗମ ଲାଗି ରାଜ୍ୟ ସରକାର ଏକାଧିକ ପଦକ୍ଷେପ ନେଇଛନ୍ତି । ଆସନ୍ତା ୫ବର୍ଷ ମଧ୍ୟରେ ଓଡ଼ିଶା ପୂର୍ବଭାରତର ଶ୍ରେଷ୍ଠ ଉତ୍ପାଦନ କେନ୍ଦ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ୨୦୧୯ ସୁଦ୍ଧା ୧.୭୩ ଲକ୍ଷ କୋଟି ଟଙ୍କାର ବୈଦେଶିକ ପୁଞ୍ଜି ବିନିଯୋଗ ସହିତ ଉତ୍ପାଦନ ହାର ୧୫ ପ୍ରତିଶତ ବୃଦ୍ଧି କରିବା ଲାଗି ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଏହାଦ୍ୱାରା ସାଢେ ୩ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିବ । ସହଜରେ ବ୍ୟବସାୟ କରିବା ଦୃଷ୍ଟିରୁ ଓଡ଼ିଶା ବର୍ତ୍ତମାନ ୭ମ ସ୍ଥାନରେ ଥିବାବେଳେ ଯେଉଁ ହାରରେ ରାଜ୍ୟ ଅର୍ଥନୈତିକ ପ୍ରଗତି ହାସଲ କରୁଛି, ଖୁବ୍‌ଶୀଘ୍ର ଆମେ ପ୍ରଥମ ୩ଟି ସ୍ଥାନରେ ପହଞ୍ଚି ପାରିବୁ ବୋଲି ଆମର ବିଶ୍ୱାସ । ରାଜ୍ୟରେ ସାମଗ୍ରିକ ଅର୍ଥନୈତିକ ବିକାଶ ଲାଗି ସରକାର ଅନେକ ଗଠନମୂଳକ ପଦକ୍ଷେପ ଗ୍ରହଣ କରିଥିବାବେଳେ ନିକଟ ଅତୀତରେ ଏହାର ସୁପରିଣାମ ମଧ୍ୟ ଦେଖିବାକୁ ମିଳିଛି ।

ଅନେକ ବିରୋଧ ସତ୍ତ୍ୱେ ୨୦୧୨ ଡିସେମ୍ବର ୧୬ ଦିଲ୍ଲୀ ପାରାମେଡିକାଲ ଛାତ୍ରୀ ଗଣ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଦୋଷୀ ନାବାଳକକୁ ମୁକ୍ତ କରାଯାଇଛି । ନାବାଳକକୁ ମୁକ୍ତ ନକରିବା ଲାଗି ନ୍ୟାୟିକ ପ୍ରୟାସ କରାଯାଇଥିଲେ ମଧ୍ୟ ବିଶେଷ ସୁଫଳ ମିଳିନାହିଁ। ପୀଡିତାଙ୍କର ମା' କହିଛନ୍ତି ଯେ ନାବାଳକର ମୁକ୍ତି ଦେଶବାସୀଙ୍କୁ ବଡ ଧକ୍କା । ମୁଁ ବ୍ୟକ୍ତିଗତ ଭାବେ ଅନୁଭବ କରେ ଯେ, ନାରୀମାନଙ୍କ ବିରୁଦ୍ଧରେ ସଂଗଠିତ ହିଂସାର ଦମନ ନିମନ୍ତେ ଥିବା ବ୍ୟବସ୍ଥା ବହୁମୁଖୀ ହେବା ଉଚିତ୍ । ସମୟର ଆହ୍ୱାନକୁ ଦୃଷ୍ଟିରେ ରଖି ଆଇନ୍‌ଗତ ପରିବର୍ତ୍ତନ ଅନିବାର୍ଯ୍ୟ ମନେହୁଏ । ପ୍ରତ୍ୟେକ ବ୍ୟକ୍ତି ନିର୍ଭୟରେ ନିଜ ସ୍ତରରେ ପରିବର୍ତ୍ତନର ବାହକ ହେବାର ସମୟ ଉପନୀତ । ଏଠାରେ ଉଲ୍ଲେଖଯୋଗ୍ୟ କି, ଓଡ଼ିଶା ସରକାର ମହିଳାମାନଙ୍କର ସାମଗ୍ରିକ

ବିକାଶ ନିମନ୍ତେ ସଦାଚେଷ୍ଟିତ । ଏ ଦିଗରେ ପ୍ରଚେଷ୍ଟା ସ୍ୱରୂପ, ଓଡ଼ିଶାରେ ମହିଳାମାନଙ୍କର ଅପପୁଷ୍ଟି ନିରାକରଣ ଓ ବିକାଶ ପାଇଁ ଅଜିମ୍ ପ୍ରେମଜୀ ଫିଲାନ୍ଥ୍ରୋପିକ୍ ଇନିସିଏଟିଭ୍ ସଂସ୍ଥା ପକ୍ଷରୁ ୩୦୦ କୋଟି ଟଙ୍କା ପୁଞ୍ଜିନିବେଶ କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିନେଇ ରାଜ୍ୟ ସରକାର ଓ ସଂପୃକ୍ତ ସଂସ୍ଥା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଆସନ୍ତା ୮/୧୦ ବର୍ଷ ମଧ୍ୟରେ ଓଡ଼ିଶାରୁ ପୁଷ୍ଟିହୀନତା ଦୂର କରିବାକୁ ଉଭୟ ମିଳିତ ଉଦ୍ୟମ କରିବେ ।

ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ କେତେଗୁଡ଼ିଏ ଐତିହାସିକ ପଦକ୍ଷେପ ଘୋଷଣା କରିଛନ୍ତି । ସେଥିମଧ୍ୟରୁ ଓଡ଼ିଆ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଓଡ଼ିଆ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ଓଡ଼ିଶା ବାହାରେ ଜେଏନ୍‌ୟୁ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଭଳି ସୁନାମଧନ୍ୟ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର୍ ପ୍ରତିଷ୍ଠା, ଓଡ଼ିଆ ଭାଷାରେ ସରକାରୀ ବିଜ୍ଞାପନ ଓ ଉଦ୍‌ଘାଟନ ଫଳକ ଇତ୍ୟାଦି ଉଲ୍ଲେଖଯୋଗ୍ୟ ।

ପ୍ରଗତି ପଥେ ଅଗ୍ରସର ଓଡ଼ିଶା ରାଜ୍ୟ ସରକାର ଦ୍ରୁତ ଓ ସାମୂହିକ ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରିଆସୁଛନ୍ତି । ପୁଞ୍ଜିନିବେଶକାରୀମାନଙ୍କ ନିମନ୍ତେ ଏକ ଅନୁକୂଳ ବ୍ୟବସାୟିକ ବାତାବରଣ ସୃଷ୍ଟି ସକାଶେ ବିଭିନ୍ନ ବିଭାଗ ଦ୍ୱାରା ଅନେକ ବ୍ୟବସାୟିକ ସଂସ୍କାର ଗ୍ରହଣ କରାଯାଇଛି ।

ଇତିମଧ୍ୟରେ ଓଡ଼ିଶାର ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜନ୍ମ ଶତବାର୍ଷିକୀ ପାଳନ ନିମନ୍ତେ ବହୁବିଧ ଉଦ୍ୟମ ଜାରି ରହିଛି । ଓଡ଼ିଶାର ପୁରପଲ୍ଲୀଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ଏହି ମାଟିର ମୂର୍ତ୍ତିକାରଙ୍କ ପାଇଁ ଏକ ଅପୂର୍ବ ଆବେଗ ସୃଷ୍ଟି ହୋଇଛି ।

ଶେଷରେ ସମସ୍ତ ଓଡ଼ିଶାବାସୀଙ୍କୁ ଇଂରାଜୀ ନୂତନ ବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।


ଲେନିନ୍ ମହାନ୍ତି

ସମ୍ପାଦକ

# ପଞ୍ଚାୟତିରାଜ ଓ ମୋ' ସ୍ୱପ୍ନର ଭାରତବର୍ଷ

**ବିଜୁ ପଟ୍ଟନାୟକ**

ଷଷ୍ଠ ଦଶକରେ ସେତେବେଳର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ କହିଥିଲେ ସରପଞ୍ଚ ହେଉଛି ପଞ୍ଚାୟତିରାଜର ମୁଖ୍ୟମନ୍ତ୍ରୀ । ଗ୍ରାମାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସେ ପଞ୍ଚାୟତ ପଞ୍ଚାୟତ ଭିତରେ ଉନ୍ନୟନ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରିଥିଲେ । ସର୍ବୋତ୍କୃଷ୍ଟ ବିବେଚିତ ଗ୍ରାମପଞ୍ଚାୟତ ସମିତି ପାଇଁ ଜିଲ୍ଲାସ୍ତରରେ ଆକର୍ଷଣୀୟ ପୁରସ୍କାର ବ୍ୟବସ୍ଥା କରାଯାଇଥିଲା ।



ଦ୍ୱିତୀୟବାର ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତ ହେବାପରେ ଶ୍ରୀ ବିଜୁ ପଟ୍ଟନାୟକ ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକ ସକ୍ରିୟ କରିବାକୁ ଉଦ୍ୟମ ଆରମ୍ଭ କଲେ । ନିର୍ବାଚନରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ସ୍ଥାନ ସଂରକ୍ଷଣ କରାଯିବାରୁ ୨୭ ହଜାର ମହିଳା ନିର୍ବାଚିତ ପ୍ରତିନିଧି ହେବାର ଗୌରବ ହାସଲ କଲେ । ଗ୍ରାମପଞ୍ଚାୟତରେ ସରପଞ୍ଚ ପୁରୁଷ ଥିଲେ ମହିଳା ନାୟବ ସରପଞ୍ଚ ଏବଂ ପଞ୍ଚାୟତିରାଜ ସମିତିରେ ପୁରୁଷ ଚେୟାରମ୍ୟାନ ଥିଲେ, ମହିଳା ଭାଇସ୍ ଚେୟାରମ୍ୟାନ୍ ରହିବା ପାଇଁ ଆଇନ୍ ପ୍ରଣୟନ କରାଗଲା । ଗ୍ରାମାଞ୍ଚଳର ବିକାଶ ପାଇଁ ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ, ବନୀକରଣ, ପୁଷ୍ଟିକର ଖାଦ୍ୟ ଯୋଗାଣ, ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କ୍ଷେତ୍ରରେ ମହିଳା ପ୍ରତିନିଧିମାନଙ୍କୁ ଦାୟିତ୍ୱରେ ରଖିବା ପାଇଁ ସେ ନିର୍ଦ୍ଦେଶ ଦେଲେ ।

୧୯୯୩ ମାର୍ଚ୍ଚ ୫ ତାରିଖ ଦିନ ତାଙ୍କ ଜନ୍ମ ଦିନରେ ରାଜଧାନୀ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଥିଲା । ଏହି ସମାରୋହରେ ଓଡ଼ିଶାର ପୁରପଲ୍ଲୀରୁ ସମବେତ ହୋଇଥିବା ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକର ନିର୍ବାଚିତ ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଇ ସେ କହିଥିଲେ ଏହି ଅନୁଷ୍ଠାନଗୁଡିକୁ ଅଧିକ ଦକ୍ଷ, ସକ୍ରିୟ ଓ ମଜଭୁତ୍ ନକଲେ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଜନ ସହଯୋଗ ମିଳିବା କଷ୍ଟକର ହେବ ।

ଶ୍ରୀ ପଟ୍ଟନାୟକଙ୍କର ଅଭିଭାଷଣ ନିମ୍ନରେ ପ୍ରଦତ୍ତ ହେଲା:

ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତ ସଭ୍ୟ, ସଭ୍ୟାବୃନ୍ଦ !

ବହୁତ ଦିନ ତଳେ ମୁଁ ଗୋଟିଏ ନୂଆ ଭାରତବର୍ଷର ସ୍ୱପ୍ନ ଦେଖୁଥିଲି । ମୋ' ସ୍ୱପ୍ନର ଭାରତରେ ଗଣତନ୍ତ୍ର କେଇଜଣ କୁହାଳିଆ ବା ତଥାକଥିତ ବୁଦ୍ଧିଜୀବୀଙ୍କ ବିଳାସ ହୋଇ ରହିନଥାନ୍ତା । ମୁଁ ସ୍ୱପ୍ନ ଦେଖୁଥିଲି ଏପରି ଏକ ଭାରତବର୍ଷ ଯେଉଁଠାରେ ଗଣତନ୍ତ୍ର କେବଳ ନିର୍ବାଚନ ସର୍ବସ୍ୱ ହେବ ନାହିଁ । ଏହା ହେବ ଲୋକଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଘନିଷ୍ଠଭାବେ ଜଡିତ କରାଇବାର ଏକ ମାଧ୍ୟମ । ଗାଁ ଗଣ୍ଡା ହେଉଛି ଭାରତର ଆତ୍ମା । ମୋ' ସ୍ୱପ୍ନର ଭାରତରେ ଗାଁ ଗହଳିରୁ ହିଁ ଗଣତନ୍ତ୍ର ଆରମ୍ଭ ହୋଇ କ୍ରମଶଃ ଉପରକୁ ପ୍ରସାରିତ ହୋଇଥାନ୍ତା ।

୩୨ ବର୍ଷ ତଳେ ମୋତେ ଓଡ଼ିଶାର ଜନସାଧାରଣଙ୍କ ଅଭୂତପୂର୍ବ ସମର୍ଥନ ମିଳିଥିଲା । ସେତେବେଳେ ମୁଁ ଗଣତନ୍ତ୍ରରେ ଲୋକଙ୍କୁ ସଂଶ୍ଳିଷ୍ଟ କରି ରାଜ୍ୟର ପ୍ରତ୍ୟେକଟି ଗ୍ରାମକୁ ନୂଆକରି ଗଢିବାର ପ୍ରକ୍ରିୟା ଆରମ୍ଭ କରିଥିଲି । ଏଥିପାଇଁ ଅନେକଗୁଡିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ଏବଂ ଲୋକଙ୍କ ହାତରେ କ୍ଷମତା ଓ ଦାୟିତ୍ୱ ଦେବା ପାଇଁ ଅନେକ ନୂଆ ଆଇନ୍ ମଧ୍ୟ ତିଆରି କରାଯାଇଥିଲା । ଷଷ୍ଠ ଦଶକରେ ରାଜନୈତିକ ଝଡଝଞ୍ଜାରେ ସେହି ସ୍ୱପ୍ନକୁ ସାକାର କରିବାର କାର୍ଯ୍ୟ ଅସମାପ୍ତ ରହିଯାଇଥିଲା । ଆଜି ମୁଁ ଯେତେବେଳେ ପଛକୁ ଫେରି ଚାହୁଁଛି, ମୋତେ କିଛିଟା ହତାଶା, କିଛିଟା ବାକୀ ରହିଥିବା କାମ ଓ କିଛିଟା ପୂରା ହୋଇ ନଥିବା ପ୍ରତିଶ୍ରୁତି ଅସ୍ତବ୍ୟସ୍ତ କରୁଛି ।

ଆପଣମାନଙ୍କର ନାହିଁନଥିବା ସମର୍ଥନ ପାଇଁ ଦ୍ୱିତୀୟ ଥର ପାଇଁ ଆମେ ସମସ୍ତେ ଆମର ଜୟଯାତ୍ରା ଆରମ୍ଭ କରିଛୁ । ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତି ସମ୍ପର୍କରେ ପ୍ରଚଳିତ ଆଇନ୍‌ଗୁଡିକୁ ସଂଶୋଧନ କରାଯାଇ ତ୍ରିସ୍ତରୀୟ ବ୍ୟବସ୍ଥା ପ୍ରବର୍ତ୍ତନ କରିବା ପାଇଁ ଏକ ସମ୍ପୂର୍ଣ୍ଣ ନୂଆ ଆଇନ୍ ପ୍ରଣୟନ କରାଯାଇଛି । ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତିଗୁଡିକ ପାଇଁ ନିର୍ବାଚନ ଶେଷ ହୋଇଛି । ଜିଲ୍ଲା ପରିଷଦ ପାଇଁ ଖୁବ୍ ଶୀଘ୍ର ନିର୍ବାଚନ କରାଯିବ ।

ସେସମୟ ଓ ଆଜି ଭିତରେ ଅନେକଟା ତଫାତ୍ ଆପଣମାନେ ଲକ୍ଷ୍ୟ କରୁଥିବେ । ଏହି ପରିବର୍ତ୍ତନର ଆହ୍ୱାନ ହେଉଛି– ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକୁ ଅଧିକ ପ୍ରତିନିଧିମୂଳକ କରିବା, ସେଗୁଡିକୁ ଅଧିକ କାର୍ଯ୍ୟକାଳ ଦେବା ଓ ତାଙ୍କ ପାଇଁ ଅଧିକ ସମ୍ବଳର ବ୍ୟବସ୍ଥା କରିବା, କାରଣ ଆମର ଅନୁଷ୍ଠାନଗୁଡିକ ଅଧିକ ଦକ୍ଷ, ସକ୍ରିୟ ଓ ମଜଭୁତ୍ ନହେଲେ ଉନ୍ନୟନ ଯୋଜନା କରିବା ଓ ଜନ ସହଯୋଗ ମାଧ୍ୟମରେ ସେଗୁଡିକୁ ଠିକ୍ ରୂପେ କାର୍ଯ୍ୟକାରୀ କରାଇବା ମୁସ୍କିଲ ହେବ । ଏହି ପରିବର୍ତ୍ତନ ମାଧ୍ୟମରେ ଆମେ ବଡ ବଡ କଥା ଅପେକ୍ଷା ପ୍ରକୃତ କାମ କରିପାରିବା । ଆମେ କେବଳ କାମ ହିଁ ଚାହୁଁ । ଆପଣମାନଙ୍କ ଭିତରୁ ଅନେକ ପ୍ରଶ୍ନ କରୁଛନ୍ତି– ମୋର କ୍ଷମତା କ'ଣ ? ମୋର କାମ କ'ଣ ? କୌଣସି ବ୍ୟକ୍ତିବିଶେଷକୁ କ୍ଷମତା ଦିଆଯାଏ ନାହିଁ । କ୍ଷମତା ଦିଆଯାଏ ଏକ ପ୍ରତିନିଧିମୂଳକ ବ୍ୟବସ୍ଥାକୁ । ପଞ୍ଚାୟତିରାଜ ବ୍ୟବସ୍ଥା ଏକ ପ୍ରତିନିଧିମୂଳକ ବ୍ୟବସ୍ଥା ହୋଇଥିବାରୁ ସ୍ୱାସ୍ଥ୍ୟ, ଶିକ୍ଷା, ସମାଜ ମଙ୍ଗଳ, ଦାରିଦ୍ର୍ୟ ଦୂରୀକରଣ, ବୃକ୍ଷରୋପଣ, ପରିବେଶ, କୃଷି, ପଶୁପାଳନ, ଜଳସେଚନ ଏବଂ ରାସ୍ତାଘାଟ ଆଦି ବିଷୟରେ ନିଷ୍ପତ୍ତି ନେବାର କ୍ଷମତା ଏହି ସଂସ୍ଥା ଉପରେ ନ୍ୟସ୍ତ କରାଯାଇଛି । ଏହି ସମ୍ମିଳନୀ ଉପଲକ୍ଷେ ଆପଣମାନଙ୍କୁ ଯେଉଁ ପୁସ୍ତିକା ସବୁ ଦିଆଯାଇଛି, ସେଥିରୁ ଭଲଭାବେ ଜଣାଯିବ ଯେ, ଯୋଜନା ତିଆରି କରିବା, ତାକୁ କାର୍ଯ୍ୟକାରୀ କରିବା ଏବଂ ଏ ସମସ୍ତ କାର୍ଯ୍ୟକୁ ତଦାରଖ ଓ ତଦ୍‌ବିର କରିବାର ଦାୟିତ୍ୱ ସବୁ ଆପଣମାନଙ୍କର ।

ଆପଣମାନେ ଯଦି ଏହି କ୍ଷମତାକୁ ବିଜ୍ଞତାର ସହିତ ବ୍ୟବହାର କରନ୍ତି, ତା'ହେଲେ ପଞ୍ଚାୟତିରାଜ ବ୍ୟବସ୍ଥା ମଜଭୁତ୍ ହେବ । କ୍ଷମତା ସାଙ୍ଗକୁ ଆମେ ସମ୍ବଳ ମଧ୍ୟ ହସ୍ତାନ୍ତର କରିବୁ । ରାଜ୍ୟସ୍ତରରୁ କିଭଳି ଭାବେ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ସମ୍ବଳ ଦିଆଯାଇପାରିବ ସେ ବିଷୟରେ ଏକ ସ୍ୱତନ୍ତ୍ର ଅର୍ଥ କମିଶନ୍ ଟିକିନିଖି କରି ପରୀକ୍ଷା ନିରୀକ୍ଷା କରୁଛନ୍ତି । ଏହାର ସୁପାରିଶଗୁଡିକ ଖୁବ୍ ଶୀଘ୍ର ମିଳିଯିବ । ସମ୍ବଳକୁ ଚାହିଁ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କର ଦାୟିତ୍ୱ ମଧ୍ୟ ନିର୍ଦ୍ଧାରଣ କରାଯିବ ।

ଶାସନ ବ୍ୟବସ୍ଥାର ପ୍ରକୃତ ବିକେନ୍ଦ୍ରୀକରଣ ପାଇଁ ମହିଳାମାନଙ୍କୁ ସଂଶ୍ଳିଷ୍ଟ କରାଇବା ଉପରେ ମୁଁ ସଦାବେଳେ ଜୋର୍ ଦେଇଆସିଛି । ନାରୀମାନଙ୍କର ସୃଜନଶୀଳତା ଓ ଶକ୍ତିକୁ ଉପଯୋଗ କରି ତାଙ୍କର ସ୍ୱତନ୍ତ୍ର ସମସ୍ୟାଗୁଡିକର ସମାଧାନ ପାଇଁ ଏ ଯାବତ୍ କୌଣସି ବିଧିବଦ୍ଧ ଉଦ୍ୟମ ଆରମ୍ଭ ହୋଇନାହିଁ । ସେମାନେ ଏ ପର୍ଯ୍ୟନ୍ତ ସମାଜ ଓ ଶାସନର ମୁଖ୍ୟ ସ୍ରୋତକୁ ଆସିପାରି ନାହାନ୍ତି । ପୁରୁଷପ୍ରଧାନ ସମାଜରେ ସେମାନଙ୍କ ସମସ୍ୟା ପ୍ରତି ଯଥାର୍ଥ ଧ୍ୟାନ ଦିଆଯାଇ ନାହିଁ । ସେମାନଙ୍କଠାରେ ଥିବା ଅନ୍ୟକୁ ପ୍ରବର୍ତ୍ତାଇବା, ସହୃଦୟତା ଓ ସମ୍ବେଦନଶୀଳତା ପ୍ରଭୃତି ଗୁଣଗୁଡିକ ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକର ଗୁଣାତ୍ମକ ମାନ ନିଶ୍ଚିତଭାବେ ବୃଦ୍ଧି କରିବ । ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ବୃକ୍ଷରୋପଣ, ପରିବାର କଲ୍ୟାଣ, ମା' ଓ ଶିଶୁର ସ୍ୱାସ୍ଥ୍ୟରକ୍ଷା ଓ ପରିବେଶ ବିକାଶ ଭଳି କାମଗୁଡିକ ସେମାନଙ୍କ ଉପରେ ନ୍ୟସ୍ତ କରାଯିବା ଆବଶ୍ୟକ । ମୁଁ ଚାହେଁ, ଉପରୋକ୍ତ ବିଷୟଗୁଡିକ ପାଇଁ ଯେଉଁ ଷ୍ଟାଣ୍ଡିଂ କମିଟି ରହିବ, ତା'ର ନେତୃତ୍ୱ ମହିଳାମାନେ ନିଅନ୍ତୁ । ତାଙ୍କୁ ପୂର୍ଣ୍ଣ ସୁଯୋଗ ଦିଆଯାଉ ।

ମୁଁ ଏ କଥା ୧୯୬୧ରେ କହିଥିଲି, ଆଜି ମଧ୍ୟ କହୁଛି ଯେ, ଆମେ ସମାଜର ତଳସ୍ତରରେ ନେତା ଓ ନେତ୍ରୀ ଗଢିବା ପାଇଁ ଉଦ୍ୟମ କରୁଛୁ । ଏହା ଏକ ସହଜ ସାଧ୍ୟ ବ୍ୟାପାର ନୁହେଁ । ଏହି ଗଣ ଆନ୍ଦୋଳନକୁ ଆମେ କିଛି ରୂପ, କିଛି ଦିଗ୍‌ଦର୍ଶନ ଏବଂ କିଛି କର୍ତ୍ତୃତ୍ୱ ଦେଉଛୁ । ସୁନ୍ଦର ଭବିଷ୍ୟତକୁ ଆଖି ଆଗରେ ରଖି ଅଧିକ ସମ୍ବେଦନଶୀଳତା ଓ ଦୂରଦର୍ଶିତା ସହ ଆମକୁ ଚିନ୍ତା କରିବାକୁ ହେବ । ଆମେ ଗୋଟିଏ ନୂଆ ଶିଶୁ ଗଢୁଛୁ– ଏକ ଗଣତାନ୍ତ୍ରିକ

ଶିଶୁ, ଯାହାର ଚିନ୍ତାରେ ଓ କାର୍ଯ୍ୟରେ ନେତୃତ୍ୱର ବିକାଶ ଘଟିବ । ଲୋକଙ୍କ ଭିତରେ ଯେଉଁ ସୁପ୍ତ ଶକ୍ତି ରହିଛି, ପଞ୍ଚାୟତି ବ୍ୟବସ୍ଥା ମାଧ୍ୟମରେ ତାକୁ ଜାଗ୍ରତ କରିବାକୁ ହେବ, ବିକଶିତ କରିବାକୁ ହେବ ।

ଆମର ସାମୂହିକ ବିଜ୍ଞତା ଦ୍ୱାରା ଆମେ ସମୟକ୍ରମେ ଏପରି ବାଟ ବାହାର କରିବା ଯଦ୍ୱାରା ଜନସାଧାରଣଙ୍କର ବିଶ୍ୱାସ ଓ ନେତୃତ୍ୱକୁ ଆଧାର କରି ବର୍ତ୍ତମାନର ପ୍ରଶାସନିକ ବ୍ୟବସ୍ଥା ଦ୍ୱାରା ସମ୍ଭବ ହେଉଥିବା କାର୍ଯ୍ୟଠାରୁ ବହୁ ଅଧିକ ସଫଳତା ହାସଲ କରାଯାଇ ପାରିବ ।

ସବୁଠାରେ ଦୋଷ ତ୍ରୁଟି ଅଛି ଏବଂ ରହିବ । ମଣିଷର ଚରିତ୍ର ଓ ପ୍ରକୃତିକୁ ମୁଁ ଯାହା ବୁଝିଛି, ଏଥିରେ କିଛି ଅସ୍ୱାଭାବିକତା ନାହିଁ । ଆମେ ଏଭଳି ଏକ ଶାସନ ଢାଞ୍ଚା ତିଆରି କରିବା ଯେଉଁଥିରେ କି ପ୍ରତ୍ୟେକ ସ୍ତ୍ରୀ, ପୁରୁଷ, ବଡ ହେଉ କି ଛୋଟ ହେଉ, ଉତ୍କୃଷ୍ଟ ହେଉ କି ନିକୃଷ୍ଟ ହେଉ, ନିଜ ପ୍ରତିଭା ବିକାଶ ପାଇଁ ସୁଯୋଗ ପାଇବେ । ଚୀନ୍ ଦାର୍ଶନିକ ତାଇ ତୁଙ୍ଗ କହିଥିଲେ, 'ଯଦି ଆମେ କୌଣସି ଏକ କାର୍ଯ୍ୟକୁ ତ୍ରୁଟିଶୂନ୍ୟ ଭାବେ କରିବାକୁ ବସିବା, ଆମକୁ ଅନନ୍ତକାଳ ପାଇଁ ଅପେକ୍ଷା କରିବାକୁ ହେବ ।' ଆମ ହାତରେ ସମୟ ନାହିଁ । ଗଲା ତିରିଶ ବର୍ଷ ଭିତରେ ଅନେକ କିଛି ସୁଯୋଗ ଆମର ହାତଛଡା ହୋଇଯାଇଛି । ତେଣୁ ଆମକୁ ଆଜି ସଙ୍କଳ୍ପ ନେବାକୁ ହେବ– ବିଜ୍ଞତା, ଦୂରଦୃଷ୍ଟି, କରୁଣା ଓ ଉତ୍ତମ ବୁଝାମଣାକୁ ପୁଞ୍ଜି କରି ଆମେ ଆମ ନିଜର ସମସ୍ୟା ସମାଧାନର ରାସ୍ତା ବାହାର କରିବା ।

ପୂର୍ବତନ ମୁଖ୍ୟମନ୍ତ୍ରୀ
ଓଡ଼ିଶା

# ଓଡ଼ିଆ ଭାଷାକୁ କର ଆଦର

**ନବକିଶୋର ଗୋସ୍ୱାମୀ**

ଆମେ ଓଡ଼ିଆ ଭାଷା ଓଡ଼ିଆ
କୁହ ଓଡ଼ିଆ ଭାଇ
ପଢାପଢିରେ ଲେଖା ଲେଖିରେ
ହେଳା କରନି କେହି ।

ସ୍ପଷ୍ଟ ଭାବରେ କହି ଶିଖିବା
ଆମ ଭାଷାର କଥା
ଆମ ସଂସ୍କୃତି ଆମର ଗର୍ବ
ଗାଇବା ତା'ର ଗାଥା ।

ନାମ ଫଳକ ଲେଖିବା ଆମେ
ନିଜ ଭାଷାକୁ ନେଇ
ବିବାହ, ବ୍ରତ ନିମନ୍ତ୍ରଣ ପତ୍ରରେ
ଇଂରାଜୀ ଲେଖନାହିଁ ।

ଚିଠି ଲେଖିବା ମାତୃଭାଷାରେ
ଭାବ ଆଦାନ ପାଇଁ
ଆସନ୍ତୁ, ଆଜ୍ଞା, ନମସ୍କାରକୁ
ଭୁଲନି କେବେ କେହି ।

ଓଡ଼ିଆ ଭାଷା ସଭିଁଙ୍କ ପ୍ରିୟ
ତାକୁ ଆଦର କର
କବି, ଲେଖକ, ଜୀବନୀ ପଢ
ହୋଇବ କର୍ମବୀର ।

ଶାନ୍ତିକୁଟୀର
ନାନପୁର (ମଠ)
ବାଲିଚନ୍ଦ୍ରପୁର, ଯାଜପୁର– ୭୫୪୨୦୫

# ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ ପାଇଁ

## ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଐତିହାସିକ ପଦକ୍ଷେପ

- ଓଡ଼ିଆ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ।
- ଓଡ଼ିଆ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ପଦକ୍ଷେପ ।
- ଓଡ଼ିଶା ବାହାରେ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଭଳି ସୁନାମଧନ୍ୟ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚେୟାର ପ୍ରତିଷ୍ଠା ।
- ସରକାରୀ ବିଜ୍ଞାପନ, ଉତ୍ସବ ପାଳନ, ଆଲୋଚନାଚକ୍ର, କର୍ମଶାଳା, ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଉଦ୍‌ଘାଟନ ଫଳକ, ନିମନ୍ତ୍ରଣ ପତ୍ରରେ ଓଡ଼ିଆ ଭାଷାର ବ୍ୟବହାର ।
- ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମ ଫଳକ ।
- ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ଓଡ଼ିଶାର ସୁନାମଧନ୍ୟ ସାହିତ୍ୟିକମାନଙ୍କ ନାମରେ ରାଜ୍ୟସ୍ତରୀୟ ତର୍କ ପ୍ରତିଯୋଗିତା ଅନୁଷ୍ଠିତ କରାଇ ରାଜ୍ୟସ୍ତରୀୟ ପ୍ରତିଭା ଚିହ୍ନଟ ଏବଂ ଏପ୍ରିଲ୍ ମାସରେ ଓଡ଼ିଆ ଭାଷା ସପ୍ତାହ ପାଳନ ଅବସରରେ ସମ୍ବର୍ଦ୍ଧନା ।
- ଓଡ଼ିଶାର ପ୍ରମୁଖ ବିଶ୍ୱବିଦ୍ୟାଳୟମାନଙ୍କରେ ଓଡ଼ିଆ ଚେୟାର ପ୍ରତିଷ୍ଠା ସହିତ ବିଭିନ୍ନ ସ୍ତରରେ ଓଡ଼ିଆ ଭାଷାରେ ଅଧ୍ୟାପକ/ଶିକ୍ଷକ ପଦବୀ ପୂରଣ ଏବଂ ନୂତନ ପଦବୀ ସୃଷ୍ଟି ।
- ଓଡ଼ିଆ ଭାଷାର ବିରଳ ପୁସ୍ତକଗୁଡ଼ିକର ଡିଜିଟାଇଜେସନ । ଆବଶ୍ୟକ ସ୍ଥଳେ ସ୍ୱତ୍ୱାଧିକାର ଆହରଣ କରାଯାଇ ଓଡ଼ିଶା ଭର୍ଚୁଆଲ ଏକାଡେମୀରେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ଶବ୍ଦକୋଷ ସାଧାରଣ ବ୍ୟବହାର ନିମନ୍ତେ ସ୍ଥାପନ । ପ୍ରବାସୀ ଓଡ଼ିଆ ୱେବ୍‌ସାଇଟ୍ ସହିତ ଏହାର ସଂଯୋଗୀକରଣ ।
- ଓଡ଼ିଆ ଭାଷାରେ ଗବେଷଣା ପାଇଁ ପ୍ରୋତ୍ସାହନ, ଓଡ଼ିଆ ଭାଷା ଉତ୍କର୍ଷତା ପୁରସ୍କାର ।
- ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ନିର୍ଦ୍ଦେଶନାମା, ବିଜ୍ଞପ୍ତି ଏବଂ ଯୋଜନା ନିୟାମକଗୁଡ଼ିକର ଓଡ଼ିଆ ଭାଷାରେ ସଂପୃକ୍ତ ବିଭାଗର ୱେବ୍‌ସାଇଟ୍‌ରେ ଉପଲବ୍ଧ ।
- ଓଡ଼ିଆ ଭାଷା ବିଷୟ ନଥିବା ବିଶ୍ୱବିଦ୍ୟାଳୟଗୁଡିକରେ ଓଡ଼ିଆ ଭାଷାରେ ସ୍ନାତକୋତ୍ତର ଶିକ୍ଷା ଏବଂ ଉଚ୍ଚତର ଗବେଷଣା ସୁଯୋଗ ସୃଷ୍ଟି
- ଓଡ଼ିଆ ପ୍ରଶାସନିକ ଶବ୍ଦକୋଷରେ ଥିବା ସରକାରୀ/ବିଭାଗୀୟ/ବୈଷୟିକ ଶବ୍ଦଗୁଡିକ ତର୍ଜମା କରାଯାଇ ତାହାର ସରଳୀକରଣ ତଥା ସାଧାରଣ ବ୍ୟବହାର ଉପଯୋଗ କରାଇବା ।
- ସହଜ ବ୍ୟବହାର ଉପଯୋଗୀ ଇଂରାଜୀ–ଓଡ଼ିଆ ଭାଷାନ୍ତର ଏବଂ ଅନୁବାଦ ସୁବିଧା ଥିବା କଂପ୍ୟୁଟର କି–ବୋର୍ଡର ପ୍ରଚଳନ ।
- ଓଡ଼ିଆ ଭାଷାର ଉନ୍ନତିକରଣ ପାଇଁ ପ୍ରଯୁକ୍ତି ଦକ୍ଷତା ଥିବା ଓଡ଼ିଆମାନଙ୍କ ସହ ଅନ୍‌ଲାଇନ୍–ସହଭାଗିତା ବୃଦ୍ଧି ।

# ଉତ୍କଳ କେଶରୀ ମହତାବ : ଏକ ସ୍ମୃତିଚାରଣ

**ଜାନକୀ ବଲ୍ଲଭ ପଟ୍ଟନାୟକ**

ଅଠାଅଶୀ ବର୍ଷ ବୟସରେ ଡକ୍ଟର ମହତାବ ଚାଲିଗଲେ । ପ୍ରତିବର୍ଷ ତାଙ୍କର ଜୟନ୍ତୀ ଉତ୍ସବରେ ମୋ ସହିତ ହଜାର ହଜାର ନରନାରୀ ସେ ଶତାୟୁ ହୁଅନ୍ତୁ ବୋଲି କାମନା କରିଛନ୍ତି । ବୈଦିକ ପ୍ରାର୍ଥନା ଖାଲି ଶହେ ବର୍ଷ ବଞ୍ଚିବା ନୁହେଁ, ଶହେ ବର୍ଷ ଭଲଭାବରେ ଦେଖି ପାରିବା, ଭଲଭାବରେ ଶୁଣି ପାରିବା, ଭଲ ଭାବରେ କାମ କରିପାରିବା। ସେ ମଧ୍ୟ ପ୍ରାର୍ଥନା କରୁଥିଲେ ଯେ ଖାଲି ଦୀର୍ଘକାଳ ବଞ୍ଚି ରହିବାର କୌଣସି ଅର୍ଥ ନାହିଁ । ହାତଗୋଡ ଚଳୁଥିବା ଦରକାର, ଦୃଷ୍ଟି, ଶ୍ରୁତି, ମସ୍ତିଷ୍କ, ବୁଦ୍ଧି ସବୁ କାମ କରୁଥିବା ଦରକାର । ଏ ଦୀର୍ଘ ୮୭ ବର୍ଷ କାଳ ସେ ସେହିପରି କର୍ମମୟ ଜୀବନଯାପନ କରିଛନ୍ତି । ଚଲାବୁଲାରେ କେତେକ ଅସୁବିଧା ଥିଲେ ମଧ୍ୟ ବୁଦ୍ଧି ଓ ମସ୍ତିଷ୍କ କେବେହେଲେ ନିସ୍ତେଜ ହୋଇନାହିଁ । ଶେଷରେ ମାତ୍ର ଅଳ୍ପ କେତେଦିନ ଶଯ୍ୟାଶାୟୀ ହେବାକୁ ପଡିଛି, ସେଥିରେ ମଧ୍ୟ ବହୁତ ସଂକୋଚ । ତାଙ୍କର ଦେହ ଖରାପ ହେବାର ଖବର କାହାରିକୁ ଦେବାକୁ ପଡିବ ନାହିଁ, କି ଡାକ୍ତରଖାନାକୁ ତାଙ୍କୁ ଯିବାକୁ ହେବ ନାହିଁ । ଦୁଃଖ, ରୋଗ, ଶୋକ ସମ୍ପୂର୍ଣ୍ଣ ବ୍ୟକ୍ତିଗତ । ଏହାକୁ ସାଧାରଣ ଭାବରେ ମନାଏ ଯାଏ ନାହିଁ । କାଲି ରାତିରେ ତାଙ୍କର ଅବସ୍ଥା ଯେତେବେଳେ ଅତିଶୟ ଖରାପ ହୋଇଗଲା, ସେ ଅଚେତ ହୋଇଗଲେ ଏବଂ ଘରେ ଚିକିତ୍ସା କରାଯିବା ସମ୍ଭବ ହେଲାନାହିଁ, ତାଙ୍କୁ ଡାକ୍ତରଖାନାକୁ ଅଣାଗଲା । କିନ୍ତୁ ସେ ବୋଧହୁଏ ସେଠାରେ ରହିବାକୁ ଚାହିଁଲେ ନାହିଁ । ରକ୍ତ ଦିଆ ଚାଲିଲା, ସକାଳ ୧୦ଟା ବେଳକୁ ସେ ଟିକିଏ ଭଲ ଆଡକୁ ଆସୁଥିବା ମନେହେଲା । ମୃତ୍ୟୁର ୧୫ ମିନିଟ ଆଗରୁ ମୁଁ ତାଙ୍କର ଶଯ୍ୟା ପାଖରୁ ଆସିଲି । ଭାବିଲି, ବହୁ ଯୁଦ୍ଧରେ ଲଢି ଜୀବନରେ ସେ ବିଜୟୀ ହୋଇଛନ୍ତି, ଏ ଲଢେଇରେ ମଧ୍ୟ ଜିଣିଯିବେ । ମାତ୍ର ତା'ହେଲା ନାହିଁ । ଶହେ ବର୍ଷ ହୋଇପାରିଲା ନାହିଁ । ଶେଷକୁ ଜରା ଏବଂ ମରଣର ଜୟ ହେଲା । କବିଙ୍କର ଭାଷାରେ କେତେକ ଲୋକ ମରି ଯାଆନ୍ତି ସତ, ମାତ୍ର ତାଙ୍କ ଯଶ ଦେହରେ ଜରା ଆଉ ମରଣର ଭୟ ରହେ ନାହିଁ । ଡକ୍ଟର ମହତାବ ଥିଲେ ସେହିମାନଙ୍କର ମଧ୍ୟରୁ ଅନ୍ୟତମ । ସେଥିପାଇଁ ଶହେ ବର୍ଷ ନୁହେଁ, ସହସ୍ର ସହସ୍ର ବର୍ଷ ମଧ୍ୟ ଏହି କୀର୍ତ୍ତିମାନ ପୁରୁଷଙ୍କର କୃତି ଓଡ଼ିଶାର ଇତିହାସ କୀର୍ତ୍ତନ କରୁଥିବ ।



## କୋଟିକରେ ଗୋଟିଏ ସନ୍ତାନ

ମଧୁସୂଦନ ଲେଖିଥିଲେ, 'କୋଟିଏ ସନ୍ତାନ ମା' ଗୋ ଧରିଅଛୁ କୋଳେ, ଗୋଟିଏ ସନ୍ତାନ ମା' ଗୋ ନ ଦେଖିଲୁ ଡୋଳେ', ସେ ନିଜେ ଗୋଟିଏ ସନ୍ତାନ ହେବା ପାଇଁ ଚେଷ୍ଟା କରିଥିଲେ । ସେହିପରି ଗୋପବନ୍ଧୁ ଓ ତାଙ୍କର ସାଥିମାନେ । ଏତେବଡ ଓଡ଼ିଶା । କି ବିଶାଳ ଅତୀତ । କଳା ଏବଂ ଶୌର୍ଯ୍ୟରେ ଯେଉଁ ରାଜ୍ୟ ଭାରତର ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ରଚନା କରିଥିଲା ଶେଷକୁ ତାକୁ ତା'ର ନିଜସ୍ୱ ଶକ୍ତି, ନିଜର ସ୍ୱାତନ୍ତ୍ର୍ୟ ହରାଇବାକୁ ହେଲା । ଊନବିଂଶ ଶତାବ୍ଦୀର ଓଡ଼ିଶା ହେଲା ଏକ କ୍ଷୁଦ୍ରାତିକ୍ଷୁଦ୍ର ରାଜ୍ୟ । ଅନ୍ୟର ଅଂଶବିଶେଷ ଖଣ୍ଡ ବିଖଣ୍ଡିତ ପରମୁଖାପେକ୍ଷୀ, ଏକ ସୁପ୍ତ ଆତ୍ମବିସ୍ମୃତ ଜାତି । ତାକୁ ଜଗାଇବା ପାଇଁ ବହୁ ବୀର ପୁରୁଷ ଜନ୍ମ ହେଲେ । ଭାଷା, ସାହିତ୍ୟ, ସମାଜ ସେବା ଓ ରାଜନୀତି କ୍ଷେତ୍ରରେ ଡକ୍ଟର ହରେକୃଷ୍ଣ ମହତାବ ଥିଲେ ସେମାନଙ୍କ ମଧ୍ୟରୁ ଜଣେ । ଗତ ଶତାବ୍ଦୀର ଶେଷରେ ତାଙ୍କର ଜନ୍ମ, ସ୍ୱାଧୀନତା ସଂଗ୍ରାମ ଆରମ୍ଭରେ ଭାରତର ବହୁ ଶ୍ରେଷ୍ଠ ବ୍ୟକ୍ତିଙ୍କ

ପରି ତାଙ୍କର କର୍ମ ଜୀବନର ଆରମ୍ଭ, ଜେଲରେ ହେଉ ବା ବାହାରେ ହେଉ ତାଙ୍କର ବ୍ୟକ୍ତିତ୍ୱର ସେ ଅଦମ୍ୟ ତେଜ, ଅସାଧାରଣ କର୍ମଠତା କ୍ଷଣେ ହେଲେ ନିଷ୍ପ୍ରଭ ହୋଇନାହିଁ । ବିବେକାନନ୍ଦ, ମହାତ୍ମା ଗାନ୍ଧୀ, ଗୋପବନ୍ଧୁ, ମଧୁସୂଦନ ସମସ୍ତେ ତାଙ୍କର ଜୀବନକୁ ପ୍ରଭାବିତ କରିଛନ୍ତି । ତ୍ୟାଗ, ତିତିକ୍ଷା ପ୍ରଚଣ୍ଡ କର୍ମର ପ୍ରେରଣା ଓ ତା' ମଧ୍ୟରେ ଏକ ପଛୁଆ ଜାତିକୁ ଉଠାଇବାର ସଂକଳ୍ପ । ସେଥିରେ ସେ ମୁହୂର୍ତ୍ତେ ମଧ ପଛାଇ ନାହାନ୍ତି । ଏପରି କର୍ମମୟ ଜୀବନ, ଏପରି ଲଢ଼ିବାର ଶକ୍ତି, ନିଜର ସଂକଳ୍ପିତ କାର୍ଯ୍ୟରେ କେହି ବାଧା ଦେଲେ ବା ବିଘ୍ନ ଦେଖାଗଲେ ସେଥିପ୍ରତି ଏକ ବେଖାତିର ବେପରବା ମନୋଭାବ ଖୁବ୍ କ୍ୱଚିତ ଦେଖାଯାଏ । ନିଜେ କେବଳ ଉତ୍ସାହିତ ନୁହନ୍ତି, ଏକ ଉତ୍ସାହର ସ୍ରୋତ । ଯେ କିଛି ଭଲକାମ କରୁଛି, ତାକୁ ସାହସ ଦେବା, ଉତ୍ସାହ ଦେବା । ସେ ସବୁବେଳେ କହୁଥିଲେ ଓଡ଼ିଶାରେ ଆବଶ୍ୟକ ଏକ କର୍ମର ପ୍ଲାବନ ସ୍ରୋତ । ସ୍ୱାମୀ ବିବେକାନନ୍ଦଙ୍କର ସେ ଉଦାହରଣ ଦେଉଥିଲେ– ଯେଉଁଠି (ତମ) ଗୁଣର ପ୍ରବଳତା, ଲୋକେ ନିସ୍ତେଜ, ନିରୂପାୟ, ଭାଗ୍ୟବାଦୀ, ସୁପ୍ତ– ସେଠାରେ ରଜୋଗୁଣର ତାଣ୍ଡବନୃତ୍ୟ ଦରକାର ।

### ସଂଗ୍ରାମର ଶେଷ ସାକ୍ଷୀ

ସ୍ୱାଧୀନତା ସଂଗ୍ରାମ ବେଳେ ସାମାନ୍ୟ ସୈନିକରୁ ଉଠି ହେଲେ ଓଡ଼ିଶାର ଅନନ୍ୟ ସାଧାରଣ ନେତା । ପ୍ରଦେଶ କଂଗ୍ରେସର ସଭାପତି ଓ ତତ୍କାଳୀନ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ– ଭାରତର ଯେଉଁ ଯେଉଁ ବଛା ବଛା ନେତା ଓ ଯୋଦ୍ଧାମାନେ ତା'ର ସଭ୍ୟ ଥିଲେ । ୧୯୪୨ ଆନ୍ଦୋଳନରେ ଅହମଦନଗର ଦୁର୍ଗରେ ଆକୁମାରୀ ହିମାଚଳରୁ ଯେଉଁ ୨୧ ଜଣ ନେତା କାରାରୁଦ୍ଧ ହୋଇଥିଲେ, ସେମାନଙ୍କ ମଧ୍ୟରେ ସେ ଥିଲେ ଜଣେ । ସେମାନଙ୍କ ମଧ୍ୟରୁ ୧୯ ଜଣ ଚାଲିଯାଇଥିଲେ । ସେ ଏବଂ ଖାଁ ଅବଦୁଲ ଗଫୁର ଖାଁ ଥିଲେ । ମାତ୍ର ତାଙ୍କ ପରେ ସେହି ଗୌରବମୟ ଦିନର ଓ ସଂଗ୍ରାମର ସାକ୍ଷୀ ରୂପେ ଆଉ ଏ ଦେଶରେ କେହି ଜୀବିତ ନାହାନ୍ତି । ଜେଲରେ ସେ ସମୟ ଖାଲି କଟାଇ ନାହାନ୍ତି । ପଣ୍ଡିତ ନେହେରୁ ଲେଖିଲେ 'ଡିସ୍କଭରି ଅଫ୍ ଇଣ୍ଡିଆ' । ସେ ଲେଖିଲେ ଓଡ଼ିଶାର ଏକ ନୂତନ ପ୍ରାମାଣିକ ଇତିହାସ ।

### ଏକ ମହାନ୍ ସମର୍ପିତ ଜୀବନ

ସେ ଥିଲେ ସେହି ଶ୍ରେଣୀର ବ୍ୟକ୍ତି, ଯେକି ସମସ୍ତଙ୍କର ଉର୍ଦ୍ଧ୍ୱରେ ରହନ୍ତି, ସମସ୍ତଙ୍କ ନେତୃତ୍ୱ ନେବା ପାଇଁ ଜନ୍ମ । 'ମୂର୍ଦ୍ଧ୍ନି ବା ସର୍ବଲୋକସ୍ୟ, ଶୀର୍ଯ୍ୟତେ ବନ ଏବ ବା' । ମଧୁସୂଦନ, ଗୋପବନ୍ଧୁଙ୍କ ପରେ ହେଲେ ସେ ଓଡ଼ିଶାର ନେତା । ସ୍ୱାଧୀନତା ପୂର୍ବରୁ ଓ ସ୍ୱାଧୀନତା ପରେ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବରେ ସ୍ୱପ୍ନ ଏକ ସୀମାହୀନ ଦିଗ୍‌ବଳୟର । ଗଡଜାତ ସବୁ ମିଶି ବିଶାଳ ଓଡ଼ିଶା ଗଢା ହେବ, ନୂଆ ରାଜଧାନୀ ଐତିହାସିକ ଭୁବନେଶ୍ୱର ନଗରୀରେ ହେବ, ମହାନଦୀର ବିପୁଳ ଜଳରାଶିକୁ ବନ୍ଧାଯାଇ ଓଡ଼ିଶାକୁ କୃଷି ଓ ଶିଳ୍ପରେ ସମୃଦ୍ଧ କରାଯିବ । ଚୌଦ୍ୱାରରେ ହେବ ନୂଆ ଲୁଗାକଳ । ଲୁଗାକଳ ଖାଲି ବମ୍ବେ, ଅହମଦାବାଦ, କଲିକତାରେ ହେଉଥିବ । ଓଡ଼ିଶାରେ ହେବ ନାହିଁ ? ନୂଆ ସମ୍ବାଦପତ୍ର ବାହାରିବ, ଓଡ଼ିଶାର ନବଯୁଗର ବାର୍ତ୍ତା ନେଇ, ନୂଆ ସାହିତ୍ୟ ପତ୍ରିକା ବାହାରିବ, ସାହିତ୍ୟିକମାନଙ୍କୁ ନୂତନ ଦିଗ୍‌ଦର୍ଶନ ଦେବା ପାଇଁ । ସାହିତ୍ୟ, ସଂସ୍କୃତି, କଳା, ଶିଳ୍ପ, ସ୍ୱାଭିମାନ ସବୁ କ୍ଷେତ୍ରରେ ଓଡ଼ିଶାକୁ ଆଗେଇ ନେବାକୁ ହେବ । ଯେତେଦିନ ସେ କ୍ଷମତାରେ ରହିଥିଲେ, ଓଡ଼ିଶାରେ ଏବଂ ଦିଲ୍ଲୀରେ ବା ବମ୍ବେରେ ଗଭର୍ଣ୍ଣର ଭାବରେ ବା କ୍ଷମତାର ବାହାରେ ରହିଲେ– ସେଥିପାଇଁ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଥିଲେ । କେବଳ ଓଡ଼ିଶାକୁ ନୁହେଁ ଭାରତର ନୀତି ନିର୍ଣ୍ଣୟରେ ଦେଶର ଜଣେ ବିଶିଷ୍ଟ ନେତା ଭାବରେ ତାଙ୍କର ଦାନ କମ୍ ନଥିଲା । ତାଙ୍କ ଜୀବନରେ ବିଶ୍ରାମ ନଥିଲା, ଅବସର ନଥିଲା, ତାହା ଥିଲା ଦେଶ ପାଇଁ ଜାତି ପାଇଁ ଏକ ମହାନ୍ ସମର୍ପିତ ଜୀବନ । ତାଙ୍କ ଯୋଗୁଁ ଓଡ଼ିଶାବାସୀ ଭାବରେ ଆମେ ସମ୍ମାନିତ ଓ ଗର୍ବିତ ଓ ଏ ଓଡ଼ିଶାର ଏହି ଅସାଧାରଣ ବ୍ୟକ୍ତିତ୍ୱ ଓ ନେତୃତ୍ୱର ସହିତ କାମ କରିବାର ସୁଯୋଗ ମୋତେ ଦୀର୍ଘକାଳ ଧରି ମିଳିଥିଲା । ତେଣୁ ଆଜି ଏହି ତିରୋଧାନର ଦିବସରେ ମୁଁ ତାଙ୍କ ପ୍ରତି ମୋର ଅନ୍ତରର ଗଭୀର ଶ୍ରଦ୍ଧା ଓ ପ୍ରଣତି ଜଣାଉଛି ଏବଂ ପ୍ରାର୍ଥନା କରୁଛି– ହେ ଈଶ୍ୱର, ତୁମେ ଏହିପରି ବୀରପୁରୁଷମାନଙ୍କୁ ଏ ଭୂମିରେ ବାରମ୍ବାର ଜନ୍ମଦିଅ ।


ପୂର୍ବତନ ମୁଖ୍ୟମନ୍ତ୍ରୀ
ଓଡ଼ିଶା

❖ ❖ ❖

# ଶାନ୍ତିର ଶହୀଦ ଲାଲବାହାଦୁର ଶାସ୍ତ୍ରୀ

**ନିର୍ମଳା କୁମାରୀ ମହାପାତ୍ର**

ଥରେ ଲାଲବାହାଦୁର ଶାସ୍ତ୍ରୀ ପୁଅ ସୁନୀଲକୁ କହିଥିଲେ– ଗୋଟିଏ ସୁନ୍ଦର ସୁବାସିତ ଫୁଲ ସମସ୍ତଙ୍କୁ କିଛି ସମୟ ପାଇଁ ଆକର୍ଷଣ କରେ ଏବଂ ଯେଉଁ ମୁହୂର୍ତ୍ତରେ ଫୁଲଟି ତା'ର ସୁଗନ୍ଧ ହରାଏ, ଲୋକମାନେ ସବୁ ଆକର୍ଷଣ ଭୁଲିଯାଇ ଫୁଲଟିକୁ ଫୋପାଡି ଦିଅନ୍ତି। କିନ୍ତୁ ସବୁଜ ଘାସ ବର୍ଷସାରା ସବୁ ଋତୁରେ ସବୁଜ ରହିଥାଏ। ପ୍ରତିଟି ଆଖି ସବୁଜ ପରିବେଶକୁ ଭଲ ପାଏ ......। ଅତଏବ ସେପରି ଉଦ୍ୟମ ଜାରି ରହିବା ଦରକାର।



ଏହା ହିଁ ଘଟିଥିଲା ଲାଲବାହାଦୁର ଶାସ୍ତ୍ରୀଙ୍କ ଜୀବନରେ। ତାଙ୍କର ସ୍ମୃତି ସମସ୍ତଙ୍କ ମନରେ ଚିର ସବୁଜ ହୋଇ ରହିଅଛି ଓ ରହିଥିବ ମଧ୍ୟ।

ଭାରତବର୍ଷର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ଉତ୍ତର ପ୍ରଦେଶର ବନାରସ ଜିଲାନ୍ତର୍ଗତ ମୋଗଲ ସରାଇରେ ୧୯୦୪, ଅକ୍ଟୋବର ୦୨ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ମାତା ଥିଲେ ରାମ ଦୁଲାରୀ ଓ ପିତାଙ୍କ ନାମ ଥିଲା ଶାରଦା ପ୍ରସାଦ। ପିତା ଥିଲେ ପ୍ରଥମେ ସ୍କୁଲ ଶିକ୍ଷକ। ପରେ ହେଲେ ରାଜସ୍ୱ ବିଭାଗରେ କିରାନୀ। ସ୍ୱଳ୍ପାୟୁ ଥିଲେ ଶାରଦା ପ୍ରସାଦ। ଶିଶୁ ଲାଲବାହାଦୁରଙ୍କ ବୟସ ପ୍ରାୟ ଏକବର୍ଷ ଚାରିମାସ ହୋଇଥିଲା ବେଳେ ପିତାଙ୍କର ଦେହାନ୍ତ ହେଲା। ବାପ–ଛେଉଣ୍ଡ ପିଲାଟି ଅଜା (ହଜାରୀଲାଲ)ଙ୍କ ଘରେ ମାଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହି ଷଷ୍ଠ ଶ୍ରେଣୀ ଯାଏଁ ପାଠ ପଢିଲେ। ତା'ପରେ ଉଚ୍ଚ ଇଂରାଜୀ ପାଠ ପଢିବା ପାଇଁ ଗଲେ ବନାରସ ସହର। ସେଇଠି ସେ ତାଙ୍କ ମଉସା ରଘୁନାଥ ପ୍ରସାଦଙ୍କ ପ୍ରଯତ୍ନରେ ହାଇସ୍କୁଲ ପାଠ ପଢିଲେ। ଆଦର୍ଶ ଛାତ୍ର ଭାବେ ସେ ସକଳ ପରିସ୍ଥିତିରେ ଅଧ୍ୟାପକ ମଣ୍ଡଳୀର ପ୍ରିୟଭାଜନ ହୋଇ ପାରିଥିଲେ। ଶୃଙ୍ଖଳା ରକ୍ଷା, କ୍ରୀଡା–କସରତ, ଯୋଗାଭ୍ୟାସରେ ସେ ଥିଲେ ନିୟମିତ। ବନାରସର କାଶୀ ବିଦ୍ୟାପୀଠରେ ଚାରିବର୍ଷ ଅଧ୍ୟୟନ କରି ଦର୍ଶନଶାସ୍ତ୍ରରେ ଉତ୍ତୀର୍ଣ୍ଣ ହୋଇ 'ଶାସ୍ତ୍ରୀ' ଉପାଧି ପାଇଥିଲେ। ତେଣୁ ତାଙ୍କର ନାମରେ ଯୋଡ଼ିଲେ 'ଶାସ୍ତ୍ରୀ' ଏବେ ପରିଚିତ ହେଲେ ଲାଲାବାହାଦୁର ଶାସ୍ତ୍ରୀ ବୋଲି। ଏହି ଶାସ୍ତ୍ରୀ ଉପାଧିଟି ତାଙ୍କର ଅର୍ଜିତ ଯୋଗ୍ୟତା। ବସ୍ତୁତଃ ତାଙ୍କର ପୈତୃକ ସାଙ୍ଗିଆ ଥିଲା ଶ୍ରୀବାସ୍ତବ। ସେକାଳରେ ଉଗ୍ର ଜାତିପ୍ରଥା। ତା'ଛଡା ଏଇ ଉପାଧିଧାରୀ କାୟସ୍ଥମାନେ ସମାଜରେ ଥିଲେ ପ୍ରଭାବଶାଳୀ। ପ୍ରାୟ ଶହେକେ ସତୁରି ଭାଗ ସରକାରୀ ପଦବୀ ଥିଲା ଶ୍ରୀବାସ୍ତବ ସାଙ୍ଗିଆଧାରୀମାନଙ୍କର। ଏସବୁ ବିଚାରଶୀଳ ଲୋକଙ୍କୁ ଭଲ ଲାଗୁ ନଥିଲା। ଏଣୁ ଉଗ୍ର ଜାତିପ୍ରଥାକୁ ପ୍ରତିବାଦ ଜଣାଇ ସାଙ୍ଗିଆ ଲେଖୁ ନଥିବା କେତେକଙ୍କ ଭିତରେ ଥିଲେ ଲାଲବାହାଦୁରଙ୍କ ପରିବାର।

ପ୍ରାକ୍–ସ୍ୱାଧୀନତା କାଳରେ ଘଟିଥିବା ଅସହଯୋଗ ଆନ୍ଦୋଳନ (୧୯୨୧) ସାରା ଦେଶରେ ହଇଚଇ ସୃଷ୍ଟି କରିଥିଲା। ସେହି ଶୋଭାଯାତ୍ରାରେ ଯୋଗଦେଇ ଲାଲବାହାଦୁର ପୋଲିସ

ଦ୍ୱାରା ଅଟକ ହୋଇଥିଲେ। ନାବାଳକ ହୋଇଥିବାରୁ ପୋଲିସ ତାଙ୍କୁ ତାଗିଦ୍ କରି ଛାଡି ଦେଇଥିଲା । ଏଥିପୂର୍ବରୁ ୧୯୧୭ର ଚମ୍ପାରନ୍ ସତ୍ୟାଗ୍ରହ, ୧୯୧୮ର ଖଇରା ଆଇନ୍ ଅମାନ୍ୟ ଆନ୍ଦୋଳନ, ୧୯୧୯ର ଜାଲିଆନାୱାଲାବାଗର ଗଣ ହତ୍ୟାକାଣ୍ଡରେ ସମଗ୍ର ଦେଶ ଚହଲି ଉଠିଥିଲା। ଲାଲବାହାଦୁର ମଧ୍ୟ ଏସବୁ ପ୍ରତି ଲକ୍ଷ୍ୟ ରଖିଥିଲେ। ବହୁ ଦେଶପ୍ରେମୀ ଅଧ୍ୟାପକଙ୍କର ଶ୍ରଦ୍ଧାଭାଜନ ହୋଇଥିଲେ।

ସନ ୧୯୨୬ ରେ ଶାସ୍ତ୍ରୀ ଉପାଧି ପାଇବା ପରେ ଶାସ୍ତ୍ରୀଜୀ ଭାରତ ସେବକ ସମାଜର ଆଜୀବନ ସଭ୍ୟ ହେବାକୁ ଚାହିଁଲେ। ମାତ୍ର ଜଣେ ତରୁଣଙ୍କୁ ଆଜୀବନ ସଭ୍ୟ ରୂପେ ଗ୍ରହଣ କରାଯାଇ ନଥିଲା। ଏଥିରେ ଲାଲା ଲଜପତ୍ ରାୟ ମୁଣ୍ଡ ଭରିଲେ। ସେ ଶାସ୍ତ୍ରୀଙ୍କର ସମାଜ ସେବାରେ ନିଷ୍ଠା ପରଖି ଥିଲେ। ତେଣୁ ଲାଲବାହାଦୁର ନିଜର କର୍ତ୍ତବ୍ୟ ପରାୟଣତା ପାଇଁ ତୁଙ୍ଗ ନେତାଙ୍କ ଅଭିମତକ୍ରମେ ହେଲେ ଆଜୀବନ ସଭ୍ୟ। କ୍ରମେ ହେଲେ କଂଗ୍ରେସ ଦଳର କାର୍ଯ୍ୟକାରୀ ସଦସ୍ୟ।

ସନ ୧୯୩୦ ଲବଣ ସତ୍ୟାଗ୍ରହରେ ଭାଗ ନେଇ ଲାଲବାହାଦୁର ଲୋକଙ୍କୁ 'କର' ନ ଦେବା ପାଇଁ ପ୍ରବର୍ତ୍ତାଉ ଥିଲେ। ଇଂରେଜ ସରକାର ଆନ୍ଦୋଳନକାରୀଙ୍କୁ ଗିରଫ କରୁଥିଲେ। ଆହ୍ଲାବାଦ ନିକଟସ୍ଥ ଏକ ଗ୍ରାମରେ କୃଷକମାନଙ୍କୁ କର ନ ଦେବା ପାଇଁ ସଭାରେ ବକ୍ତୃତା ଦେବା ବେଳେ ତାଙ୍କୁ ବନ୍ଦୀ କରାଯାଇ ଜେଲ ଦଣ୍ଡ ଆଦେଶ ହେଲା। ସେ ୧୯୩୨, ୧୯୩୪, ୧୯୪୧, ୧୯୪୨ରେ ଇଂରେଜ ବିରୋଧୀ କାର୍ଯ୍ୟ ଯୋଗୁଁ ସାତଥର କାରାବରଣ କରି ପାଖାପାଖି ନଅବର୍ଷ ଜେଲଦଣ୍ଡ ଭୋଗିଥିଲେ। ଜେଲଖାନା ଥିଲା ତାଙ୍କ ପାଇଁ ସ୍ୱାଧ୍ୟାୟର ଆସର। କାରା କକ୍ଷରେ ସେ କ୍ୟାଣ୍ଟ ହିଗେଲ୍, ହୋରାଲ୍ଡ୍, ଲାସ୍କୀ, ବରଟାଣ୍ଡ ରସେଲ୍, ଆଲଡସ୍ ହକ୍ସେ ପ୍ରଭୃତି ଦାର୍ଶନିକଙ୍କର ଶାସ୍ତ୍ର ଅଧ୍ୟୟନ କରିଥିଲେ। ଏତଦ୍‌ବ୍ୟତୀତ ମାର୍କସ୍ ଓ ଲେନିନ୍‌ଙ୍କ ସାମ୍ୟବାଦ ସମ୍ବଳିତ ରଚନା ତାଙ୍କୁ ପ୍ରେରଣା ଦେଇଥିଲା। ଟଲଷ୍ଟୟଙ୍କ ରଚନାବଳୀରୁ ସେ ସରଳ ଜୀବନ ଯାତ୍ରାର ସୁବିଧା-ସୁଯୋଗ ଉପଲବ୍ଧି କରିଥିଲେ।

ଜେଲଖାନାରେ ଲାଲବାହାଦୁର ମାଡ଼ାମ୍ କ୍ୟୁରୀଙ୍କର ଆତ୍ମଜୀବନୀ ହିନ୍ଦୀରେ ଅନୁବାଦ କରିଥିଲେ। 'ଭାରତଛାଡ଼' ଆନ୍ଦୋଳନର ଇତିହାସ ମଧ୍ୟ ଲେଖିଥିଲେ ହେଁ ତାକୁ ପୂରା କରି ପାରିନଥିଲେ। ତାଙ୍କ ଯୋଗୁଁ ସାଂସ୍କୃତିକ ବାତାବରଣ ସୃଷ୍ଟି ହୋଇ ପାରୁଥିବାରୁ ଜେଲ କର୍ମକର୍ତ୍ତାଗଣ ତାଙ୍କୁ ବିଶେଷ ସମ୍ମାନ ଦେଉଥିଲେ। ସନ ୧୯୩୬ରେ ଲାଲବାହାଦୁର ଆହ୍ଲାବାଦ ନିର୍ବାଚନ ମଣ୍ଡଳୀରୁ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇ ବିଧାନସଭାରେ ଭୂସଂସ୍କାର ସଂପର୍କିତ ରିପୋର୍ଟ ପ୍ରଦାନ କରିଥିଲେ। ତାଙ୍କ ଆଲେଖ୍ୟକୁ ଆଧାରପତ୍ର ଭାବେ ଗ୍ରହଣ କରାଯାଇ ପରବର୍ତ୍ତୀ କାଳରେ ଉତ୍ତର ପ୍ରଦେଶରେ ଭୂ-ସଂସ୍କାର ଚାଲୁ ରଖାଯାଇଥିଲା। ସନ ୧୯୪୫ରେ ଶ୍ରୀ ଗୋବିନ୍ଦବଲ୍ଲଭ ପନ୍ଥ ହେଲେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ । ତାଙ୍କର ପାର୍ଲିଆମେଣ୍ଟାରୀ ସଂପାଦକ ହେଲେ ଶାସ୍ତ୍ରୀଜୀ। ସେତେବେଳେ ସେ ଏତେ କାର୍ଯ୍ୟବ୍ୟସ୍ତତା ଭିତରେ ରହୁଥିଲେ ଯେ ତାଙ୍କୁ ଖାଇବାକୁ ଅବସର ମିଳୁ ନଥିଲା ।

ସ୍ୱାଧୀନ ଭାରତରେ ଲାଲବାହାଦୁର ହେଲେ ଉତ୍ତର ପ୍ରଦେଶର ଘରୋଇ ଓ ପରିବହନ ବିଭାଗର ମନ୍ତ୍ରୀ। ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ଥିବା ଯୋଗ୍ୟ-କର୍ମଠ ନେତାମାନଙ୍କୁ ସେ ପୋଲିସ ବିଭାଗରେ ଯୋଗ୍ୟତାନୁସାରେ ନିଯୁକ୍ତି ଦେଇଥିଲେ। ତଦ୍ଦ୍ୱାରା ଲୋକମାନଙ୍କର ପୋଲିସ ପ୍ରତି ଥିବା ଅଯଥା ଭୟ ତୁଟି ଯାଇଥିଲା। ପରିବହନ ମନ୍ତ୍ରୀ ଭାବେ ସେ ମହିଳାମାନଙ୍କୁ ବସ୍ କଣ୍ଡକ୍ଟର ଭାବେ ନିଯୁକ୍ତି ଦେଇଥିଲେ। ସାରା ଭାରତରେ ମହିଳା କଣ୍ଡକ୍ଟର ହେବା କଥାଟା ଥିଲା ଉତ୍ତର ପ୍ରଦେଶରେ । ସର୍ବପ୍ରଥମ ଯେତେବେଳେ କି ଶାସ୍ତ୍ରୀଜୀ ଥିଲେ ସେହି ବିଭାଗର ମାନ୍ୟବର ମନ୍ତ୍ରୀ। ମହିଳାମାନଙ୍କର ନିଯୁକ୍ତି ପରିସର ବଢାଇବା ପାଇଁ ସେ ବିବିଧ ପଦକ୍ଷେପ ନେଇଥିଲେ। ନିଜ ଦପ୍ତରରେ ଜନୈକା ବୟସ୍କା ମହିଳାଙ୍କୁ ସେ ବ୍ୟକ୍ତିଗତ ସହାୟକ ପଦବୀ ଦେଇଥିଲେ ଓ ପ୍ରମାଣ କରିପାରିଥିଲେ ଯେ କର୍ମଦକ୍ଷତାରେ ମହିଳାମାନେ କୌଣସି ପ୍ରକାରେ ନ୍ୟୂନ ନୁହଁନ୍ତି ।

ସନ ୧୯୫୧ରେ ଶାସ୍ତ୍ରୀଜୀ ହେଲେ କଂଗ୍ରେସ ଦଳର ସାଧାରଣ ସଂପାଦକ। ସେତେବେଳେ ଲୋକସେବକ ମଣ୍ଡଳର ସଭାପତି ପୁରୁଷୋତ୍ତମ ଦାସ ଟଣ୍ଡନ କଂଗ୍ରେସ ଅଧିବେଶନରେ ସଭାପତି ନିର୍ବାଚିତ ହେଲେ। ଶାସ୍ତ୍ରୀଜୀ ଟଣ୍ଡନ ମହାଶୟଙ୍କୁ ଗୁରୁ ବୋଲି ମାନୁଥିଲେ। ମାତ୍ର ନେହେରୁଙ୍କ ସହ ଟଣ୍ଡନଜୀଙ୍କର ରାଜନୀତିକ ସଂପର୍କ ପ୍ରାୟ ଭଲ ନଥିଲା। ଉଭୟ ମେରୁ ମଧ୍ୟରେ ସଂପର୍କ ରକ୍ଷା କରିବାରେ ସମର୍ଥ ହୋଇଥିଲେ ଶାସ୍ତ୍ରୀଜୀ।

ରାଜ୍ୟସଭାକୁ ବହୁ ଭୋଟରେ ନିର୍ବାଚିତ ହୋଇ ଲାଲବାହାଦୁର ଶାସ୍ତ୍ରୀ ହେଲେ କେନ୍ଦ୍ର ସରକାରଙ୍କର ରେଲବାଇ ଓ ପରିବହନ ବିଭାଗର ମନ୍ତ୍ରୀ। ତାଙ୍କ ବିଭାଗରେ ସେ ବହୁ ନୂତନତ୍ୱ ଆଣିଥିଲେ। ରେଳଡବା କାରଖାନାର ସଂପ୍ରସାରଣ ସହ ରେଲ ଇଂଜିନ୍ ଅଧିକ ସଂଖ୍ୟାରେ ଉତ୍ପାଦିତ ହେବା ପାଇଁ ଯଥୋଚିତ କାର୍ଯ୍ୟାନୁଷ୍ଠାନ ସେ ଗ୍ରହଣ କରିଥିଲେ। ନୂଆ ନୂଆ ରେଳ ଜୋନ୍

ତାଙ୍କ ମନ୍ତ୍ରୀତ୍ୱରେ ପ୍ରତିଷ୍ଠା କରା ଯାଇଥିଲା । ମାତ୍ର ୧୯୫୬ ମସିହା ନଭେମ୍ବର ମାସରେ ଏକ ଭୟାନକ ରେଳ ଦୁର୍ଘଟଣାରେ ୧୪୪ ଜଣଙ୍କର ପ୍ରାଣହାନି ଘଟିଲା । ନୈତିକତା ଦୃଷ୍ଟିରୁ ରେଳବାଇ ମନ୍ତ୍ରୀ ଥିବା ଶ୍ରୀ ଶାସ୍ତ୍ରୀଜୀ ଇସ୍ତଫା ପ୍ରଦାନ କଲେ ।

ସନ ୧୯୫୭ରେ ଶାସ୍ତ୍ରୀଜୀ ଆହ୍ଲାବାଦରୁ ନିର୍ବାଚିତ ହେଲେ । ଲୋକସଭାର ସଦସ୍ୟ ସାଂସଦ ଲାଲବାହାଦୁରଙ୍କ ଦାୟିତ୍ୱରେ ରହିଲା କେନ୍ଦ୍ର ପରିବହନ ଓ ଶିଳ୍ପ ମନ୍ତ୍ରଣାଳୟ । ତାଙ୍କ ସମୟରେ ପରିବହନ କ୍ଷେତ୍ରରେ ବହୁ ବିନିର୍ମାଣ, ସଂସ୍କାର, ବିକାଶ ସାଧିତ ହୋଇଥିଲା । ବିଶାଖାପାଟଣାର ଜାହାଜ ତିଆରି କାରଖାନା, ସୋଭିଏଟ୍ ରୁଷ୍‌ର ସହାୟତାରେ ଭାରି ଇଂଜିନିୟରିଂ କର୍ପୋରେସନ୍ ପ୍ରତିଷ୍ଠା, ବହୁ ନୂତନ ଶିଳ୍ପ ସଂସ୍ଥା–ସ୍ଥାପନ, ଗ୍ରାମ୍ୟଶିଳ୍ପକୁ କ୍ଷୁଦ୍ରଶିଳ୍ପର ମାନ୍ୟତା ପ୍ରଦାନ, ଡାକ ଓ ତାର ବିଭାଗର କର୍ମଚାରୀଗଣଙ୍କ ନ୍ୟାଯ୍ୟପ୍ରାପ୍ତି, ସାର କାରଖାନା (ଭୋପାଳ) ଆଦି ତାଙ୍କ ବିଚକ୍ଷଣତାର ପ୍ରମାଣ । ସନ ୧୯୬୧ ମସିହାରେ ମନ୍ତ୍ରୀ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କର ଅସୁସ୍ଥତା ଯୋଗୁଁ ପ୍ରଧାନମନ୍ତ୍ରୀ ନେହେରୁ ଶ୍ରୀ ପନ୍ଥଙ୍କ ଘରୋଇ ମନ୍ତ୍ରଣାଳୟର ଦାୟିତ୍ୱ ଶାସ୍ତ୍ରୀଜୀଙ୍କ ସମର୍ଥ ସ୍କନ୍ଧରେ ଆରୋପିତ କଲେ । ତତ୍‌କାଳୀନ ଜଳନ୍ତା ସମସ୍ୟା ଥିଲା ଆସାମର ଭାଷା ଆନ୍ଦୋଳନ ଓ ପଞ୍ଜାବରେ ଅକାଳୀ ଦଳର ଆନ୍ଦୋଳନ । ଶାସ୍ତ୍ରୀଜୀ ଦକ୍ଷତାର ସହ ସେସବୁ ସମାଧାନ କରିଥିଲେ । ଶ୍ରୀ ପନ୍ଥଙ୍କ ଦେହାନ୍ତରେ ଶାସ୍ତ୍ରୀଜୀ ପୂର୍ଣ୍ଣ ରୂପେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଦାୟିତ୍ୱ ନେଇ ଦେଶ ଭିତରେ ଓ ବାହାରେ ବହୁ ଜଟିଳ ସମସ୍ୟା ସମାଧାନ କରି ଯଥେଷ୍ଟ ସୁଖ୍ୟାତି ଅର୍ଜନ କରି ପାରିଥିଲେ । ଭାରତ–ନେପାଳ–ମୈତ୍ରୀ ସ୍ଥାପନ ତହିଁରୁ ଅନ୍ୟତମ ।

ସନ ୧୯୬୨ରେ ଆମ ଦେଶ ପ୍ରତି ଚୀନର ଆକ୍ରମଣ, ତା'ପରେ ପରେ ଜରୁରିକାଳୀନ ପରିସ୍ଥିତି ଘୋଷଣା (୧୯୬୨, ଅକ୍ଟୋବର ୨୬)ରେ ଶାସ୍ତ୍ରୀଜୀଙ୍କର ଦାୟିତ୍ୱ ବହୁଗୁଣିତ ହୋଇଥିଲା । ସନ ୧୯୬୩ ରେ ସେ ଆଣ୍ଡାମାନ–ନିକୋବରକୁ ଗସ୍ତ କଲେ । କୌଣସି ସ୍ୱରାଷ୍ଟ୍ର ବିଭାଗର ମନ୍ତ୍ରୀଙ୍କର ଏହା ଥିଲା ପ୍ରଥମ ଗସ୍ତ । ସନ ୧୯୬୪, ଜାନୁଆରୀ, ୭ – ୧୦ ଯାଏଁ ଅନୁଷ୍ଠିତ ହୋଇଥିଲା ଭାରତୀୟ କଂଗ୍ରେସର ୬୮ତମ ଅଧିବେଶନ । ସେତେବେଳକୁ ପଣ୍ଡିତ ପ୍ରାୟ ଅସୁସ୍ଥ । ଦେଶରେ ସମାଜବାଦ ପ୍ରତିଷ୍ଠାର ସିଦ୍ଧାନ୍ତ ପ୍ରାୟ ନିଆ ସରିଲାଣି । ଏଣୁ ସମବେତ କଂଗ୍ରେସ କର୍ମୀଙ୍କ ପ୍ରତି ଶାସ୍ତ୍ରୀଜୀଙ୍କର ଉଦ୍‌ବୋଧ ଥିଲା ସମାଜବାଦ ପ୍ରତିଷ୍ଠାରେ ବାସ୍ତବବାଦର ଭୂମିକାଧର୍ମୀ । ସେ କହିଥିଲେ – "Democratic Socialism is the only way through which the country could march towards progress and prosperity, without sacrificing the dignity of the individual. xxx Life's logic is neither logic nor magic."

ପୁନଶ୍ଚ ବାମପନ୍ଥୀଙ୍କ ପ୍ରତି କହିଥିଲେ – "Idealism alone could not achieve results. Idealism has to be tempered with realism so that the party did not lose its moorings and could carry the masses with it."

ଅଧିବେଶନକୁ ଯଥାବିଧି ପରିଚାଳନା କରିଥିଲେ ସେ । ତିନିହଜାର ଶବ୍ଦ ସମ୍ବଳିତ ନିର୍ଦ୍ଧାରିତ ପତ୍ର ମଧ୍ୟ ପ୍ରସ୍ତୁତ କରିଥିଲେ ଯେଉଁଥିରେ ତାଙ୍କର ଦକ୍ଷତା ଅନୁଭବ କରିହୁଏ । ସେଥିରେ ସଂପ୍ରୀତ ପଣ୍ଡିତ ନେହେରୁଙ୍କର ଶାସ୍ତ୍ରୀଜୀଙ୍କ ପ୍ରତି ଶେଷ ଅଭିମତ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ । ନିମ୍ନରେ ଏହା ପ୍ରଦତ୍ତ ଯଥା : Shastrijee is a person after Gandhijee's own model, simple, modest and gentle, with nothing authoritarian about him and therefore, will be suited to the risk of reconciling different groups to our middle way."

ପଣ୍ଡିତ ନେହେରୁଙ୍କ ଦେହାନ୍ତ ପରେ କାମଚଳା ପ୍ରଧାନମନ୍ତ୍ରୀ ହେଲେ ଶ୍ରୀ ଗୁଲଜାରଲାଲ ନନ୍ଦା । ପରେ ପାର୍ଲିଆମେଣ୍ଟ ଭବନରେ ନେତା ନିର୍ବାଚନ କ୍ରମେ ଶ୍ରୀ ଲାଲବାହାଦୁର ହେଲେ ଦେଶର ପ୍ରଧାନମନ୍ତ୍ରୀ ।

ଦେଶ ସ୍ୱାଧୀନ ହେବାର ପାଖାପାଖି ୧୬ ବର୍ଷ ୧୦ ମାସ ପରେ ଶାସ୍ତ୍ରୀଜୀ ପ୍ରଧାନମନ୍ତ୍ରୀ ପଦବୀକୁ ଆସିଥିଲେ । ତା'ପୂର୍ବରୁ ସେ ସ୍ୱରାଷ୍ଟ୍ର, ଶିଳ୍ପ, ପରିବହନ ଓ ଯୋଗାଯୋଗ ଆଦି ମନ୍ତ୍ରଣାଳୟରେ କାମ କରି ବହୁ ମୂଲ୍ୟବାନ୍, ଅଭିଜ୍ଞତା ଲାଭ କରିଥିଲେ । ସନ ୧୯୬୩, ଜାନୁଆରୀ ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନେହେରୁ ତାଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ବିଭାଗବିହୀନ ମନ୍ତ୍ରୀ ରୂପେ ନିଯୁକ୍ତି ଦେଇଥିଲେ । ରାଷ୍ଟ୍ରପତି ଭବନରୁ ଇସ୍ତାହାରରେ ଉଲ୍ଲେଖ ଥିଲା ଯେ ଶାସ୍ତ୍ରୀଜୀ ବୈଦେଶିକ ବ୍ୟାପାର ଓ ଆଣବିକ ଶକ୍ତି ସଂବନ୍ଧୀୟ ସମସ୍ତ ଦାୟିତ୍ୱ ତୁଲାଇବେ । ଅତଏବ ନେହେରୁଙ୍କ ଶେଷ ଜୀବନରେ ଶାସ୍ତ୍ରୀଜୀ ପ୍ରଧାନମନ୍ତ୍ରୀଙ୍କର ଅଧିକାଂଶ କାର୍ଯ୍ୟ କରୁଥିଲେ । ଏବେ ସେ ସତକୁ ସତ ପ୍ରଧାନମନ୍ତ୍ରୀ ହେଲେ ।

ଦେଶରେ ସେତେବେଳେ (ଜୁନ୍ – ୧୯୬୪) ଖାଦ୍ୟାଭାବ, ଦରଦାମ୍ ବୃଦ୍ଧି, ବେକାର ସମସ୍ୟା, ସୀମାନ୍ତରେ ଶତ୍ରୁ ଭୟ ଆଦି ନାନା ସଂକଟର ଘେର । ଦେଶର ସୁରକ୍ଷା ପାଇଁ ତାଙ୍କର ସ୍ଲୋଗାନ ଥିଲା– 'ଜୟ ଜବାନ୍, ଜୟ କିଷାନ' । ପ୍ରଥମ ଆବଶ୍ୟକତା ଦେଶର

ସୁରକ୍ଷା ଦ୍ୱିତୀୟରେ ଚମତ୍କାର ଅନ୍ନ ଚିନ୍ତାର ସମାଧାନ। ତାଙ୍କ ଅମଳରେ ସୈନ୍ୟ ସଂଖ୍ୟା ଆଠ ଲକ୍ଷ ପଚିଶ ହଜାରକୁ ବୃଦ୍ଧି କରାଯାଇଥିଲା। ଆକାଶବାହିନୀ ଓ ନୌବାହିନୀର ସେନାବଳକୁ ଆଧୁନିକ ଯନ୍ତ୍ରପାତିରେ ସୁସଜ୍ଜିତ କରିବା ପାଇଁ ଯୋଜନା କରାଯାଇଥିଲା। ଯୁଦ୍ଧ ସରଞ୍ଜାମ ପ୍ରସ୍ତୁତିରେ ଆତ୍ମନିର୍ଭରଶୀଳ ହେବା ପାଇଁ ଏଇ କାଳରେ ବିସ୍ତୃତ ଯୋଜନା କରାଯାଇଥିଲା। ଟ୍ୟାଙ୍କ ଓ ଲଢୁଆ ଉଡାଜାହାଜ ତିଆରି କାରଖାନାରେ ଉତ୍ପାଦନକୁ ଦ୍ୱି-ଗୁଣିତ କରାଯାଇଥିଲା। ପ୍ରୋକ୍ତ ଯୋଜନାର ସଫଳତା ଯୋଗୁଁ ଭାରତୀୟ ସୈନ୍ୟବାହିନୀ ପାକିସ୍ଥାନକୁ ପ୍ରତ୍ୟାଘାତ କରି ଶକ୍ତିର ପ୍ରତିପାଦନ କରିପାରିଥିଲେ। ଭାରତର ବିଜୟରେ ରହିଛି ଶାସ୍ତ୍ରୀଜୀଙ୍କ ପ୍ରେରଣା, ପ୍ରୋତ୍ସାହନ ଓ ଉଦ୍‌ବୋଧନ। ଯୁଦ୍ଧ ବେଳେ ସେ କହିଥିଲେ – ତାକତ୍ କେ ଜବାବ ତାକତ୍ ସେ ଦେନା ।

ସନ ୧୯୬୩ ବେଳକୁ ଦେଶର ଲୋକସଂଖ୍ୟା ହୁଦ୍ ହୁଦ୍ ହୋଇ ବଢୁଥାଏ। ଖାଦ୍ୟ ସାମଗ୍ରୀ ଅକୁଳାଣ। ବିଦେଶରୁ ଗହମ ଆଦି ଖାଦ୍ୟଶସ୍ୟ ଆମଦାନୀ କରାଯାଉଥିଲା। ଜନସାଧାରଣଙ୍କର ସୁଲଭ ମୂଲ୍ୟରେ ଖାଉଟି ଜିନିଷ ପାଇବାର ସୁବିଧାକୁ ଦୃଷ୍ଟିରେ ରଖି ଦେଶସାରା ସରକାରୀ ଦୋକାନ ଖୋଲା ଯାଇଥିଲା। ଖାଦ୍ୟଦ୍ରବ୍ୟର ଟ୍ରେଡିଂ କର୍ପୋରେସନ୍ ଗଠନ କରାଯାଇଥିଲା। ଖାଉଟି ଦ୍ରବ୍ୟର ସୁଲଭ ମୂଲ୍ୟରେ ପ୍ରାପ୍ତି ନିମନ୍ତେ କମିଶନ ବସାଇଥିଲେ ଶାସ୍ତ୍ରୀଜୀ, ଯାହାର ଅଧ୍ୟକ୍ଷ ଥିଲେ ପ୍ରଧାନମନ୍ତ୍ରୀଙ୍କ ସେକ୍ରେଟାରୀ ଶ୍ରୀ ଏଲ୍.କେ.ଝା। ମୃତ୍ତିକା ସଂରକ୍ଷଣ ଜରିଆରେ ୧୯୭୧ ସୁଦ୍ଧା ଦେଶର ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି କରିବା ପାଇଁ ଦୀର୍ଘ ମିଆଦର ଯୋଜନା ଫର୍ଦ୍ଦ ତିଆରି ହୋଇଥିଲା। ସବୁ ପ୍ରକାର ସୁଫଳ ପ୍ରାପ୍ତି ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ଶେଷ ସୁଦ୍ଧା ହେବାର ଲକ୍ଷ୍ୟ ରଖା ଯାଇଥିଲା । ଏସବୁ ଯୋଜନା ମୂଳରେ ଥିଲା ପ୍ରଧାନମନ୍ତ୍ରୀ ଶାସ୍ତ୍ରୀଜୀଙ୍କର ଦରଦୀ ହୃଦୟବତ୍ତା ।

ଶାସ୍ତ୍ରୀଜୀଙ୍କ ଅମଳରେ ସିଂହଳରେ ନଅଲକ୍ଷ ସତୁରି ହଜାର ଭୂସଂପତ୍ତିହୀନ ଭାରତୀୟଙ୍କ ବସବାସର ଉପଯୁକ୍ତ ବ୍ୟବସ୍ଥା ପାଇଁ ୧୯୬୪, ଅକ୍ଟୋବର ୩୦ରେ ସିଂହଳ ସରକାରଙ୍କ ସହ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ଏତଦ୍ୱାରା ୧୭ ବର୍ଷର ଏକ ଅମୀମାଂସିତ ସମସ୍ୟାର ସମାଧାନ ହୋଇଥିଲା । ଯେଉଁ ଭାରତୀୟମାନେ ସିଂହଳ ଛାଡ଼ି ଭାରତକୁ ଫେରି ଆସିବାକୁ ଚାହିଁଲେ ସେମାନଙ୍କୁ ସେମାନଙ୍କର ଧନ ସଂପତ୍ତି ଓ ଭବିଷ୍ୟନିଧି ପାଣ୍ଠିର ଧନ ସଙ୍ଗରେ ନେଇ ଯିବାକୁ ସୁଯୋଗ ମିଳିଲା ।

ଦୂରଦୃଷ୍ଟି ସଂପନ୍ନ ଲାଲବାହାଦୁର ଶାସ୍ତ୍ରୀ, ମାନ୍ୟବର ପ୍ରଧାନମନ୍ତ୍ରୀ ତା।୨୬-୯-୧୯୬୫ରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଦିଲ୍ଲୀର ରାମଲୀଳା ମଇଦାନରେ ଦେଇଥିବା ବକ୍ତୃତାର କିଛି ଅଂଶ ତଳେ ଦିଆଯାଉଛି। ସେଥିରୁ ତାଙ୍କର ଦେଶବାସୀଙ୍କ ପ୍ରତି ମମତ୍ୱବୋଧ ଓ ଦେଶ ପାଇଁ ଚିନ୍ତାର ଆକଳନ କରାଯାଇପାରେ। ଯଥା:

'ମୁଁ ପୁଣି ଥରେ ଆପଣଙ୍କୁ ନିବେଦନ କରିବି ଯେ, ଯୁଦ୍ଧ ବିରତି ହେଲା ବୋଲି ଆପଣମାନେ ନିଶ୍ଚିନ୍ତମନା ହୁଅନ୍ତୁ ନାହିଁ । ପାକିସ୍ଥାନ ସହିତ ଆମର ବିବାଦ ତୁଟିଗଲା ବୋଲି ଭାବିବା ଭୁଲ୍ । ଆମେ ଭାବୀ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସଜବାଜ ହେବା ଉଚିତ। କେହି କହି ପାରିବ ନାହିଁ ଯେ, ଏହି ବିବାଦ ଭବିଷ୍ୟତରେ କିପରି ରୂପରେଖ ନେବ। ପୁନଶ୍ଚ ଚୀନ୍‌ର ଧମକ ମଧ୍ୟ ଆମକୁ ଭୁଲିଗଲେ ଚଳିବ ନାହିଁ। ବର୍ତ୍ତମାନ ଆମେ ଏକ ଗୁରୁତର ସମୟ ଦେଇ ଗତି କରୁଛୁ। ଅତ୍ୟଧିକ ଭୟଭୀତ ହେବାର କାରଣ ନଥିଲେ ମଧ୍ୟ ପରିସ୍ଥିତି କେତେ ପରିମାଣରେ ଶାନ୍ତି ଶୃଙ୍ଖଳା ଦାବି କରୁଛି, ତାହା ଆମ୍ଭମାନଙ୍କୁ ହୃଦୟଙ୍ଗମ କରିବାକୁ ପଡ଼ିବ ଓ କଠିନତାର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ଦେଶର ସୁରକ୍ଷା ପାଇଁ ଆମକୁ କେତେକ ଜାତୀୟ ଯୋଜନା ବନ୍ଦ କରିବାକୁ ପଡ଼ିବ। କାରଣ ପରିସ୍ଥିତି ଦୃଷ୍ଟିରୁ ଆସନ୍ତା କେତେ ବର୍ଷ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବା ଆମର ପରମ କର୍ତ୍ତବ୍ୟ ଓ ଦାୟିତ୍ୱର ଅଙ୍ଗୀଭୂତ। ଏଥିପାଇଁ ଯଦି ଆବଶ୍ୟକ ପଡ଼େ ଆମକୁ ଉପବାସ ରହିବାକୁ ପଡ଼ିବ। ଏ ଦିଗରେ ଆମର କେତେକ ବନ୍ଧୁରାଷ୍ଟ୍ର ଅବଶ୍ୟ ଆମକୁ ସାହାଯ୍ୟ କରିବେ। ଏହା ସତ୍ତ୍ୱେ ଯେ କୌଣସିମତେ, ପ୍ରତିରକ୍ଷା ବ୍ୟବସ୍ଥାରେ ଆମକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ଅତଏବ ପ୍ରତି ଗ୍ରାମବାସୀ ଖାଦ୍ୟ ସାମଗ୍ରୀ ଉତ୍ପାଦନ ବୃଦ୍ଧି ପାଇଁ ଅଧିକ ତତ୍ପରତା ଅବଲମ୍ବନ କରିବା ଉଚିତ। ଅର୍ଥକରୀ ଫସଲ ଚାଷ ଉପରେ ଚାପ ନ ଦେଇ ଧାନ, ଗହମ, ବାଜରା ଉତ୍ପାଦନ ପାଇଁ ସେମାନେ ଚେଷ୍ଟା କରିବା ଉଚିତ। ସମସ୍ତ ଦେଶବାସୀଙ୍କୁ ଏକତାବଦ୍ଧ ହୋଇ ଉତ୍ପାଦନ ବୃଦ୍ଧି ଓ ଖର୍ଚ୍ଚକାଟ ପାଇଁ ଶପଥ ନେବାକୁ ପଡିବ। ହୋଟେଲମାନଙ୍କରେ ମଧ୍ୟ ପରିବେଷିତ ହେଉଥିବା ଖାଦ୍ୟଦ୍ରବ୍ୟର ପ୍ରକାର କମାଇବାକୁ ହେବ। ବିବାହ ବ୍ରତାଦିରେ ଏହି ନୀତିକୁ ଅନୁସରଣ କରିବା ବାଞ୍ଛନୀୟ। ମୋଟ ଉପରେ ସଞ୍ଚୟ ପାଇଁ ଆମକୁ ଯାବତୀୟ ଉଦ୍ୟମ କରିବାକୁ ପଡ଼ିବ।

ଏହିପରି ଶାସ୍ତ୍ରୀଜୀଙ୍କର ମାତ୍ର ୧୯ ମାସର ପ୍ରଧାନମନ୍ତ୍ରୀତ୍ୱ କାଳରେ ହୋଇଥିଲା ଅନେକ ସମସ୍ୟାର ସମାଧାନ। ସେଥିରୁ

ଅନ୍ୟତମ ଥିଲା ଭାରତ–ପାକିସ୍ଥାନ ଶାନ୍ତି ଚୁକ୍ତି ସ୍ୱାକ୍ଷର। ରୁଷିଆର ପ୍ରଧାନମନ୍ତ୍ରୀ କୋସିଜିନ୍‌ଙ୍କ ମଧ୍ୟସ୍ଥତା ତଥା ନିମନ୍ତ୍ରଣକ୍ରମେ ନଅଦଫା ସଂବଳିତ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା ଉଜ୍‌ବେକିସ୍ଥାନର ତାସ୍‌କେଣ୍ଟଠାରେ ୧୯୬୬, ଜାନୁଆରୀ ୧୦ ତାରିଖରେ। ତାଙ୍କର ପତ୍ନୀ ଲଳିତା ଶାସ୍ତ୍ରୀ ଶୋକରେ ମ୍ରିୟମାଣ ହୋଇ କହିଥିଲେ– ମୋର ସଂସାରରେ ସବୁ ସରିଗଲା। ଶେଷବେଳେ ହେଲେ ମୁଁ ପାଖରେ ଥାନ୍ତି ! ତାଙ୍କର ଶାଶୁ (ଶାସ୍ତ୍ରୀଜୀଙ୍କ ମାଆ) ରାମଦୁଲାରୀ (ବୟସ ୮୫) କ୍ରମାଗତ ବାଉଳି ହୋଇ କହୁଥିଲେ– ମୋ ପୁଅ ମରିବ କିପରି ? ସେ ମରିନାହିଁ।

ସେହିବର୍ଷ ଜନରାଜ୍ୟ ଦିବସରେ ଲାଲବାହାଦୁର ଶାସ୍ତ୍ରୀଙ୍କୁ ଭାରତରତ୍ନ ଉପାଧି (ମରଣୋତ୍ତର ଭାବେ) ପ୍ରଦାନ କରାଗଲା। ତାଙ୍କ ବିୟୋଗରେ ସୋଭିଏତ୍ ରୁଷ୍‌ର ପ୍ରଧାନମନ୍ତ୍ରୀ ଆଲେକ୍‌ସି କୋସିଜିନ୍ କହିଥିଲେ – ଶାସ୍ତ୍ରୀଜୀ ଆମ ଯୁଗର ଜଣେ ମହାନ୍ ବ୍ୟକ୍ତି। ତାସ୍‌କେଣ୍ଟ ଆଲୋଚନାରେ ସେ ମୁକ୍ତିର ଭୂମିକା ଗ୍ରହଣ କରିଥିଲେ।

ତାଙ୍କ ସହିତ ମୋର ଯେଉଁ ଶେଷ କଥାବାର୍ତ୍ତା ହୋଇଛି, ତାହା କେବେହେଲେ ଭୁଲି ହେବ ନାହିଁ। ଶ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ବିୟୋଗରେ ଭାରତୀୟ ଜନସାଧାରଣ ତଥା ସମଗ୍ର ମାନବ ଜାତି ଶାନ୍ତି ଓ ପ୍ରଗତି ପାଇଁ ଲଢୁଥିବା ଜଣେ ନିଷ୍ଠାପର ଯୋଦ୍ଧାଙ୍କୁ ହରାଇଲେ। ଭାରତର ଏ ଦାରୁଣ ଦୁଃଖ ସମୟରେ ରୁଷିଆର ଜନସାଧାରଣଙ୍କ ପକ୍ଷରୁ ମୁଁ ପ୍ରତିଶ୍ରୁତି ଦେଉଛି ଯେ, ତାଙ୍କ ପ୍ରତି ରୁଷିଆର ଭ୍ରାତୃତ୍ୱବୋଧ ଓ ବନ୍ଧୁତା ସର୍ବଦା ଅକ୍ଷୁଣ୍ଣ ରହିବ। ଶ୍ରୀ ଶାସ୍ତ୍ରୀ ମହାତ୍ମାଗାନ୍ଧୀ ଓ ପଣ୍ଡିତ ନେହେରୁଙ୍କ ଭଳି ମହାନ୍ ଭାରତୀୟ ନେତାମାନଙ୍କର ଆଦର୍ଶ ଓ ଲକ୍ଷ୍ୟର ସହଯୋଗୀ ଓ ଉତ୍ତରାଧିକାରୀ ହୋଇଥିଲେ। ସେ ରୁଷିଆର ଜଣେ ଉତ୍ତମ ବନ୍ଧୁ ଥିଲେ। ଉଚ୍ଚ ରାଷ୍ଟ୍ରନୀତିଜ୍ଞତାର ପରିଚୟ ଦେଇ ସେ ଏସିଆରେ ଶାନ୍ତି ପ୍ରତିଷ୍ଠା ପାଇଁ ନିଷ୍ଠାର ସହିତ ଉଦ୍ୟମ ଚଳାଇଥିଲେ।

ଜାତିସଂଘର ସେକ୍ରେଟାରୀ ଜେନେରାଲ ଶ୍ରୀ ଇଉ. ଥାଣ୍ଟ କହିଥିଲେ – ଭାରତର ପ୍ରଧାନମନ୍ତ୍ରୀ ଶାସ୍ତ୍ରୀଙ୍କର ମୃତ୍ୟୁ କେବଳ ଭାରତର ନୁହେଁ, ଏସିଆର ନୁହେଁ, ସମଗ୍ର ପୃଥିବୀକୁ ଶୋକାଭିଭୂତ କରିଛି। ଜାତିସଂଘ ମଧ୍ୟ ଏ ଶୋକରେ ପୂର୍ଣ୍ଣତଃ ଭାଗୀ। ଶାସ୍ତ୍ରୀ ଜଣେ ବିଶିଷ୍ଟ ରାଜନୀତିଜ୍ଞ ଥିଲେ। ତାଙ୍କ ସହିତ ମୁଁ ଅଳ୍ପଦିନ ତଳେ ଭାରତ–ପାକିସ୍ଥାନ ସଂପର୍କ ନେଇ କଥାବାର୍ତ୍ତା କରିଥିଲି। ସେ ଆମ ଏସିଆର ଜଣେ ଉଚ୍ଚକୋଟୀର ନେତା ଓ ମୋର ମଧ୍ୟ ଜଣେ ପରମ ବନ୍ଧୁ ଥିଲେ। ତାଙ୍କ ବିୟୋଗରେ ମୁଁ ଗଭୀର ଶୋକାଭିଭୂତ।

ଇଣ୍ଡିଆନ୍ ଏକ୍‌ସପ୍ରେସ୍ ଶାସ୍ତ୍ରୀଜୀଙ୍କ ବିୟୋଗରେ ଲେଖିଥିଲେ – ଦୃଢ ଇଚ୍ଛାଶକ୍ତି ଏବଂ ଖର୍ବକାୟ ଯେତେବେଳେ ଏକ ସଙ୍ଗେ ଯୁକ୍ତ ହୁଏ, ସେତେବେଳେ ହିଁ ଯଥାର୍ଥ ବୀରର ଅଭ୍ୟୁଦୟ। ଆମ ନିଜ ଇତିହାସରେ ଆଉ ଏକ ଉଦାହରଣ – ଶିବାଜୀ।

ଜନତାର ପ୍ରିୟ, ଶାନ୍ତିର କପୋତ, ସୁଦକ୍ଷ ମହାନ୍ ମାନବବାଦୀ ଶାସକ, ଭାରତରତ୍ନ ଲାଲବାହାଦୁର ଶାସ୍ତ୍ରୀଙ୍କ ପ୍ରତି ଆମ୍ଭର ସମ୍ମାନ।

ସେକ୍‌ଟର–୨/୪୨୬, ନୀଳାଦ୍ରି ବିହାର
ଭୁବନେଶ୍ୱର

❖ ❖ ❖


# ଉତ୍କଳଗୌରବ ମଧୁସୂଦନଙ୍କ କବିତାର ପରିଚୟ

ଡକ୍ଟର ନାରାୟଣ ପଣ୍ଡା

Genius is but a mind of large general powers accidentally determined in a particular direction.

**- Johnson**

ବୀରପ୍ରସବିନୀ ଉତ୍କଳ ଜନନୀର କୋଳରେ ଯେଉଁ କେତେଜଣ ବରେଣ୍ୟ ବରପୁତ୍ର ଜନ୍ମଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରେ ଉତ୍କଳଗୌରବ ଶତାବ୍ଦୀର ସୂର୍ଯ୍ୟ କୁଳବୃଦ୍ଧ ଜାତିସ୍ମର ଉଜ୍ଜ୍ୱଳ ପୁରୁଷ ଗଣର ଗୌରବ କଳାର କୌଶିକ ମଧୁସୂଦନ ସର୍ବବାଦୀସମ୍ମତ । ମଧୁସୂଦନଙ୍କ ଜୀବନ କାହାଣୀ ଉତ୍କଳର ଅର୍ଦ୍ଧ ଶତାବ୍ଦୀର ଇତିହାସ । ଉତ୍କଳର ସାମାଜିକ, ରାଜନୈତିକ ଅର୍ଥନୈତିକ ତଥା ଶିଳ୍ପ ବାଣିଜ୍ୟ ଶିକ୍ଷା ଏ ସମସ୍ତ ବିଷୟ ଇତିହାସରେ ନିହିତ ଓ ସୁନ୍ଦର ଭାବରେ ପ୍ରତୀକିତ । ମେଘକୋଳରେ ବିଜୁଳିର ଚମକ ପରି ଆଲୋକର ବିକାଶ ପରି ଉତ୍କଳର ଚରମ ଦୁର୍ଦ୍ଦିନରେ ମଧୁସୂଦନଙ୍କ ଆର୍ବିର୍ଭାବ ଜାତି–ଜନଜୀବନରେ ନବଜୀବନ ସଂଚାର କରିଥିଲା । ଯେତେବେଳେ ଜାତୀୟ ଜୀବନ ମହାସଙ୍କଟରେ ଗତି କରୁଥିଲା, ଉତ୍କଳ ଜନନୀ ତା'ର କୋଳର ସନ୍ତାନମାନଙ୍କ ଦୁର୍ଦ୍ଦଶା ପାଇଁ ଶୟନେ ସପନେ ଜାଗରଣେ ଅଶ୍ରୁ ବିସର୍ଜନ କରୁଥିଲା, ସାମାଜିକ ଜୀବନରେ ଘୋର ଅନ୍ଧକାର ଘେରିଥିଲା, ସେତେବେଳେ ମଧୁସୂଦନଙ୍କ ବାଣୀ ମହାନ୍ଧକାରରେ ଆଲୋକବର୍ତ୍ତିକା ସଦୃଶ ଜାତିକୁ ସ୍ୱଦେଶ ପ୍ରେମରେ ଉଦ୍‌ବୁଦ୍ଧ କରିଥିଲା । ମଧୁସୂଦନଙ୍କ ଉପଦେଶ ଓ ବାଣୀ ଜାତୀୟ ଜୀବନକୁ କରିଥିଲା ଚଳଚଞ୍ଚଳ ଓ ଗତିଶୀଳ । ସୁପ୍ତ ଓଡ଼ିଆ ଜାତିକୁ ଜାଗ୍ରତ କରିବା ପାଇଁ ଓ ତାଙ୍କ ଭିତରେ ସ୍ୱଦେଶ ପ୍ରେମର ଭାବ ଉଦ୍ରେକ କରିବା ପାଇଁ ଜାତି ଉଦ୍ଦେଶ୍ୟରେ ଯାହା ଉଦ୍‌ବୋଧନ ଦେଇଥିଲେ, ତାହା ବେଶ୍ ସ୍ମରଣୀୟ ଓ ଉଲ୍ଲେଖଯୋଗ୍ୟ । ମଧୁସୂଦନଙ୍କ ଭାଷାରେ: ଯେଉଁ ଜାତି ବଡ ଦେଉଳ, ଭୁବନେଶ୍ୱର ଓ ଅନ୍ୟାନ୍ୟ ଶିଳ୍ପ କାର୍ଯ୍ୟମାନ କରିଥିଲେ, ସେହି ଜାତିର ରକ୍ତ ଆମ୍ଭ ଦେହରେ ଅଛି କି ? ବିଦ୍ୟାରମ୍ଭ ସମୟରେ ଏହି କଥା ସ୍ମରଣ କର, ନିଜ ଜାତୀୟ ଜୀବନ ଆପଣା ଦେହରେ ଅଛି କି ନାହିଁ ? ଯେବେ ନଥାଏ ତାହା କିପରି ହେବ ଚେଷ୍ଟାକର । ଜାତୀୟଜୀବନ ବ୍ୟକ୍ତିଗତ ଜୀବନର ପୃଥକ । 'ଜାତିପାଇଁ ବାଟରେ ଭିକ୍ଷା କରି ମରିବି', ଏହିପରି ପଣ ନକରିବା ପର୍ଯ୍ୟନ୍ତ ଜାତୀୟ ଜୀବନର ସଂଚାର ହେବନାହିଁ । ବ୍ୟକ୍ତିଗତ ଜୀବନ ସ୍ୱାର୍ଥପର । ସ୍ୱାର୍ଥପରତା ଯେତେ ବୃଦ୍ଧି ହେବ, ଜାତୀୟ ଜୀବନର ଉନ୍ନତି ସେତିକି ପଥରୋଧ ହେବ । ସ୍ୱାର୍ଥପରତା ଯେତିକି କମିଯିବ, ଜାତୀୟ ଜୀବନ ସେତିକି ବୃଦ୍ଧି ହେବ । ଓଡ଼ିଶା ଓ ଓଡ଼ିଆ କିପରି ଦେଶବିଦେଶରେ ସମ୍ମାନିତ ହେବ, ସୁନାମ ଅର୍ଜନ କରିବ ତାହା ତାଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିଲା ।



ମଧୁସୂଦନଙ୍କ ଦୃଢ ଇଚ୍ଛାଶକ୍ତି ଓ ନିଷ୍ଠାପର ଉଦ୍ୟମ ଯୋଗୁଁ ଓଡ଼ିଆ ଜାତୀୟତାବାଦର ଅଭ୍ୟୁଦୟ ହୋଇଥିଲା । ସେତେବେଳେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବଙ୍ଗ ମାନ୍ଦ୍ରାଜ ମଧ୍ୟପ୍ରଦେଶରେ ରହି ଖଣ୍ଡବିଖଣ୍ଡିତ ହୋଇଥିଲା । ଓଡ଼ିଆ ବିଚ୍ଛିନ୍ନାଞ୍ଚଳକୁ ଏକତ୍ର କରି

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ସେ ଆଜୀବନ ସଂଗ୍ରାମ ଓ ସଂଘର୍ଷ କରିଥିଲେ । ତାଙ୍କର ଆପ୍ରାଣ ଉଦ୍ୟମରେ କଟକଠାରେ ୧୯୦୩ରେ ଉତ୍କଳ ସମ୍ମିଳନୀ ଗଠନ ହୋଇଥିଲା । ଉତ୍କଳ ସମ୍ମିଳନୀ ଥିଲା ତାଙ୍କର ମାନସ ସନ୍ତାନ । ଉତ୍କଳ ସମ୍ମିଳନୀ ଓଡ଼ିଆ ଜନଜୀବନରେ ଜାତୀୟତାବାଦ ଉଦ୍ରେକ କରିଥିଲା । ୧୯୦୩ରୁ ୧୯୨୦ ମଧ୍ୟରେ ଉତ୍କଳ ସମ୍ମିଳନୀ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା । ସବୁ ଓଡ଼ିଆଙ୍କ ମଧ୍ୟରେ ଏକତା ଆଣିଥିଲା ଓ ଆଶା ଭରସାର ମିଳନସ୍ଥଳ ଥିଲା ଉତ୍କଳ ସମ୍ମିଳନୀ । ଓଡ଼ିଆର ସଂଗଠନ ଓ ଓଡ଼ିଆ ଜାତିକୁ ଏକ ଶାସନାଧୀନ କରିବା ଲକ୍ଷ୍ୟ ନେଇ ମଧୁସୂଦନ ଉତ୍କଳ ସମ୍ମିଳନୀ ଗଠନ କରିଥିଲେ ।

ଉତ୍କଳଗୌରବ ମଧୁସୂଦନ ଓଡ଼ିଶାର ସର୍ବପ୍ରଥମ ରାଜନୈତିକ ପୁରୁଷ । ତାଙ୍କଠାରୁ ଆରମ୍ଭ ହୋଇଛି ଓଡ଼ିଆମାନଙ୍କ ରାଜନୈତିକ ପରମ୍ପରା । ଯେତେବେଳେ ସେ ରାଜନୀତିରେ ପ୍ରବେଶ କଲେ, ସେତେବେଳେ ଓଡ଼ିଶା ତଥା ଭାରତୀୟ ରାଜନୀତିର ପରିବେଶ ସମ୍ପର୍କରେ ତାଙ୍କର ବକ୍ତବ୍ୟ ହେଲା: ମୁଁ ଯେତେବେଳେ ଆନ୍ଦୋଳନ ଆରମ୍ଭ କଲି, ସେତେବେଳେ ଜାତି ବୋଲି କିଛି ନଥିଲା । ମୁଁ କେବଳ କୁଢକୁଢ ଅସ୍ଥି ଦେଖୁଥିଲି, ଚାରିଆଡେ କେବଳ ଅସ୍ଥି, ଅସ୍ଥି, ଅସ୍ଥି । ଏହି ଅସ୍ଥିକଙ୍କାଳ ଭିତରେ ପ୍ରାଣ ସଂଚାର କରି ହସ୍ତପଦ ଓ ପେଶୀ ଯୋଗାଇବା ନିମନ୍ତେ ମୋତେ ବହୁତ କାର୍ଯ୍ୟ କରିବାକୁ ପଡିଛି । ମୋ' ଜାତିକୁ ଯୁଦ୍ଧ ସରଞ୍ଜାମରେ ସଜ୍ଜିତ କରିବା ପାଇଁ ମତେ ଏକାକୀ କାର୍ଯ୍ୟ କରିବାକୁ ହୋଇଛି । ମଧୁସୂଦନଙ୍କ ବକ୍ତବ୍ୟରୁ ସମ୍ପୂର୍ଣ୍ଣ ଭାବରେ ଅନୁମେୟ ସେସମୟର ରାଜନୈତିକ ଚିତ୍ରପଟ ଓ ଦେଶର ଆଲେଖ୍ୟ ।

ମାତୃଭୂମି ଓ ମାତୃଭାଷା ପ୍ରତି ମଧୁସୂଦନଙ୍କ ଥିଲା ପ୍ରଗାଢଭକ୍ତି ଓ ଗଭୀର ଆତ୍ମପ୍ରତ୍ୟୟ । ତାଙ୍କର ଏକ ଅଭିଭାଷଣରୁ ମାତୃଭୂମି ପ୍ରତି ଥିବା ମମତା ସହଜରେ ଅନୁମେୟ । ଯଥାର୍ଥରେ ସେ ତାଙ୍କର ବକ୍ତବ୍ୟରେ ଏକଦା ପ୍ରକାଶ କରିଥିଲେ: ପ୍ରଥମେ ମାତା ରକ୍ତ ଦେଇଥିଲେ । ସେହି ରକ୍ତ ବୃଦ୍ଧି କରିବା ପାଇଁ ମୋ' ଜନ୍ମଭୂମି ମୋତେ ଶସ୍ୟାଦି ଦେଉଅଛି । ଅତଏବ ଶରୀରର ଆଦ୍ୟ ପଦାର୍ଥ ଦିଏ ମାତା, ତାହାର ରକ୍ଷକ ଓ ବର୍ଦ୍ଧକ ଜନ୍ମଭୂମି । ଆମ୍ଭେମାନେ ପ୍ରଥମେ ପ୍ରସବ ହେଲାବେଳେ ଭୂମିଷ୍ଠ ହେଲୁ ବୋଲି କହନ୍ତି ଅର୍ଥାତ୍ ଆମ୍ଭମାନଙ୍କୁ ମାତା ଜନ୍ମଭୂମିର କୋଳରେ ଅର୍ପଣ କରି ସେହି ଜନ୍ମଭୂମିର ପୂଜା କରିବାକୁ ଆଦେଶ ଦିଅନ୍ତି । ଏହିକଥା ଥରେ ଅନ୍ତଃକରଣରେ ଭାବ, ଶେଷ ଅବସ୍ଥା ସ୍ମରଣ କର । ମାତା ଯେଉଁ ରକ୍ତ ଦେଇଥିଲେ, ତାହା ନିଃଶେଷ ହେଲାଣି । କେବଳ ସେ ଶରୀର ଅଛି, ତାହା ମାତୃଭୂମିର ମାଟି ସମାନ । ମାତୃଭୂମି–ଉତ୍କଳ ଦେହରେ ଆତ୍ମା ରହିଛି, ମାଆ ଉତ୍କଳ କୋଳରେ ଚକ୍ଷୁବୁଜି ଥରେ ପ୍ରାର୍ଥନା କର । ହୃଦୟରେ ଜନ୍ମଭୂମିର ମମତା ଆପେ ଜାଗ୍ରତ ହେବ । ଚକ୍ଷୁବନ୍ଦ କର ଦେଖିବ ତୁମ ଭିତରେ ମାଆ ଅବସ୍ଥାନ କରିଛନ୍ତି । ଏହି ତ ମାତୃଭୂମିର ପୂଜା । ଭାଇମାନେ ପୂଜା ନିମନ୍ତେ ଜନନୀ ଜନ୍ମଭୂମି ଉତ୍କଳ ମାତାଙ୍କର ଆରାଧନା କର । ବକ୍ତବ୍ୟରୁ ସ୍ପଷ୍ଟ ପ୍ରମାଣିତ ଜନନୀ ଜନ୍ମଭୂମି ପ୍ରତି ମଧୁସୂଦନଙ୍କର ଥିଲା ଗଭୀର ମମତା ଓ ଅନନ୍ୟ ଅନୁରକ୍ତି ଅନନ୍ତ ଆକର୍ଷଣ ।

କଲିକତାରେ ଅବସ୍ଥାନ କାଳରେ କଲିକତା ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ଶିକ୍ଷା ବିସ୍ତାରର ପରିକଳ୍ପନା ମଧୁସୂଦନଙ୍କ ହୃଦୟରେ ଉଦ୍ରେକ ହୋଇଥିଲା । ସେତେବେଳେ କଲିକତା ନଗରୀରେ ଯେଉଁ ଓଡ଼ିଆ କର୍ମୀମାନେ ଜୀବିକା ଉପାର୍ଜନ ଉଦ୍ଦେଶ୍ୟରେ ଅବସ୍ଥାନ କରୁଥିଲେ, ସେମାନଙ୍କ ମଧ୍ୟରେ ଶିକ୍ଷା ପ୍ରସାର ଲାଗି ସେ ଅନେକଗୁଡିଏ ନୈଶ୍ୟ ବିଦ୍ୟାଳୟ ସ୍ଥାପନ କରିଥିଲେ । ନିରକ୍ଷରତା ସମାଜରୁ ଦୂର କରିବା ସଙ୍ଗେ ସଙ୍ଗେ ଶିକ୍ଷାର ଗୁଣାତ୍ମକ ମାନ ବିକାଶ କରିବା ମଧୁସୂଦନଙ୍କର ଏକାନ୍ତ ଲକ୍ଷ୍ୟ ଥିଲା ।

ସମ୍ବଲପୁରରୁ ଓଡ଼ିଆ ଭାଷା ଉଠାଇଦେଇ ତା' ପ୍ରତିବଦଳରେ ହିନ୍ଦୀ ଭାଷାର ପ୍ରଚଳନ କରି ଅତୀତରେ ସରକାର ଯେପରିଭାବରେ ଅବିଚାର କରିଥିଲେ ମଧୁସୂଦନ ସେଥିପ୍ରତି ଲର୍ଡକର୍ଜନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଓଡ଼ିଶା ଡିଭିଜନ୍ ସହିତ ସମ୍ବଲପୁର ଜିଲ୍ଲାର ମିଶ୍ରଣ ପାଇଁ ଭାଇସରାୟଙ୍କ ନିକଟରେ ମଧୁସୂଦନ ଦୃଢଭାବରେ ଯୁକ୍ତି ଉପସ୍ଥାପନ କରିଥିଲେ । ମଧୁସୂଦନଙ୍କ ଯୁକ୍ତି ଓ ଉପସ୍ଥାପନ ଶୈଳୀ ଲର୍ଡକର୍ଜନକୁ ବିଶେଷ ଭାବରେ ମୁଗ୍ଧ କରିଥିଲା, ଯାହା ଫଳରେ କର୍ଜନ ସାହେବ ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃ ପ୍ରଚଳନ ସହିତ ଜିଲ୍ଲାର ଓଡ଼ିଶା ଡିଭିଜନ ସହିତ ମିଶ୍ରଣ ପ୍ରସ୍ତାବକୁ ଅନୁମୋଦନ କରିଥିଲେ । ଓଡ଼ିଆ ଭାଷାକୁ ସଙ୍କଟରୁ ରକ୍ଷା କରିବା ଦିଗରେ ମଧୁସୂଦନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ ।

ଊନବିଂଶ ଶତାବ୍ଦୀରେ ଯେଉଁ ଭାରତୀୟ ନେତୃବର୍ଗ ନିଜ ନିଜର ଆତ୍ମୋତ୍ସର୍ଗ ଓ ସ୍ୱାର୍ଥତ୍ୟାଗ ବଳରେ ଆଧୁନିକ ଉତ୍କଳର ପଥ ନିର୍ମାଣ କରିଥିଲେ, ସେମାନଙ୍କ ମଧ୍ୟରେ ପ୍ରଥିତଯଶା ସାରସ୍ୱତ ସାର୍ଥକ ସାରଥି ମାନ୍ତ୍ରିକ ମଧୁସୂଦନ ଅନ୍ୟତମ । ଏ ସମ୍ପର୍କରେ 'ବନ୍ଦେ ମାତରମ' ପତ୍ରିକାର ୧୯୦୭ ମସିହା ଡିସେମ୍ବର ୧୭ ତାରିଖ ସଂଖ୍ୟାରେ ମଧୁସୂଦନଙ୍କ ଉଦ୍ଦେଶ୍ୟରେ ମନୀଷୀ

ଶ୍ରୀଅରବିନ୍ଦ ଯଥାର୍ଥରେ ପ୍ରକାଶ କରିଥିଲେ: 'ଗୋଟିଏ ଜାତିର ଅନ୍ତର୍ନିହିତ ସମସ୍ତ ଶକ୍ତିର ଜାଗରଣ ଓ ସଂଘଟନ ନଘଟିବା ପର୍ଯ୍ୟନ୍ତ ଦେଶରେ ଜାତୀୟଭାବ ବା ଜାତୀୟ ଚେତନାର ଯଥାର୍ଥ ଅଭ୍ୟୁଦୟ ଘଟିବା ସମ୍ପୂର୍ଣ୍ଣ ଅସମ୍ଭବ । ତେଣୁ ଦେଶର ଯେଉଁ ଲୋକମାନେ ରାଜନୈତିକ କ୍ଷେତ୍ରରେ ପଛୁଆ ହୋଇ ପଡିଛନ୍ତି, ସେମାନଙ୍କ ହୃଦୟରେ ଜାତୀୟ ଭାବର ଜାଗରଣ ଘଟାଇ ସେମାନଙ୍କୁ ସାମ୍ପ୍ରତିକ ରାଜନୈତିକ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ କରିବା ହିଁ ଯଥାର୍ଥରେ ଏହି ଲକ୍ଷ୍ୟ ସାଧିତ ହୋଇପାରିବ । ଓଡ଼ିଶାରେ ବର୍ତ୍ତମାନ ଏହି ଜାଗରଣର ସୂତ୍ରପାତ ଘଟିଛି । ଓଡ଼ିଶା ତାହାର ସ୍ୱତନ୍ତ୍ର ଅସ୍ତିତ୍ୱ ଲାଗି ଏକ ସୁଦକ୍ଷ ଓ ଶକ୍ତିଶାଳୀ ନେତାଙ୍କ ଅଧିନାୟକତ୍ୱରେ ବର୍ତ୍ତମାନ ଲାଗି ପଡିଥିବାର ଦେଖିବାକୁ ମିଳୁଛି । ଏହା ଅବଶ୍ୟ ବିଶେଷ ଆନନ୍ଦର ବିଷୟ ।

ମନୀଷୀ ଶ୍ରୀ ଅରବିନ୍ଦ ଉତ୍କଳଗୌରବ ମଧୁସୂଦନଙ୍କ ଉପରେ ଯେଉଁ ମନ୍ତବ୍ୟ ପ୍ରଦାନ କରିଛନ୍ତି, ତାହା ବିଶେଷଭାବରେ ପ୍ରଣିଧାନଯୋଗ୍ୟ । ଜଣେ ବ୍ୟତିକ୍ରମ ବ୍ୟକ୍ତିତ୍ୱ ଓ ଅସାଧାରଣ ଚରିତ୍ରର ଅଧିକାରୀ ଥିଲେ କୁଳବୃଦ୍ଧ ମଧୁସୂଦନ ।

ତାଙ୍କର ଆନ୍ତରିକ ନିଷ୍ଠା ତାଙ୍କୁ ଦେଇଥିଲା ସମାଜରେ ପ୍ରତିଷ୍ଠା । ଅଧ୍ୟୟନ ଅଧ୍ୟାପନା ତାଙ୍କର ଥିଲା ଜୀବନ ଅନୁଶୀଳନ ଅନ୍ତର୍ଦୃଷ୍ଟି ବଳରେ ସେ ଶିଷ୍ୟକୁ ବଶ କରୁଥିଲେ । ପ୍ରଜ୍ଞା ପ୍ରତ୍ୟୟର ସେ ଥିଲେ ଅନନ୍ତ ନିର୍ଝର ଓ ଜାତୀୟ ଜୀବନର ଧୂରୀଣ କର୍ଣ୍ଣଧାର । ପ୍ରତ୍ୟୁତ୍ପନ୍ନମତିତା ଓ ବିଦ୍‌ବତ୍ତାରେ ସେ କେବଳ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିନଥିଲେ, ଅନନ୍ୟ ଅଧିବକ୍ତା ଭାବରେ ଅଜସ୍ର ସମ୍ମାନ ଓ ଯଶର ଅଧିକାରୀ ଥିଲେ । ନିର୍ଭୀକ ନିରପେକ୍ଷ ଭାବରେ ସେ ଯେପରି ବିଚାରପତିଙ୍କ ସମ୍ମୁଖରେ ନିଜର ବିଚାର ଉପସ୍ଥାପନ କରୁଥିଲେ, ସେପରି ଭାବରେ ସଭାମଞ୍ଚରେ ଅନର୍ଗଳ ଅଭିଭାଷଣ ପ୍ରଦାନ କରୁଥିଲେ । ଓଡ଼ିଆମାନଙ୍କର ସ୍ୱାଭିମାନକୁ ଅକ୍ଷୁଣ୍ଣ ରଖିବା ପାଇଁ ମଧୁସୂଦନ କାୟମନବାକ୍ୟରେ ଆପ୍ରାଣ ଉଦ୍ୟମ କରିଥିଲେ । ଦେଶର ଉନ୍ନତି ପାଇଁ ପ୍ରତି ପଦପାତରେ ଘାତ ପ୍ରତିଘାତର ସମ୍ମୁଖୀନ ହୋଇ ମଧ୍ୟ କର୍ତ୍ତବ୍ୟରେ ତିଳେହେଲେ ଅବହେଳା ପ୍ରଦର୍ଶନ କରିନଥିଲେ କି ଉଦ୍ୟମରୁ ପଶ୍ଚାତ୍‌ପଦ ହୋଇନଥିଲେ । ସେ କଥା ଓ କର୍ମରେ ଥିଲେ ହିମାଳୟ ପରି ଅଟଳ ଓ ଅଚଳ । କାଉଁରିଆ କାଠି ଭାଙ୍ଗି ଯିବେ ପଛେ ନଇଁବେ ନାହିଁ । ସେ ଥିଲେ ଐହିକର ଐରାବତ ଓ ଭୂମିର ଭୌମିକ । ଚେତନାର ଚିତ୍ରକର ଓ କଳ୍ପନାର ରୂପକାର ଭାବରେ ସେ ଯେତିକି ପ୍ରଶଂସନୀୟ ମୂର୍ଦ୍ଧନ୍ୟମାନ୍ତ୍ରିକ ଭାବରେ ସେତିକି ସେ ପୂଜନୀୟ ଓ ବାଣୀଭବନରେ ଅର୍ଚ୍ଚନୀୟ । କଳା ଓ ଲୀଳାର ସେ ଥିଲେ ସୌଦାଗର ଓ ଅନୁଭବ ଅନୁଭୂତିର ଥିଲେ ମହିମ୍ନ ସୂତ୍ରଧର । ତାଙ୍କ ହୃଦୟରେ ସ୍ୱଦେଶ ପ୍ରେମର ଭାବଧାରା ସର୍ବଦା ଜାଗ୍ରତ ହେଉଥିଲା । ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଦେଶ ଓ ଜାତିର ଉନ୍ନତି ପାଇଁ ଜୀବନ ଉତ୍ସର୍ଗ କରିଥିଲେ । ଦେଶ ଥିଲା ତାଙ୍କର ଘର । ଓଡ଼ିଆ ଜାତି ଥିଲା ତାଙ୍କର ପରିବାର ଓ ଓଡ଼ିଆ ଭାଷା ଥିଲା ତାଙ୍କ ପରିବାରର ପରିଚୟ । ମଧୁସୂଦନଙ୍କ ସ୍ୱଦେଶପ୍ରେମ ସମ୍ପର୍କରେ ଆଲୋଚନା କରିବାକୁ ଗଲାବେଳେ ବିଶିଷ୍ଟ ପାଶ୍ଚାତ୍ୟ କବି ମନୀଷୀ Oliver Goldsmithଙ୍କ ଏକ ଉକ୍ତି ମନେପଡେ । ସେ ଯଥାର୍ଥରେ ପ୍ରକାଶ କରିଥିଲେ: The patriot's boast, Where'er we roam, his first best country ever is at home. ସେ ଅଧିବକ୍ତା ଭାବରେ ପ୍ରତିପକ୍ଷ ମନରେ ଯେପରି ଭୟ ସଂଚାର କରୁଥିଲେ, ସେପରି ଜାତିର ମୁମୂର୍ଷୁ ଅବସ୍ଥାରେ କବିତା ରଚନା କରି ଜନଜୀବନର ହୃଦୟରେ ସ୍ୱଦେଶ ପ୍ରେମ ଜାଗ୍ରତ କରୁଥିଲେ । ହୃଦୟର ଅଭିବ୍ୟକ୍ତିକୁ କେତେବେଳେ ସେ ଅଭିଭାଷଣରେ ଉପସ୍ଥାପନ କରି ଶ୍ରୋତୃମଣ୍ଡଳୀଙ୍କୁ ମନ୍ତ୍ରମୁଗ୍ଧ କରୁଥିଲେ ତ ଆଉ କେତେବେଳେ ପ୍ରବନ୍ଧ ଚରନା କରି ତାହାକୁ ପତ୍ରପତ୍ରିକା ମାଧ୍ୟମରେ ପ୍ରକାଶ କରି ସୁପ୍ତ ଜାତିର ପ୍ରାଣରେ ଶକ୍ତି ସଂଚାର କରୁଥିଲେ । ଜାତୀୟ ଜୀବନର ସଂକଟ ସମୟରେ ସେ କବିତା ରଚନା କରିଥିଲେ । ଖୁବ୍‌କମ୍ କବିତା ରଚନା କରି ସେ ସ୍ୱକୀୟ ପ୍ରତିଭା ବଳରେ ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି କହିଲେ ବାର୍ତ୍ତାର ଅପଳାପ ହେବ ନାହିଁ । ଭାବଭାଷାର ସୁସମନ୍ୱୟରେ କବିତାଗୁଡିକ ଯେପରି ମର୍ମିକ ସେପରି ଗାୟନ ଧର୍ମିତା ଓ ସାଙ୍ଗୀତିକ ସୌଷ୍ଠବରେ ବିଚିତ୍ରବର୍ଣ୍ଣା । କବିତା କେତେବେଳେ ଅନୁଭବ ଦୀପ୍ତିରେ ଚିର ଭାସ୍ୱର ତ ଆଉ କେତେବେଳେ ଅନୁଭୂତିର କଳାତ୍ମକ ରୂପାୟନରେ ଅନୁରଣିତ । ମଧୁସୂଦନଙ୍କ ସ୍ୱଦେଶପ୍ରେମ ମୂଳକ କବିତାଗୁଡିକ ପାଠ୍ୟପୁସ୍ତକ ଅନ୍ତର୍ଭୁକ୍ତ ହୋଇ ଅନେକ ପାଠକୀୟ ସ୍ୱୀକୃତି ଓ ସମ୍ମାନ ଲାଭ କରିଛି । କବିତା ତାଙ୍କ ବୌଦ୍ଧିକ ଆବେଗର ସ୍ୱଚ୍ଛନ୍ଦ ପରିପ୍ରକାଶ ଓ କଳାତ୍ମକ ଅଭିବ୍ୟକ୍ତିର ସରସ ସୁନ୍ଦର ରୂପାୟନ ।

ଉତ୍କଳ ସନ୍ତାନ, ସନ୍ତାନର ଉକ୍ତି, ଜାତି ଇତିହାସ, ସମ୍ମିଳନୀ, ଜନନୀର ଉକ୍ତି ପ୍ରଭୃତି କବିତାଗୁଡିକ କବିଙ୍କ ସ୍ୱଦେଶ ପ୍ରେମକୁ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଜାତିପ୍ରୀତି ଓଡ଼ିଆ ଭାଷାପ୍ରୀତିର ଯଥାର୍ଥ ପରିଚୟ ପ୍ରଦାନ କରେ । କବି କବିତାରେ ଅତୀତ ଉତ୍କଳର ଐତିହ୍ୟ ଓ ଇତିହାସକୁ ଉପସ୍ଥାପନ କରିବା ସହିତ ପୂର୍ବ ପୁରୁଷମାନଙ୍କର ଅକ୍ଷୟ ଅମ୍ଳାନ କୀର୍ତ୍ତିରାଜି ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । କବିତାଗୁଡିକ 'ମଧୁଗୀତି' ଶୀର୍ଷକରେ

ଆଲୋଚିତ ଓ ବହୁ ପ୍ରଶଂସିତ, ଯାହାର ଦୃଷ୍ଟି ଯେପରି ତାହାର ସୃଷ୍ଟି ସେପରି । ସର୍ବୋପରି ଦୃଷ୍ଟି ସୃଷ୍ଟିକୁ ନିୟନ୍ତ୍ରଣ କରେ । ଦୃଷ୍ଟିର ସୌନ୍ଦର୍ଯ୍ୟ ସୃଷ୍ଟିର ସୌକର୍ଯ୍ୟରେ ପ୍ରତିଫଳିତ ହୁଏ । କବିର ଅନ୍ତର୍ଦୃଷ୍ଟି ସୃଷ୍ଟିର ସାର୍ଥକ ପ୍ରତିକୃତି ।

ସମାଜ ଜୀବନର ପ୍ରତିରୂପ କବିତା । ମଣିଷ ଜୀବନର ମିଳନ, ବିଚ୍ଛେଦ, ଲୁହ ଲହୁ ହସକାଳର ସରସସୁନ୍ଦର ସାବଲୀଳ ଅଭିବ୍ୟକ୍ତି କବିତା । କିନ୍ତୁ ମଧୁସୂଦନଙ୍କ କବିତାର ସ୍ୱର ସମ୍ପୂର୍ଣ୍ଣ ଭିନ୍ନ । ବ୍ୟକ୍ତିଗତ ଜୀବନର ଚିତ୍ର ଉପସ୍ଥାପନ ପରିବର୍ତ୍ତେ ସ୍ୱଦେଶର ଚିତ୍ର ଓ ନିରାଭରଣ ଉତ୍କଳ ଜନନୀର ମାନସିକତାକୁ କବି କବିତାରେ ପ୍ରତୀକିତ କରିଛନ୍ତି । ସାର୍ବଜନୀନ କଳାତ୍ମକ ଆଲେଖ୍ୟ ତାଙ୍କ କବିତା । ନିର୍ଭୀକ ନିରପେକ୍ଷ ସ୍ୱାଧୀନ ଚିନ୍ତା କବିତାରେ ଅନୁରଣିତ । ତରବାରୀ ଯାହା କରିପାରେ ନାହିଁ କବିର ଲେଖନୀ ତାହା ଅନାୟସରେ କରିପାରେ । ଏହାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ଉତ୍କଳଗୌରବ ମଧୁସୂଦନଙ୍କ କବିତା । ମଧୁସୂଦନଙ୍କ କବିତା ଆଲୋଚନା କଲାବେଳେ ବିଶିଷ୍ଟ ଦାର୍ଶନିକ John Taylorଙ୍କ ଲେଖନୀ ସମ୍ପର୍କିତ ଏକ କବିତା ମନେପଡେ । ସେ ଯଥାର୍ଥରେ ପ୍ରକାଶ କରିଥିଲେ :

Pens are most dangerous tools
more sharp by odds
Than swords and cut more
keen than whips or rods'.

ଯୁଗେ ଯୁଗେ ସାହିତ୍ୟ ସୃଷ୍ଟି କରିଛି ବିପ୍ଲବ । ସମାଜକୁ ସରଳ ଶୃଙ୍ଖଳିତ କରିବା ପାଇଁ କବି ତା'ର ଲେଖନୀ ଚାଳନା କରିଛି । ସମାଜ ଜୀବନର ବାସ୍ତବ ଆଲେଖ୍ୟକୁ କବି କବିତାରେ ପ୍ରତିଭାତ କରିଛି । ଉତ୍କଳ ପ୍ରଦେଶ ଗଠନ ପାଇଁ ଯେଉଁ ବିପ୍ଲବର ସୂତ୍ରପାତ ହୋଇଥିଲା, ତାହାର କର୍ଣ୍ଣଧାର ଥିଲେ ଉତ୍କଳଗୌରବ ମଧୁସୂଦନ । ଜଣେ ପ୍ରଖ୍ୟାତ ଋଷୀୟ ସମାଲୋଚକ K. zelinsky ଏକଦା ପ୍ରକାଶ କରିଥିଲେ: 'But a writer is always a bit of rebel, he has to be rebel thats what keeps him going'. ଜଣେ ଲେଖକ ସର୍ବଦା ବିପ୍ଲବୀ । ମଧୁସୂଦନଙ୍କ କବିତା ଆଲୋଚନା ପ୍ରସଙ୍ଗରେ ଏ ଉକ୍ତିଟି ବିଶେଷ ଭାବରେ ପ୍ରଣିଧାନଯୋଗ୍ୟ । ବିପ୍ଲବର ସ୍ୱର ଉତ୍ତୋଳନ କରେ ସେଇ କବି ଯିଏ ସ୍ୱଦେଶକୁ ପ୍ରାଣଭରି ଭଲପାଏ । ମାଟି ମଣିଷକୁ ନିଜର ମନେକରେ । ଦଳିତ, ନିଷ୍ପେସିତ, ଉପେକ୍ଷିତ ମଣିଷର ବେଦନା ଯାତନା ଯାହାର ମନକୁ ଭାବାବିଷ୍ଟ କରେ, ଯିଏ ନୂତନ ପୃଥିବୀ, ନୂତନ ପଥର ସନ୍ଦେଶ ଦିଏ ସେ ହିଁ ବିଦ୍ରୋହର ବହ୍ନିତାର ମହିମାମୟ ସୃଷ୍ଟିରେ ପ୍ରଜ୍ୱଳିତ କରିଦେଇପାରେ । କବିଙ୍କ କବିତାରେ ବିପ୍ଲବର ସ୍ୱର ଯେପରି ଭାବରେ ପ୍ରତିଫଳିତ ସେପରି ଭାବରେ ସ୍ୱଦେଶ ପ୍ରେମର ଆଲେଖ୍ୟ ଆଭାଷିତ । 'ମଧୁଗୀତି'ର ପ୍ରଥମ କବିତା 'ଉତ୍କଳ ସନ୍ତାନ' । ସ୍ୱଦେଶ ପ୍ରେମର ଉଜ୍ଜ୍ୱଳ ଦୃଷ୍ଟାନ୍ତ କବିଙ୍କ ଲେଖନୀସୃତ 'ଉତ୍କଳ ସନ୍ତାନ' କବିତା । କବି କବିତାରେ ପରାଧୀନ ଉତ୍କଳ ଜନନୀର ବିମର୍ଷ ବଦନର ଆଲେଖ୍ୟକୁ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଉତ୍କଳର ଅତୀତ ଇତିହାସକୁ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି । ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଉତ୍କଳର ବୀର ସନ୍ତାନ ଜୟ କରିଥିଲେ । ରଣଭେରୀ ଓ ବୀରବାଦ୍ୟ ଶବ୍ଦରେ ଶତ୍ରୁ ଶିବିରରେ ଆତଙ୍କ ଖେଳିଯାଉଥିଲା । ଉତ୍କଳୀୟ ଯୁଦ୍ଧ କଳାକୌଶଳ ନିକଟରେ ପ୍ରତିଦ୍ୱନ୍ଦ୍ୱୀ ଆତ୍ମସମର୍ପଣ କରୁଥିଲେ ।

ସମାଜରେ ଯିଏ ସ୍ୱାର୍ଥସର୍ବସ୍ୱ ଜୀବନଯାପନ କରେ ତା'ଠାରୁ ଦେଶର ଉନ୍ନତି ଆଶା କରିବା ବୃଥା । ଶାଗୁଣା ବିଲୁଆ ଯଦି ଶ୍ମଶାନରେ ଶବ ନିକଟରେ ଚିକିତ୍ସକର ଭୂମିକା ନିର୍ବାହ କରନ୍ତି ଓ ଶବକୁ ଜୀବଦାନ ଦେବାକୁ ଯତ୍‌ପରୋନାସ୍ତି ଉଦ୍ୟମ କରନ୍ତି ତାହା କେବଳ ହାସ୍ୟାସ୍ପଦର ବିଷୟ । ସ୍ୱାର୍ଥସର୍ବସ୍ୱ ଜୀବନଯାପନ କରୁଥିବା ବ୍ୟକ୍ତି ଯଦି କେବେ ଦେଶର ଉନ୍ନତି ଆଶା କରେ, ତାହା ବିଡମ୍ବନା ଓ ଆକାଶ କୁସୁମର ବିଷୟ ।

କବି କବିତାରେ ସ୍ୱସ୍ୱାର୍ଥରେ ମନୋନିବେଶ କରୁଥିବା ବ୍ୟକ୍ତିକୁ ସମାଲୋଚନା କରିବା ସଙ୍ଗେ ସଙ୍ଗେ ନିଃସ୍ୱାର୍ଥପର ଭାବରେ ଦେଶ ଓ ଜାତିର ଉନ୍ନତିରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିବା ନିମନ୍ତେ ଉଦ୍‌ବୋଧନ ପ୍ରଦାନ କରିଛନ୍ତି । ସ୍ୱଦେଶ ପ୍ରେମର ପ୍ରଦୀପ କବିଙ୍କ ହୃଦୟରେ ନିତ୍ୟନିୟତ ପ୍ରଜ୍ୱଳିତ ହୋଇଛି । ଜାତୀୟ ଜୀବନର ଘୋର ସଙ୍କଟ ସମୟରେ କବି ସୁପ୍ତ ଜାତିକୁ ଜାଗ୍ରତ କରିବା ପାଇଁ ଓ ସେମାନଙ୍କ ହୃଦୟରେ ସ୍ୱଦେଶ ପ୍ରେମ ଉଦ୍ରେକ କରିବା ପାଇଁ କବିତାରେ ପ୍ରକାଶ କରିଛନ୍ତି:

ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କିରେ ଗାଡି ଦାନାର ତୋବଡା
ଘୋଡା ମୁହେଁ ବନ୍ଧାଥିଲେ' ?

ଜନସମାଜର କଲ୍ୟାଣ ସାଧନ ପାଇଁ ତୋଷାମଦକୁ ପରିହାର କରି ସତ୍‌ପଥରେ ପରିଚାଳିତ ହେବା ପାଇଁ କବି କବିତାରେ ଉତ୍କଳ ସନ୍ତାନମାନଙ୍କୁ ଉଦ୍‌ବୋଧନ ପ୍ରଦାନ କରିଛନ୍ତି । ପୂର୍ବପୁରୁଷମାନଙ୍କର ଆଦର୍ଶ ଓ କର୍ମକୁ ସ୍ମରଣ କରି ଜାତି ଗଠନରେ

ତତ୍ପର ହେବା ପାଇଁ କବି ଉତ୍କଳ ସନ୍ତାନମାନଙ୍କୁ କର୍ମ ସଚେତନ କରିବା ସହିତ ତାଙ୍କ ଜୀବନର ମଙ୍ଗଳ କାମନା କରିଛନ୍ତି । କବିତାରେ କବିଙ୍କ ଭାଷାରେ:

ତୋଷାମଦ ଛାଡି ସ୍ୱାର୍ଥ ପରିହରି
ସତ୍ୟକୁ ଆଶ୍ରୟ କର
ଦୁଇଦିନ ପରେ ସ୍ୱାଧୀନ ରାଷ୍ଟ୍ରରେ
ମଙ୍ଗଳ ହୋଇବ ତୋର ।

'ଉତ୍କଳ ସନ୍ତାନ' ଶୀର୍ଷକ କବିତା କବି ଉତ୍କଳଗୌରବ ମଧୁସୂଦନଙ୍କର ଏକ ଚମତ୍କାର ଉଦ୍‌ବୋଧନ ଓ ସ୍ୱଦେଶ ପ୍ରେମର ଅନାହତ ମର୍ମିଳ ମୂର୍ଚ୍ଛନା । ସାଙ୍ଗୀତିକତା କବିତାର ବିଶେଷତ୍ୱ । ସାବଲୀଳ ଶବ୍ଦ ବିନ୍ୟାସ କବିତାକୁ ଯେପରି ରସୋତ୍ତୀର୍ଣ୍ଣ କରିଛି, ସେପରି ଉପସ୍ଥାପନା ଶୈଳୀ ଅନୁଭବକୁ ବଳିଷ୍ଠ କରିଛି । କବିଙ୍କ କବିତା ଆଲୋଚନା ପ୍ରସଙ୍ଗରେ ବିଶିଷ୍ଟ କବି Gilfillianଙ୍କ ଏକ ସ୍ମରଣୀୟ ଉକ୍ତି ମନେପଡେ । ଯଥାର୍ଥରେ ସେ ପ୍ରକାଶ କରିଥିଲେ : 'Poetry is truth dwelling in beauty'.

ମଧୁସୂଦନ ଥିଲେ ଏକନିଷ୍ଠ ଦେଶଭକ୍ତ ଓ ସଚ୍ଚୋଟ ସାହିତ୍ୟ ସାଧକ । ପ୍ରାଚୀନ ଓ ଆଧୁନିକ ଉଭୟ ସାହିତ୍ୟର ସେ ଥିଲେ ବିଦଗ୍ଧବିବୁଧ । ଅଧ୍ୟୟନ ଅନୁଶୀଳନ ତାଙ୍କ ପରିପକ୍ୱ ପ୍ରଜ୍ଞାର ପରିଚୟ । ବହୁ ପାଠିତା, ବିଦ୍‌ବତ୍ତା ତାଙ୍କ ମନୀଷାର ସର୍ବଶ୍ରେଷ୍ଠ ନିଦର୍ଶନ । ଓଡ଼ିଆ, ବଙ୍ଗଳା, ଇଂରାଜୀ ସାହିତ୍ୟରେ ଥିଲା ଅସାଧାରଣ ବ୍ୟୁତ୍ପତ୍ତି । ସାଧନା ଥିଲା ତାଙ୍କର ତପସ୍ୟା । ସେବା ଥିଲା ତାଙ୍କର ଜୀବନ । ଭୋଗ ସର୍ବସ୍ୱ ଦୁନିଆଁରେ ତ୍ୟାଗ ଥିଲା ତାଙ୍କ ଜୀବନର ମହାମନ୍ତ୍ର । କବିତା ଥିଲା ତାଙ୍କର ବିପ୍ଳବର ବେଦଧ୍ୱନି ଓ ଭାଷଣ ଥିଲା ସୁପ୍ତ ଓଡିଆଙ୍କ ସଞ୍ଜିବନୀ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁସୂଦନଙ୍କ କବିତା ଥିଲା ମୋହନ ମନ୍ତ୍ର । ଅନୁଭବ ଓ ଅନୁଭୂତିର ମହାମିଳନ ତାଙ୍କର କବିତା ।

ମଧୁସୂଦନଙ୍କ 'ଜାତୀୟ ଗୀତ' ଓଡ଼ିଶାରେ ଏକସମୟରେ ଏତେ ଲୋକପ୍ରିୟ ହୋଇଥିଲା ଯେ ତାହାର ବହୁପଦ ସୁବଚନ ବା ସୂକ୍ତିରେ ପରିଣତ ହୋଇଯାଇଛି । ଜାତୀୟ ଗୀତଗୁଡିକ ୧୯୧୫ ମସିହାରେ ପ୍ରକାଶିତ ହୋଇଥିଲା । କଳ୍ପନାଚାତୁରୀ ଅପେକ୍ଷା କବିତାଗୁଡିକର ସ୍ପନ୍ଦନ ବେଶ୍ ମର୍ମିଳ ।

ସ୍ୱର୍ଗତଃ ବ୍ରଜସୁନ୍ଦର ଦାସ ପ୍ରଥମେ ଗୀତଗୁଡିକୁ ଛାପିବାକୁ ଯେତେବେଳେ ମଧୁସୂଦନଙ୍କ ଅନୁମତି ଚାହିଁଥିଲେ, ସେତେବେଳେ ସେ କହିଥିଲେ: ମୁଁ ମୋର ଭାବ ଜାତିକୁ ଦେଇଛି । ତାହାକୁ ଗୋଡରେ ମାଡିପାର କିମ୍ବା କଣ୍ଠରେ ଧାରଣ କରିପାର, ତାହା ଜାତିର । ସେଥିରେ ମୋର କୌଣସି ଅଧିକାର ନାହିଁ ।

ଉତ୍କଳଗୌରବ ମଧୁସୂଦନଙ୍କ ପ୍ରାଣରେ ଯେଉଁ ଜାତୀୟତାର ସ୍ପନ୍ଦନ ଝଙ୍କୃତ ହୋଇଥିଲା, ତାହାର ବହିଃପ୍ରକାଶ ତାଙ୍କ କବିତାରେ ସୁନ୍ଦର ଭାବରେ ରୂପାୟିତ । କବିତାର ସୃଜନରେ ସେ ଜାତୀୟତାର ମୂଳବପନ କରିଥିଲେ ।

ଜାତୀୟ ଜୀବନର ସଂକଟ ସମୟରେ ସେ ଜାଗ୍ରତ ପ୍ରହରୀ ଭାବରେ କାର୍ଯ୍ୟ କରିଥିଲେ । ଶାରୀରିକ ଓ ମାନସିକ ସ୍ତରରେ ଓଡ଼ିଆ ଜାତିକୁ ସାହସ ଧୈର୍ଯ୍ୟ ପ୍ରଦାନ କରିବା ତାଙ୍କ କବିତାର ଉଦ୍ଦେଶ୍ୟ ଥିଲା । 'ଜଣାଣ' କବିତାରେ କବି ବିଶ୍ୱପତି କରୁଣାସାଗରଙ୍କ ନିକଟରେ ନିଜକୁ କାୟମନବାକ୍ୟରେ ସମର୍ପଣ କରିଛନ୍ତି । କବି ସର୍ବାନ୍ତକରଣରେ ଅନୁଭବ କରିଛନ୍ତି ସରଳ ଭାବରେ ଆତ୍ମନିବେଦନ ହିଁ ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ । ମମତାମୟୀ କରୁଣାମୟୀ ସ୍ନେହମୟୀ ବାତ୍ସଲ୍ୟମୟୀ ଜନନୀ ଜଠରେ ଥିଲାବେଳେ ଯେଉଁ ପ୍ରତିଶ୍ରୁତି ଦେଇଥିଲ, ତାହା ଅବସ୍ଥା ଚକ୍ରରେ ପଡି ଯୌବନରେ ବିସ୍ମୃତ ହୋଇଛି କାମିନୀ କାଞ୍ଚନର ଲାଳସାରେ ପରାର୍ଥେ ଜୀବନକୁ ସମ୍ପୂର୍ଣ୍ଣ ଭାବରେ ପାଶୋରି ଦେଇଛ ? ଏହା କ'ଣ ତମ ଜୀବନର ଉଦ୍ଦେଶ୍ୟ ? ପାର୍ଥିବ ଜୀବନର ରହସ୍ୟକୁ କବି 'ଜଣାଣ' କବିତାରେ ଉପସ୍ଥାପନ କରିଛନ୍ତି । କବିଙ୍କ ଭାଷାରେ:

ଜନ୍ମ ହେଲାକ୍ଷଣି ସ୍ତନ୍ୟପାନ କରି
ମାତା ମନ୍ତ୍ରଦେଲେ ପରାର୍ଥେ ଜୀବନ
ଶିଶୁକାଳ ବ୍ୟାପି ଥିଲି ମନ୍ତ୍ର ଜପି
ସେ ମନ୍ତ୍ର ଭୁଲିଲି ଲଭିଣ ଯୌବନ ।

ମଧୁସୂଦନଙ୍କ 'ଜଣାଣ' କବିତା ଆଲୋଚନା କଲାବେଳେ ବିଶିଷ୍ଟ କବି ମନୀଷୀ Lord Alfred Tennysonଙ୍କ prayer କବିତା ମନେପଡେ । ତାଙ୍କ କବିତାରେ ସେ ପ୍ରକାଶ କରିଛନ୍ତି:

For What are men better than
sheep or goats
that nourish a blind life within the brain,
if knowing God , they lift not
hands of prayer
Both for themselves and those
who call them friend.

ବିଶ୍ୱବିଖ୍ୟାତ ଦାର୍ଶନିକ ସକ୍ରେଟିସ୍‌ଙ୍କ ଉକ୍ତି ପ୍ରାର୍ଥନା ସମ୍ପର୍କରେ ବେଶ୍ ପ୍ରଣିଧାନଯୋଗ୍ୟ । ତାଙ୍କ ଭାଷାରେ:

'Our prayers should be for blessings in general for God knows best what is good for us.'

'ସନ୍ତାନର ଉକ୍ତି' ମଧୁସୂଦନଙ୍କ ଲେଖନୀସୃତ ଏକ ଅନୁପମ କୃତି । ସେ ଉତ୍କଳବାସୀଙ୍କୁ ଜାଗ୍ରତ କରିବା ପାଇଁ ଓ ଉତ୍କଳର ହୃତଗୌରବ ଫେରାଇ ଆଣିବା ନିମନ୍ତେ କବିତା ରଚନା କରିଛନ୍ତି । ସେଦିନର ପରିବେଶ ଓ ପରିସ୍ଥିତି ତାଙ୍କୁ ଯେପରି ପ୍ରଭାବିତ କରିଥିଲା ସେ ସେପରି ଭାବରେ କବିତା ରଚନା କରିଥିଲେ ।

ସମୃଦ୍ଧ ଓ ବଳିଷ୍ଠ ରାଜ୍ୟ ଥିଲା ଉତ୍କଳ । ଧନ-ଜନ-ମାନ ଅତୁଳ ବିଭବରେ ଦେଶ ପରିପୂର୍ଣ୍ଣ ଥିଲା । ଉତ୍କଳର ସନ୍ତାନଗଣ ଥିଲେ ମହା ପରାକ୍ରମୀ ଓ ଯୋଦ୍ଧା । ବୈଭବଲକ୍ଷ୍ମୀଙ୍କର ଅଶେଷ ଆଶିଷ ସନ୍ତାନମାନଙ୍କ ଚଲାପଥରେ ପୁଷ୍ପବୃଷ୍ଟି କରୁଥିଲା । ବୀରମାନଙ୍କର ସମରବାଣୀରେ ଗଗନପବନ ମୁଖରିତ ହେଉଥିଲା । ଦୁର୍ଭାଗ୍ୟବଶତଃ କାଳର କୁଟିଳଗତିରେ ଏ ରାଜ୍ୟ ହେଲା ପରାଧୀନ । ସନ୍ତାନଗଣ ଭୀରୁ ଓ କାପୁରୁଷ ପରି ଜୀବନଯାପନ କଲେ, ଦେଶ ହେଲା ଖଣ୍ଡବିଖଣ୍ଡିତ । ଜାତୀୟବାଦୀ କବି ମଧୁସୂଦନ ଉତ୍କଳ ଜନନୀର ଦୁଃଖ ଦୁର୍ଦ୍ଦଶାରେ ମ୍ରିୟମାଣ ହୋଇ ଉତ୍କଳକୁ ମାଆ ବୋଲି ସମ୍ବୋଧନ କରିଛନ୍ତି । କବି ଉତ୍କଳ ଜନନୀକୁ ଜନପଦ, ସମୁଦ୍ରତଟ ପ୍ରଭୃତି ସ୍ଥାନରେ ଖୋଜିଛନ୍ତି । କିନ୍ତୁ ମାଆର ଦର୍ଶନ ନପାଇ ଭାଇଭାଇ ବୋଲି ଡାକ ଦେଇଛନ୍ତି । ଡାକର ଉତ୍ତର କେହି ଦେଇ ନାହାଁନ୍ତି । ଚତୁର୍ଦ୍ଦିଗରେ କବିଙ୍କ ବିକଳ କରୁଣ ସ୍ୱର ପ୍ରତିଧ୍ୱନିତ ହୋଇଛି । କବି ବେଦନାଦଗ୍ଧ ଚିତ୍ତରେ 'ସନ୍ତାନର ଉକ୍ତି' କବିତାରେ ପ୍ରକାଶ କରିଛନ୍ତି:

ମାଆ ମାଆ ବୋଲି କେତେ ମୁଁ ଖୋଜିଲି
ମାଆକୁ ପାଇଲି ନାହିଁ
ଭାଇଭାଇ ବୋଲି କେତେ ମୁଁ ଡାକିଲି
ନଦେଲେ ଉତ୍ତର କେହି ।

ଉତ୍କଳ ଜନନୀଙ୍କୁ ତାଙ୍କର ଗୌରବମୟ ସ୍ଥିତିକୁ ଫେରାଇ ଆଣିବାକୁ ହେଲେ ଓଡ଼ିଆମାନେ 'ଉତ୍କଳ ସମ୍ମିଳନୀ' ରୂପକ ଜାତୀୟ ଯଜ୍ଞରେ ନିଜ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଆହୁତି ଦେଇ ଜାତି-ପ୍ରେମ ରୂପକ ଯଜ୍ଞାଗ୍ନିକୁ ପ୍ରଜ୍ୱଳିତ କରି ଚାରିଆଡେ ଛାତିକୁ ଛାତି ମିଶାଇ ନୃତ୍ୟ କରିବାକୁ କବି କବିତାରେ ଆହ୍ୱାନ ଦେଇଛନ୍ତି । କବିଙ୍କ ଭାଷାରେ:

ଜାତି ପ୍ରେମବହ୍ନି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି
ସ୍ୱାର୍ଥମେଧ ଯଜ୍ଞେ ଚାରି ଆଡେ ନାଚ
ଛାତିକୁ ମିଶାଇ ଛାତି ।

ଉତ୍କଳ ଜନନୀ ବୀର ପ୍ରସବିନୀ ଓ କୋଟି ସନ୍ତାନର ଜନନୀ । ବହୁବାର ଏ ମହନୀୟ ପରମ୍ପରାକୁ ରକ୍ଷା କରିଛନ୍ତି । କବି ମଧୁସୂଦନଙ୍କ କବିତା ସ୍ୱରରେ ସ୍ୱରଦେଇ ଉତ୍କଳମଣି ଗୋପବନ୍ଧୁ 'ବନ୍ଦୀର ଆତ୍ମକଥା' କବିତାରେ ପ୍ରକାଶ କରିଛନ୍ତି:

ପୂର୍ବପୁରୁଷର ପବିତ୍ର ଶ୍ମଶାନ
ଦେଶର ଜାତିର ଗଉରବ ଗାନ ।
ପୁଣ୍ୟ ଜନ୍ମମାଟି ପୁଣ୍ୟ ଦେବାଳୟ
ଉଦ୍ଧରିବା ପାଇଁ କଲେ ତନୁକ୍ଷୟ,
ମାନବ ଜୀବନ ହୁଅଇ ସଫଳ
ଏ ମହାଦୀକ୍ଷା କି ବୁଝିବ ଉତ୍କଳ ?
ଜାତୀୟ ମମତା ବିଶ୍ୱଜନ ପ୍ରୀତି
ଉତ୍କଳବାସୀର ହେଉ ଏହା ନୀତି ।

ବୀର ସମ୍ରାଟ ଖାରବେଳ, ଗଜପତି କପିଳେନ୍ଦ୍ର ଦେବ ଓ ପୁରୁଷୋତ୍ତମ ଦେବ ପ୍ରଭୃତି ରାଜାମାନଙ୍କ ରଣହୁଙ୍କାର ସମଗ୍ର ବିଶ୍ୱକୁ ଚମତ୍କୃତ କରିଥିଲା, କିନ୍ତୁ ପରିତାପର ବିଷୟ ପୂର୍ବର କୀର୍ତ୍ତି ଆଜି ବିଲୁପ୍ତ ସମୟ ଗର୍ଭରେ ଲୀନ । ଉତ୍କଳ ଜନନୀ ଆଜି ଶ୍ରୀହୀନା ଓ ଛିନ୍ନମସ୍ତା । କବି ସୁନ୍ଦରଭାବରେ ଜନନୀର ଚିତ୍ରପଟକୁ କବିତାରେ ପ୍ରକାଶ କରିଛନ୍ତି । କବିଙ୍କ ଭାଷାରେ:

ଭୂମିକମ୍ପ ହେବ ଧରଣୀ ଫାଟିବ
ଉଠିବେ ସହସ୍ର ଭୁଜା
ସେହି ତୋର ମାତା ସେହି ତୋର ଭ୍ରାତା
କର ସେହି ପାଦପୂଜା ।

ସନ୍ତାନ ଓ ଜନନୀଙ୍କ ମଧରେ ରହିଥିବା ଅଭେଦ୍ୟ ସମ୍ପର୍କର ଗୂଢ ରହସ୍ୟକୁ କବି ମଧୁସୂଦନ କବିତାରେ ଉନ୍ମୋଚନ କରିଛନ୍ତି । ସନ୍ତାନପ୍ରତି ମାତାର ବାତ୍ସଲ୍ୟ ମମତାକୁ ପାଥେୟ କରି ଜାତୀୟ ପ୍ରେମରେ ଦେଶବାସୀଙ୍କୁ କବି ଉଦ୍‌ବୁଦ୍ଧ କରିଛନ୍ତି । ମଧୁସୂଦନଙ୍କର ଜାତୀୟତାର ମୂଳଭିତ୍ତି ଜନ୍ମଭୂମିକୁ ଜନନୀ ରୂପରେ ପରିକଳ୍ପନା କରିବା । ଜନନୀଙ୍କ ପରି ଜନ୍ମଭୂମି ଜୀବନ୍ତ । ସେ ସନ୍ତାନମାନଙ୍କୁ ତାଙ୍କର ହୃଦୟର କଥା ପ୍ରକାଶ କରନ୍ତି । ଆପଦ ବିପଦରେ ସନ୍ତାନଗଣ ଜନନୀଙ୍କୁ ଖୋଜନ୍ତି । ଜନନୀ ଓ ସନ୍ତାନମାନଙ୍କର ମିଳନ କିପରି ସମ୍ଭବପର ତାହାର ପଥ କବି କବିତାରେ ଆବିଷ୍କାର କରିଛନ୍ତି । ନବଜାଗରଣର କର୍ଣ୍ଣଧାର ମଧୁସୂଦନ । ତାଙ୍କର ଆପ୍ରାଣ ଉଦ୍ୟମରେ ଗଢି ଉଠିଥିଲା ଉତ୍କଳ ସମ୍ମିଳନୀ ସଭାମଞ୍ଚ ।

ଜାତି–ବର୍ଣ୍ଣ–ଧର୍ମ ନିର୍ବିଶେଷରେ ଉତ୍କଳର ସମସ୍ତ ଜନତାକୁ ଏକତ୍ର କରିବା ଥିଲା କୁଳବୃଦ୍ଧ ମଧୁସୂଦନଙ୍କ ଉଦ୍ଦେଶ୍ୟ । ମାତୃଭୂମି ଓ ମାତୃଭାଷାର ଉନ୍ନତି କରିବା ସଙ୍ଗେ ସଙ୍ଗେ ଉତ୍କଳର ଜାତୀୟତାବୋଧକୁ ସମୃଦ୍ଧ କରିବା ଥିଲା 'ଉତ୍କଳ ସମ୍ମିଳନୀ'ର ଲକ୍ଷ୍ୟ । 'ସମ୍ମିଳନୀ' ଏକ ମର୍ମିଳ କବିତା । କବିତାରେ କବି ଗଭୀର ଦେଶଭକ୍ତିର ପରାକାଷ୍ଠା ପ୍ରଦର୍ଶନ କରିବା ସହିତ ଦେଶ ଓ ଜାତି ଉଦ୍ଦେଶ୍ୟରେ ନିଜକୁ ଉତ୍ସର୍ଗ କରିବା ପାଇଁ ଉଦ୍‌ବୋଧନ ଦେଇଛନ୍ତି । କବିଙ୍କ ଭାଷାରେ:

ନିଜର ଜୀବନ ଜାତିକୁ ଅର୍ପଣ
କଲେ ମିଳେ ଜାତିପ୍ରାଣ
ଜାତୀୟ ଜୀବନ ନମିଳିବ କଲେ
ହାଟେବାଟେ ଅନ୍ୱେଷଣ ।

ସ୍ୱାଧୀନଚେତା କବି ମଧୁସୂଦନ । ସ୍ୱଦେଶପ୍ରେମ ତାଙ୍କର ଆଦର୍ଶ । ସମଷ୍ଟି ଭିତରେ ଜାତିର ଉନ୍ନତି ଥିଲା ତାଙ୍କର ଲକ୍ଷ୍ୟ । ସେ ଅନୁଭବ କରିଥିଲେ ଜନ୍ମଭୂମିର ପ୍ରକୃତ ପରିଚୟ ତା'ର ଇତିହାସରେ ନିହିତ ଥାଏ । ଅତୀତର ଗୌରବମୟ ଇତିହାସରୁ ବର୍ତ୍ତମାନ ଶିକ୍ଷାପାଏ ଆଗାମୀକୁ ପ୍ରସ୍ତୁତ ହୁଏ । କବି 'ଜାତି ଇତିହାସ' କବିତାରେ ପ୍ରକାଶ କରିଛନ୍ତି :

ଜାତି ଇତିହାସ ଜାତିର ନିର୍ଝର
ତହୁଁବହେ ସଦା ଜାତିପ୍ରାଣ ଧାର
ସେ ଧାରରୁ ନୀର ପିଉଛି ଯେ ନର
ନିଶ୍ଚୟ ହେବ ସେ ଜାତି କର୍ମବୀର ।

ଜାତି ଇତିହାସର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ସମ୍ପର୍କରେ କବି କବିତାରେ ଜନମାନସକୁ ଅବଗତ କରିଛନ୍ତି । ଇତିହାସ ଜାତିର ଜାତୀୟ ନିର୍ଝର । ଇତିହାସ ପୃଷ୍ଠାରୁ ଦେଶବାସୀ ଜାତିର ଗୌରବମୟ କାହାଣୀର ଚିତ୍ର ଓ ପରିଚୟ ପାଇପାରିବେ । ଇତିହାସରୂପୀ ଜାତୀୟ ନିର୍ଝରର ଜଳପାନ କରି ଜାତି ଅମୃତବୀର ପାଲଟି ପାରେ । ଇତିହାସର ଏହି ଚଳନ୍ତି ପ୍ରବାହ ମଧ୍ୟରେ ଜାତି ତା'ର ସ୍ୱରୂପ ଅବଲୋକନ କରିପାରେ । କବିଙ୍କ ଦୃଷ୍ଟି ସୁଦୂରପ୍ରସାରୀ ଓ ବହୁଧା ବିଭକ୍ତ ।

କଥାରେ ଅଛି, ଜନନୀ ନଦେଖେ ଦୁଃଖ, ଭଗାରୀ ନଦେଖେ ସୁଖ । ବିଶିଷ୍ଟ ଦାର୍ଶନିକ ସକ୍ରେଟିସ ଜନନୀର ମହାନତା ସମ୍ପର୍କରେ ପ୍ରକାଶ କରିଛନ୍ତି: 'The future of society is in the hands of the mothers. If the world was lost through woman. She alone can save it.'

ଅତୀତର ତିକ୍ତ ମଧୁର ସ୍ମୃତିର ଆଲେଖ୍ୟ ଇତିହାସ । ଉତ୍‌ଥାନ ପତନ ବିକାଶ ବିଲୟର ସମାବେଶରେ ଇତିହାସର ପୃଷ୍ଠା ସମ୍ଭ୍ରାନ୍ତ ଓ ସମୃଦ୍ଧ । ଅତୀତର ସବୁଜ ସ୍ମୃତିକୁ ରୋମନ୍ଥନ କରି କବି ପ୍ରକାଶ କରିଛନ୍ତି:

ଇତିହାସ ତୂରୀ ଜଗତେ ଘୋଷୁଛି
ମୋର ସୁତଙ୍କର ଯଶ
ତାଙ୍କର ବଂଶଜ ଘୃଣିତ ଓଡ଼ିଆ
ଏହା ମୋ କପାଳ ଦୋଷ ।

ଜାତୀୟ ସଂକଟ ସମୟରେ ଜନନୀ ମୁଖରେ ଏପରି ଆହ୍ୱାନ କେବଳ ଉତ୍କଳୀୟଙ୍କ ମନରେ ନବ ଉନ୍ମାଦନା ସୃଷ୍ଟି କରିନଥିଲା ପରନ୍ତୁ ସୁପ୍ତଚେତନାକୁ ଜାଗ୍ରତ କରିଥିଲା । ସାଧନାର ବେଦୀରେ ଜୀବନକୁ ତିଳତିଳ ଦଗ୍ଧ କରି ଦେଶସେବାରେ ନିଜକୁ ଉତ୍ସର୍ଗ କରିଥିଲେ ମଧୁସୂଦନ । ମମତା ଓ ସମତାର ସେ ଥିଲେ ଅନନ୍ୟ ନାନ୍ଦୀକର । ତପସ୍ୟାର ତପୋବନ ଭିତରେ ସେ ଉଚ୍ଚାଙ୍ଗ ଉଚ୍ଚାରଣ ଓ ମର୍ମଜ୍ଞ ଅନୁଚିନ୍ତକ । ଜୀବନ ବିଦ୍ୟାଳୟର ସେ ଥିଲେ ଆଜୀବନ ଛାତ୍ର । ମୃତ୍ୟୁର ନିକଟ ହୋଇ ମଧ୍ୟ ଜ୍ଞାନ, ଚେତନାକୁ ହରାଇନଥିଲେ, ଧର୍ମ ସଂଗୀତର ମୂର୍ଚ୍ଛନା ଭିତରେ ଜନ୍ମଭୂମିକୁ ଛାଡି ଇହଲୀଳା ସାଙ୍ଗ କରିଥିଲେ ।

**ସହାୟକ ଗ୍ରନ୍ଥସୂଚୀ**


୧. ଶ୍ରୀ ନବକିଶୋର ଦାସ: ଉତ୍କଳଗୌରବ ମଧୁସୂଦନ ।

୨. Aurobindo Ghosh: On Nationalism.

୩. ଡକ୍ଟର ଶକୁନ୍ତଳା ବଳିୟାର ସିଂହ: ଓଡ଼ିଆ ସାହିତ୍ୟରେ ଜାତୀୟବାଦୀ ଚେତନା ।

୪. ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ: ଦେଶପ୍ରାଣ ମଧୁସୂଦନ ।

୫. ପଦ୍ମଚରଣ ନାୟକ: ଉତ୍କଳଗୌରବରୁ ଭାରତ ଗୌରବ ।

୬. ଅଧ୍ୟାପକ ସର୍ବେଶ୍ୱର ଦାଶ: ଉତ୍କଳଗୌରବ ମଧୁସୂଦନ ।



ବଉଳପଦା, ବଳରାମପୁର
ଆଠଗଡ, କଟକ– ୭୫୪୦୨୯

# ଗୀତି କବିତାର ଇତିବୃତ୍ତ

ବୃନ୍ଦାବନ ଜେନା

ଓଡ଼ିଆ ଭାଷା ସାହିତ୍ୟ ଦରବାରରେ ଗୀତିକବିତା ଏକ ଅତି ମର୍ଯ୍ୟାଦାବନ୍ତ ସ୍ଥାନର ଅଧିକାରୀ । ଏହାର ଲଳିତ ପ୍ରକାଶ ଭଙ୍ଗୀ ଉଭୟ ପାଠକ ତଥା ଶ୍ରୋତାମାନଙ୍କୁ ଏକ ସଙ୍ଗରେ କର୍ଣ୍ଣ–ତୁଣ୍ଡରେ ସୁଧାପାନ କରାଇବାର ଅମୃତ ଅବସର ଅତି ସହଜରେ ଉପଲବ୍ଧ କରାଇଥାଏ । କହିବା ବାହୁଲ୍ୟ ହୋଇପାରେ ଯେ ଏକ ଦୀର୍ଘ କଳେବର ବିଶିଷ୍ଟ ଉପନ୍ୟାସ ବା ନାଟକ ତା'ର ବିସ୍ତୀର୍ଣ୍ଣ ଦୃଶ୍ୟପଟ୍ଟ ମଧ୍ୟରେ ଯାହା କହିବାକୁ ସମୟର ସାପେକ୍ଷ ରଖେ, ଏକ କ୍ଷୁଦ୍ରକାୟ ଗୀତିକବିତା ସେଇ ସାଧାରଣ ଭାବ ଅତି ସହଜରେ ପ୍ରକାଶ କରିପାରେ । ସଂକ୍ଷେପରେ କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ 'ବିନ୍ଦୁ ମଧ୍ୟରେ ସିନ୍ଧୁ ଦର୍ଶନ' କରାଇବା କେବଳ ଗୀତିକବିତା ପକ୍ଷରେ ହିଁ ସମ୍ଭବ ।

ଅତଏବ ମନ ଭିତରେ ସ୍ୱତଃ ଏକ ଉତ୍କଣ୍ଠା ଜାଗ୍ରତ ହୁଏ ଯେ ଗୀତିକବିତାର ଏଇ ଦମ୍ଭୋକ୍ତି ମୂଳରେ ଯେଉଁ ସାର୍ବଜନୀନ ସତ୍ୟଟି ନିହିତ ଅଛି, ତା' କ'ଣ ? ସେଇ ସାର୍ବଜନୀନ ସତ୍ୟଟି ହେଉଛି ରସ ନିଷ୍ପତ୍ତି, ଯାହାକି ପ୍ରତ୍ୟେକଟି ସାହିତ୍ୟିକ ଅଭିବ୍ୟକ୍ତିର ମୂଳ ଲକ୍ଷ୍ୟ । ଗୀତିକବିତାର ଏଇ ଦ୍ରବଣୀୟ ସ୍ୱଭାବଟି ଶ୍ରବଣ ମାତ୍ରକେ ହୃଦୟ କନ୍ଦରରେ ରସକ୍ଷରଣ କରିବା ସାଥେ ସାଥେ ଅନୁଭବକୁ ତୀବ୍ରତର କରି, ଏକ ମଧୁମୟ ବ୍ରହ୍ମସ୍ୱାଦ–ଆସ୍ୱାଦନ କରିବାକୁ ଚିତ୍ତଶକ୍ତିକୁ ଉଚ୍ଚାଟିତ କରେ । ଯେଉଁଠି ଶ୍ରୋତା– ଦର୍ଶକ ମଣ୍ଡଳୀ ଦର୍ଶନେନ୍ଦ୍ରୀୟ ମାଧ୍ୟମରେ କୌଣସି ପ୍ରକାର ଦୃଶ୍ୟ ସନ୍ଦର୍ଶନ କରିବାର ଅପେକ୍ଷା ନରଖି ବରଂ ଏକ ସମ୍ଭାବ୍ୟ ଦୃଶ୍ୟର ପରିକଳ୍ପନା ମାନସ ପଟରେ ଅଙ୍କିତ କରି ଆନନ୍ଦର ସ୍ୱାଦ ସହଜରେ ଉପଲବ୍ଧି କରିପାରେ । ଗୀତିକବିତା ଏଭଳି ଏକ ସାହିତ୍ୟିକ କୃତି ଯାହାକି ପଠନର ଆବଶ୍ୟକତା ନରଖି ମଧ୍ୟ ସ୍ୱାଦୀ, ଅନୁଭବସିଦ୍ଧ ଓ ତୃପ୍ତିଦାୟକ ।

ଏହି ତୃପ୍ତି ହେଉଛି ରସାନନ୍ଦ ଅନୁଭୂତି । ପ୍ରତିଟି କବିକୃତିର ସାଧାରଣ ଧର୍ମ । ଚରମ ଲକ୍ଷ୍ୟ ହେଉଛି ରସ ଆସ୍ୱାଦନ ନିମିତ୍ତ ମନ ଓ ଚିତ୍ତଶକ୍ତିକୁ ପ୍ରେରିତ କରିବା । ଏହି କାର୍ଯ୍ୟଟି ଯେଉଁ କବିକର୍ମ ଯେତେଶୀଘ୍ର ସଂପାଦିତ କରିପାରେ, ତାହା ସେତିକି ମାତ୍ରାରେ ଗ୍ରହଣୀୟ ହୋଇଥାଏ ।

ବିଶିଷ୍ଟ ଆଳଂକାରିକ ବିଶ୍ୱନାଥ କବିରାଜଙ୍କ ମତରେ–

ସତ୍ତ୍ୱୋଦ୍ରେକାଦ ଖଣ୍ଡସ୍ୟ ପ୍ରକାଶା ନନ୍ଦ ଚିନ୍ମୟଃ,<br>
ବେଦାନ୍ତର ସ୍ପର୍ଶଶୂନ୍ୟ ବ୍ରହ୍ମସ୍ୱାଦ ସହୋଦର ।

ସାଧାରଣ ଭାବରେ ଯଦିଓ ପ୍ରତିଟି କବି କର୍ମର ଗୁଣଧର୍ମ ମାତ୍ର ଉଦ୍ଦେଶ୍ୟରେ ଉପନୀତ ହେବା ପାଇଁ ଯେଉଁ କୃତି କାଳକ୍ଷେପଣ ନକରି ଆଶୁ–ତୃପ୍ତି ପ୍ରଦାନ କରେ, ତାହା ସେତିକି ପରିମାଣରେ ସାର୍ଥକ ବୋଲି ବିବେଚିତ ହୋଇଥାଏ ।

କଥାଟିକୁ ଆଉଟିକେ ସହଜ କରି କୁହାଯାଇ ପାରେ । କବି କର୍ମ ଏକ ରସଘନ ଫଳ ସଦୃଶ । ରସ ଆସ୍ୱାଦନ କରିବା ପାଇଁ ମାନବାତ୍ମା ଚାରିଟି ପନ୍ଥା ଅନୁସରଣ କରିଥାଏ । ଯଥା– ଚୋବ୍ୟ, ଚୋଷ୍ୟ, ଲେହ୍ୟ ଓ ପେୟ । କେତେକ ଦ୍ରବ୍ୟକୁ ଚୋବେଇ ଚୋବେଇ ରସ ଆସ୍ୱାଦନ କରିବାକୁ ପଡେ । ଅନ୍ୟ କେତେକକୁ ଚୋଷି ଚୋଷି, କେତେକ କ୍ଷେତ୍ରରେ ଚାଟିଚାଟି ରସ ଲାଭ କରାଯାଇପାରେ ଓ ଆଉ କେତେକକୁ କେବଳ ପାନ କରି ମଧ୍ୟ ରସ ଲାଭ କରାଯାଇଥାଏ । ଗୀତିକବିତା ସେଇଭଳି ଏକ ସୁଧାମୃତ । କର୍ଣ୍ଣ–ତୁଣ୍ଡରେ ପାନ କଲାଭଳି ଏକ କବିକୃତି, ଯାହାକୁ ପଠନ ଓ ଶ୍ରବଣ ମାତ୍ରକେ ସ୍ୱାଦ ଅନୁଭବ କରିବାର ଅବସର ଆସେ । ବୋଧହୁଏ ଗୀତିକବିତାର ଏଇ ଆଶୁ ତୃପ୍ତିଦାୟକ ଗୁଣଧର୍ମ ଯୋଗୁଁ, ସେ ସର୍ବସାଧାରଣରେ ଏତେ ଆଦରଣୀୟ ।

ଆଳଂକାରିକ ବିଶ୍ୱନାଥ କବିରାଜଙ୍କ ମତରେ– 'ବାକ୍ୟଂ ରସାତ୍ମକମ୍ କାବ୍ୟଂ' ଅର୍ଥାତ୍ ରସଯୁକ୍ତ ବାକ୍ୟ ହିଁ କାବ୍ୟ । ରସ ଆହରଣ କରାଇବାକୁ ଏହାର କଳେବର ଦୀର୍ଘ ହେବାକୁ ବାଧ୍ୟ ନୁହେଁ । ରସଯୁକ୍ତ ହେବା ହିଁ ତା'ର ଏକମାତ୍ର ଧର୍ମ । ଅତଏବ କ୍ଷୁଦ୍ର କଳେବର ବିଶିଷ୍ଟ ଗୀତିକବିତାଗୁଡ଼ିକ ରସପ୍ରଦ ହୋଇଥିବାରୁ ସେସବୁ ମଧ୍ୟ କାବ୍ୟ ଜଗତର ଅନ୍ତର୍ଭୁକ୍ତ । ଯୁକ୍ତିସମ୍ମତ ଭାବେ କାବ୍ୟ ଶବ୍ଦର ବ୍ୟାଖ୍ୟା କରି 'ରସ ଗଙ୍ଗାଧରର ପ୍ରଣେତା ପଣ୍ଡିତ ରାଜ ଜଗନ୍ନାଥ କେବଳ ଶବ୍ଦକୁ ମଧ୍ୟ କାବ୍ୟରୂପେ ବିବେଚନା କରିଛନ୍ତି । ତାଙ୍କର ଉକ୍ତି ହେଲା– ରମଣୀୟାର୍ଥ ପ୍ରତିପାଦକଃ ଶବ୍ଦଃ କାବ୍ୟମ୍' । ପଣ୍ଡିତ ଦଣ୍ଡୀଙ୍କ ମତରେ 'ଇଷ୍ଟାର୍ଥ ବ୍ୟବଛିନ୍ନା ପଦାବଳୀ କାବ୍ୟମ୍' ବା ଅଭିଳାଷିତ ଅର୍ଥ ଯେଉଁ ପଦମାନଙ୍କର ମାଧ୍ୟମରେ ପ୍ରାପ୍ତ ହୁଏ ତାହା ହିଁ କାବ୍ୟ ।

କାବ୍ୟ ସମ୍ବନ୍ଧରେ ଆହୁରି ଅନେକ ଆଳଂକାରିକମାନଙ୍କର ନିଜସ୍ୱ ମତ ରଖିଥିଲେ ମଧ୍ୟ ଉପରୋକ୍ତ ଆଳଂକାରିକମାନଙ୍କ ମତକୁ ଗ୍ରହଣ କରାଯାଇ ରସ ହିଁ କାବ୍ୟର ଆତ୍ମା ଏବଂ ରସାତ୍ମକ ବାକ୍ୟକୁ କାବ୍ୟ କହିବା ଅଧିକ ସମୀଚୀନ ବୋଲି ମନେହୁଏ ।

ଗୀତିକବିତାର ରସପ୍ରଦ ଗୁଣ ହେତୁ, ଶ୍ରବଣ ସୁଖଦାୟୀ ଗୀତିକବିତାଗୁଡ଼ିକୁ ବାରମ୍ବାର ଶୁଣିବାର ଇଚ୍ଛା ମଧ୍ୟ ଜାଗ୍ରତ ହୋଇଥାଏ । କବିଗୁରୁ ରବୀନ୍ଦ୍ର ନାଥଙ୍କ ଗଳ୍ପପାଇଁ କଥିତ ଉକ୍ତିକୁ ଗୀତିକବିତା ଅର୍ଥରେ ମଧ୍ୟ ଗ୍ରହଣ କରାଯାଇପାରେ । ଉକ୍ତିଟି ହେଲା–

ଛୋଟୋପ୍ରାନ୍ ଛୋଟୋ ବ୍ୟଥା ଛୋଟୋ ଛୋଟୋ ଦୁଃଖ କଥା
ନିଶନ୍ତଇ ସହଜ୍ ସରଲ
ଅନନ୍ତ ଘଟନା ରାଶି ପ୍ରତ୍ୟହ ଯେତେଛେ ଭାସି
ତା'ରି ଦୁଚାରିଟି ଅଶ୍ରୁଜଲ
ନାଇଁ ବର୍ଣ୍ଣନାର ଛଟା ଘଟନାର ଘନଘଟା
ନାଇଁ ତତ୍ତ୍ୱ ନାଇଁ ଉପଦେଶ
ଅନ୍ତରେ ଅତୃପ୍ତ ରବେ ସାଙ୍ଗ କରି ମନେହାବେ
ଶେଷ ହଲ ହଇଲନା ଶେଷ ।

ଶେଷ ହେଲାଭଳି ମନେ ହେଉଥିଲେ ମଧ୍ୟ ଯାହା ଶେଷ ନହୋଇ ଦୀର୍ଘକାଳ ଯାଏଁ ହୃଦୟକନ୍ଦରରେ ଅନୁରଣିତ ହେଉଥାଏ । ସ୍ପର୍ଶକାତର ସେଇସବୁ ଅନୁଭୂତି ମନର କେଉଁଏକ କୋମଳ ତନ୍ତ୍ରୀରେ ଅସମୟରେ ମଧ୍ୟ ଆଘାତ କରି ହୃଦୟକୁ ସ୍ୱର ସଙ୍ଗମରେ ସଂଘାତ କରୁଥାଏ । ରସ ଆସ୍ୱାଦନରେ ଏଇ ଚିରନ୍ତନତା ହିଁ ଗୀତିକବିତାର ସାହିତ୍ୟ ଜଗତକୁ ଶ୍ରେଷ୍ଠତମ ଅବଦାନ । ସଂଗୀତ ଓ ସାହିତ୍ୟର ମଧୁରମିଳନରୁ ଆତ୍ମପ୍ରକାଶିତ ଗୀତିକବିତା ହିଁ ବାସ୍ତବିକ ଏକ ଓ ଅନନ୍ୟ ।

ଏହା ଅବଶ୍ୟ ସତ୍ୟ ଯେ ଗୀତିକବିତାରେ ବର୍ଣ୍ଣନାର ବୈଚିତ୍ର୍ୟ ନରହି କେବଳ ଏକ ସୂକ୍ଷ୍ମ ଅନୁଭୂତି ବା ଭାବାବେଗକୁ ରୂପାୟିତ କରିବାର ଅବସର ଥାଏ । ଏହା ଉଭୟ ଆବୃତ୍ତି ଓ ଗାନ କରିବା ପାଇଁ ଉଦ୍ଦିଷ୍ଟ ହେଲେ ମଧ୍ୟ ଗାୟନ କରିବା ଦ୍ୱାରା ହିଁ ଗୀତିକବିତାର ସାର୍ଥକତା ଆସେ । ଏଠାରେ ତତ୍ତ୍ୱ ବା ଉପଦେଶାତ୍ମକ ଉଦ୍‌ବୋଧନର ସ୍ଥାନ ନଥାଏ । ରସାସକ୍ତ ପ୍ରେମାସକ୍ତ ମନର ଏକନିଷ୍ଠ କଥା ହିଁ ପ୍ରଥମେ ରୂପାୟିତ ହୋଇ ତା'ର ସାମଗ୍ରିକ ଓ ସାର୍ବଜନୀନତା ଗୁଣଦ୍ୱାରା ଗ୍ରାହ୍ୟ ତଥା ଲୋକପ୍ରିୟ ହୋଇପଡେ ।

ଗୀତିକବିତା ପ୍ରସଙ୍ଗକୁ କିଞ୍ଚିତ୍ ଅନ୍ତର୍ଦୃଷ୍ଟି ପ୍ରଦାନ କଲେ ଏଥିରେ ସନ୍ନିହିତ ଦୁଇଟି ସାମଗ୍ରିକତା ଦୃଷ୍ଟି ସମକ୍ଷକୁ ଆସେ । ପ୍ରଥମଟି ଗୀତ ଓ ଦ୍ୱିତୀୟଟି ହେଲା କବିତା । ଗୀତ ଗାଇବା ପାଇଁ ଉଦ୍ଦିଷ୍ଟ ହୋଇଥିଲା ବେଳେ କବିତା ହେଉଛି ଏକ ଛନ୍ଦୋବଦ୍ଧ ସାହିତ୍ୟିକ ସଂରଚନା । ଅତଏବ ଗୀତିକବିତା ହେଲା ଗାଇବା ପାଇଁ ଉଦ୍ଦିଷ୍ଟ ଏକ ଗାନଯୋଗ୍ୟ କବିତା । କେତେକ ସମାଲୋଚକ ଗୀତିକବିତାକୁ ଗୀତର ଏକ ନବତମ ସମ୍ବୋଧନ ବୋଲି ମତପୋଷଣ କରିଥାନ୍ତି । ଏହାର ପ୍ରାଚୀନତା ପ୍ରତି ଏକ ତୀର୍ଯ୍ୟକ ଦୃଷ୍ଟିପାତ କରି ଏହା ଉନବିଂଶ ଶତାବ୍ଦୀର ଶେଷଭାଗରୁ ସାହିତ୍ୟ ଜଗତକୁ ଅନୁପ୍ରବେଶ କରିଛି ବୋଲି ଯୁକ୍ତି ମଧ୍ୟ କରିଥାନ୍ତି । ମାତ୍ର ଏହା ସମ୍ପୂର୍ଣ୍ଣ ମାତ୍ରାରେ ଏକ ଭ୍ରମାତ୍ମକ ଧାରଣା ଉପରେ ଆଧାରିତ ।

ଓଡ଼ିଆ ସାହିତ୍ୟରେ ଗୀତିକବିତାର ସୃଷ୍ଟି ଏବଂ ପ୍ରଚଳନ ଖ୍ରୀଷ୍ଟପୂର୍ବ କାଳରୁ ହୋଇଆସିଥିବା କଥା ଗବେଷଣାରୁ ଅନୁମିତ ହୁଏ । ଖ୍ରୀଷ୍ଟପୂର୍ବ ତୃତୀୟ ଶତକରେ ରଚିତ ଭରତମୁନିଙ୍କ 'ନାଟ୍ୟଶାସ୍ତ୍ର' ନାଟ୍ୟ, ସାହିତ୍ୟ ଓ ସଂଗୀତ ସମ୍ବନ୍ଧୀୟ ଏକ ପ୍ରାମାଣିକ ଗ୍ରନ୍ଥ । ଭାଷା, ବିଭାଷା କ୍ରମରେ ସେଇ ସମୟରେ ଭାରତରେ ଚଉଦଟି ମୁଖ୍ୟଭାଷା ପ୍ରଚଳିତ ଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି । ବିଭାଷା ସବୁ କୌଣସି ଭାଷାର ବିକୃତ ରୂପ ନହୋଇ ବରଂ ଲୋକମୁଖରେ ସ୍ୱକୀୟ ସ୍ୱତନ୍ତ୍ରତା ନେଇ ଏସବୁ ଥିଲା ଏକ ଏକ ପ୍ରମୁଖ ବା ଲୋକ ଭାଷା । ଏଥିରେ ସଂସ୍କୃତ ବା ଅନ୍ୟ ପ୍ରକୃତ ଭାଷାର ମିଶ୍ରଣ ଘଟି ନଥିଲା । ସାତଟି ଭାଷାକୁ ମାଗଧୀ, ଅବନ୍ତିକା, ପ୍ରାଚ୍ୟା, ସୂରସେନୀ, ଅର୍ଦ୍ଧମାଗଧୀ, ବାହ୍ଲିକା ଓ ଦାକ୍ଷିଣାତ୍ୟା ଭାବରେ ସ୍ୱୀକାର କରି ନାଟ୍ୟ ଶାସ୍ତ୍ରରେ ଉଲ୍ଲେଖ କରିଛନ୍ତି । ଯଥା–

ମାଗଧ୍ୟାବନ୍ତିକା ପ୍ରାଚ୍ୟା ସୂରସେନ୍ୟାର୍ଧ ମାଗଧୀ,
ବାହ୍ଲିକା ଦାକ୍ଷିଣାତ୍ୟାଚ ସପ୍ତଭାଷା ପ୍ରକୀର୍ତ୍ତିତାଃ ।

ବିଭାଷାମାନଙ୍କ ମଧ୍ୟରେ ଶବର, ଆଭୀର, ଚଣ୍ଡାଳ, ସଚରା, ଦ୍ରାବିଡ ଉଡ୍ର ଏବଂ ବନଚର ଆଦି ନାଟକରେ ବ୍ୟବହୃତ ଚରିତ୍ରମାନଙ୍କର ସଂଳାପରେ ବ୍ୟବହୃତ ହେଉଥିଲା । ନାଟକରେ ବର୍ଣ୍ଣିତ ସମ୍ଭ୍ରାନ୍ତ ଶ୍ରେଣୀୟ ଚରିତ୍ରମାନେ ସଂସ୍କୃତ କିମ୍ବା ଅନ୍ୟ ଭାଷା ବ୍ୟବହାର କରୁଥିଲା ବେଳେ ନିମ୍ନ ବର୍ଗର ଚରିତ୍ରମାନଙ୍କର କଥା ବିଭାଷାରେ ହେବା ପାଇଁ ଉଦ୍ଦିଷ୍ଟ ଥିଲା । ସେହିପରି ନାଟକର ନାୟିକା ବା ଅନ୍ୟ ନାରୀ ଚରିତ୍ରମାନେ ବୀଣାବାଦନ ପୂର୍ବକ ଯେଉଁ ଗୀତ ଗାନ କରୁଥିଲେ, ତାହା ଛନ୍ଦୋବଦ୍ଧ ଆକାରରେ ବିଭାଷାରେ ରଚିତ ହେବା ବିଧି ପ୍ରଚଳିତ ଥିଲା । ଫଳତଃ ନାଟକକୁ କାବ୍ୟର ମାନ୍ୟତା ମିଳୁଥିଲା । ଏ ସମ୍ବନ୍ଧରେ ଭରତମୁନିଙ୍କ ଉକ୍ତିଥିଲା–

... ଛନ୍ଦତଃ ଆର୍ଯ୍ୟା ଦେଶଭାଷା ପ୍ରୟୋକ୍ତୃଭିଃ,
ନାନାଦେଶ ସମୁତ୍‌ଥ ହି କାବ୍ୟଂ ଭବତି ନାଟକେ ।

ଅର୍ଥାତ୍ କାର୍ଯ୍ୟତଃ ଛନ୍ଦୋବଦ୍ଧଭାବେ ଦେଶ ଭାଷାରେ ରଚିତ ହୋଇ ନାଟକରେ ପ୍ରଯୁକ୍ତ ହେଲେ ତାହାକୁ କାବ୍ୟ ନାମରେ ନାମିତ କରାଯିବ । ସେଥିପାଇଁ ମଧ୍ୟ 'କାବ୍ୟେଷୁ ନାଟକମ୍ ରମ୍ୟମ୍' ଉକ୍ତିଟି ସାହିତ୍ୟ ଜଗତରେ ପ୍ରଚଳିତ ।

ଶ୍ଳୋକାଂଶଟିର ଦ୍ୱିତୀୟ ପାଦରେ କଥିତଥିବା 'ନାନାଦେଶ ସମୁତ୍‌ଥଂ ହି କାବ୍ୟଂ ଭବତି ନାଟକେ', ଅର୍ଥାତ୍ ବିଭିନ୍ନ ଦେଶ ବା ଅଞ୍ଚଳ ଭେଦରେ କଥିତ ଲୋକଭାଷାରେ ରଚିତ ଛନ୍ଦୋବଦ୍ଧ ରଚନା ସବୁ ନାଟକରେ କାବ୍ୟ ନାମରେ ପ୍ରଚଳିତ ହେବା ବିଧିରୁ ଖ୍ରୀଷ୍ଟପୂର୍ବ କାଳରୁ ଗୀତିକବିତା ସବୁ ପ୍ରଚଳନ ଥିବାର ପ୍ରମାଣ ମିଳେ । ଭରତମୁନିଙ୍କ ଏହି ଉକ୍ତି ମଧ୍ୟ ପରବର୍ତ୍ତୀ କାଳରୁ ଆଳଂକାରିକ ଯଥା– ଦତ୍ତିଳ, ମାତଙ୍ଗ, ଯଷ୍ଟିକ୍, ଶାର୍ଦ୍ଦୁଳ, ଶାରଙ୍ଗ ଦେବ ଆଦିଙ୍କ ଦ୍ୱାରା ସମର୍ଥିତ । 'ସଙ୍ଗୀତ ବୃହଦ୍ଦେଶୀ'ର ପ୍ରଣେତା ମାତଙ୍ଗମୁନି ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀର ଆଳଙ୍କାରିକ ଓ ଜଣେ ବିଶିଷ୍ଟ ସଙ୍ଗୀତଜ୍ଞ ରୂପରେ ପରିଗଣିତ ହୁଅନ୍ତି । ଭାଷାରେ ରଚିତ ପଦାବଳୀ ବା ଗୀତି ରଚନାମାନ ଜନସାଧାରଣରେ ଅଧିକ ଆଦୃତ ହୁଏ ବୋଲି ସେ ମତବ୍ୟକ୍ତ କରନ୍ତି ।

ଆଳଙ୍କାରିକ ମାତଙ୍ଗଙ୍କର ଉକ୍ତି 'ବିଭାଷା ଗୀତିଷ୍ୱ ସଂଯୋଗ୍ୟା ଯଥା ଲୋକାରନୁ ରଂଜ୍ୟତେ'ରୁ ବିଭାଷାରେ ରଚିତ ଗୀତିମାନ ଅଷ୍ଟମ ଶତାବ୍ଦୀବେଳକୁ ଲୋକପ୍ରିୟ ହୋଇ ସାରିଥିଲା ବୋଲି ମନେହୁଏ । ଉଡ୍ର ବିଭାଷାରେ ରଚିତ ଚର୍ଯ୍ୟାପଦର ଗୀତି ସମୂହ ଖ୍ରୀଷ୍ଟୀୟ ଅଷ୍ଟମରୁ ଏକାଦଶ/ଦ୍ୱାଦଶ ଶତାବ୍ଦୀ ଯାଏଁ ରଚିତ ହୋଇ ଲୋକପ୍ରିୟତା ଅର୍ଜନ ନାଁରେ ସକ୍ଷମ ହୋଇଥିଲା ।

ଚର୍ଯ୍ୟାଗୀତି ସମୂହ ଯେ କେବଳ ଲୋକପ୍ରିୟ ରଚନା ଭାବରେ ସାମାଜିକ ସ୍ୱୀକୃତି ଲାଭ କରିଥିଲା ତା' ନୁହେଁ, ଅଧିକନ୍ତୁ ସାହିତ୍ୟ ଓ ସଂଗୀତର ଧାରାକୁ ମଧ୍ୟ ପୁଷ୍କଳ କରିଥିଲା । କେତେକ ଚର୍ଯ୍ୟାଗୀତିରେ ରାଗ ଓ ତାଳ ନିର୍ଦ୍ଦେଶିତ ଥିବାରୁ ଚର୍ଯ୍ୟାଗୀତିର ଗୀତିକାରମାନେ ଯେ ସଂଗୀତଜ୍ଞ ଥିଲେ ଏହା ସହଜରେ ଅନୁମିତ ହୁଏ । ଗୀତଗୁଡ଼ିକ ପ୍ରାୟତଃ ଆଠପଦରେ ରଚିତ ହୋଇ ପ୍ରଥମେ ଧ୍ରୁବା ପଦ ଓ ପରେ ଅନ୍ତରା ପଦ ଏବଂ ଶେଷରେ ଭଣିତା ପଦ କ୍ରମରେ ରଚିତ ହୋଇଛି । ବର୍ଣ୍ଣନା ଶୈଳୀରେ ଭାଷାଗତ ଭିନ୍ନତା ସତ୍ତ୍ୱେ ଶୈଳୀ ଦୃଷ୍ଟିରୁ ଯେକୌଣସି ସମସାମୟିକ କବିତା ସହିତ ସମକକ୍ଷ ଭଳି ମନେହୁଏ ।

କାହ୍ନୁପାଦଙ୍କ ବିରଚିତ ଗୀତଟି ରାଗ ପଟ ମଞ୍ଜରୀରେ ରଚିତ । ଗୀତଟିରେ ବ୍ୟବହୃତ ଅନେକ ଶବ୍ଦାବଳୀ ନିଛକ ଓଡ଼ିଆ ଦେଶଜ ଶବ୍ଦରେ ସମୃଦ୍ଧ । ଆଳି କାଳି, ବାଟ ରୁନ୍ଧିଲା, ତା ଦେଖି, ବିମନ, ଯେ ଯେ, ତେତେ, ବିମନ, ହେଡି ନିଅତି, ସେ ଦିନଭରି ଭଣଇ ଇତ୍ୟାଦି ଶବ୍ଦମାନ ହୁଏ ତ ତତ୍କାଳୀନ ସମୟରେ ବ୍ୟବହୃତ ଭାଷାରୂପ । ଭାଷା ଚିର ପରିବର୍ତ୍ତନଶୀଳ । ଆଜିର ଓଡ଼ିଆ ଭାଷା ପରବର୍ତ୍ତୀ ଶାସକମାନଙ୍କ ପ୍ରଭାବରେ ଦେଶଜ, ବୈଦେଶିକ, ତତ୍‌ସମ ଓ ତଦ୍‌ଭବ ଶବ୍ଦାବଳୀର ମିଶ୍ରଣରେ ଆଧୁନିକ ଭାଷାରେ ପରିଣତ ହୋଇଛି । ମାତ୍ର ଅଷ୍ଟମରୁ ଏକାଦଶ ଶତାବ୍ଦୀ ଯାଏଁ ପ୍ରଚଳିତ ଉଡ୍ର ବିଭାଷା ଓ ପରେ ପ୍ରାକୃତ ରୂପ ନେଇ ଉଡ୍ର ମାଗଧୀ ଭାଷାର ପରିବର୍ତ୍ତିତ ପ୍ରକ୍ରିୟାରୁ ଓଡ଼ିଆ ଭାଷା ତା'ର ପ୍ରାଚୀନତା ନେଇ ପ୍ରଥମ ଶାସ୍ତ୍ରୀୟ ଆର୍ଯ୍ୟଭାଷା ରୂପେ ସଂପ୍ରତି ବିଦ୍ୟମାନ ।

କାହ୍ନୁପାଦଙ୍କ ପୂର୍ବବର୍ତ୍ତୀ କବିଭାବେ ଶବରୀ ପାଦ ଜଣେ ଅତି ଲୋକପ୍ରିୟ ଗୀତି ରଚୟିତା । ଆନୀତ କବିତାଟି ପଢିଲାପରେ ଏହା ଯେ ଏକ ନିଛକ ଓଡ଼ିଆ ଭାଷା ବୋଲି ଜାଣିବାକୁ ବାକି ରହେ ନାହିଁ । ନଗର ବାହାରିରେ ଡୋମ୍ବୀ ରଚନା– ଶବରୀପାଦ, ରାଗ–ଦେଶାକ୍ଷ ।

ନଗର ବାହାରିରେ ଡୋମ୍ବୀ ତୋହରି କୁଡିଆ
ଛୋଇଁ ଛୋଇଁ ଯାଇ ସୋ ବ୍ରାହ୍ମଣ ନାଡିଆ ।
ଆଲୋ ଡୋମ୍ବୀ ତୋଏ ସମ କରିବ ମ ସାଙ୍ଗ,
ନିଘଣ କାହ୍ନ କାପାଳି ଜୋଇ ଲାଙ୍ଗ
ଏକ ସେ ପଦୁମା ଚୌଷଠି ପାଖୁଡ଼ି

ତହି ଚଢି ନାଚଅ ଡୋମ୍ବୀ ବାପୁଡୀ
ହାଲୋ ଡୋମ୍ବୀ ତୋ ପୁଚ୍ଛାମି ସଦଭାବେ
ଅଇସସି ଜାସି ଡୋମ୍ବି କାହାରି ନାବେ
ତାଳ ଚିକଣଅ ଡୋମ୍ବୀ ଅକର ମୋ ଚାଙ୍ଗିଡା
ତୋହର ଅନ୍ତର ଛାଡି ନଅଡ ପେଡା ।
ସରବର ଭଞ୍ଜିଅ ଡୋମ୍ବି ଖାଅ ମୋ ଲାଣ
ମାରମି ଡୋମ୍ବୀ ଲେମି ପରାଣ ।

ଗୀତଟିରେ ମଧ୍ୟ ପ୍ରଦତ୍ତ ଶବ୍ଦମାନଙ୍କ ମଧ୍ୟରୁ ଅଧିକାଂଶ ଓଡ଼ିଆ ଭାଷା ଓ ଉପଭାଷାମାନଙ୍କରେ ପ୍ରଚଳିତ ଅଛି । ନଗର ନାହାରୀ, ତୋହରି, କୁଡିଆ, ଆଲୋ, ତୋ, ସମ କରିବ, ମ, ସାଙ୍ଗ, ଏକ, ସେ, ଚଉଷଠି, ପାଖୁଡି, ତହିଁ, ଚଢି, ଅଇସସି, ଜାସି, କାହାରି, ନାବେ, ଚିକଣ, ମର୍‌ମି, ଲେମି, ପରାଣ, ତୋହର, ଅନ୍ତର, ଛାଡି ଆଦି ଶବ୍ଦ ଲକ୍ଷ୍ୟଣୀୟ ।

କିଛି ବରିଷ୍ଠ କବି ମାନଙ୍କର ଗୀତିରଚନାରୁ କିଛି ନିମ୍ନରେ ପ୍ରଦତ୍ତ ହେଲା ।

ରସରାଜ ନାରାୟଣ ପ୍ରସାଦ ସିଂହ–

ମୋ ପ୍ରିୟା ତା ଘର ସାଜେ ମୋହରି ଦୁଃଖରେ
ମୁଁ ନାହିଁ ହେଲେ ସେତ ଅଛିତ ସୁଖରେ ।
କେଇଟୋପା ଲୁହ ହେଲା ମୋହର ଠିକଣା
ମୋ ବେଦନା ଆଜି ମୋର କେତେଯେ ଆପଣା
ମୁଁ ରହିଛି ମୋ ଅତୀତ ସ୍ମୃତିର ସହରେ ।
ସେ ପାଳୁଛି ତା'ର ଶୁଭ ବିବାହ ବାସର
ମୁଁ ଭାଳୁଛି ମନେ ତାର ଦିନ ବିଦାୟର
ବିଳାସେ ତା' ଦିନ ବିତେ ମୋର ବିଳାପରେ ।

–ଦୁଇଟି ଆଖିର କବିତା–

ଗୁରୁ କୃଷ୍ଣ ଗୋସ୍ୱାମୀ–

ଅବନୀ ଗନ୍ଧା ପ୍ରେମର ନୂଆ ନାଆଁ
ମୁଁ ଦେଇଛି ଭାବି ଭାବି
ହେବ ବୋଲି ମନଛୁଆଁ ।
ଜୀବନରେ ଆପେ ଆପେ ଯଉବନ ସକାଳରେ
ଆପେ ଆପେ ପ୍ରେମଫୁଲ ଫୁଟେ ମନ ବଗିଚାରେ
ଯା'ଦେହେ ଇନ୍ଦ୍ରଧନୁ ଦେଇଯାଏ ନିତି ଛୁଆଁ ।

ରଜନୀ ଗନ୍ଧା ଫୁଟି ରଜନୀକୁ ମହକାଏ
ଅବନୀ ଗନ୍ଧା ଫୁଟି ଅବନୀକୁ ସରସାଏ
ଯା ମହକ ମଦଭରା ଦିଏ ନିଶା ନୂଆ ନୂଆ ।

–ଅବନୀଗଂଧା–

କବି ଦେବେନ୍ଦ୍ର ଦାସ–

କାଚ କାନ୍ଥର ଦୁଇ ପାଖେ ଆମେ ଦୁହେଁ,
କେହି ତ କାହାରେ ଛୁଇଁ ପାରୁନାଁ,
ଖାଲି ନିତି ନିତି ଦେଖାହୁଏ ।

କବି କୁହା ଭାଷା କାଉଁରୀ ପରଶେ
ପିପାସାର ନାହିଁ ଅନ୍ତ,
ତୁମକୁ ମୋ ଠାରୁ ଦୂରରେ ରଖିଛି
ସମାଜର କାଚକାନ୍ଥ
ବାର ଶତବାର ଶିଳାର ଆଘାତେ
ସେତ ଭାଜିବାର ନୁହଁ ।
ନହୁଣୀ ନରମ ତନୁର ପରଶ
କୁହକ ଜଗାଏ ମନେ
ଭେଦାଭେଦ ଭରା ଆଜିର ସମାଜ
କୁହ କେବେ ତାକୁ ମାନେ,
ଅମଡା ମାଡିଲେ ପାଦସାରା ଯାହା
କଷ୍ଟ ତ ଫୋଡି ହୁଏ ।

ବରିଷ୍ଠ ଗୀତିକବି ଓ ଗବେଷକ
ଭିଆଇଏମ୍– ୬୧୫, ଶୈଳଶ୍ରୀବିହାର
ଭୁବନେଶ୍ୱର–୨୧

❖ ❖ ❖

# ଶୈବ ପୀଠ ଦେଉଳଝରୀ

**କୃଷ୍ଣଚନ୍ଦ୍ର ସୁଆର**

ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ମଧ୍ୟରେ ଶୈବପୀଠ 'ଦେଉଳଝରୀ' ଅନ୍ୟତମ । ଏଠିକାର ଉଷ୍ଣ ପ୍ରସବଣ ରାଜ୍ୟ ତଥା ଦେଶରେ ପ୍ରସିଦ୍ଧି ଲାଭ କରିଥିବାରୁ ବର୍ଷସାରା ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଦେଖିବାକୁ ଆସିଥାନ୍ତି । ଏହାର ପ୍ରାକୃତିକ ଶୋଭା ରାଶି ଅତ୍ୟନ୍ତ ମନଲୋଭା । ଏହା ବହୁ ପ୍ରାଚୀନ ଏବଂ ଏହାର ଐତିହ୍ୟ, ପରଂପରା ଓ ଶୈବ ଶାକ୍ତ ସଂସ୍କୃତିର ମିଳନ ସ୍ଥଳୀ ଅଟେ । ଏଠାରେ ବାବା ସିଦ୍ଧେଶ୍ୱର ମହାଦେବ ପୂଜା ପାଆନ୍ତି । ସେ ହେଉଛନ୍ତି ପୀଠର ଅଧିଷ୍ଠିତ ଦେବ ଓ ପ୍ରତ୍ୟକ୍ଷ ଦେବତା । ତାଙ୍କର ଅପାର କରୁଣାରୁ ଏଠାକୁ ଆସୁଥିବା ଭକ୍ତମାନଙ୍କ ମନୋସ୍କାମନା ପୂରଣ ହେବା ସହିତ ଲକ୍ଷ୍ୟ ସିଦ୍ଧି ହେଉଥିବାରୁ ତାଙ୍କ ନାମ ସିଦ୍ଧେଶ୍ୱର ହୋଇଥିବା ଲୋକ ବିଶ୍ୱାସ ଅଛି । ଏଠାର କିଆ କେତକୀ ବଣ ମଧ୍ୟରେ ସୃଷ୍ଟି ହୋଇଥିବା ଝର ସ୍ୱୟଂଭୂ ବାବା ସିଦ୍ଧେଶ୍ୱରଙ୍କୁ ଅହର୍ନିଶି ଧୌତ କରି ଝରି ଯାଉଥିବାରୁ ଏହି ସ୍ଥାନ 'ଦେଉଳଝରୀ' ନାମରେ ଖ୍ୟାତ । ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ସହରଠାରୁ ପ୍ରାୟ ୫ କି.ମି ଦୂରରେ ଏହି କ୍ଷେତ୍ରଟି ୨୪ ଏକର ଭୂମି ଉପରେ ଅବସ୍ଥିତ । କିମ୍ବଦନ୍ତୀ କହେ ବନବାସ ସମୟରେ ପାଣ୍ଡବମାନେ ଏହି ଅଂଚଳରେ ରହିଥିଲେ ଓ ସ୍ୱର୍ଗାରୋହଣ ବେଳେ ଦେଉଳଝରୀର ପବିତ୍ର କୁଣ୍ଡରେ ସ୍ନାନ ଏବଂ ପିତୃ ପୂଜା କରି ପୁଣି ସେମାନଙ୍କ ମହାଯାତ୍ରାର ପଥିକ ହୋଇଥିଲେ ।



ମନ୍ଦିରର ମୁଖଶାଳାଠାରୁ ପ୍ରାୟ ୫ଫୁଟ ଗଭୀରରେ ଥିବା ଗର୍ଭଗୃହ ମଧ୍ୟରେ ଶିବଲିଙ୍ଗ ସହିତ ଶିବ ପାର୍ବତୀଙ୍କ ଅଷ୍ଟଧାତୁର ପ୍ରତିମା ପୂଜା ପାଉଛନ୍ତି । ବେଢା ପରିକ୍ରମା କଲେ ଗଣେଶ, କାର୍ତ୍ତିକେଶ୍ୱର, ସରସ୍ୱତୀ ଓ ପାର୍ବତୀ ପୂଜା ପାଉଥିବା ଜଣାଯାଏ । ଏଠାରେ ଶ୍ରୀ ସିଦ୍ଧେଶ୍ୱରଙ୍କ ସମେତ ଗୁପ୍ତେଶ୍ୱର, ମହେଶ୍ୱର ଓ ଜାଗେଶ୍ୱରଙ୍କ ମନ୍ଦିର ତଥା ଶାକ୍ତ ସଂସ୍କୃତିର ପ୍ରତୀକ ମା' ମାହେଶ୍ୱରୀ ଓ ଖମ୍ବେଶ୍ୱରୀଙ୍କ ମନ୍ଦିର ମଧ୍ୟ ରହିଛି । ଏହା ମଧ୍ୟରେ ସିଦ୍ଧେଶ୍ୱର ମନ୍ଦିରଟି ବେଶି ଆକର୍ଷଣୀୟ । ମନ୍ଦିର ଚତୁଃପାର୍ଶ୍ୱରେ ଥିବା ବେଢାମଣ୍ଡପ ଓ ଛୋଟ ବଡ ଗୃହଗୁଡିକ ଏହାର ଶୋଭା ବର୍ଦ୍ଧନ କରୁଛି । ଏଠାରେ ଶିବ ଚତୁର୍ଦ୍ଦଶୀରେ ବିରାଟ ମେଳା ବସେ । ବହୁ ଲୋକ ସମାଗମ ହୁଅନ୍ତି ।

ଜନଶ୍ରୁତିରୁ ଜଣାଯାଏ କେଶରୀ ବଂଶ ରାଜା ସୁବର୍ଣ୍ଣକେଶରୀ ସୁବର୍ଣ୍ଣ ନିର୍ମିତ ଦଶଭୁଜା ଦୁର୍ଗାମୂର୍ତ୍ତି ଯାଜପୁରରୁ ଆଣି ଶୀତଳ ଓ ଉଷ୍ଣକୁଣ୍ଡ ସମ୍ମୁଖରେ ମନ୍ଦିର ନିର୍ମାଣ କରିଥିଲେ । ସେତିକି ବେଳେ କଦମ୍ବବଂଶୀୟ ରାଜାମାନେ କଇଁତ୍ରାଗଡରେ ଗଡ ନିର୍ମାଣ କରି ରାଜୁତି କରୁଥିଲେ । ସେହି ବଂଶର ରାଜା ମହେନ୍ଦ୍ର

ବାହାଦୁରଙ୍କର ପୁତ୍ର ବିଭୁଧେନ୍ଦ୍ର ଦେଓ ସିଦ୍ଧେଶ୍ୱର ବାବାଙ୍କର ମନ୍ଦିର ନିର୍ମାଣ କରିଥିଲେ । ରାମଚନ୍ଦ୍ର ଦେଓ ପୁରୁଣା ଗଡରେ ରାଜଧାନୀ ସ୍ଥାପନ କରି ମା' ମାହେଶ୍ୱରୀଙ୍କୁ ଦେଉଳଝରୀରୁ ଆଣି ପୁରୁଣାଗଡ଼ରେ ଆରାଧନା କଲେ । ତତ୍‌ପରେ ମାଉସୀ ମା' ମନ୍ଦିରରେ ମାହେଶ୍ୱରୀଙ୍କୁ ସ୍ଥାପନା କରାଯାଇଥିଲା । ରାଜା ବିଭୁଧେନ୍ଦ୍ର ଦେଓ ପ୍ରାୟ ୧୯୪୫ ମସିହାରେ ମାହେଶ୍ୱରୀ ଦେବୀ ମନ୍ଦିର କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ କିଶୋର ଚନ୍ଦ୍ର ଦେଓ ମନ୍ଦିର ନିର୍ମାଣ ଶେଷକରି ପୀଠର ପୀଠେଶ୍ୱରୀ ମା' ମାହେଶ୍ୱରୀଙ୍କୁ ସେଠାରେ ସ୍ଥାପନା କରିଥିଲେ । ମାହେଶ୍ୱରୀ ହେଉଛନ୍ତି ଏକାଦଶ ହସ୍ତା । ଦଶ ହସ୍ତରେ ତାଙ୍କର ଅସ୍ତ୍ରଶସ୍ତ୍ର ଝଲମଲ୍ କରୁଛି । ଏକାଦଶ ହାତଟି ମା'ଙ୍କର ତଳକୁ ଲମ୍ବି ଯାଇଛି ।

ଏହି କ୍ଷେତ୍ର ସ୍ଥଳୀକୁ ଯିବା ପାଇଁ ଗମନାଗମନର ଭଲ ସୁବିଧା ରହିଛି । ରାଜଧାନୀ ଭୁବନେଶ୍ୱରରୁ ଇଣ୍ଟରସିଟି ଟ୍ରେନ୍‌ରେ ଯାଇ ବଇଣ୍ଡା ଷ୍ଟେସନରେ ଓହ୍ଲାଇବାକୁ ହେବ । ତା'ପରେ ବସ୍ ଯୋଗେ ଆଠମଲ୍ଲିକ ଏବଂ ଆଠମଲ୍ଲିକରୁ ଅଟୋ କିମ୍ବା ଟ୍ୟାକ୍ସି ଯୋଗେ ଏହି ସ୍ଥାନକୁ ଯାଇହେବ । ବଇଣ୍ଡାଠାରୁ ଏହା ୪୦ କି.ମି ଦୂରରେ ଅବସ୍ଥିତ । ଦେଉଳଝରୀକୁ ବଉଦ, ସୋନପୁର, ବଲାଙ୍ଗିର, ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁରରୁ ଉତ୍ତମ ଯୋଗାଯୋଗ ରହିଛି । ଏହି ପୀଠର ଚତୁଃପାର୍ଶ୍ୱରେ ବୃହତ୍ କିଆ ଜଙ୍ଗଲ ରହିଥିବାରୁ ଏହାର ଘଂଚ ଶୋଭା ରାଶିକୁ ଦ୍ୱିଗୁଣିତ କରିବା ସଙ୍ଗେ କିଆ ଫୁଲର ସୁନ୍ଦର ବାସ୍ନା ଦର୍ଶକଙ୍କ ମନରେ ଅଫୁରନ୍ତ ଆନନ୍ଦ ଖେଳାଇଦିଏ । ଏଠାରେ ପୂର୍ବେ ୮୪ଟି ଉଷ୍ମ ଓ ଶୀତଳ କୁଣ୍ଡ ଥିଲା । ତଦନୁସାରେ ଏହି ପ୍ରଗଣାର ନାମ ଚୌରାଶି ପ୍ରଗଣା ରଖାଯାଇଥିଲା । କାଳକ୍ରମେ ଅନେକ ଉଷ୍ଣକୁଣ୍ଡ ଅବହେଳିତ ଓ ଲୁପ୍ତପ୍ରାୟ ହୋଇଯାଇଥିବାରୁ ସଂପ୍ରତି ମାତ୍ର ୨୧ଟି କୁଣ୍ଡ ଦୃଷ୍ଟିଗୋଚର ହୁଏ । ତେଣୁ ସ୍ୱାଧୀନତା ସଂଗ୍ରାମୀ, ଚାରଣ କବି ବାଞ୍ଛାନିଧି ଦାସ ତାଙ୍କ ରଚିତ 'ଦେଉଳଝରୀ'ରେ କବିର ସ୍ୱପ୍ନରେ କହନ୍ତି–

କାହିଁ ଭାସିଗଲା କାଳ ସୁଅଧାରେ, ସେ ତପି କୁଟୀର ରାଜି,
ଚୌରାଶୀ କୁଣ୍ଡରେ ଚିହ୍ନ ନାଇଁ ପାତ୍ର, ଚୌରାଶୀ ପ୍ରଗନା ଆଜି ।

କୁଣ୍ଡଗୁଡିକରୁ ଥଣ୍ଡା ଓ ଗରମ ପାଣି ବାହାରିଥାଏ । ଆଶ୍ଚର୍ଯ୍ୟର କଥା ଏହିକି ଯେ କୁଣ୍ଡଗୁଡିକ ଲଗାଲଗି ରହିଥିଲେ ହେଁ ଗୋଟିକରେ ଥଣ୍ଡା ପାଣି ଥିବା ବେଳେ ତା'ପାଖ କୁଣ୍ଡଟିରେ ଗରମ ପାଣି ନିର୍ଗତ ହେବାର ଦେଖିବାକୁ ମିଳିଥାଏ । ସେଥିଯୋଗୁଁ ଦର୍ଶକମାନଙ୍କୁ ଏହା ବହୁ ଆକୃଷ୍ଟ କରିଥାଏ । ମହେଶ୍ୱର, ମାହେଶ୍ୱରୀ ଓ କେଦାରଶ୍ୱର ମନ୍ଦିର ସାମନାରେ ଅବସ୍ଥିତ ଦୁଇଟି ବିଶାଳ କୁଣ୍ଡ ଭକ୍ତ ଓ ପର୍ଯ୍ୟଟକମାନଙ୍କ ସ୍ନାନକୁଣ୍ଡ ଭାବରେ ବ୍ୟବହୃତ ହୁଏ । ଶୀତଦିନେ ଉଷ୍ଣ ଜଳରେ ସ୍ନାନକରି ଲୋକମାନେ ଏଠାରେ ଭରପୂର ମଜା ଉଠାଇଥାନ୍ତି । ଏତଦ୍‌ବ୍ୟତୀତ କୁଣ୍ଡଗୁଡିକରୁ ବାହାରୁଥିବା ଗରମ ପାଣିର ରଂଗ ଭିନ୍ନ ହୋଇଥିବାରୁ ଏହି ଚୌରାଶୀ କୁଣ୍ଡର ନାଁ ଯଥାକ୍ରମେ ଅଗ୍ନିକୁଣ୍ଡ, ଦଧିକୁଣ୍ଡ, ଘୃତକୁଣ୍ଡ, କ୍ଷୀର କୁଣ୍ଡ ଓ ହିମ କୁଣ୍ଡ ଥିଲା । ଏହି କୁଣ୍ଡଗୁଡିକ ମଧ୍ୟରୁ ସବୁଠାରୁ ଉତ୍ତପ୍ତ ଜଳକୁଣ୍ଡର ଉତ୍ତାପ ହେଉଛି ୧୩୪ ଡିଗ୍ରୀ ସେଲସିୟସ । ତେବେ ଏଠାକାର ଜଳରେ ଗନ୍ଧକ ମିଶି ରହିଥିବାରୁ ଅଧିକାଂଶ କୁଣ୍ଡର ଜଳ ଉତ୍ତପ୍ତ ହେଉଥିବା କଥା ବୈଜ୍ଞାନିକମାନେ ମତ ଦିଅନ୍ତି । ବାତ ଓ ଚର୍ମ ରୋଗର ନିରାକରଣ ନିମନ୍ତେ ଉଷ୍ମ କୁଣ୍ଡର ଜଳ ଫଳପ୍ରଦ ହେଉଥିବା ବେଳେ କିଆ ବଣ ତଳର ପାଣି କାଦୁଅ ର୍‌ୟୁମାଟିଜମ୍ (ଆଣ୍ଠୁ ଗଣ୍ଠି ବାତ) ଓ ଆର୍ଥାଇଟିସ୍ ନିମନ୍ତେ ପ୍ରୟୋଗ କଲେ ଉପଶମ ମିଳେ ବୋଲି ବିଶ୍ୱାସ ଅଛି । ଜନଶ୍ରୁତିରୁ ଜଣାଯାଏ ପ୍ରାୟ ଏକ ହଜାର ବର୍ଷ ପୂର୍ବେ ଜଣେ କନ୍ଧଙ୍କ ଦ୍ୱାରା ସିଦ୍ଧେଶ୍ୱର ବାବା ଲୋକ ଲୋଚନକୁ ଆସିଥିଲେ । ରାଜାରାଜୁଡା ଶାସନ କାଳରୁ ଏହି କନ୍ଧ ବଂଶ ଭଗବାନ ଶିବଙ୍କୁ ପୂଜାର୍ଚ୍ଚନା କରି ଆସୁଛନ୍ତି । ଏତଦ୍‌ବ୍ୟତୀତ ସେହି ସମୟରୁ ହିଁ ମାଟିତଳୁ ବିଭିନ୍ନ ସ୍ଥାନରୁ ଉଷ୍ମ ଓ ଶୀତଳ ଜଳ ବାହାରୁଥିବା ଜନମାନସକୁ ଆସିଥିଲା । ଆଠମଲ୍ଲିକ ରାଜା ଏଠାରେ ମନ୍ଦିର ଓ ଉଷ୍ଣ ପ୍ରସବଣ ପାଇଁ କୁଣ୍ଡମାନ ନିର୍ମାଣ କରାଇଥିଲେ । ଏହି କୁଣ୍ଡର ଉଷ୍ମ ଜଳକୁ ମୁଣ୍ଡରେ ମାରିଲେ ପୁଣ୍ୟ ହୋଇଥାଏ ବୋଲି ଭାକ୍ତିକ ଦୃଷ୍ଟିରୁ କୁହାଯାଏ । ଏତଦ୍‌ବ୍ୟତୀତ ଲୋକେ କୁଣ୍ଡଗୁଡିକ ମଧ୍ୟରେ ଶୁଭ ହେଉଥିବା ଶୁଣି ପଇସା ପକାଇଥାନ୍ତି ।

ଏକ ପୁରାଣ ପ୍ରସିଦ୍ଧ ଚାରିଶମ୍ଭୁ ଉପାସନାର ପୀଠ, ଉଷ୍ଣ ପ୍ରସବଣ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ବିମଣ୍ଡିତ ପବିତ୍ର ସ୍ଥଳୀ ଭାବରେ ଐତିହ୍ୟମୟ ଦେଉଳଝରୀର ସ୍ଥାନ ବାସ୍ତବରେ ସ୍ୱତନ୍ତ୍ର ଓ ଅନନ୍ୟ । ଦୂର ଦୂରନ୍ତାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ରହିବା, ଖାଇବା ନିମନ୍ତେ କେତେକ ପାନ୍ଥଶାଳା ତଥା ବିଶ୍ରାମାଗାର ଓ ହୋଟେଲ ନିର୍ମାଣ କରିବା ସାଙ୍ଗକୁ ଏହାର ରକ୍ଷଣାବେକ୍ଷଣ ଓ ପରିଷ୍କାର ପରିଚ୍ଛନ୍ନତା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସର୍ବାଦୌ ଆମର କର୍ତ୍ତବ୍ୟ ବୋଲି ମନେହୁଏ ।

ଏମ୍.ଆଇ.ଜି.ଓ୍ୱାନ– ୪୨/୧
ଚନ୍ଦ୍ରଶେଖରପୁର, ହାଉସିଂବୋର୍ଡ କଲୋନୀ
ଭୁବନେଶ୍ୱର–୧୬

# ଉତ୍କଳର ଗରିମାମୟ ସ୍ମୃତି ବାଲିଯାତ୍ରା

କୈଳାସ ଚନ୍ଦ୍ର ଜେନା

ପୁଣ୍ୟଭୂମି ଉତ୍କଳର ଗୌରବୋଜ୍ଜ୍ୱଳ ସ୍ମୃତିକୁ ଗରିମାମୟ କରିଛି କଟକର ବାଲିଯାତ୍ରା । ଐତିହାସିକ ପୃଷ୍ଠାରୁ ପ୍ରତୀୟମାନ ହୁଏ ଯେ , ଭାରତମାତା ସୌର୍ଯ୍ୟ, ବୀର୍ଯ୍ୟ ଓ ବିଭବରେ ପରିପୂର୍ଣ୍ଣ ଥିଲା । ସେତେବେଳେ ଆମ କଳିଙ୍ଗ ବା ଉତ୍କଳ ରାଜ୍ୟ ଥିଲା ଦେଶର ମଉଡମଣି ସଦୃଶ୍ୟ । ରାଜ୍ୟ ତଥା ଦେଶକୁ ବିଭବଶାଳୀ କରିବାର ମୁଖ୍ୟ ଭୂମିକା ଥିଲା ନୌବାଣିଜ୍ୟ । କଳିଙ୍ଗ ତଥା ଉତ୍କଳର ନୌବାଣିଜ୍ୟର ପରମ୍ପରା ବିଶ୍ୱ ଦରବାରରେ ଅଗ୍ରଗଣ୍ୟ ଥିଲା । ଏବେ ମଧ୍ୟ ବିଶ୍ୱର ବିଭିନ୍ନ ଦେଶରେ ଭାରତୀୟ ସଂସ୍କୃତି ଓ ପରମ୍ପରା ମୁଣ୍ଡଟେକି ଆହ୍ୱାନ କରୁଛି । ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ପ୍ରତ୍ୟେକ ଧର୍ମବିଶ୍ୱାସୀ ଭାରତୀୟ ଦେବାଦେବୀମାନଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ନୌବାଣିଜ୍ୟରୁ ସଂଗୃହିତ ଧନ ସଂପଦକୁ ନିଃସଂକୋଚରେ ମଠ, ମନ୍ଦିରମାନଙ୍କୁ ଦାନ କରିଥାନ୍ତି । ଏଣୁ ଭାରତର ବିଭିନ୍ନ ସ୍ଥାନରେ ଦେବାଦେବୀ ମନ୍ଦିରମାନଙ୍କରେ ଧନ ସଂପଦ ପୂର୍ଣ୍ଣ ବିକାଶ ପଥରେ ଅଗ୍ରଣୀ ଭୂମିକା ଗ୍ରହଣ କଲା– ଏହା ନିଃସନ୍ଦେହ । ତେଣୁ ବିଦେଶୀ ରାଷ୍ଟ୍ରମାନଙ୍କର ଲୋଲୁପ ଦୃଷ୍ଟି ପଡିଲା ଭାରତ ଉପରେ । ଐତିହାସିକ ପୃଷ୍ଠାରୁ ଜଣାଯାଏ ଯେ, ଯବନ ରାଜା ମାମୁଦ ୧୭ଥର ଭାରତ ଆକ୍ରମଣ କରିଥିଲେ । ସେହିଭଳି ମୋଗଲ ରାଜାମାନଙ୍କ ପରେ ଇଂରେଜମାନେ ବାଣିଜ୍ୟ କରିବାକୁ ଭାରତକୁ ଆସି କୌଶଳରେ ୨ଶହ ବର୍ଷରୁ ଅଧିକ କାଳ ନିଜ ଅଧୀନରେ ରଖି ଶାସନ କରିଥିଲେ । ତଥାପି ଭାରତ ତା'ର ନିଜସ୍ୱ ନ ହରାଇ ସୌର୍ଯ୍ୟ, ବୀର୍ଯ୍ୟ ଓ ବିଭବକୁ ବଜାୟ ରଖିପାରିଥିଲା । ସଂପ୍ରତି କର୍ପୂର ଉଡି ଯାଇଥିଲେ ମଧ୍ୟ କନା ପଡି ରହିଛି । ଓଡିଆ ପୁଅର ସାହସ ଧୈର୍ଯ୍ୟ, ବୀରତ୍ୱର ପରାକାଷ୍ଠା ବଜାୟ ରଖି ପାରିଛି ।

ସେସମୟରେ ସାଧବ ପୁଅମାନେ ଶୁଭ ଦିବସକୁ ପାଥେୟ କରି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପାଲ ଟଣା ବୋଇତରେ ସମ୍ବଲପୁରୀ ବସ୍ତ୍ର, କଟକର ତାରକସୀ କାରୁକାର୍ଯ୍ୟ, କାଠ ଓ ପଥର ଖୋଦେଇ ମୂର୍ତ୍ତି ବିଭିନ୍ନ ସୁଗନ୍ଧ ସାମଗ୍ରୀ ପ୍ରଭୃତି ଓଡିଆ ପୁଅର ଯାଦୁକାରୀ ହାତର ସ୍ପର୍ଶରେ ଜୀବନ୍ତ ହୋଇ ଉଠିଥିବା ସାମଗ୍ରୀଗୁଡିକର ବିଶ୍ୱ ଦରବାରରେ ବେଶ୍ ପ୍ରଶଂସିତ ହୋଇପାରିଥିଲା । ଯାହା ଫଳରେ କି ତାର ପ୍ରତିବଦଳରେ ସାଧବ ପୁଅମାନେ ନିଜ ରାଜ୍ୟକୁ ବୋହି ଆଣୁଥିଲେ ନୌକାରେ ବୋଝେଇ କରି ଅକଳନ୍ତି ଧନ ସଂପତ୍ତି । ହିନ୍ଦୁ ଧର୍ମର ଶାସ୍ତ୍ର ମତେ ବର୍ଷକର ବାରମାସରେ କାର୍ତ୍ତିକ ମାସକୁ ସର୍ବଶ୍ରେଷ୍ଠ ମାସ ବା ଆଦ୍ୟ ମାସ ଭାବେ ବିବେଚନା କରାଯାଇଛି । ଏହି ମାସରେ କାର୍ତ୍ତିକ ବ୍ରତ ପାଳନ ମୁଖ୍ୟ ଅଟେ ।

କାର୍ତ୍ତିକ ମାସକୁ ଦେବତା, ଋଷି ଓ ପିତୃପୁରୁଷମାନେ ଅତି ଆଦର କରିଥାନ୍ତି । ଏହି ମାସରେ ବ୍ରତ ପାଳନ କରି ମନୁଷ୍ୟ ମହା ପୁଣ୍ୟର ଅଧିକାରୀ ହୋଇଥାଏ । ଧର୍ମ ବିଶ୍ୱାସୀ ସାଧବ ବୋହୂମାନେ ମାସସାରା ବ୍ରତ ରଖି ଠାକୁର ମନାସୀ କାର୍ତ୍ତିକ ମାସ ଶେଷାର୍ଦ୍ଧ ତଥା ପୂର୍ଣ୍ଣମୀ ଦିନ ସାଧବ ପୁଅମାନଙ୍କୁ ନୌବାଣିଜ୍ୟ ପାଇଁ ମେଲାଣି ଦେଇ ନୌକାଯାତ୍ରାକୁ ସଫଳ କରିଥାନ୍ତି । ସେହି ସ୍ମୃତି ରକ୍ଷା ଲାଗି ଏବେ ମଧ୍ୟ ଓଡିଶାରେ ବାଲିଯାତ୍ରା ପାଳନ କରାଯାଉଅଛି । ଓଡିଶାର ପୁରାତନ ରାଜଧାନୀ କଟକ ସହରର ବାରବାଟୀ ଦୁର୍ଗ ନିକଟସ୍ଥ ଗଡଗଡିଆ ଘାଟଠାରେ ମହାନଦୀ ପଠାର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ମହା ଆଡମ୍ବର ସହକାରେ ବାଲିଯାତ୍ରା ଉତ୍ସବ ପାଳନ କରାଯାଉଅଛି । କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଓଡିଆ ଜାତିର ଆବାଳ ବୃଦ୍ଧ ବନିତା ପ୍ରତ୍ୟୁଷରୁ ନଦୀ ବା ପୁଷ୍କରିଣୀରେ ସ୍ନାନ କରି ହାତ ତିଆରି ସୋଲ, କାଗଜ, କଦଳୀ ପଟୁକା ଡଙ୍ଗା ଭସାଇ ସ୍ମୃତି ଚାରଣ କରି ଉଲ୍ଲସିତ ମନରେ ଗାଇଥାନ୍ତି–

ଆ କା ମା ବୈ, ପାନ ଗୁଆ ଥୋଇ
ପାନ ଗୁଆ ତୋର, ମାସକ ଧରମ ମୋର ।

ଏହି ମାସମାନଙ୍କରେ ସାଧାରଣତଃ ପୁଣ୍ୟ ଅର୍ଜନ ପାଇଁ ମନାସ କରିଥାନ୍ତି । ବିଶ୍ୱାସ ଅଛି ଯେ, ପ୍ରତ୍ୟୁଷରୁ ସ୍ନାନ ସାରି ଦେବାଦେବୀ ଦର୍ଶନ କଲେ ସର୍ବପାପ ନାଶ ହୋଇଥାଏ । ଏହି ସଂପର୍କରେ କପିଳ ସଂହିତାର ଦ୍ୱିତୀୟ ଅନୁଚ୍ଛେଦରେ କୁହାଯାଇଛି–

ସର୍ବ ପାପ ହରମ୍ ଦେଶମ୍
କ୍ଷେତ୍ରମ୍ ଦେବୈ ସ୍ତୁ କଳ୍ପିତମ୍ ।

ପୌରାଣିକ ଅନୁଧ୍ୟାନରୁ ଜଣାଯାଏ ଯେ, ଆଷାଢ, କାର୍ତ୍ତିକ, ମାଘ ଓ ବୈଶାଖ ଚାରିମାସ ଧର୍ମଦୃଷ୍ଟିରୁ ଶୁଭପ୍ରଦ ଓ ଦେବାଦେବୀଙ୍କ ଉପାସନା ପାଇଁ ଅନୁକୂଳ । ଏଣୁ କାର୍ତ୍ତିକ ପୂର୍ଣ୍ଣମୀ ତିଥିରେ ଗଙ୍ଗାଦେବୀଙ୍କୁ ଅର୍ଘ୍ୟ ସ୍ୱରୁପ ତାମ୍ବୁଳ, ଅକ୍ଷତ ଓ ତିଳ ଅର୍ପଣ କରି ଦେବତାମାନଙ୍କଠାରୁ ପୁଣ୍ୟ କାମନା କରିଥାନ୍ତି । ଅନ୍ୟ ଏକ ଦୃଷ୍ଟିରୁ ଦେଖିଲେ ଏହି ଚାରି ମାସ ସୂର୍ଯ୍ୟଙ୍କର ଅୟନାନ୍ତ କାଳ, ସମ୍ଭବତଃ ଏହି ଅୟନାନ୍ତ ଦିବସମାନଙ୍କରେ ସୌରଦେବଙ୍କ ଉପାସନା କରାଯାଇଥାଏ ।

ନୌବାଣିଜ୍ୟ ସଂପର୍କରେ ଐତିହାସିକ ପୃଷ୍ଠାରୁ ଜଣାଯାଏ, ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଚୀନ ଓ ଉତ୍କଳ ରାଜାଙ୍କ ମଧ୍ୟରେ ଉପଢୌକନ ବିନିମୟ ହେଉଥିବା ଦତ୍ତ ବଂଶ, ଲଳିତ ବିସ୍ତର ଓ ସିୟୁକି ପ୍ରଭୃତି ବୌଦ୍ଧ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଛି । ରୋମ୍ ସାମ୍ରାଜ୍ୟ ସହିତ କଳିଙ୍ଗର ନୌବାଣିଜ୍ୟ ସଂପର୍କ ପ୍ରତିଷ୍ଠିତ ହୋଇଥିଲା । କଳିଙ୍ଗର ସୂକ୍ଷ୍ମ ବସ୍ତ୍ର, ସମ୍ବଲପୁରର ହୀରା ମଧ୍ୟ ସେଠାରେ ଆଦର ଲାଭ କରିଥିଲା । ସମ୍ରାଟ ଖାରବେଳଙ୍କ ରାଜତ୍ୱ କାଳରେ ପାରସ୍ୟ ଉପକୂଳରେ କଳିଙ୍ଗର ବାଣିଜ୍ୟ କାରବାର ଚାଲୁଥିବାର ଜୟସ୍ୱାଲ ପ୍ରମାଣ କରିଛନ୍ତି । ବୌଦ୍ଧଜାତକରୁ ଦୃଷ୍ଟିଗୋଚର ହୁଏ ଯେ, ବ୍ରହ୍ମଦେଶର ଦୁଇ ବଣିକ ଭ୍ରାତା ତପୁସ ଓ ପାଲିକତ ବୁଦ୍ଧଦେବଙ୍କୁ ଉପହାର ଦେବାପାଇଁ ବୋଇତରେ ପାଞ୍ଚଶ ଶଗଡ ସାମଗ୍ରୀ ବୋଝେଇ କରି ମଗଧ ଯିବା ପଥରେ ବଙ୍ଗୋପସାଗର ଅତିକ୍ରାନ୍ତ ପୂର୍ବକ କଳିଙ୍ଗର ଆଡଜିତ ବନ୍ଦରରେ ଅବତରଣ କରିଥିଲେ । ଏହି ଆଡଜିତ ଓଡିଶାର ଉପକୂଳବର୍ତ୍ତୀ ପୋତାଶ୍ରୟ ଥିଲା ଏଥିରେ ସନ୍ଦେହର ଅବକାଶ ନାହିଁ । ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାଯାଏ ଯେ, ଦନ୍ତକୁମାରଙ୍କ ପବିତ୍ର ଦନ୍ତାବଶେଷକୁ କଳିଙ୍ଗର ପ୍ରାଚୀନ ଦନ୍ତପୁରଠାରୁ ସିଂହଳକୁ ନେଇ ସେଠାରେ ସ୍ଥାପନ କରାଯାଇଥିଲା । ଏଣୁ ସିଂହଳ ସହିତ କଳିଙ୍ଗର ନୌବାଣିଜ୍ୟ ସଂପର୍କ ଥିଲା । ଷ୍ଟର୍ଲିଂଙ୍କ ମତରେ ଏହି ଦନ୍ତପୁର ଗଞ୍ଜାମ ଜିଲ୍ଲାର ଫାଲୁ ବୋଲି କୁହାଯାଉଛି ।

ସେହିଭଳି ମେଘାସ୍ଥିନିସ୍‌ଙ୍କ ଭାରତ ବିବରଣୀରୁ ଜଣାଯାଏ ଯେ, ଖ୍ରୀଷ୍ଟପୂର୍ବ ଚତୁର୍ଥ ବା ପଞ୍ଚମ ଶତାବ୍ଦୀ ମଧ୍ୟଭାଗରେ ଲଙ୍କାଦ୍ୱୀପ ସହିତ କଳିଙ୍ଗର ନୌବାଣିଜ୍ୟ ସଂପର୍କ ଥିଲା । ହାତୀଗୁମ୍ଫା ଅନୁଶୀଳନୀରୁ ଜଣାଯାଏ ଯେ ସମ୍ରାଟ ଖାରବେଳ ପାଣ୍ଡ୍ୟ ରାଜାଙ୍କଠାରୁ ହାତୀ ଓ ବୋଇତ ଉପହାର ପାଇଥିବାର ପ୍ରମାଣ ରହିଛି । ସେହିଭଳି ବ୍ରହ୍ମଦେଶରେ ପ୍ରାଚୀନ ମୁଦ୍ରା ଓ ମୋହରରେ ଥିବା ହିନ୍ଦୁ ଧର୍ମ ଚିହ୍ନରୁ ହିନ୍ଦୁ ଉପନିବେଶରେ ଅବସ୍ଥିତି ସଂପର୍କରେ ସାର୍ ଏ.ପି. ଫାୟାରେ ପ୍ରମାଣ ଉପସ୍ଥାପନ କରିଛନ୍ତି ।

ମାଲୟେସିଆ ସହିତ କଳିଙ୍ଗର ନୌବାଣିଜ୍ୟ ସଂପର୍କ ଅତି ନିବିଡ ଥିଲା । ସେଠାକାର ଅଧିବାସୀ ଏବେ ମଧ୍ୟ ଭାରତୀୟମାନଙ୍କୁ କିଙ୍ଗ୍ ବୋଲି ସମ୍ବୋଧିତ କରିଥାନ୍ତି । କଳିଙ୍ଗ ଶବ୍ଦରୁ ଅପଭ୍ରଂଶ ହୋଇ କିଙ୍ଗ୍ ହୋଇଥିବା ଜଣାଯାଏ ।

ଓଡିଆ ସାଧବ ପୁଅମାନେ କାର୍ତ୍ତିକ ମାସରେ ବୋଇତ ଯାତ୍ରା କରି ଭାଦ୍ରବ ମାସରେ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଏହା ପ୍ରମାଣ କରିଛି ତଅପୋଇ ଓଷା ବା ଖୁଦୁରୁକୁଣୀ ଓଷା । ସେହିଭଳି ବାଲିଯାତ୍ରାର ନାମକରଣ ଶବ୍ଦରେ କେତେକ ତଥ୍ୟ ଉପସ୍ଥାପନ କରାଯାଇପାରେ । ମହାନଦୀର ତଟଦେଶରେ ଅର୍ଥାତ ମୁହାଣରେ ଥିବା ବୋଇତକୁ ମହାନଦୀର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ଚାଲି ଚାଲି ସାଧବ ପୁଅମାନେ ଯାଉଥିବାରୁ ବାଲିଯାତ୍ରା କୁହାଯାଇପାରେ, ଅନ୍ୟ ଏକ ତଥ୍ୟରୁ ଜଣାଯାଏ ଯେ, କାର୍ତ୍ତିକ ପୂର୍ଣ୍ଣିମାରେ ସାଧବପୁଅମାନେ ବାଲିଦ୍ୱୀପକୁ ଯାତ୍ରା କରିଥିବାରୁ ବାଲିଯାତ୍ରା କୁହାଯାଇଥାଇପାରେ । ଅନ୍ୟ ଏକ କାରଣ କାର୍ତ୍ତିକ ପୂର୍ଣ୍ଣମୀରେ ଭଗବାନ ଶ୍ରୀଚୈତନ୍ୟ ୧୫୦୯ ମସିହାରେ ଗଡଗଡିଆ ଘାଟଠାରେ ମହାନଦୀ ବାଲିରେ ଯାତ୍ରା ଆରମ୍ଭ କରିଥିଲେ, ସମ୍ଭବତଃ ଏହାକୁ ବାଲିଯାତ୍ରା କୁହାଯାଇ ଥାଇପାରେ । ଆଜିର ବାଲିଯାତ୍ରା ସେସମୟରେ ସାଧବ ପୁଅମାନଙ୍କର ସ୍ମୃତିଚାରଣ କରୁଛି । ହେ ବୀର ଓଡିଆ ପୁଅ ତୁମେ ଆଗେଇ ଆସ ବିଦେଶରେ ବାଣିଜ୍ୟ କରି ପୁଣି ଓଡିଶାକୁ ଧନ ସଂପଦରେ ପରିପୂର୍ଣ୍ଣ କରି ବିଭବଶାଳୀ ଓଡିଶାର ନାମକୁ ସାର୍ଥକ କର ।

ଅକ୍ଷୟ ହେଉ ପୁଣ୍ୟ ଜଗତେ, ଧର୍ମର ହେଉ ଜୟ ।

ଏଣୁ ଧର୍ମର ସବୁଦିନେ ଜିତାପଟ ରହିଛି, ରହିବ । ଧନକୁ ଆମେ ମାତା ଲକ୍ଷ୍ମୀର ସମ୍ମାନ ଦେଇଥାଉ । ଧର୍ମ ଓ ନ୍ୟାୟର ଦେଶ ଭାରତ ଓ ଓଡିଶା ମା'ଲକ୍ଷ୍ମୀ ଦେବୀଙ୍କ କୃପାଲାଭ କରି ବିଭବଶାଳୀ ହୋଇ ବିଶ୍ୱ ବିଖ୍ୟାତ ହେବ ବୋଲି ଆମମାନଙ୍କର କାମନା ହେଉ ।

ଗଜେନ୍ଦ୍ରପୁର
କଳାଶ୍ରୀ ଗୋପାଳପୁର, ଯାଜପୁର

# ଦେଶ ହିଁ ମୋର ମା'... ମହାପ୍ରାଣ ଗୋପବନ୍ଧୁ

**ଡକ୍ଟର ସର୍ବେଶ୍ୱର ସେଣ**

ପ୍ରବୃତ୍ତି ବଡ ଭୟାନକ । ଏହାର ବଶବର୍ତ୍ତୀ ହେଲେ ମାନବଜାତି ପଶୁତ୍ୱ ଆଡେ ମୁହାଁଏ, ଦେଶର ଅଧୋପତନ ଘଟେ, ମାନବିକତାବାଦରେ କଳଙ୍କ ଲାଗେ। ଜାତିର ଏପରି ଘଡିସନ୍ଧି ମୁହୂର୍ତ୍ତ ଆସେ, ଯେତେବେଳେ ଜଣେ ଜଣେ ମାନବ ଦେହଧାରୀ ଦେବତା ଭୂପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି। ସେମାନେ ମାନବକୁ କର୍ତ୍ତବ୍ୟର ବାଟ ଦେଖାନ୍ତି ନଚେତ୍ ମଣିଷ ଦିନେ ବର୍ବର ପଶୁରେ ପରିଣତ ହୋଇଯାଇଥାନ୍ତା। ଏଭଳି ଯୋଗଜନ୍ମା ମହାପୁରୁଷମାନେ ଗୋଟେ ଗୋଟେ ଦେଶ ବା ଜାତିକୁ ଧ୍ୱଂସ ମୁଖରୁ ରକ୍ଷା କରିଦିଅନ୍ତି, ଜାତି ପ୍ରାଣରେ ଅମୃତଧାରା ବୁହାଇ ଦିଅନ୍ତି । ସେମାନଙ୍କଠାରୁ ଦେଶବାସୀ ଅଦମ୍ୟ ସାହସ, ତ୍ୟାଗ, ତିତିକ୍ଷା, ଦେଶପ୍ରେମ ଆଦି ମହନୀୟ ଗୁଣାବଳୀ ଶିକ୍ଷା କରନ୍ତି, ଜନନୀ ଜନ୍ମଭୂମି ନିମିତ୍ତ ଆତ୍ମୋତ୍ସର୍ଗ ପାଇଁ ଜନତା ଜନାର୍ଦ୍ଦନ ପ୍ରେରଣା ପାଆନ୍ତି। ଜାତି ଜୀବନ୍ତ, ଉଦ୍ଦୀପ୍ତ ହୋଇ ସନ୍ମାର୍ଗରେ ଅଗ୍ରସର ହୁଏ। ସେହିଭଳି ଜଣେ ପ୍ରାତଃ ସ୍ମରଣୀୟ, ମହାପୁରୁଷ ଗୋପବଂଧୁ ଦାସ । ଯଥାର୍ଥରେ ସେ ପୁଣ୍ୟଶ୍ଳୋକ, ଦୀନ ଦରିଦ୍ରର ବଂଧୁ, ମହାପ୍ରାଣ, ଉତ୍କଳମଣି। ଆପଣାର ତ୍ୟାଗପୂତ ଜୀବନ, ଦରିଦ୍ର ନାରାୟଣ ସେବା ଆଦି ସଦ୍‌ଗୁଣାବଳୀ ତଥା ଜାତୀୟ ମୁକ୍ତି ସଂଗ୍ରାମରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଚିରସ୍ମରଣୀୟ। ଗୋପବଂଧୁ ମଣିଷ ପରି ମଣିଷଟିଏ । ପବିତ୍ର କର୍ମମୟ ଜୀବନ ତାଙ୍କର 'ଗୋପବଂଧୁ' ବା 'ଧରିତ୍ରୀର ବଂଧୁ' ନାମ ସାର୍ଥକ କରିଛି। ସେହି ମହାମାନବଙ୍କ ଅମ୍ଳାନ ପ୍ରତିଭାକୁ ଭିତ୍ତିକରି କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରବନ୍ଧ 'ମହାପ୍ରାଣ ଗୋପବଂଧୁ' । ଏଥିରୁ ସୁଧୀ ପାଠକେ ପାଇଥାନ୍ତି ଉତ୍କଳମଣିଙ୍କ ସାମଗ୍ରିକ ଜୀବନର ସଂକ୍ଷିପ୍ତ ରୂପଚିତ୍ର। ପ୍ରବନ୍ଧଟିର ଶୈଳ୍ପିକ ପରିପାଟୀ ଖୁବ୍ ମନଛୁଆଁ ।



୧୮୭୬ ମସିହା, ଅକ୍ଟୋବର ୯ ତାରିଖ। ପୁରୀ ଜିଲ୍ଲା ସୁଆଣ୍ଡୋ ଗ୍ରାମରେ ଜନ୍ମନେଲେ ଶିଶୁଟିଏ। ପିତା ଦୈତ୍ୟାରି ଦାସ, ମାତା ସ୍ୱର୍ଣ୍ଣମୟୀ ନାମ ଦେଲେ ଗୋପବଂଧୁ। ବିଧିର ବିଧାନ ବିଚିତ୍ର। ଶୈଶବରୁ ଗୋପବଂଧୁ ହେଲେ ମାତୃହରା। ଏଣିକି ଲାଳନ ପାଳନ ଦାୟିତ୍ୱ ପିତା ଦୈତ୍ୟାରିଙ୍କ ଉପରେ। ସେକାଳର ଶିକ୍ଷା ବ୍ୟବସ୍ଥା ଅନୁଯାୟୀ ଗୋପବଂଧୁଙ୍କ ପାଠପଢା ଆରମ୍ଭ ହୁଏ ଗାଁ ଚାଟଶାଳୀରୁ। ତଦାନୀନ୍ତନ ଖଡିପାଠ, ତାଳପତ୍ର ପୋଥି ଲିଖନ, ଅଙ୍କକଷା ପ୍ରଭୃତି ଶେଷ ହେଲା। ପୁରୀ ବ୍ରାହ୍ମଣ ଶାସନର ଅନ୍ୟ ପିଲାମାନଙ୍କ ପରି ଗୋପବଂଧୁଙ୍କ ପାଠ ସେତିକିରେ ସରିଥାନ୍ତା ମାତ୍ର ତାଙ୍କ ପିତା ଥିଲେ ସୁଶିକ୍ଷିତ। ଗତାନୁଗତିକତା ତାଙ୍କ ଉପରେ କୌଣସି ପ୍ରଭାବ ପକାଇ ନଥିଲା। ସେ ଗୋପବଂଧୁଙ୍କ ଉଚ୍ଚ ଶିକ୍ଷା ପାଇଁ ଯତ୍ନଶୀଳ ହେଲେ। ପୁରୀ ଜିଲ୍ଲା ସ୍କୁଲରେ ପାଠ ଶେଷ କରି ରେଭେନ୍ସା କଲେଜରୁ ବି.ଏ (୧୯୦୪), କଲିକତାରୁ ଆଇନ୍ ପାଶ୍ କଲେ (୧୯୦୬)

ମେଧାବୀ ଗୋପବଂଧୁ । ସେସମୟରେ ଇଂରାଜୀ ପାଠୁଆଙ୍କ ପାଇଁ ସରକାରୀ ଚାକିରିଟିଏ ଥିଲା ସହଜଲବ୍ଧ । କିନ୍ତୁ ସ୍ୱାଧୀନଚେତା ଗୋପବଂଧୁ ବିଦେଶୀଙ୍କ ନିକଟରେ ଗୋଲାମଗିରିକୁ ପସନ୍ଦ କରିନଥିଲେ । ଆଇନ୍ ପାଶ୍ ପରେ ସେ କଟକରେ ଓକିଲାତି ବ୍ୟବସାୟ ଆରମ୍ଭ କଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗୋପବଂଧୁ ବାଲ୍ୟ ବିବାହ କରିଥିଲେ । ତାଙ୍କ ଧର୍ମ ପତ୍ନୀଙ୍କ ଅକାଳ ବିୟୋଗ ଘଟିଲା । ସତେ ଯେମିତି ପତ୍ନୀ ବିୟୋଗ ଜନିତ ଅଘଟଣଟି ଥିଲା ବୋଧହୁଏ ଈଶ୍ୱରଙ୍କର ପରୋକ୍ଷ ଆଶୀର୍ବାଦ । ଏବେ ନାହିଁ ବଂଧନ ବା ସଂସାରର ଜଞ୍ଜାଳ ବେଡି । ଏଣିକି ଦେଶ ମାତୃକାର ସେବା । ଏଥିପାଇଁ ଗୋପବଂଧୁ ଯୋଜନା ପ୍ରସ୍ତୁତ କଲେ, ଦୀନ ଓଡିଆଙ୍କ ଦୁର୍ଦ୍ଦଶା ମୋଚନ, ଭାରତମାତାଙ୍କୁ ସ୍ୱାଧୀନ କରିବା ପାଇଁ ନେଲେ ବଜ୍ର ଶପଥ । ନିଜକୁ ସମର୍ପଣ କରିଦେଲେ ଭାରତ ମାତାଙ୍କ ପାଦ କମଳରେ । ଅନେକ ସମୟରେ ସେ ଭାବ ବିହ୍ୱଳ ହୋଇ କହୁଥିଲେ, ମୋର ମା ନାହିଁ– ଦେଶ ହିଁ ମୋର ମା' । ମୋର ପରିବାର ନାହିଁ – ଜାତି ହିଁ ମୋର ପରିବାର । ପରାଧୀନ ଭାରତବର୍ଷରେ ଏ ପ୍ରକାର ସାଧୁ ଚିନ୍ତନଟି ବିଶେଷ ଭାବରେ ଦେଖିବାକୁ ମିଳେ ନାହିଁ ।

ବିଭିନ୍ନ ଧର୍ମଗ୍ରନ୍ଥ, ବେଦ, ବେଦାନ୍ତ, ଉପନିଷଦ, ନାନାଦି ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ହିତୋପଦେଶ, ନୀତିବାଣୀ ପଠନରେ ବ୍ୟକ୍ତିର ଚଳଣି ମାର୍ଜିତ ହୁଏ, ଜୀବନ– ଗତିପଥ ବଦଳିଯାଏ, ଲକ୍ଷ୍ୟ ଏକ ନିର୍ଣ୍ଣାୟକ ମୋଡ ନିଏ । ବିଶ୍ୱର ବହୁ ମନୀଷୀଙ୍କ କ୍ଷେତ୍ରରେ ଏହା ପରିଲକ୍ଷିତ । ଗୋପବଂଧୁ ମଧ୍ୟ ଏଥିରୁ ବାଦ୍ ପଡି ନାହାଁନ୍ତି । ସେ ବାଲ୍ୟାବସ୍ଥାରୁ ସ୍ୱୀୟ ଗୃହ ଦେବତାଙ୍କ ସମକ୍ଷରେ ଜଗନ୍ନାଥ ଦାସଙ୍କ ଭାଗବତ ପାଠ କରୁଥିଲେ ଭାଗବତର ଲଳିତ, ଗଭୀର ଅର୍ଥଯୁକ୍ତ ପଦାବଳୀ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଥିଲେ । ତନ୍ମଧ୍ୟରେ ହଜି ମଜ୍ଜିଯିବା ସହ ଏହାକୁ କଣ୍ଠସ୍ଥ କରିଦେଇଥିଲେ । ସମ୍ଭବତଃ ଏହି ପ୍ରାଣସ୍ପର୍ଶୀ ରଚନା ଗୋପବଂଧୁଙ୍କ କୋମଳ ପ୍ରାଣକୁ ଦ୍ରବୀଭୂତ କରିଦେବା ସହ ଦେବତ୍ୱର ଉନ୍ମେଷ ଘଟାଇଲା !

ଦରଦୀ ବଂଧୁ ଗୋପବଂଧୁ । ସେ ଅସହାୟର ମନକଥାକୁ ପଢି ବୁଝିପାରୁଥିଲେ, ଦୁର୍ଗତମାନଙ୍କ ଦୁରବସ୍ଥା ତାଙ୍କୁ ମ୍ରିୟମାଣ କରୁଥିଲା । ଏଣୁ ସେମାନଙ୍କ ଦୁଃଖର ଲାଘବ ପାଇଁ ବ୍ରତୀ ହୋଇଥିଲେ । ସେ କଲିକତାରେ ଆଇନ୍ ପଢୁଥିବା ସମୟରେ ସେଠାକାର ପ୍ରବାସୀ ଓଡିଆ କୁଲିମାନଙ୍କର ଦୁଃଖ, ହତାଶାକୁ ହୃଦୟଙ୍ଗମ କଲେ, ସେମାନଙ୍କୁ ଏକଜୁଟ୍ କରିବାରେ ମଧ୍ୟ ସଫଳ ହୋଇଥିଲେ । ଓଡିଆମାନଙ୍କ ମଧ୍ୟରେ ପ୍ରଥମକରି ଜାଗରଣ ସୃଷ୍ଟି କରିଥିଲେ ।

କର୍ମବାଦରେ ଗଭୀର ବିଶ୍ୱାସୀ ଥିଲେ ଗୋପବଂଧୁ ଦାସ । ତାଙ୍କ ବଂଧୁ, ଦେଶ–ହିତୈଷୀ ବ୍ରଜସୁନ୍ଦର ଦାସ । ଦେଶର ଉନ୍ନତିକଳ୍ପେ ଦୁହେଁ ଆଗେଇଲେ, ଓଡିଆ ସାହିତ୍ୟର ବିକାଶ ପାଇଁ ମନୋନିବେଶ କଲେ । ଶବ୍ଦ କାଠିନ୍ୟ, ଅର୍ଥ ଗୌରବ, ଆଳଙ୍କାରିକତା ଆଦି ନାନାବିଧ କ୍ଲିଷ୍ଟତା ଓଡିଆ ସାହିତ୍ୟକୁ ସାଧାରଣ ପାଠକଠାରୁ ଦୂରେଇ ନେଇଯାଉଥିଲା । ଏ କଥାକୁ ମର୍ମେ ମର୍ମେ ଅନୁଭବ କରିଥିଲେ ଗୋପବଂଧୁ । ସାହିତ୍ୟର ବହୁମୁଖୀ ଉନ୍ନତି ପାଇଁ ଦୁଇବଂଧୁ 'ମୁକୁର' ନାମକ ସାହିତ୍ୟ ପତ୍ରିକା ପ୍ରକାଶ କରିଥିଲେ । ଏଥିରେ ପ୍ରକାଶିତ ଲେଖା ସହଜ, ସରଳ, ବୋଧଗମ୍ୟ ହେଉଥିଲା, ଭାବସାରଲ୍ୟ ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଯାଇଥିଲା । କହିବା ବାହୁଲ୍ୟ ଯେ ପତ୍ରିକାଟି ଓଡିଶାର ବହୁ ନବୀନ, ପ୍ରବୀଣ ସାହିତ୍ୟିକଙ୍କୁ ପ୍ରତିଷ୍ଠା ଦେଇଥିଲା । କ୍ରମେ ଗୋପବଂଧୁଙ୍କ ଗୁଣାବଳୀ ଚଉଦିଗକୁ ପ୍ରସରି ଗଲା । ମୟୂରଭଞ୍ଜର ଗୁଣଗ୍ରାହୀ ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବ ତାଙ୍କ ପ୍ରତିଭାରେ ମୁଗ୍ଧ ହେଲେ । ତାଙ୍କୁ ନିଜର ସରକାରୀ ଆଇନ୍ ପରାମର୍ଶଦାତା ରୂପେ ନିଯୁକ୍ତି ଦେବା ସହ ବହୁ ଜନହିତକର କାମ ହାତକୁ ନେଲେ । କିନ୍ତୁ ଏତାଦୃଶ ବଂଧନ ଗୋପବନ୍ଧୁଙ୍କ ଭଳି ମୁକ୍ତ ପୁରୁଷଙ୍କୁ ଆନନ୍ଦ ଦେଇନଥିଲା । ରାଜାଙ୍କର ଅକାଳ ବିୟୋଗ ଚାକିରି ପାଇଁ ବିତୃଷ୍ଣା ଯୋଗୁଁ ସେ ସେହି ଗୁରୁ ଦାୟିତ୍ୱରୁ ଅବ୍ୟାହତି ନେଲେ ସମସ୍ତ ପ୍ରକାର ଝଡ, ଝଞ୍ଜା, ବାଧା ବଂଧନଙ୍କୁ ଅତିକ୍ରମ କରି ତମାମ ଜୀବନ ଦେଶ ମାତୃକା ପାଇଁ ଉତ୍ସର୍ଗ କଲେ ।

ଜାତୀୟ ଶିକ୍ଷାର ପ୍ରସାର କ୍ଷେତ୍ରରେ ଗୋପବଂଧୁଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ତତ୍କାଳୀନ ସରକାରୀ ଶିକ୍ଷା ଖସଡାରେ ବହୁ ତ୍ରୁଟି ଥିବା ସେ ଲକ୍ଷ୍ୟ କରିଥିଲେ । ଏହାର ଦୂରୀକରଣ ତଥା ଯୁବପିଢିଙ୍କୁ ଦେଶପ୍ରେମ, ଆଦର୍ଶ ବୋଧରେ ଅବଗାହିତ କରିବା ଲକ୍ଷ୍ୟ ନେଇ ସେ ସତ୍ୟବାଦୀର ବକୁଳ ଛୁରିଆନା କୁଞ୍ଜରେ ବନବିଦ୍ୟାଳୟଟିଏ ପ୍ରତିଷ୍ଠା କଲେ । ସାହାଯ୍ୟ ନେଲେ କେତେକ ସମଧର୍ମା ଉଚ୍ଚଶିକ୍ଷିତ ଯୁବକଙ୍କର । ବିଦ୍ୟାଳୟ ଶିକ୍ଷା, ଦେଶାତ୍ମବୋଧ ଜନ୍ମାଇବା, ନୈତିକତା ଭିତ୍ତିରେ ଚରିତ୍ର ଗଠନ, ସହଜ ସରଳ, ନିରଳସ ଜୀବନ ଯାପନ ଆଦି ବିଷୟମାନ ସତ୍ୟବାଦୀ ବନବିଦ୍ୟାଳୟ ଶିକ୍ଷା ଖସଡାର ବିଶେଷ ବିଶେଷ ଦିଗ । ଶେଷରେ ଏହା 'ମଣିଷଗଡା କାରଖାନା'ରୂପେ ଅଭିହିତ ହେଲା । ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କ ମଧ୍ୟରୁ ଅନେକ ମୁକ୍ତି ସଂଗ୍ରାମରେ ଯୋଗଦେଇ

ଦେଶପ୍ରେମ ବହ୍ନି ପ୍ରଜ୍ୱଳିତ କରିବାରେ ସହାୟକ ହେଲେ । ଏଠାକାର ଋଷିପ୍ରତିମ ଗୁରୁମାନେ ମଧ୍ୟ ନିଃସ୍ୱାର୍ଥପର, ନିଷ୍କଳଙ୍କ, ଉତ୍ସର୍ଗୀକୃତ ମୁକ୍ତି ସଂଗ୍ରାମୀଭାବେ ଅକ୍ଷୟ କୀର୍ତ୍ତିର ଅଧିକାରୀ ହେଲେ ।

ଗୋପବଂଧୁଙ୍କ ସମାଜ ସେବାର ପଟାନ୍ତର ନାହିଁ । ଓଡିଶାର ବଢି, ମରୁଡି,ଦୁର୍ଭିକ୍ଷ ଭଳି ମହାବିପତ୍ତିରେ ସେ ଅକୁଣ୍ଠ ଚିତ୍ତରେ ସେବାକାର୍ଯ୍ୟ ଚଳାଇଥିଲେ । ଭୟାନକ ବନ୍ୟା, କରାଳ ଦୁର୍ଭିକ୍ଷ (୧୯୦୭, ୧୯୧୯) ସମୟରେ ନିଜର ଛାତ୍ର, ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷକଙ୍କ ସମେତ କେତେକ ଉତ୍ସାହୀ ଯୁବକଙ୍କୁ ନେଇ ଓଡିଶାର ଅଗମ୍ୟ ଗାଁ ଗହଳିରେ ଔଷଧ, ଚୂଡା, ଚାଉଳ, ଲୁଗାପଟା ଆଦି ବିତରଣ କରିଥିଲେ । ଲାଟ୍ ସଭାର ସଦସ୍ୟ ଥାଇ ସରକାରୀ ସାହାଯ୍ୟ ପାଇଁ ଦୃଢ ଦାବି ଜଣାଇଥିଲେ । ଫଳରେ ସରକାରୀ, ବେସରକାରୀ ସ୍ତରରୁ ସାହାଯ୍ୟର ସୁଅ ଛୁଟିଲା । ସେ କ୍ଷୁଧାର୍ତ୍ତମାନଙ୍କ ପାଇଁ ଆରମ୍ଭ କଲେ ଦରିଦ୍ର ନାରାୟଣ ସେବା । ଗୋପବଂଧୁ ବୁଝିଥିଲେ ମାନବ ସେବା ହିଁ ମାଧବ ସେବା, ମାନବ ଧର୍ମ ହିଁ ମାଧବ ଧର୍ମ ।

୧୯୨୧ ମସିହା । କଂଗ୍ରେସର ରଣଭେରୀ ବାଜି ଉଠିଲା ହିମାଳୟଠାରୁ କୁମାରୀକା ପର୍ଯ୍ୟନ୍ତ । ଗୋପବଂଧୁଙ୍କ ପ୍ରାଣ ଉଚ୍ଛନ୍ନ ହେଲା । ସତ୍ୟବାଦୀ ବନାଶ୍ରମ ତାଙ୍କୁ ଆଉ ବାନ୍ଧି ରଖିପାରିଲାନି । ସେ ଝାସ ଦେଲେ ଅସହଯୋଗ ମହାସଂଗ୍ରାମରେ । ତାଙ୍କ ପଛେ ପଛେ ଓଡିଆ ଜାତି ମଧ୍ୟ ଯୋଗ ଦେଲା । ଦୀନ ଓଡିଆଏ ପ୍ରମାଣିତ କରିଦେଲେ ସେମାନେ ମୁକ୍ତି ସଂଗ୍ରାମରେ ପଛୁଆ ଅବା ହୀନ ନୁହଁନ୍ତି – ବରଂ ବହୁ ଆଗରେ । ଓଡିଆଙ୍କର ଏହି ସଫଳତା ପଛରେ ଥିଲା ଗୋପବଂଧୁଙ୍କ ପ୍ରେରଣା ତଥା ଆଦର୍ଶ । ଯେଉଁ ସଂଗ୍ରାମୀ ଓଡିଆ ବୀରମାନେ ଏହି ସମୟରେ କାରାବରଣ କରିଥିଲେ ଗୋପବଂଧୁ ଥିଲେ ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ।

ଗୋପବଂଧୁ ଥିଲେ ଜଣେ ସଫଳ ସାରସ୍ୱତ ସାଧକ । ତାଙ୍କ ଛାତ୍ର ଜୀବନର ଲେଖା ଅବକାଶ ଚିନ୍ତା ଅତି ଭାବମୟ ଲଳିତ କବିତା ପୁସ୍ତକ । 'ଧର୍ମପଦ', 'ବନ୍ଦୀର ଆତ୍ମକଥା'– ଏହି ଦୁଇଟି ତାଙ୍କର ଅମ୍ଳାନ୍ ସାହିତ୍ୟ କୃତି । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା 'ସତ୍ୟବାଦୀ', ସମ୍ବାଦପତ୍ର 'ସମାଜ', ପ୍ରାକ୍ ସ୍ୱାଧୀନତା କାଳରେ ଜନତାଙ୍କୁ ଜଗାଇବା, ମତାଇବାରେ ମୁଖ୍ୟ ଭୂମିକା ନେଇଥିଲା ଏବଂ ଅସହଯୋଗର ବାର୍ତ୍ତା ଘରେ ଘରେ ପହଞ୍ଚାଇ ଦେଇଥିଲା । ସ୍ନେହୀ ଗୋପବଂଧୁ ତାଙ୍କ ଶ୍ରଦ୍ଧାଶୀଳ ବ୍ୟବହାରରେ ଅନ୍ୟଙ୍କୁ ଆପଣାର କରିନେଉଥିଲେ । କାହାରି ଦୁଃଖକଷ୍ଟ ଦେଖିଲେ ତାଙ୍କ କଣ୍ଠରୋଧ ହୋଇଯାଉଥିଲା । ସେ ସମସ୍ତଙ୍କୁ ଆପଣାର କୁଟୁମ୍ବ ମନେକରୁଥିଲେ, ସେମାନଙ୍କ ଦୁର୍ଦ୍ଦଶାରେ କାନ୍ଦି ପକାଉଥିଲେ । ତାଙ୍କଭଳି ପୁଣ୍ୟାତ୍ମା, ଦରଦୀ ମଣିଷ ଏବେ ସମାଜରେ ଦୁଷ୍ପ୍ରାପ୍ୟ ।

କ୍ଷଣଜନ୍ମା ଗୋପବଂଧୁ ଭାରତୀୟ ମୁକ୍ତି ସଂଗ୍ରାମ ଇତିହାସରେ ଓଡିଆମାନଙ୍କର ଗାର ପକାଇ ଓ ଓଡିଆମାନଙ୍କୁ ତାଙ୍କର ଗନ୍ତବ୍ୟପଥ ନିର୍ଦ୍ଦେଶ କରି ସେ ଦେବଧାମକୁ ପ୍ରୟାଣ କଲେ (୧୯୨୮) । ଓଡିଶାର ମଉଡମଣି ଖସିପଡିଲା । ଏ ଜାତି ଯେତେଦିନ ଯାଏଁ ବିରାଜିତ ଥିବ, ଗୋପବନ୍ଧୁଙ୍କ ସ୍ମୃତି ତା'ର ମାନସପଟରୁ କେବେ ହେଁ ଲିଭିବ ନାହିଁ । ତାଙ୍କର ତ୍ୟାଗ, କର୍ମ, ଉତ୍କଳ ମଣ୍ଡଳରେ ଅକ୍ଷୟ କୀର୍ତ୍ତି ସ୍ତମ୍ଭ ରୂପେ ବିରାଜମାନ ରହି ଅନାଗତ ଉତ୍କଳ ସନ୍ତାନଙ୍କୁ ଉଦ୍‌ବୁଦ୍ଧ କରିଥିବ । ମିଶୁ ମୋର ଦେହ ଏ ଦେଶ ମାଟିରେ/ ଦେଶବାସୀ ଚାଲି ଯାଆନ୍ତୁ ପିଠିରେ/ ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ/ ପୂରୁ ତହିଁ ପଡି ମୋର ମାଂସ, ହାଡ – ଗୋପବଂଧୁଙ୍କ ଏ ମର୍ମସ୍ପର୍ଶୀ ଉଦ୍‌ବୋଧନୀ ଗୀତିକା ଏ ଜାତିକୁ ସତତ ଜାଗରିତ କରୁଥିବ । ମା', ମାଟି, ଦେଶକୁ ପ୍ରାଣଠାରୁ ଅଧିକ ଭଲ ପାଉଥିବା ମହାପ୍ରାଣ ଗୋପବଂଧୁ ଏ ଜାତିର ଚିରପ୍ରଣମ୍ୟ ।


ସା/ପୋ– ପୁରୁଷୋତ୍ତମପୁର
ଭାୟା– କରିଲୋପାଟଣା
କେନ୍ଦ୍ରାପଡା– ୭୫୪୨୨୩

❖ ❖ ❖

# ସ୍ୱାଧୀନତା ଦିବସରେ ଅଶ୍ରୁ ଝରାଉଥିବା ବିଚରା ମଣିଷଟି

**ଈଶ୍ୱର ଚନ୍ଦ୍ର ମହାପାତ୍ର**

ମୋ ଅନ୍ତରର ଶ୍ରଦ୍ଧା-ସିକ୍ତ ହେ ମହାମାନବ, ତୁମ ଜୟନ୍ତୀ ପାଳନ ଅବସରରେ ମୋର ଭକ୍ତିପୂତ ପ୍ରଣାମ ଜଣାଉଛି । ତୁମର ବ୍ୟକ୍ତିଗତ, ରାଜନୈତିକ ଜୀବନ-ଦର୍ଶନ ବିଷୟରେ ଅନେକ କଥା କୁହାଯାଇଛି, ଲେଖାଯାଇଛି । ମୁଁ ଅଧିକ କଅଣ ଲେଖିବି ଯେ ? ଲେଖିବି କେବଳ ଯେଉଁଦିନ ଦେଶ ପାଇଁ କଷ୍ଟଲବ୍ଧ ସ୍ୱାଧୀନତା ଘୋଷଣାନ୍ତେ ଦିଲ୍ଲୀର ଲାଲକିଲା ଦୁର୍ଗରେ ପ୍ରଥମ ଜାତୀୟ ପତାକା ଉତ୍ତୋଳନ କରାଗଲା, ସେଦିନ ତୁମ ଶୁଖିଲା ମୁହଁରେ ପ୍ଲାବିତ ହୋଇଥିବା ଲୁହର କଥା, ବେଦନା ଓ ବ୍ୟଥା ?



ସୁଦୂର ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହର ମନ୍ତ୍ର ପଢ଼ି ଅହିଂସା ଅସ୍ତ୍ରରେ ତୁମେ ପ୍ରବାସୀ ଭାରତୀୟଙ୍କ ହକ୍ ହାସଲ କରିବା ପାଇଁ ଯେପରି ଅଭିନବ ଉପାୟରେ ଶ୍ୱେତାଙ୍ଗ ସରକାରର ସ୍ୱେଚ୍ଛାଚାର, କଳଙ୍କିତ ଶାସନ ବିରୋଧରେ ଆନ୍ଦୋଳନ କରି ବିଜୟର ବାନା ଉଡାଇ ବିଶ୍ୱବାସୀଙ୍କୁ ଚମତ୍କୃତ କରିଦେଲ, ତାହାର ପ୍ରମାଣ ଲିପିବଦ୍ଧ ହୋଇଛି ମୁକ୍ତି ଇତିହାସରେ । ତାହାକୁ ଚର୍ବିତ ଚର୍ବଣ କରି କିଛି ଲାଭ ନାହିଁ । ସେତେବେଳକୁ କିଛି ସାମ୍ବତ୍ସରିକ ଉତ୍ସବ ପାଳନ, ଦୃଢ଼ ସଂଗଠନହୀନ ପ୍ରଚାରରେ ସୀମିତ ହୋଇ ରହିଯାଇଥିବା କଂଗ୍ରେସ ନେତୃତ୍ୱାଧୀନ ସ୍ୱାଧୀନତା ଆନ୍ଦୋଳନକୁ କ୍ରିୟାଶୀଳ, ପ୍ରଗତିଶୀଳ କରିବା ପାଇଁ ତୁମକୁ ଦେଶରୁ ଆହ୍ୱାନ କରାଗଲା ଭାରତକୁ ଫେରିଆସି କଂଗ୍ରେସ ସଂଗଠନର ନେତୃତ୍ୱ ନେବାପାଇଁ ।

ହେ ଦେଶ ମାତୃକାର ପ୍ରଚଣ୍ଡ ରାଜନୈତିକ ପ୍ରତିଭା ମୋହନଦାସ କରମଚାନ୍ଦ ଗାନ୍ଧୀ ! ତୁମେ ଦକ୍ଷିଣ ଆଫ୍ରିକାର ପ୍ରବାସୀ ଭାରତୀୟଙ୍କର ଥିଲ ମୁକ୍ତିନାୟକ, ଭରସାର ଏକମାତ୍ର ଅବଲମ୍ବନ । ପ୍ରବାସୀ ଭାରତୀୟଙ୍କ ସହିତ ତୁମେ ଯେଉଁ ପାରିବାରିକ ସମ୍ପର୍କ ବାନ୍ଧିଥିଲ, ତାହାକୁ ଏତେ ଶୀଘ୍ର ତୁଟାଇ ଦେଇ ତୁମେ କିପରି ଆସନ୍ତ ଭାରତକୁ ? ଗୋଟିଏ ପଟେ ପ୍ରବାସୀ ଭାରତୀୟଙ୍କର ସଜଳ ଅନୁରୋଧ ଅନ୍ୟପଟେ ପରାଧୀନ ଜନ୍ମମାଟିର ମମତାସିକ୍ତ ଆହ୍ୱାନ ତୁମକୁ ଆକର୍ଷିତ କରୁଥିଲା । ଏକ ମହାନ ଦେଶର ଅନ୍ତର୍ବେଦନାରେ ବିଗଳିତ ପ୍ରାଣ ହେ ମହାନାୟକ, ସବୁରି ହୃଦୟରେ ବାନ୍ଧିଥିବା ବସାର ମୋହ, ମମତା ଛିଣ୍ଡାଇ ତୁମେ ଦେଶକୁ ପ୍ରତ୍ୟାବର୍ତ୍ତନ କଲ ଜାନୁୟାରୀ ୧, ୧୯୧୫ ଦିନ । ଦକ୍ଷିଣ ଆଫ୍ରିକାରେ ଦୀର୍ଘ ଅଠାଇଶ ବର୍ଷର ରହଣିରେ ତୁମେ ଯେଉଁ ଆନ୍ଦୋଳନାତ୍ମକ ଅଭିଜ୍ଞତା ଅର୍ଜନ କରିଥିଲ, ତାହା ଆମ ଦେଶ ପାଇଁ ଥିଲା ଆଶୀର୍ବାଦ ସ୍ୱରୂପ । ଦକ୍ଷିଣ ଆଫ୍ରିକାର ଗୁଣମୁଗ୍ଧ ସକଳଧର୍ମୀମାନଙ୍କର ପ୍ରାଣୋଚ୍ଛ୍ୱାସର ଅନ୍ତର୍ବେଦନା ବହନ କରି ତୁମେ ଯେତେବେଳେ ବମ୍ବେର ଆପୋଲୋ ବନ୍ଦରରେ ପତ୍ନୀ କସ୍ତୁରବା ଏବଂ ଅନୁଗାମୀଙ୍କ ସହିତ ବୁଡା ଜାହାଜ ଯୋଗେ ପଦାର୍ପଣ କଲ, ସେତେବେଳେ ସହସ୍ର ସହସ୍ର ଜନତା ତୁମକୁ ଯେପରି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଲେ, ତାହା ଥିଲା ତୁମ ପ୍ରତି

ଗଭୀର ପ୍ରେମ ଓ  ଅନୁରାଗର ପ୍ରତିଫଳନ । ସେତେବେଳକୁ ତୁମ୍ଭର ବୟସ ହୋଇଥିଲା ୪୬ ବର୍ଷ । ସେହି ପ୍ରୌଢ ବୟସରେ ତୁମର ସରଳ ମନରେ ଥିଲା ଯଥେଷ୍ଟ ମନୋବଳ । ସଂଗ୍ରାମ କରିବାର ପ୍ରବଳ ଇଚ୍ଛାଶକ୍ତି । ଲଙ୍ଗଳା ଫକୀର କହି କଟାକ୍ଷର ଶାଣିତ ଅସ୍ତ୍ରରେ ତୁମକୁ କ୍ଷତାକ୍ତ କରିଥିଲା ବ୍ରିଟିଶ ପ୍ରଶାସକ । ଜେଲ ଜୀବନରେ ନିର୍ଯ୍ୟାତନାକୁ ତୁମେ ଯେପରି ସାହସର ସହିତ ପ୍ରତ୍ୟୁତ୍ତର ଦେଲ ତାହା ଆମ୍ଭ ମନରେ ଚିର ଜାଗରୁକ ହୋଇ ରହିଛି । ହେ ସ୍ୱାଧୀନ ଭାରତର ମୁକୁଟ ବିହୀନ ସମ୍ରାଟ ! ବ୍ରିଟିଶ ସରକାରଙ୍କ ପ୍ରଦତ୍ତ ଏହି ସମ୍ମାନ ଜନକ ଉପାଧିଟା ତୁମକୁ ବୋଧେ ସନ୍ତୋଷ ଦେଲା ନାହିଁ । ଅନ୍ୟାୟ–ଅତ୍ୟାଚାର ଶୋଷଣ–ନିଷ୍ପେଷଣ ବିରୋଧରେ ତୁମେ ସଂଗ୍ରାମ କରି ଅନ୍ୟାୟ ବିରୋଧରେ ନ୍ୟାୟର ବିଜୟ କଲ । ହିଂସା ବିରୋଧରେ ଅହିଂସାର ମନ୍ତ୍ର ପଢିଲ । ସତ୍ୟାଗ୍ରହର ଶାନ୍ତିପୂର୍ଣ୍ଣ ଅସ୍ତ୍ରରେ ଭାରତକୁ ଆଣିଦେଲ ବହୁ ପ୍ରତୀକ୍ଷିତ ସ୍ୱାଧୀନତା । କୋଟି ହୃଦୟରେ ତୁମେ ହୋଇଗଲ ସ୍ନେହ–ପ୍ରୀତି–ମମତାର ମୁକୁଟ ପିନ୍ଧା ସମ୍ରାଟ ।

ତୁମେ ଦକ୍ଷିଣ ଆଫ୍ରିକାରୁ ଆସି ବମ୍ବେରେ ପହଞ୍ଚିଲା ପରେ ତୁମକୁ ଜ୍ଞାପନ କରାଯାଇଥିଲା ବିପୁଳ ସମ୍ବର୍ଦ୍ଧନା । ଏହି ମହୋଲ୍ଲାସ ଦେଖି ବ୍ରିଟିଶ ସରକାର ଆକଳନ କରିଥିବେ ଯେ ଏ ମଣିଷଟାର କ୍ଷୀଣ ତନୁରେ ସ୍ୱଦେଶ ପ୍ରେମର ଯେଉଁ ଅଗ୍ନିସ୍ଫୁଲିଙ୍ଗ ଉଦ୍‌ଗୀରଣ ହେଉଛି, ତାହା ଦିନେ ନା ଦିନେ  ଶକ୍ତିଶାଳୀ ବ୍ରିଟିଶ ସରକାରଙ୍କୁ ବିତାଡିତ କରିଦେବ । ତେଣୁ ତାଙ୍କୁ ବଶୀଭୂତ କରିଦେଲେ ନରହେ ବାଉଁଶ ନବାଜେ ବାଂଶୁରୀ ନ୍ୟାୟରେ ଆନ୍ଦୋଳନ ଫିକା ପଡ଼ିଯିବ । ଆମେ ପଢିଜାଣିଛୁ ଏଇ ଲକ୍ଷ୍ୟରେ ଦିନେ ଲାଟସାହେବ ଉଇଲିଂଟନ ତୁମକୁ ଡକାଇ ନେଇ ଅନୁରୋଧ କରି କହିଲେ, ତୁମେ କିଛି ଆନ୍ଦୋଳନାତ୍ମକ ପଦକ୍ଷେପ ନେବାପୂର୍ବରୁ ସେ ସଂପର୍କରେ ମୋ ସହିତ ପରାମର୍ଶ କରିବ ଏଇ ପ୍ରତିଶ୍ରୁତି ଦିଅ । କହିଲ ଦେଖି, ଚୋର କଅଣ ଚୋରି କରିଯିବା ପୂର୍ବରୁ ଗୃହକର୍ତ୍ତାଙ୍କର ଅନୁମତି ଲୋଡ଼ିଥାଏ ନା ଖୁନୀ ଡକାୟତ କାହାକୁ ହତ୍ୟା କରିବାକୁ ଯିବା ପୂର୍ବରୁ ତାହାକୁ ଜଣାଇ କରି ଯାଇଥାଏ ? ତୁମେ ମୁଖ ଲଜ୍ଜା ନରଖି ସଫାସଫା ମନାକରି ଦେଲ ମିଷ୍ଟର ଉଇଲିଂଟନ୍‌ଙ୍କୁ । ତାଙ୍କଠାରୁ ତ ତୁମେ ଲମ୍ବା ପ୍ରତିଶ୍ରୁତି ଆଦାୟ କରି କରିପାରିଥାନ୍ତ ନିଜ ପାଇଁ ? କିନ୍ତୁ ତା' କଲ ନାହିଁ । ବରଂ ସ୍ୱପ୍ନ ଦେଖୁଥିବା ସାହେବଙ୍କର ମୁହଁକୁ ତୁମେ ସେଦିନ ଆମ୍ବିଳା କରିଦେଲ  ନିଜର ସ୍ୱାଭିମାନ ରକ୍ଷା ପାଇଁ ଅପ୍ରିୟ ସତ୍ୟର ଜବାବ ଦେଇ ।

ହେ ମହାମାନବ ! କେତେ ଯାତନା ସହିନାହଁ ଜେଲ ଜୀବନରେ ? ମାଡ଼ ବି ଖାଇଛ, ଗାଳି ବି ଖାଇଛ । କୃଷ୍ଣକାୟ ହୋଇଥିବା ଦୋଷରୁ ତୁମେ ଟ୍ରେନ୍‌ର ପ୍ରଥମକ୍ଲାସ ବଗିରେ ଯିବାର ଅଧିକାର ନାହିଁ ବୋଲି ଦକ୍ଷିଣ ଆଫ୍ରିକାରେ ତୁମକୁ ଚଳନ୍ତା ଟ୍ରେନରୁ ଶ୍ୱେତାଙ୍ଗ ଟି.ଟି. ଆଇ ତଳକୁ ଠେଲିଦେଲେ । ଶୀତ ଦିନ ରାତିଟାରେ ସେଦିନ ଫୁଙ୍ଗୁଳା ଦେହରେ ତୁମେ ଷ୍ଟେସନର ସିମେଣ୍ଟ ବେଞ୍ଚରେ ସମୟ କଟାଇ ଦେଲ । ଏ ଅଭାବନୀୟ ଦୃଶ୍ୟ ଆମେ ସିନା ଦେଖିନୁ, ପତ୍ର ପତ୍ରିକା ପଢି ଜାଣିଛୁ । କେଡେ ଉଦାର, ସହନଶୀଳ, ଧୈର୍ଯ୍ୟଶୀଳ ତୁମେ। ତୁମେ ଅନେକ ଶାରୀରିକ କଷ୍ଟ ଭୋଗିଛ, ଯନ୍ତ୍ରଣା ପାଇଛ, ଏଇ ଦେଶ ଭାଇମାନଙ୍କ ପାଇଁ ସିନା ? ଶୁଣାଯାଏ ଗୁଜୁରାଟର କାମରିନ ବିଦ୍ୟାଳୟରେ ହୋଇଥିବା ସଭାରେ ତେଜପୁରର ନଗରସେଠ ଏବଂ ନୈତେମାଲ ମେହେତା ତୁମକୁ ପ୍ରଥମେ 'ମହାତ୍ମା' ବୋଲି ସମ୍ବୋଧନ କରିଥିଲେ । ଯେତେବେଳେ ବିଶ୍ୱଭାରତୀ ଶାନ୍ତି ନିକେତନରେ ତୁମେ ରହିଥିଲ, ସେତେବେଳେ ରବୀନ୍ଦ୍ରନାଥ ଠାକୁର ତୁମକୁ ଏଇ ପଦଟି ଦେଇଥିଲେ । ଯିଏ ତୁମକୁ 'ମହାତ୍ମା'' ଉପାଧି ଦେଇଥିଲେ ତାଙ୍କୁ ଶତ ଧନ୍ୟବାଦ ଦେଉଛି । ସମ୍ରାଟ ଉପାଧି ଅପେକ୍ଷା ଏହି ଆଧ୍ୟାତ୍ମିକ ଉପାଧିଟି ଖାସ ତୁମ ପାଇଁ ଅଧିକ ପ୍ରଯୁଜ୍ୟ, ବରେଣ୍ୟ କବି ଡକ୍ଟର ମାୟାଧର ମାନସିଂହ ତୁମକୁ ସମ୍ବୋଧନ କରି କହିଥିଲେ :

'ବ୍ରାହ୍ମଣ ତୁମେ ଉପବୀତ ତୁମ
ଅୟୁତ ପ୍ରାଣର ଗହନ ବ୍ୟଥା...'' ।

ଯିଏ ଅୟୁତ ଜନର ଦୁଃଖ ଯନ୍ତ୍ରଣା, ମନର ବ୍ୟଥାକୁ ଉପବୀତ ରୂପେ ଗ୍ରହଣ କରି ତାହାର ବିଲୋପ ପାଇଁ ଆନ୍ଦୋଳନ କରେ, ସଂଗ୍ରାମର ମଶାଲ ଜାଳେ ସେ ହିଁ ବ୍ରାହ୍ମଣ ପଦବାଚ୍ୟ । ତୁମେ ବ୍ରାହ୍ମଣ, ପୁଣି ପରମ ବୈଷ୍ଣବ । ଦାର୍ଶନିକ ଅରସ୍ତୁ କହିଛନ୍ତି– 'ବୈଷ୍ଣବ ଜନ ତୋ ତେନେ କହିୟେ ଯେ ପୀଡା ପରାଇ ଜାନେରେ'' । ଅସହାୟ, ଶୋଷିତ, ଦଳିତର ଅନ୍ତର୍ବେଦନା ବୁଝି ଯିଏ ତାହାର ପ୍ରଶମନ ପାଇଁ ସହାନୁଭୂତିର ହାତ ବଢାଏ ଏବଂ ବିଗଳିତ ପ୍ରାଣ ହୋଇଯାଏ ତାକୁ ବୈଷ୍ଣବ କୁହାଯାଏ। ଏହି ଦୃଷ୍ଟିରୁ ବିଚାର କଲେ ତୁମେ ସଂକୀର୍ଣ୍ଣ ଜାତିଭେଦରେ ବୈଶ୍ୟ ହୋଇ ମଧ୍ୟ ଶ୍ରେଷ୍ଠ ବ୍ରାହ୍ମଣ, ପରମ ବୈଷ୍ଣବ – ଏହା ଶତମୁଖେ ସ୍ୱୀକାର୍ଯ୍ୟ। ତେଣୁ ମହାତ୍ମା ଶବ୍ଦଟା ଉପାଧି କେବଳ ନୁହେଁ । ଏଇ ଶବ୍ଦରେ ଭରି ରହିଛି କୋଟି ଭାରତୀୟଙ୍କର ''ସ୍ନେହ, ଶ୍ରଦ୍ଧା, ମମତାର ପୂଜାଅର୍ଘ୍ୟ'' । ତୁମେ ହିଁ ଏହି ଆଧ୍ୟାତ୍ମ୍ୟ ଭାବାବେଗର ପ୍ରକୃତ ଚଳନ୍ତି ଠାକୁର ।

ଦକ୍ଷିଣ ଆଫ୍ରିକାରେ ଜାତ୍ୟାଭିମାନୀ ଶ୍ୱେତାଙ୍ଗମାନେ ତୁମକୁ ପରା କୁଲି ବାରିଷ୍ଟର ବୋଲି କହିଥିଲେ। ସେମାନଙ୍କର କଅଣ

ମନେ ନଥିଲା ଯେ ସେହି କୁଲି ବାରିଷ୍ଟର ଜଣକ (୧୯୩୦ ମସିହା) ଲବଣ ସତ୍ୟାଗ୍ରହ କରି ସେମାନଙ୍କର ମୂଳଦୁଆ ଦୋହଲାଇ ଦେବେ ? ତା. ୨୬.୧.୧୯୩୦ରେ Declaration of Independece of India ଘୋଷଣା କରି ତୁମେ ବ୍ରିଟିଶ ସାମ୍ରାଜ୍ୟକୁ ଆହ୍ୱାନ ଦେଇଥିଲ ।

୧୯୨୦ ମସିହାର ଅସହଯୋଗ ଆନ୍ଦୋଳନଠାରୁ ୧୯୪୭ ମସିହା ପର୍ଯ୍ୟନ୍ତ ତୁମ ଜୀବନ ଯାତ୍ରାରେ କେତେ ଯେ ଘଟଣା – ଦୁର୍ଘଟଣା ଘଟିଯାଇଛି, ତାହାର ଇୟତା ନାହିଁ । ଆନ୍ଦୋଳନ କାଳୀନ ଜେଲ ଜୀବନର ପ୍ରତ୍ୟେକଟି ଅଙ୍ଗେନିଭା କଥା ଇତିହାସ ପୃଷ୍ଠାରେ ରହିଯାଇଛି । ଆମେ କିପରି ଭୁଲି ପାରିବୁ ତୁମର ଯନ୍ତ୍ରଣା ଜର୍ଜରିତ କଥାସବୁକୁ । ହେ ଦୁଃସାହସୀ ବୀର ! ଛାତ୍ର ଜୀବନରେ ଜାଣିଛି ତା ୮.୮.୧୯୪୨ ରିଖର ନିଶାର୍ଦ୍ଧରେ ତୁମେ ବଜାଇ ଦେଲ ରଣ ଦୁନ୍ଦୁଭୀ । ତା ୭.୮.୧୯୪୨ ଦିନ ବମ୍ବେରେ ଅନୁଷ୍ଠିତ ହୋଇଥିବା କଂଗ୍ରେସ ଅଧିବେଶନରେ ତୁମେ ନିର୍ଣ୍ଣାୟକ ନିଷ୍ପତ୍ତି ନେଇଥିଲ ଅନ୍ତିମ ଲଢେଇ ପାଇଁ । ତଦନୁଯାୟୀ ତା୮.୮.୧୯୪୨ରେ ତୁମେ ଯୁଦ୍ଧର ବିଗୁଲ ବଜାଇଦେଲ କାରାଗୃହରୁ । ଜାତି ଉଦ୍ଦେଶ୍ୟରେ ଗୁରୁଗମ୍ଭୀର ସ୍ୱରରେ ଉଦବୋଧନ ଦେଲ 'Do or die'। ତୁମର ସେହି କର ବା ମର ଆହ୍ୱାନରେ ଉଦ୍ଦୀପ୍ତ ହୋଇଗଲେ ଶହସ୍ର ଶହସ୍ର ଜନତା । ନେତାମାନଙ୍କର ଅନୁପସ୍ଥିତିରେ ପ୍ରତ୍ୟେକ କର୍ମୀ ବନିଗଲେ ନେତା । ତା୯.୮.୧୯୪୨ ରିଖ ଦିନକୁ କ୍ରାନ୍ତି ଦିବସ ଭାବେ ପାଳନ କରାଗଲା । ଏହି କ୍ରାନ୍ତି ଦିବସରୁ ଆରମ୍ଭ ହେଲା ଭାରତଛାଡ଼ ଆନ୍ଦୋଳନ । ଜେଲ ଗୃହରୁ ତୁମେ ଶୁଣାଇଥିବା ବଜ୍ର ନିର୍ଘୋଷ 'ଭାରତଛାଡ଼''ର ଗୁରୁତ୍ୱ ଉପଲବଦ୍ଧି କରି ଦେଶସାରା ତୀବ୍ର ବେଗରେ ପ୍ରସରି ଗଲା ସ୍ୱତଃସ୍ଫୂର୍ତ୍ତ ଆନ୍ଦୋଳନର ବହ୍ନି । ତୁମର ଦୃପ୍ତ କଣ୍ଠରୁ ନିନାଦିତ ହୋଇଥିବା ଭାରତଛାଡ଼ ଆହ୍ୱାନ ବ୍ରିଟିଶ୍ ସରକାରର ଛାତିକୁ ଦୋହଲାଇ ଦେଲା । ସରକାର ବିଚଳିତ ହୋଇ ନିରସ୍ତ୍ର ଶୋଭାଯାତ୍ରୀମାନଙ୍କ ଉପରକୁ ଗୁଳି ଚଳାଇଲା,ଗୃହଦାହ କଲା । ଲୁଣ୍ଠନ କଲା ବିଦ୍ରୋହୀଙ୍କ ଘର। ତା ୧୯।୮।୧୯୪୨ ରିଖ ଦିନ ପଞ୍ଜାବର ଜାଲିଆନଓ୍ୱାଲାବାଗ୍‌ଠାରେ ପ୍ରାଚୀର ଘେରା ପ୍ରାନ୍ତରରେ ବିରାଟ ଜନତାର ପ୍ରତିବାଦାତ୍ମକ ସଭା ବସିଥିଲା । ଅନ୍ୟାୟ ଗିରଫଦାରୀ, ଜଳାପୋଡ଼ା, ନରହତ୍ୟା, ଗୃହଦାହ, ଅତ୍ୟାଚାର ବିରୁଦ୍ଧରେ ନିରସ୍ତ୍ର ଜନତା ଆଲୋଚନା କରୁଥିଲେ । କେତେକ 'ଇନ୍‌କ୍ଲାପ୍ ଜିନ୍ଦାବାଦ୍'' ଧ୍ୱନି ଦେଉଥିଲେ । ସେହି ନିରସ୍ତ୍ର ଜନତା ଉପରେ ବ୍ରିଟିଶ୍ ସେନାପତି ଡାୟାର୍ ସାହେବ ଅମାନୁଷିକ ଗୁଳି ବର୍ଷଣ କଲେ । ସଂକୀର୍ଣ୍ଣ ପ୍ରବେଶ ପଥ ଓ ପ୍ରସ୍ଥାନ ଗେଟ । ଉଚ୍ଚ ପ୍ରାଚୀର ଡେଇଁ ପଳାଇବା ଅସମ୍ଭବ । ଗୁଳିବର୍ଷଣରେ ଭୟଭୀତ ଜନତା ଆତ୍ମରକ୍ଷା ପାଇଁ ଠେଲାପେଲା କରି ପଳାଇ ଯାଉଥାନ୍ତି । ଠେଲାପେଲାରେ ମରି ଯାଉଥାଆନ୍ତି । ଶତଶତ ଲୋକ ଗୁଳିବର୍ଷଣରେ ଠେଲାପେଲା ହୋଇ ପ୍ରାଚୀର ଡେଇଁ ନପାରି ନିକଟରେ ଥିବା ଗୋଟିଏ ପରିତ୍ୟକ୍ତ କୂପକୁ ଡେଇପଡି ମରୁଥାନ୍ତି । ସେହି ଲୋମହର୍ଷଣକାରୀ ସମ୍ବାଦ ଶୁଣି ତୁମେ କେତେ କାନ୍ଦିଛ । ଜେଲରୁ ଚିଠି ଦେଇଛ ଉଦ୍ଧତ ସରକାରଙ୍କୁ ।

ହେ ପୂଜ୍ୟ ବାପୁଜୀ ! ଇତିହାସ କହୁଛି ତା ୫.୨.୧୯୨୨ରିଖ ଦିନ ତୁମ ନେତୃତ୍ୱରେ ଉତ୍ତର ପ୍ରଦେଶର ଚୌରିଚୌରାଠାରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ବେଳେ ବ୍ରିଟିଶ ଫୌଜ ଶୋଭାଯାତ୍ରୀମାନଙ୍କର ପଛପଟୁଆସି ଅତର୍କିତ ଆକ୍ରମଣ କଲା । ନିରୀହ ଜନତା ପ୍ରତିକ୍ରିୟାଶୀଳ ହୋଇ ଉଠିଲା । ଉତ୍ୟକ୍ତ ଲୋକ କୋଡୋଟି ଥାନା ପୋଡ଼ିଦେଲେ । କେତେ ଜଣ ପୋଲିସକୁ ହାଣି ଅଗ୍ନିରେ ନିକ୍ଷେପ କରିଦେଲେ । ଏହାର ପ୍ରତିକ୍ରିୟା ସ୍ୱରୂପ ପୋଲିସ ଲୋକଙ୍କ ଉପରକୁ ଗୁଳି ଚଳାଇଲେ । ଗୃହଦାହ, ଲୁଣ୍ଠନ, ଅତ୍ୟାଚାରର ତାଣ୍ଡବ ରଚିଲା ରକ୍ତମୁଖା ପୋଲିସ । ଲୋକମାନଙ୍କର ହଠାତ୍ ଏପରି ହିଂସ୍ର ଆଚରଣକୁ ତୁମେ କୁଟନୈତିକ ଦୃଷ୍ଟିକୋଣରୁ ବୋଧେ ପସନ୍ଦ କରୁନଥିଲ । ତୁମର ଚିନ୍ତାଧାରା ଥିଲା ଲୋକମାନଙ୍କ ମଧ୍ୟରେ ସେତେବେଳକୁ ସେତେଟା ସଂଗଠନ, ଆତ୍ମବଳ ଓ ସଂଗ୍ରାମ କରିବାର ରଣ କୌଶଳ ଅଭାବ ଥିଲା । ଏଥିପାଇଁ ତୁମେ ଆନ୍ଦୋଳନକୁ ପ୍ରତ୍ୟାହାର କରିନେଲ ।

ତୁମେ ଚାହୁଁଥିଲ ଅଶାନ୍ତି ବିରୋଧରେ ଶାନ୍ତିର ବିଜୟ । ଅହିଂସାର ବିଜୟରେ ସୁଦୃଢ ଗଣତାନ୍ତ୍ରିକ ବିଚାର ସମ୍ବଳିତ ସର୍ବଜନ ହିତାୟର ଗୋଟିଏ ସୁସଂହତ ଶାସନ ବ୍ୟବସ୍ଥା । ତୁମର ରାଜନୈତିକ ବିଚାରଧାରା ସୁଭାଷ ବୋଷଙ୍କୁ ପସନ୍ଦ ଲାଗୁନଥିଲା । ନିଜର ହକ୍ ହାସଲ କରିବା ପାଇଁ ଅତ୍ୟାଚାରୀ ଇଂରେଜ ସରକାର ସହିତ ଅହିଂସାର ସାଲିସ୍ କରିବା ସେ ଚାହୁଁନଥିଲେ । ତୁମେ ଯେତେବେଳେ ଶାନ୍ତିପୂର୍ଣ୍ଣ ଉପାୟରେ ଆପୋଷ ଆଲୋଚନା ମାଧ୍ୟମରେ ସ୍ୱାଧୀନତା ପ୍ରାପ୍ତିର ବାଣୀ ଶୁଣାଉଥିଲ, ସେତେବେଳେ ସେ ଘୋଷଣା କଲେ 'ତୁମେ ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି' । ତାଙ୍କର ଏହି ଅଗ୍ନିବର୍ଷୀ ସ୍ୱରରେ ଲୋକମାନେ ଅଧିକ ଉନ୍ମାଦିତ ହେଲେ । ତଥାପି ତୁମେ ତୁମ ଅହିଂସା ମାର୍ଗରୁ ହଟି ନଥିଲ । ବିନା ରକ୍ତପାତରେ ଦେଶର ସ୍ୱାଧୀନତା ହାସଲ କରିବାକୁ ତୁମେ ପ୍ରୟାସ କରୁଥିଲ । ହେ ମହାମାନବ ! ଆମେ ଗୋଟିଏ ସାର୍ବଭୌମ, ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ସମାଜବାଦୀ

ରାଷ୍ଟ୍ରର ନାଗରିକ ହୋଇଛୁ । ବ୍ୟକ୍ତିଗତ ଓ ରାଜନୈତିକ ସ୍ୱାଧୀନତା ଉପଭୋଗ କରୁଛୁ । ମାତ୍ର ଭୁଲିଯାଉଛୁ ତୁମର ଆଦର୍ଶ, ଦେଶପାଇଁ ବଳିଦାନକୁ । ଆଜି ମନେ ପଡୁଛି ଜାନୁଆରୀ ୨୬ ତାରିଖ ୧୯୫୦ର ପୂର୍ବକଥା । ତୁମର ଲହୁଲୁହାଣ ସଂଗ୍ରାମର ଦୁଃଖ ଯନ୍ତ୍ରଣା ଏବେ କେତେଜଣ ନେତା ହେଜୁଛନ୍ତି ?

ତୁମର ସଂଗ୍ରାମର ତାତି ସହ୍ୟ କରିନପାରି ବ୍ରିଟିଶ ସରକାର ସାଇମନ କମିଶନ ବସାଇଲା । କମିଶନ ଭାରତର ଦିଲ୍ଲୀ ସହରରେ ପ୍ରବେଶ କରନ୍ତେ ତା' ବିରୁଦ୍ଧରେ ପ୍ରବଳ ବିକ୍ଷୋଭ ସୃଷ୍ଟି ହେଲା । ସାଇମନ କମିଶନ ଫେରିଯାଅ, ଫେରିଯାଅର ବୁକୁଫଟା ଚିତ୍କାରରେ ଦିଲ୍ଲୀର ରାଜରାସ୍ତା ପ୍ରକମ୍ପିତ ହୋଇଗଲା ।

ତୁମରି ନେତୃତ୍ୱରେ ଦେଶର ସ୍ୱାଧୀନତା ଆନ୍ଦୋଳନ ପ୍ରବଳ ବେଗର ପ୍ରସରି ଗଲା । ଦେଶରେ ଏପରି ପରିସ୍ଥିତି ଜାରି ରହିଥିବା ବେଳେ ୧୯୨୮ ମସିହା ଡିସେମ୍ବର ମାସରେ ପଣ୍ଡିତ ମୋତିଲାଲ ନେହେରୁଙ୍କର ସଭାପତିତ୍ୱରେ କଂଗ୍ରେସର ମହାଧିବେଶନ ବସିଲା କଲିକତାଠାରେ । ଏହି ଅଧିବେଶନରେ ଯୁବ ଗୋଷ୍ଠୀ ଯଥା– ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ସୁଭାଷଚନ୍ଦ୍ର ବୋଷ ଆଦି ଯୁବନେତା ପୂର୍ଣ୍ଣସ୍ୱାଧୀନତା ଦାବି କଲେ । ଜବାହରଲାଲ ନେହେରୁ ସ୍ୱାୟତ୍ତ ଶାସନର ଗୋଟିଏ ଚିଠା ପ୍ରସ୍ତାବ ବ୍ରିଟିଶ ସରକାରଙ୍କୁ ଦେଲେ । ତା' ସାଥେ ସାଥେ ଗୋଟିଏ ଧମକ ପତ୍ର ଦେଲେ ଯେ ୧୯୨୯ ସୁଦ୍ଧା ଭାରତକୁ ସ୍ୱାଧୀନତା ନଦେଲେ ସାରାଦେଶରେ ଅସହଯୋଗ ଆନ୍ଦୋଳନକୁ ତୀବ୍ର କରାଯିବ । ତଥାପି ମଧ ସେଥି ପ୍ରତି କର୍ଣ୍ଣପାତ କଲାନାହିଁ ବ୍ରିଟିଶ ସରକାର ।

ସରକାରଙ୍କ ଉପରେ ଚରମ ପତ୍ରର କିଛି ପ୍ରଭାବ ନପଡ଼ିବାରୁ ବିପ୍ଳବୀ ଜବାହରଲାଲ ନେହେରୁ ଉତ୍ତରପ୍ରଦେଶର ରାବୀ ନଦୀକୂଳରେ ଜାତୀୟ ପତାକା ଉତ୍ତୋଳନ କରି ପୂର୍ଣ୍ଣ ସ୍ୱାଧୀନତା ଦାବି କଲେ । ତୁମର ନେତୃତ୍ୱରେ ଉଦ୍ଦୀପ୍ତ ଲୋକମାନେ ଦେଶର ସ୍ୱାଧୀନତା ଦିବସ ପାଳନ କଲେ । ଏହି ପାଳନୋତ୍ସବକୁ ୧୯୪୭ ମସିହା ପର୍ଯ୍ୟନ୍ତ ଉଜ୍ଜୀବିତ ରଖାଗଲା । ଆଶା ଆଶଙ୍କାର ସନ୍ଧିକ୍ଷଣରେ କର ବା ମର ପରିସ୍ଥିତି ଜାରି ରହିଥିବା ସମୟରେ ବ୍ରିଟିଶ ସରକାରଙ୍କ ସ୍ୱେଚ୍ଛାଚାର ଲବଣ ଆଇନ ବିରୁଦ୍ଧରେ ତୁମେ ଲବଣ ସତ୍ୟାଗ୍ରହ ଆରମ୍ଭ କରିଦେଲ । ଲୁଣ ଭଳି ଏକ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଉପରେ ସ୍ୱେଚ୍ଛାଚାରୀ ବ୍ରିଟିଶ ରାଜକୁ ତୁମେ ପ୍ରଥମେ ପ୍ରତିହତ କରିଥିଲ ।

ହେ ମହାନାୟକ ! ୧୯୩୦ ମସିହାଠାରୁ ତୁମ ଦ୍ୱାରା ଚାଲିଥିବା ତୀବ୍ର ଆନ୍ଦୋଳନରେ ଦବିଯାଇ ବ୍ରିଟିଶ ସରକାର ବାଧ୍ୟ ହୋଇ ଭାରତକୁ ସ୍ୱାୟତ୍ତ ଶାସନ ଓ ପରେ ସ୍ୱାଧୀନତା ଦେବାପାଇଁ ଅନେକ କମିଶନ ବସାଇଛନ୍ତି । ପୂର୍ଣ୍ଣ ସ୍ୱାଧୀନତାର ଭିତ୍ତିଭୂମି ତଦାରଖ କରିବା ପାଇଁ ବର୍କ୍ମିମ୍ ହାମ ରାଜମହଲରୁ ଉଚ୍ଚ କ୍ଷମତା ସମ୍ପନ୍ନ ଟିମ୍ ଆସିଛନ୍ତି । ମାତ୍ର କାଳକ୍ଷେପଣ ନୀତିରେ ଉଦାସ ରହି ଭାରତୀୟଙ୍କର ଧୈର୍ଯ୍ୟର ସୀମା ପରୀକ୍ଷା କରିଛନ୍ତି । ଏହି କାଳକ୍ଷପଣ ନୀତି ବିରୁଦ୍ଧରେ ତୁମରି ନେତୃତ୍ୱରେ ପ୍ରଜାମେଳି ହୋଇଛି । ବିକ୍ଷୋଭ ହୋଇଛି । ତୁମେ ବି ଅନଶନରେ ବସିଛ । ତୁମର ମଉନ ପ୍ରତିବାଦର ଅନ୍ତଃସ୍ୱର ଥିଲା ଅହିଂସା ମାର୍ଗରେ ସ୍ୱାଧୀନତା ପ୍ରାପ୍ତିର ସଂକଳ୍ପ । ନିରୀହ ଜନତାଙ୍କ ଶୋଭାଯାତ୍ରା ଉପରେ କଟକଣା, ସଭା ସ୍ଥଳରେ ୧୪୪ ଧାରା ଜାରି, ଜାମିନ ବିହୀନ ପରୱାନା, କେତେକ ସ୍ଥଳରେ ସୀମାତୀତ ଦମନଲୀଳା ଦେଖି ତୁମେ ଅସହ୍ୟ ହେଲ, ଯାହାର ସ୍ୱରରେ କୋମଳତାର ମଧୁ ଝର ରହିଛି, ତାହାରି ସ୍ୱରରେ ବି ବଜ୍ର ନିର୍ଘୋଷର ବାଣୀ ରହିଛି ଏହି କଥା ବୋଧେ ବ୍ରିଟିଶ ସରକାର ଆକଳନ କରିପାରିନଥିଲା । ତୁମର ଧୈର୍ଯ୍ୟଶୀଳ ଛାତିରେ ଅଧୈର୍ଯ୍ୟର ଅଗ୍ନି ସ୍ଫୁଲିଙ୍ଗ ଖେଳିଯାନ୍ତେ ତୁମେ ବ୍ରିଟିଶ ସରକାରଙ୍କୁ ଆହ୍ୱାନ ଦେଲ ଭାରତ ଛାଡ଼ି ଚାଲିଯିବାକୁ । ତୁମରି ଆହ୍ୱନରେ ଭାରତଛାଡ଼ ଆନ୍ଦୋଳନ (Quit India Movement) ୧୯୪୨ ମସିହାରେ ସାରା ଦେଶରେ ଉଗ୍ରରୂପ ଧାରଣ କଲା ।

ଗୋଟିଏ ଅନ୍ତରୀଣ ସରକାର ଗଠନ କରିବାକୁ ହିନ୍ଦୁ ଓ ମୁସଲମାନମାନେ ମିଳିତ ଭାବେ ଦାବି ଜଣାଇଲେ । ଉଦାରପନ୍ଥୀ ମୁସଲମାନ ନେତା ମୌଲାନ ଆବୁଲ କଲାମ ତୁମ ଅହିଂସା ନୀତିର ଜଣେ ଦୃଢ଼ ସମର୍ଥକ । ତୁମପରି ସିଏ ଅଖଣ୍ଡ ଭାରତ ଚାହୁଁଥିଲେ । ମାତ୍ର ତୁମର ସ୍ୱପ୍ନକୁ ସାକାର କରିବାକୁ ଚାହୁଁ ନଥିଲେ ଲର୍ଡ ମାଉଣ୍ଟ୍ ବାଟେନ୍ । ମୁସଲମାନ ନେତା ମହମ୍ମଦ୍ ଅଲ୍ଲୀ ଜିନାଙ୍କର ବିଭେଦକରଣ ନୀତିରେ ପ୍ରଭାବିତ ହୋଇ ମାଉଣ୍ଟ୍ ବାଟେନ୍ ଭାରତ ପାକିସ୍ତାନର ବିଭାଜନ ପାଇଁ କୁଟନୀତି ପ୍ରୟୋଗ କଲେ । ଏହି ବିଭାଜନ ପକ୍ରିୟା ବିରୁଦ୍ଧରେ ପ୍ରବଳ ଜନମତ ପ୍ରକାଶ ପାଇଲା । ହିନ୍ଦୁ ଓ ମୁସଲମାନମାନେ ସଂକୀର୍ଣ୍ଣ ସ୍ୱାର୍ଥରେ ଜଡିତ ହୋଇ ପରସ୍ପର ପ୍ରତି ଆକ୍ଷେପ ପ୍ରତି ଆକ୍ଷେପରେ ସାଂପ୍ରଦାୟିକ ଅସଦ୍‌ଭାବ ସୃଷ୍ଟି କଲେ । ମାଉଣ୍ଟ୍ ବାଟେନ୍ ମହମ୍ମଦ ଅଲ୍ଲୀ ଜିନାଙ୍କୁ ଅସ୍ତ୍ର କରି "Divide and Rule Policy" ପ୍ରୟୋଗ କରି ଭାରତରେ ସାଂପ୍ରଦାୟିକ ବୀଜ ବୁଣିଦେଲେ । ଲର୍ଡ଼ ମାଉଣ୍ଟ ବାଟେନ ଜିନାଙ୍କ କାନ୍ଧରେ ଗୋଟିଏ ହାତ ଏବଂ ଆଉ ଗୋଟିଏ ହାତ ପଣ୍ଡିତ ଜବାହରଲାଲ ନେହୁରଙ୍କ କାନ୍ଧରେ ରଖି ଯେଉଁ ଖେଳଖେଳିଲେ ତାହାର ଉଗ୍ର ରୂପ ପ୍ରକାଶ ପାଇଲା ହିନ୍ଦୁ ମୁସଲମାନମାନଙ୍କ

ମଧ୍ୟରେ ସାଂପ୍ରଦାୟିକ ଦଙ୍ଗାରେ । ଏହି ସାଂପ୍ରଦାୟିକ ଦଙ୍ଗାର ପ୍ରଶମନ ପାଇଁ ତୁମେ ଦଙ୍ଗା ପ୍ରଭାବିତ ମୁଖ୍ୟ ଅଞ୍ଚଳ କଲିକତା, ଦିଲ୍ଲୀ, ଆଜମେର, ମିରଟ୍, ନୂଆଖାଲି, ଢାକା, କରାଚି, ଲାହୋରରେ ଅନଶନ କରୁଥିଲ । ସଦ୍‌ଭାବନାର ବାଣୀ ପ୍ରଚାର କରୁଥିଲ । ସାଂପ୍ରଦାୟିକ ଦଙ୍ଗାର ପ୍ରଶମନ ପାଇଁ ତୁମେ ଯେତେବେଳେ ସହରରୁ ପଲ୍ଲୀ ଯାଏଁ ପଦବ୍ରଜରେ ଯାତ୍ରା କରୁଥିଲ, ସେତେବେଳେ ଶୁଣିଲ ଯେ ଭାରତଠାରୁ ପାକିସ୍ଥାନ ଅଲଗା ହୋଇଯିବାର ନିଷ୍ପତ୍ତି ନିଆଯାଇଛି । ଏହାଶୁଣି ପ୍ରବଳ ଖେଦୋକ୍ତି ପ୍ରକାଶ କରି ମିଡିଆ ଆଗରେ ତୁମେ କହିଥିଲ ଯେ 'ଭାରତକୁ ବିଭାଜନ କରିବା ପୂର୍ବରୁ ମୋର ଶରୀର ବ୍ୟବଚ୍ଛେଦ କର'। ପୁଣି କହିଥିଲ କଂଗ୍ରେସ ଯଦି ଦେଶ ବିଭାଜନକୁ ଗ୍ରହଣ କରି ନିଏ ତେବେ ଏହା ମୋ ଶବ ଉପରେ ହେବ । ତୁମେ କହିଥିଲ ନା "If Congress wishes to accept partition, it will be over my dead body ?'' ପୁଣି ବଜ୍ର ଗମ୍ଭୀର ବାଣୀ ଶୁଣାଇ କହିଥିଲ ନା "So long as I live, I will never agree to the partition of India ?' ମାତ୍ର କିଏ ଶୁଣିଲା ତୁମ ବ୍ୟାଥାତୁର ଓଠର ଭାଷା ? ସେତେବେଳକୁ ବ୍ରିଟିଶ୍ ପାର୍ଲିଆମେଣ୍ଟରେ ଭାରତ ବିଭାଜନ ବିଲ୍ ପାରିତ ହୋଇସାରିଥିଲା ।

ତା୧୬.୮.୧୯୪୬ ରିଖଠାରୁ ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଦାବିରେ ହିନ୍ଦୁ, ମୁସଲମାନଙ୍କ ମଧ୍ୟରେ ସାଂପ୍ରଦାୟିକ ଦଙ୍ଗା ଉଗ୍ର ରୂପନେଲା । ପୂର୍ବବଙ୍ଗର ନୟାଖାଲିରେ ଏହା ଭୟଙ୍କର ରୂପନେଲା । ବଙ୍ଗଳାର ମୁଖ୍ୟମନ୍ତ୍ରୀ ସୁରାବର୍ଦ୍ଦୀଙ୍କ ସମୟରେ ଏପରି ଗଣସଂହାର ଘଟିଥିଲା । ଏଥିରେ ଖାସ୍ କଲିକତାରୁ ଛଅ ହଜାର ଲୋକ ମୃତ୍ୟୁ ଲଭିଥିଲେ । ୨୦ ହଜାରରୁ ଅଧିକ ଲୋକ କ୍ଷତାକ୍ତ ଓ ନାରୀ ଧର୍ଷିତା ହୋଇଥିଲେ । ପାକିସ୍ଥାନର କରାଚୀ ଓ ଲାହୋର ସହରରେ ଏହା ଚରମ ସୀମାରେ ପହଞ୍ଚିଥିଲା । ତୁମେ ଯେତେବେଳ ହିନ୍ଦୁ–ମୁସଲମାନ ଭାଇ ଭାଇ କହି ପରସ୍ପର ମଧ୍ୟରେ ସଦ୍‌ଭାବନା ସୃଷ୍ଟି କରିବାକୁ ପଶ୍ଚିମବଂଗର ବେଲିଆଘାଟ ଆଶ୍ରମରେ ଗୋଟିଏ ଦଉଡିଆ ଖଟରେ ଅନଶନରେ ବସିଥିଲ, ସେତେବେଳେ ଖବର ପାଇଲ ଯେ ଭାରତ – ପାକିସ୍ଥାନ ଅଲଗା ଅଲଗା ରାଷ୍ଟ୍ର ଗଠନ କରି ତା.୧୫.୮.୧୯୪୭ ରିଖ ଦିନ ନିଜ ନିଜର ସ୍ୱାଧୀନ ପତାକା ଉତ୍ତୋଳନ କରିବାକୁ ଘୋଷଣାନାମା ପ୍ରକାଶ ପାଇଛି ।

ଭାରତ ଓ ପାକିସ୍ଥାନ ବିଭାଜନକୁ ସ୍ୱଚକ୍ଷୁରେ ଦେଖିବାକୁ ଚାହୁଁ ନଥିବା ହେ ମହାନାୟକ ! ତୁମର ଅନୁପସ୍ଥିତିରେ ତୁମକୁ କୋଣଠେସା କରି ପତାକା ଉତ୍ତୋଳନର ମହାର୍ଘ ଉତ୍ସବ ଭାରତର ପୁରପଲ୍ଲୀରେ ମହାସମାରୋହରେ ଅନୁଷ୍ଠିତ ହେଲା । ଏହି ମର୍ମ ବେଦନାରେ ଦଗ୍ଧ ତୁମର ବେନି ଚକ୍ଷୁରୁ ଯେଉଁ ଦୁଇଟୋପା ଲୋତକ ଝରି ପଡିଥିଲା, ତାହାକୁ ଖୁସି ମନାଉଥିବା ମନ୍ତ୍ରୀ,ନେତାମାନେ କେହି ବୁଝିବାକୁ ସମୟ ପାଇ ନଥିଲେ । ଯାହାଙ୍କ ଲାଗି ଦେଶକୁ ସ୍ୱାଧୀନତା ମିଳିଲା ଆଉ ନେତାକୁ ମନ୍ତ୍ରୀ ପଦର ମହାର୍ଘ ମୁକୁଟରେ ମଣ୍ଡିତ କରିବାର ସୁଯୋଗ ମିଳିଲା ସେହି ଅଶ୍ରୁ ଝରାଉଥିବା ବିଚରା ମଣିଷଟିର ଅନ୍ତର୍ବେଦନା କେଉଁ ନେତା ଅନୁଭବ କରିପାରିଥିଲେ କି ? ତୁମକୁ ଡକାଇ ପଠାଇବାକୁ କେଉଁ ନେତା ବିମାନଟିଏ ପଠାଇଦେଇଥିଲେ କି ? ଅସହାୟତାର ଦୀର୍ଘଶ୍ୱାସ ଟାଣୁଥିବା ହେ ପୂଜ୍ୟ ବାପୁଜୀ ! ତା.୧୫.୮.୧୯୪୭ ରିଖ ସକାଳେ ଲର୍ଡ ଲୁଇମାଉଣ୍ଟ ବାଟେନ୍ ସ୍ୱାଧୀନତା ପାଳନ ସଭାରେ କହିଲେ ଯେ ମୁଁ ଆପଣଙ୍କର ଦାସ । ଏପରି ଏକ ପବିତ୍ର ଦିବସରେ ଗାନ୍ଧିଜୀଙ୍କର ଅନୁପସ୍ଥିତି ଆମକୁ ବାଧୁଛି । ତୁମର ଅନୁପସ୍ଥିତି ପାଇଁ ଯେଉଁ ମାଉଣ୍ଟବାଟେନ୍ ଅନୁଶୋଚନାର ଗ୍ଲାନିରେ ଭାବବିହ୍ୱଳିତ ହୋଇଥିଲେ, ସେହି ଚକ୍ରାନ୍ତକାରୀଙ୍କର ଖେଦୋକ୍ତିରେ ଲୋତକଭରା ଆବେଗ ଥିଲା କି ନାହିଁ ତାଙ୍କୁ ହିଁ ଜଣା ।

ସମଗ୍ର ବିଶ୍ୱରେ ଅସହଯୋଗ ଆନ୍ଦୋଳନର ବିଜୟ ବାର୍ତ୍ତା ଦେଇ ତୁମେ ବିଶ୍ୱ ନେତୃମଣ୍ଡଳୀଙ୍କ ମଧ୍ୟରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛ । ଅହିଂସା, ସ୍ନେହ, ପ୍ରୀତି, ମମତା, ଭ୍ରାତୃତ୍ୱ, ସମାନତାର ସହାବସ୍ଥାନ ନୀତିରେ ଜଗତକୁ ମାନବତାର ଯେଉଁ ବାଣୀ ଶୁଣାଇଛ, ତା'ର ପଟ୍ଟାନ୍ତର ନାହିଁ । ମାତ୍ର ମନରେ ଦୁଃଖ ରହିଗଲା ଯେ ତୁମକୁ ଆମ୍ଭେ ଚିହ୍ନି ନପାରି ତୁମ୍ଭଠାରେ କୃତଘ୍ନ ହୋଇଗଲୁ ।

ସା–ସରବେରଣୀ, ପୋ–ସାଆନ୍ଦା
ଜି. ଢେଙ୍କାନାଳ

❖ ❖ ❖

# ବଣ୍ଡାମାନଙ୍କ ମାଘ ପରବ

ଡକ୍ଟର ପ୍ରମୋଦିନୀ ହୋତା

ବଣ୍ଡାମାନଙ୍କ ମାଘ ପର୍ବକୁ ସୁ ସୁଗିଗେ କୁହାଯାଏ । ଏହି ପର୍ବ ବାରଜଙ୍ଗାର ଆଣ୍ଡରା ଗୋଷ୍ଠୀ ତଥା ଆଣ୍ଡ୍ରା ହଲ୍ ଆରକ୍ ଗୋଷ୍ଠୀ ବଣ୍ଡାମାନେ ପାଳନ କରିଥାନ୍ତି । ସୁସୁ ଶବ୍ଦର ଅର୍ଥ ହେଲା ଧାନ ରୁଣ୍ଡେଇବା ବା ବିକ୍ଷିପ୍ତ ହୋଇପଡିଥିବା ଧାନକୁ ଏକତ୍ରିତ କରିବା । ଏହି ପର୍ବର ପାଳନ କରିବା ବିଷୟରେ ଗୋଟିଏ କିମ୍ବଦନ୍ତୀ ରହିଅଛି । ମୁଦୁଲିଜାତି ବୁରସୁଂ ପାହାଡରେ ବଣ୍ଡାକ୍ ଅଞ୍ଚଳରେ ମୁଦୁଲିପଡା (ବଡ଼ଗାଁ) ତିଆରି କଲେ । ମୁଦୁଲିପଡାରେ କିର୍‌ଶାନ୍ ଗାଦବା ଲୋକମାନେ ଏକତ୍ରିତ ହୋଇ ଚାଷବାସ କରିବା ପାଇଁ ଠିକ୍ କଲେ । ସିସାକୁ ଧରଣୀ ପୂଜା କରିବାକୁ ଆମନ୍ତ୍ରଣ କରାଗଲା । ଧଙ୍ଗଡା ମାଝୀକୁ ବଇଦ ପାଇଁ ଡ଼କାଗଲା । ସେଠାରେ ଉର୍ବର ଜମି ଓ ଡଙ୍ଗର ରହିଥିବା ଯୋଗୁଁ ମାଣ୍ଡିଆ, ସୁଁଆ ଭଲ ଫସଲ ହେଲା । ଗୋଟିଏ ବର୍ଷ ମାଣ୍ଡିଆ ସୁଆଁ ଫସଲ ହେଲା ନାହିଁ । ଗାଁରେ ଭାଳେଣି ପଡିଲା । ବଡଠାକୁର ଗାଁର ନାୟକ ପୂଜାରୀକୁ ସ୍ୱପ୍ନାଦେଶ ଦେଲେ ବୁର୍କା (ମୁଦୁଲି) ଦାଡିଂମ୍ ଯାଇ ଦାଁ ତୁନ୍ ବାବୁକୁ ସାଥିରେ ଆଣିଲେ ଗାଁରେ ସେ ଧାନ ବିହନ ପୂଜା କରିବ । ସେହି ବିହନକୁ ସମସ୍ତେ ବାଣ୍ଟି ଘର ଧାନ ବିହନ ସହିତ ମିଶାଇ ଜମିରେ ବୁଣିବ, ପହ୍ଲାଧାନ ରୋଇବ । ତା'ଫଳରେ ଧାନ ମାଣ୍ଡିଆ ଅଧିକ ପରିମାଣରେ ଅମଳ ହେବ । ସକାଳେ ବଡ ନାୟକ (ବୁର୍କା ମୁଦୁଲି) ସ୍ୱପ୍ନାଦେଶ ବିମା ସମସ୍ତଙ୍କୁ ଗାଁରେ କହିଲା । ବାବୁକୁ ଡାକିବା ପାଇଁ ଦାଁ ଡିମ୍ ଗାଁକୁ ବାହାରିଲା । କିନ୍ତୁ ଜଙ୍ଗଲ ରାସ୍ତାରେ ସେ ବାଟ ଭୁଲିଗଲା । ନିଜ ଗାଁକୁ ପୁଣିଥରେ ଫେରି ଆସିଲା । ଏଥର ବୁର୍କା ମୁଦୁଲି ସାଥିରେ ଗାଁରୁ ନାଗା ଦାଁ ଡିମ୍ ଯିବାକୁ ବାହାରିଲା । ବହୁତ କଷ୍ଟରେ ଦୁହେଁ ଦାଁ ଡ଼ିମ୍ ଗାଁରେ ପହଞ୍ଚିଲେ । ବାବୁ ଚାଷ କରିବା ପାଇଁ ଜମିକୁ ଯାଇଥିଲା । ଦୁହେଁ ବାବୁକୁ ଡାକିବା ପାଇଁ ଜମିକୁ ଗଲେ । ସେଠାରେ ଆଚମ୍ବିତ କଥା ଦେଖିଲେ । ବାବୁ ଲଙ୍ଗଳରେ ଗୋଟିଏ ଜୁଆଳିରେ ବଳଦକୁ ବାନ୍ଧି ଅନ୍ୟ ଜୁଆଳିରେ ମହାବଳ ବାଘକୁ ବାନ୍ଧି ଜୁଆଳିରେ ବଡ ନାଗ ସାପକୁ ଦଉଡି ଭାବେ ବାନ୍ଧି ସେଠାରେ ଜମି ନାହିଁ, ଚାରିଆଡେ ପଥର ପଡିଛି ତାହାପରେ ବାବୁ ଚାଷ କରୁଚି ଭୟଭୀତ ହୋଇ । ବାବୁର ଘରକୁ ଫେର ବୁର୍କା ନାଗା ଦୁହେଁ ଘରେ ଦେଖିଲେ ବାବୁର ସ୍ତ୍ରୀ ପୁଅକୁ ଶୁଆଇ ତା'ର ସ୍ତ୍ରୀ ପାଣି ଆଣିବାକୁ ଯାଇଛି । ଏହା ସୁବର୍ଣ୍ଣ ସୁଯୋଗ ଭାବି ଦୁହେଁ ବାବୁର ପୁଅକୁ ଚୋରାଇ ଆଣିଲେ । ବାବୁର ସ୍ତ୍ରୀ ପୁଅକୁ ନ ଦେଖି ବାବୁ ପାଖକୁ ଦୌଡିଗଲା । ସମସ୍ତ କଥା ଶୁଣିବା ପରେ ବାବୁ ପୁଅକୁ ଖୋଜି ଖୋଜି ସ୍ତ୍ରୀ, ବାଘ, ବଳଦ, ନାଗସାପ, ଲଙ୍ଗଳ ସହିତ ବଡ ଗାଁ (ମୁଦୁଲିପଡା) ରେ ପହଞ୍ଚିଲା । ବାବଙ୍କୁ ଦେଖି ମୁଦୁଲିପଡାର ଲୋକେ ଆନନ୍ଦିତ ହୋଇ ବାବୁଙ୍କୁ ଠାକୁର ପୂଜକ ଭାବରେ ରହିବାକୁ କହିଲେ । ବାବୁ ବିହନ ଧାନକୁ ଏକାଠି କରି ବଡଠାକୁରଙ୍କ ପାଖରେ ପୂଜା କଲା । ମୁଦୁଲି ବାବୁଙ୍କୁ ମାଣ ଦେଲା ଏବଂ ତା' ସହିତ ମାନ୍ଦ୍ରା ସଂଜ୍ଞା ଯୋଗକଲା । ସେ ଦିନଠାରୁ ବାବୁର ନାମ ବାବୁନ୍ ମାନ୍ଦ୍ରା ହେଲା । ମୁଦୁଲି କିର୍‌ଶାନି ବାବୁ ଆଣିଥିବା ଯୋଗୁଁ ସେମାନେ ପରସ୍ପର ମିତ୍ର ବସିଲେ ଏବଂ ଏକାଠି ବସି ଚରୁ ଅନ୍ନ ଖାଇଲେ । ସେଦିନଠାରୁ ମାଘ ସୋମବାର ଦିନ ଧାନ ମପାଯାଏ ଏବଂ ବଡଠାକୁରଙ୍କ ପାଖରେ ମାନ୍ଦ୍ରା ସଂଜ୍ଞା ଧାରୀ ଲୋକେ ପୂଜା କରିଥାନ୍ତି । ଧାନ ବିହନ ଶୁଶୁକେର୍ ପୂଜା କରିବା ଫଳରେ ଭଲ ଚାଷ ହେଲା । ବାବୁଙ୍କୁ ମୁଦୁଲି ପ୍ରଥମେ ବର୍ତ୍ତମାନ ଶିବ ମନ୍ଦିର ଥିବା ବୁର୍ ସୁଂ ପାହାଡରେ ଘର କରି ରହିବା ପାଇଁ ବ୍ୟବସ୍ଥା କରିଥିଲେ । ବାବୁର ବଂଶ ବୃଦ୍ଧି ହେବା ଫଳରେ ବୁର୍ ସୁଂ ପାହାଡ ତଳକୁ ଝରଣା କୂଳରେ ସେମାନେ ଦୁଇ ସାହି ତିଆରି କଲେ । ବର୍ତ୍ତମାନ ସେହି ଅଞ୍ଚଳରେ ମାନ୍ଦ୍ରାମାନଙ୍କ ସଂଖ୍ୟା ତିନିଶହରୁ ଊର୍ଦ୍ଧ୍ୱ ଅଟେ । ବାବୁ ଏବଂ ବାବୁର ସ୍ତ୍ରୀ ଗରୁମ୍ ଶାମା (ପାରେଙ୍ଗା ଭାଷାରେ) କଥା ହେଉଥିଲେ କିନ୍ତୁ ବାବୁର ପୁଅ ବଣ୍ଡା ଭାଷା ରେମଶାମ୍‌ରେ କଥା ହେଉଥିଲା । କାଳକ୍ରମେ

ପାରେଙ୍ଗା ଭାଷା ଲୋପ ପାଇଲା । ସମସ୍ତେ ବଣ୍ଡା ଭାଷାରେ କଥା ହେଲେ । ଥରେ ବାଘ, ବଳଦ, ନାଗସାପ ଲଙ୍ଗଳକୁ ଚାଷ କରିବାକୁ ନେଇ ଅସୁବିଧାର ସମ୍ମୁଖୀନ ହୋଇଥିବା ଗୋଷ୍ଠୀକୁ ସହାୟତା କଲା । ସେଦିନଠାରୁ ଦାଁତିପଡା ଗାଁର ମଙ୍ଗଳ ମାନ୍ଦ୍ରା ନିଜକୁ ପାରେଙ୍ଗା ଭାବରେ ପରିଚିତ କଲା । ତେଣୁ ଆଜିଯାଏ ମଙ୍ଗଳା ମାନ୍ଦ୍ରାର ଘର ସମ୍ମୁଖରେ ବାବୁ ଆଣିଥିବା ଲଙ୍ଗଳ ଜୁଆଳି ରଖାଯାଇ ଅଛି । ତାକୁ ପବିତ୍ର ସ୍ଥାନ ରୂପେ ପୂଜା କରାଯାଉଛି । ସୁସୁ ପର୍ବ ସେଠାରେ ପାଳନ କରାଗଲା । ଏହି ପର୍ବ ଆରମ୍ଭ ପୂର୍ବରୁ ମାନ୍ଦ୍ରା, ମୁଦୁଲି, କିର୍‌ଶାନ୍ତି, ଅଙ୍ଗଡା ମାଝି, ସିସା ସମସ୍ତେ ଏକତ୍ର ବସି ପୂଜା ବିଷୟରେ ଆଲୋଚନା କରିଥାନ୍ତି । ଏହି ସଭାସ୍ଥଳକୁ ସୁସୁଲାୟିବେର୍ କୁହାଯାଏ । ପୂଜାରେ ଖର୍ଚ୍ଚ ହେଉଥିବା ଧାନ ଚାଉଳ, ଛେଳି, କୁକୁଡା କ୍ରୟ ପାଇଁ ବଡ ନାୟକ (ମୁଦୁଲି) ଦାୟିତ୍ୱ ନେଇଥାଏ । ତେଣୁ ବନ୍ଧଗୁଡା ଗାଁର ମଝି ନାଳ ଜମି ଦୁଇଟିରେ ଧାନ ଚାଷ କରାଯାଏ । ମୁଦୁଲି ପାଟଖଣ୍ଡା ଓହ୍ଲାଇବ, ବଡନାୟକ ପୂଜା କରିବା ଓ ମାନ୍ଦ୍ରା ଧାନ ବିହନ ପୂଜା କରିବା କିର୍‌ଶାନି ପୂଜା ଭୋଗ ଚରୁ ଅନ୍ନ ସରୁଜାଂ ରାନ୍ଧିବା ଦାୟିତ୍ୱ ନେଇଥାନ୍ତି । ମୁଦୁଲି ବାରଜାଙ୍ଗାର ମୁଷ୍ଟାଦାର ବା ମୁଠାଦାର ଭାବରେ ମାଦ୍ରାମାନେ ସୁସୁ ପର୍ବର ପୂଜକ ଏବଂ କିର୍‌ଶାନ୍ ମଧ୍ୟ ପୂଜକ ଏବଂ ବାରିଃ ବା ଚଲାନ୍ ବଂଶାନୁକ୍ରମେ କାର୍ଯ୍ୟ ତୁଲାଇଥାନ୍ତି । ଧାନ ବିହନ ସୁସୁ ପର୍ବ ମାଘ ମାସର ପ୍ରଥମ ସୋମବାର ଦିନ ୧୧ଟା ସମୟରେ ମୁଦୁଲିପଡା ମୁନାଙ୍ଗମ୍‌ର ମୁଠାଦାର ନାଏକ ଘର ଦାଣ୍ଡରେ ଆଡାରୁଂ ମାଣ ମପା ଯାଏ ଏବଂ ସୁସୁ ପର୍ବର ଆରମ୍ଭ ହୁଏ । ଲାୟିବେରିରେ ପ୍ରାୟ ଦିନ ୧୦ଘଣ୍ଟା ମଧ୍ୟରେ ବାରଜାଙ୍ଗାର୍ ବାରଟି ଗାଁର ପ୍ରତ୍ୟେକ ନାୟକ ନିଜ ନିଜ ଗାଁରୁ ସାଥିରେ କେରଂରୁ (ଚାଉଳ), ସୁଆଁ ଚାଉଳ(ରିଗ୍‌ରିଂ) ଦୁଇ ତିନି କିଲୋ ଆଣିଥାନ୍ତି । ଅନ୍ୟ ଗାଁରୁ ନାୟକମାନେ ସାଥିରେ ମଦ ଆଣିଥାନ୍ତି । ମୁଦୁଲିପଡା ଗାଁର ନାୟକ ବା ମୁଖିଆ ଦାଁତିପଡା ଗାଁକୁ ଯାଇ ମାନ୍ଦ୍ରା ପୂଜାରୀ ଏବଂ ତା'ର ସହଯୋଗୀକୁ ସମ୍ମାନ ସହିତ ଡାକି ଆଣିଥାନ୍ତି । ବଡ ନାୟକ ଘର ଦାଣ୍ଡରେ ମାଣରେ ଚାଉଳ ମପାଯାଏ । ସେଠାରେ ଧୂପ ଦୀପ କୁକୁଡା ଚାଉଳ ସଂଗେ ପୂଜା କରି ପ୍ରତ୍ୟେକ ଗାଁର ନାଏକମାନେ ଆଣିଥିବା ଚାଉଳକୁ ଦୁଇମାଣ ଲେଖାଏଁ ମାପି ଅଲଗା ରଖାଯାଏ ଅଧିକା ସୁଆଁ ବାଜରାକୁ ସେହି ଗାଁର ଲୋକମାନେ ପରସ୍ପର ମଧ୍ୟରେ ବାଣ୍ଟିଥାନ୍ତି । ବାରଜାଙ୍ଗା ଗାଁରେ ମପାଯାଇ ଥିବା ଶସ୍ୟକୁ ବଡନାୟକ ନିଜ ଘରେ ପେଣ୍ଡମ୍ ପ୍ରସ୍ତୁତ କରି ସମସ୍ତ ଗାଁର ନାୟକ, ଅନ୍ୟ ଗାଁରୁ ଆସିଥିବା ଗଣମାନ୍ୟ ବ୍ୟକ୍ତିମାନଙ୍କୁ ପେଣ୍ଡମ୍ ବାଣ୍ଟିଥାଏ । ପୂଜା ପାଇଁ ଛେଳି(ଗିମେ), କୁକୁଡା(ଗିସିଂ), ଘୁଷୁରି (ଗୁବୁ), ହାଣ୍ଡି(କ୍ଲୁଲ) କଣିବା ଏବଂ ବଜାର ବ୍ୟବସ୍ଥା କରିବା ପାଇଁ ସମସ୍ତେ ଲାୟିବେର୍ ବୈଠକରେ ଆଲୋଚନା କରିଥାନ୍ତି । ମାଘମାସ ପ୍ରଥମ ସୋମବାର ଦିନ ୧୦ ଘଣ୍ଟା ସମୟରେ ବଣ୍ଡା ଅଞ୍ଚଳର ସମସ୍ତ ଗ୍ରାମବାସୀ ସଫା ସୁତୁରା ହୋଇ ଲୁଗା ପିନ୍ଧି ପୁରୁଷମାନେ ଧନୁତୀର, ବାଡି, ଟାଙ୍ଗିଆ ଧରି ଏବଂ ଲାଉ ତୁମ୍ବାରେ ସଲପ, ହାଣ୍ଡିଆ, ପେଣ୍ଡମ ସହିତ ମୁଦୁଲିପଡାର ସୁନାରେମ ଠାକୁରଙ୍କ ବୃକ୍ଷମୂଳେ ଏକତ୍ରିତ ହୁଅନ୍ତି । ମାନ୍ଦ୍ରା ପୂଜକ ସେହିଦିନ ଉପବାସ ରହିଥାଏ । ମୁଦୁଲି କିର୍‌ଶାନି ପୂଜକ ମିଶି ପବିତ୍ର ଅନ୍ନ ରାନ୍ଧିଥାନ୍ତି । ଏଥିରେ ବ୍ୟବହାର ହେଉଥିବା ପାଣି (ଡାକ୍) କାଠ (ସୁଆଁ)କୁ କର୍‌ଶାନି ବ୍ୟବସ୍ଥା କରେ । ସୁସୁ ପର୍ବରେ ବାଉଁଶପଡା ଗଡାଇଲେ ଓ ଗୁସୁଂ ଗାଁର ଲୋକମାନଙ୍କର ଭୂମିକା ରହିଥାଏ । ମୁଦୁଲିପଡାର ମୁଦୁଲି ବୃକ୍ଷର କୋରଡରୁ ମହାପ୍ରଭୁ ପାଟଖଣ୍ଡାକୁ ଓହ୍ଲାଇବା ପରେ ପୂଜା କରାଯାଏ । ପୂଜା ପରେ ପୁଣି ଥରେ ସେହି କୋରଡରେ ମୁଦୁଲି ରଖିଦିଏ । ପାଟ ଖଣ୍ଡା ଓହ୍ଲାଇବା ପରେ ମାନ୍ଦ୍ରା ହଳଦୀ ପାଣିରେ ଗାଧୋଇ ନୂଆ ଧାନ ବିହନକୁ ମାଣରେ ଦୁଇଥର ମାପି ଥାଏ ଏବଂ ଦୁଇଥର ହାତ ଆଞ୍ଜୁଳିରେ ମାପିଥାଏ । ଥରେ ସମସ୍ତ ଧାନକୁ ହାତ ଆଞ୍ଜୁଳାରେ ଧରି ତାକୁ ପୂଜା କଲାପରେ ଉପରକୁ ହାତ ଉଠାଇ ଚାରିଆଡେ ବିଞ୍ଚି ଦେଇଥାଏ । ସେହି ବିଞ୍ଚା ହୋଇଥିବା ଧାନକୁ ସମସ୍ତ ଗାଁର ଲୋକମାନେ ଗୋଟେଇ ଯତ୍ନ ସହକାରେ ନିଜ ନିଜ ଗ୍ରାମକୁ ନେଇ ନିଜର ବିହନ ଧାନ ସହିତ ମିଶାଇ ଜମିରେ ବୁଣିଥାନ୍ତି । ପୂଜାର ଏହି ବିହନ ଧାନକୁ ସୁମୁକେର୍ କୁହାଯାଏ । ମୁଦୁଲିପଡ଼ାରେ ସୁସୁ ପର୍ବ ଶେଷ ହୋଇଥାଏ । ଏହାପରେ ବାରଜଙ୍ଗ, ଅଣ୍ଡାହଲ ଗ୍ରାମଗୁଡିକରେ ପୂର୍ବେ ନିର୍ଦ୍ଧାରିତ ଦିନ ବାରଗୁଡିକରେ ସୁସୁ ପର୍ବ ହୋଇଥାଏ । ଗୀତ ଗାଇଗାଇ ନାଚିଥାନ୍ତି–

ତୁଗ ସାତକେ ଥଇ ଗୁଗୁରଡକେ କାଇ
ତାଂ ଡାକ୍ ସା ଡ଼କେ ବାଇନେ
ସୁସୁମ କେନଂ ଉଡ଼ାଗ କେନଂଡ଼ାୟି
ସୁରଡ କେନାଂ ଡାୟିନେ

ଗୀତ ନାଚ ପରେ ପୂଜାରୀ ନିଜ ସୁସୁରେ ଗାଆଙ୍ଗକୁ ତେଲ ଲୁଣ ପିଆଜ ନ ପକାଇ ରାନ୍ଧିଥାଏ । ସେହି ସୁସୁର ଗାଆଙ୍ଗରୁ ମୁଠାଏ ଦେଇ ନାଚ ହେଉ ଥିବା ସ୍ଥାନରେ ବିଞ୍ଚି ଦେଇଥାଏ । ତା'ପରେ ଗାଁର ଲୋକମାନେ ଶୁଆଇଥିବା ସମସ୍ତ ଶସ୍ୟକୁ ଏକାଠି କରି ନିଜ ଘରକୁ ନେଇଥାନ୍ତି । ସୁସୁପର୍ବ ପରେ ପୁରୁଷମାନେ ଜମି କାମ କରିଥାନ୍ତି ।

ପାଇଲସାହି, ଜୟପୁର, କୋରାପୁଟ

# ତୁଳସୀ ମାହାତ୍ମ୍ୟ ଓ ଜଗଦ୍ଧାତ୍ରୀ ପୂଜା

**ପଣ୍ଡିତ ରାମକୃଷ୍ଣ ମିଶ୍ର**

ଦୈତ୍ୟରାଜ ଜଳନ୍ଧରଙ୍କ ପତ୍ନୀ ବୃନ୍ଦାବତୀ ମହାସତୀ ଥିଲେ । ଜଳନ୍ଧର ବ୍ରହ୍ମାଙ୍କଠାରୁ ବର ଲାଭ କରି ତ୍ରିପୁର ବିଜୟ କଲା ଓ ଦେବତାମାନଙ୍କୁ ଅନେକ କଷ୍ଟ ଦେଲା । ସେ ନାରଦଙ୍କଠାରୁ ମା' ଦୁର୍ଗାଦେବୀଙ୍କ ସୌନ୍ଦର୍ଯ୍ୟ ବିଷୟରେ ଶୁଣି ତାଙ୍କୁ ପ୍ରାପ୍ତି ଆଶା କରି ଶିବଙ୍କ ପାଖକୁ ଦୂତ ପ୍ରେରଣ କଲା । ଫଳରେ ଶିବଙ୍କ ସହିତ ଯୁଦ୍ଧ କରି ପରାସ୍ତ ହେଲା । ମାତ୍ର ବୃନ୍ଦାବତୀଙ୍କ ସତୀତ୍ୱ ଫଳରେ ତାହାର ମୃତ୍ୟୁ ହେଲା ନାହିଁ । ସାଗର ସୁତ ଜଳନ୍ଧର ନିଜର ଭଉଣୀ ଲକ୍ଷ୍ମୀ ଓ ନାରାୟଣଙ୍କୁ ନିଜ ଘରେ ରଖିବାରୁ ଦେବତାମାନେ ନାରାୟଣ ଦର୍ଶନ ପାଇ ପାରିଲେ ନାହିଁ ।



ଜଳନ୍ଧର ଯୁଦ୍ଧରେ ହାରି ଶିବଙ୍କ ଅନୁପସ୍ଥିତିରେ ଶିବରୂପ ଧାରଣ କରି ଦୁର୍ଗାଙ୍କୁ ଅପହରଣ କରିବାକୁ ଆସିଲା । କିନ୍ତୁ ମା'ଙ୍କ ରୂପ ଦର୍ଶନ କରି ତାଙ୍କ ତେଜରେ ସଂଜ୍ଞାହୀନ ହୋଇ ବୃଷଭ ଉପରୁ ପତିତ ହେଲା ଏବଂ ପଳାୟନ କଲା । ଜଳନ୍ଧରର ମୃତ୍ୟୁ ପାଇଁ ଦେବଗଣ ନାରାୟଣଙ୍କୁ ପ୍ରାର୍ଥନା କଲେ । ଜଳନ୍ଧର ପୂର୍ବରୁ ମାୟା ଶିବ ରୂପ ଧାରଣ କରିଥିବାରୁ ନାରାୟଣ ମାୟା ଜଳନ୍ଧର ରୂପ ଧାରଣ କରି ଜଳନ୍ଧରର ବଧ ପାଇଁ ବୃନ୍ଦାବତୀର ସତୀତ୍ୱ ହରଣ କଲେ । ଫଳରେ ଯୁଦ୍ଧରେ ଜଳନ୍ଧରର ମୃତ୍ୟୁ ହେଲା । ନାରାୟଣ ବୃନ୍ଦାବତୀଙ୍କୁ ଧରି ସ୍ୱରୂପ ପ୍ରକାଶ କରିବାରୁ ବୃନ୍ଦାବତୀ ତାଙ୍କର ସତୀତ୍ୱ ହରଣ ଜାଣି ନାରାୟଣଙ୍କୁ ଅଭିଶାପ ଦେଲେ ଓ ଅଗ୍ନିରେ ଝାସ ଦେଇ ପ୍ରାଣତ୍ୟାଗ କଲେ । ବୃନ୍ଦାବତୀଙ୍କ ସତୀତ୍ୱ ପ୍ରଭାବରେ ବିଷ୍ଣୁ ଅଚଳ ହୋଇଗଲେ ଏବଂ ଅସହ୍ୟ ଶାରୀରିକ ଓ ମାନସିକ ଯନ୍ତ୍ରଣା ଅନୁଭବ କଲେ । ଦେବଗଣଙ୍କ ସ୍ତୁତିରେ ଯୋଗମାୟା ବୃନ୍ଦାବତୀଙ୍କ ଆତ୍ମାକୁ ଉଦ୍ଧାର କଲେ । ବୃନ୍ଦାବତୀଙ୍କ ଆତ୍ମା ତ୍ରିଗୁଣ ରୂପ ଧାରଣ କଲା । ସତ୍ତ୍ୱଗୁଣ ଗୌରୀଙ୍କ (ଦୁର୍ଗାଙ୍କ) ଶରୀରରେ, ରଜଗୁଣ ଶାରଦାଙ୍କ (ସରସ୍ୱତୀଙ୍କ) ଅଙ୍ଗରେ ଓ ତମ ଗୁଣ ଲକ୍ଷ୍ମୀଙ୍କ ଶରୀରରେ ମିଳିତ ହେଲା । ବୃନ୍ଦାବତୀଙ୍କ ତ୍ରିଗୁଣରୁ ଯୋଗମାୟା ତ୍ରିବୀଜର ଉତ୍ପନ୍ନ କରି ବିଷ୍ଣୁଙ୍କ ପାଖରେ ବୁଣିଲେ । ଏଥିରୁ ତୁଳସୀ, ଅଁଳା ଓ ମାଳତୀ ନାମକ ତିନି ପବିତ୍ର ବୃକ୍ଷର ସୃଷ୍ଟି ହେଲା । ବିଷ୍ଣୁ ଏହାଙ୍କ ବାସରେ ସଂଜ୍ଞା ପ୍ରାପ୍ତ ହୋଇ ପ୍ରସନ୍ନ ହେଲେ ।

କେତେକ ଭକ୍ତ ପ୍ରଶ୍ନ କରନ୍ତି ଯେ, ବୃନ୍ଦାବତୀ ବିଧବା, ତାଙ୍କୁ ଶାଢୀ, ଶଙ୍ଖା କିପରି ଲାଗି ହେଉଛି । ଏହା ଏକ ଭ୍ରମ ଧାରଣା । ବୃନ୍ଦାବତୀ ବିଧବା ନୁହନ୍ତି । ଯୁଦ୍ଧରେ ଜଳନ୍ଧର ବଧ ହେବା ପୂର୍ବରୁ ବୃନ୍ଦାବତୀଙ୍କ ସତୀତ୍ୱ ହରଣ ହେବାରୁ ଜଳନ୍ଧର ବଧ ହେଲା । ଯୁଦ୍ଧରେ ଜଳନ୍ଧରର ବଧ ପୂର୍ବରୁ ବୃନ୍ଦାବତୀ ଅଗ୍ନିରେ ଝାସ ଦେଇ ପ୍ରାଣତ୍ୟାଗ କରିଥିଲେ । ତେଣୁ ବୃନ୍ଦାବତୀ ବିଧବା ନୁହନ୍ତି । ଏହା କାର୍ତ୍ତିକ ମାହାତ୍ମ୍ୟର ବିଷୟ ।

ସତ୍ତ୍ୱ ଗୁଣରୁ ତୁଳସୀ ଉତ୍ପନ୍ନ ହୋଇ ଅତୀବ ପବିତ୍ର ବୃକ୍ଷ ରୂପେ ଜଗତରେ ପୂଜା ପାଇଲେ ଏବଂ ଅତି ପ୍ରିୟ ହୋଇ ଦୈନିକ ବିଷ୍ଣୁଙ୍କ ପୂଜାରେ ଲାଗି ହେଲେ । ବିଷ୍ଣୁପ୍ରିୟା ତୁଳସୀ

ସର୍ବରୋଗହରା । ଏଥିରେ ବହୁ ଔଷଧୀୟ ଗୁଣ ରହିଥିବାରୁ ଆୟୁର୍ବେଦୀୟ ଚିକିତ୍ସାରେ ଏହା ବହୁ ଭାବରେ ବ୍ୟବହୃତ ହୋଇଥାଏ । ଏଥିରେ ଧାର୍ମିକ ମହତ୍ତ୍ୱ ରହିଛି । ଭଗବାନ ଶାଳଗ୍ରାମ ନାରାୟଣ ସ୍ୱରୂପ ଅଟନ୍ତି । ତୁଳସୀ ବିନା ତାଙ୍କର କୌଣସି ପୂଜା ସମ୍ପନ୍ନ ହୋଇପାରିବ ନାହିଁ । ନୈବେଦ୍ୟ ଆଦି ଅର୍ପଣ ସମୟରେ ମନ୍ତ୍ରୋଚ୍ଚାରଣ ଓ ଘଣ୍ଟାନାଦ ସହିତ ତୁଳସୀ ଜଳ ସମର୍ପଣ ହିଁ ଉପାସନାର ମୁଖ୍ୟ ଅଙ୍ଗ ବୋଲି ଗଣନା କରାଯାଏ ।

ମୂଳେ ତୋର ଗଙ୍ଗା ଡ଼ାଳେ ତୋର ବିଷ୍ଣୁ
ପତ୍ରେ ଦେବତାଙ୍କ ବାସ
ତୋ ପତ୍ର ପଡ଼ିଲେ ମଣୋହି ହୁଅଇ
କହଇ ଗୋଲଖ ଦାସ ।

ମନୁଷ୍ୟର ମୃତ୍ୟୁ ସମୟରେ ମୁଖରେ ତୁଳସୀ ଜଳ ଦିଆଯାଏ । ଦାହ ସମୟରେ ତୁଳସୀ କାଠ ଜୁଇରେ ପକାଯାଏ । ତୁଳସୀ ମାଳାକୁ ଭକ୍ତମାନେ ବିଶେଷରେ ବୈଷ୍ଣବମାନେ ଗଳାରେ ଧାରଣ କରିଥାନ୍ତି । ତୁଳସୀଙ୍କୁ ବର୍ଷ ସାରା ପୂଜା କରାଯାଏ, କିନ୍ତୁ କାର୍ତ୍ତିକ ମାସରେ ଏହାର ମହତ୍ତ୍ୱ ବ୍ରତୀମାନଙ୍କ ପାଇଁ ସ୍ୱତନ୍ତ୍ର ରହିଥାଏ । ଦେବଦେବୀମାନଙ୍କୁ ଦେୟ ବିଭିନ୍ନ ପୁଷ୍ପ, ପତ୍ର ଆଦି ନଖ ନଲଗାଇ ଟିପରେ ଚୟନ କରିବାର ବିଧି ରହିଛି, ବିଶେଷରେ ତୁଳସୀ ଓ ବେଲପତ୍ର । ତୁଳସୀଙ୍କୁ ସାତଦିନ ଓ ବେଲପତ୍ରଙ୍କୁ ତିନି ଦିନ ରଖି ଲାଗିକଲେ ଏହା ମାରା ହୋଇନଥାଏ । ସଂକ୍ରାନ୍ତି, ଅମାବାସ୍ୟା, ଦ୍ୱାଦଶୀ ତିଥି, ସନ୍ଧ୍ୟା ଓ ରାତ୍ରରେ ତୁଳସୀ ଚୟନ ଶାସ୍ତ୍ରରେ ନିଷେଧ ରହିଛି । ଗଣେଶଙ୍କୁ ତୁଳସୀ ଦେବା ନିଷେଧ ।

ରଜଗୁଣରୁ ଧାତ୍ରୀ ଓ ତମ ଗୁଣରୁ ମାଳତୀ ବୃକ୍ଷର ଉତ୍ପନ୍ନ ହୋଇଅଛି । ଅଁଳା ପବିତ୍ର ବୃକ୍ଷ ରୂପେ ପୂଜା ପାଇଲେ ଓ ଅତିପ୍ରିୟ ହୋଇ ଦୈନିକ ବିଷ୍ଣୁଙ୍କ ସେବାରେ ଡାଳ ପତ୍ର ବ୍ୟବହାର ହେଲେ । କାର୍ତ୍ତିକ ଶୁକ୍ଳ ନବମୀ ତିଥିକୁ ପବିତ୍ର ଅଁଳା ନବମୀ କୁହାଯାଏ । ବିଶେଷରେ ଏହି ଦିନ ଅଁଳା ଡ଼ାଳପତ୍ର ବିଷ୍ଣୁଙ୍କୁ ଲାଗିହୁଏ । ଏହିଦିନ ଅଁଳା ବୃକ୍ଷ ଜଗଦ୍ଧାତ୍ରୀ (ଦୁର୍ଗା) ରୂପେ ସର୍ବତ୍ର ପୂଜା ପାଆନ୍ତି । କିନ୍ତୁ ମାଳତୀ ତମଗୁଣୀ ହେତୁ ବିଷ୍ଣୁ ତାହାକୁ ଅରଣ୍ୟରେ ତ୍ୟାଗ କଲେ । ଏହା କେବଳ ବିଷ୍ଣୁଙ୍କ ଶୟନ କାଳରେ ରାତ୍ରିରେ ଲାଗି ହୁଏ । ଶ୍ରୀଜଗନ୍ନାଥଙ୍କ ବଡ଼ସିଂହାର ବେଶରେ ରାତ୍ରିରେ ମାଳତୀ ଲାଗି ହୁଏ ।

ଏ.ଏଲ–୫୩
ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର

# ମୋ ଦେଶ

**ଇଂ ଭାଗିରଥି ସେଠୀ**

ମୋ ଦେଶ ଅଟଇ ସୁଜଳା ସୁଫଳା
ଭାରତ ତାହାର ନାଆଁ
ମୋ ଦେଶ ମାଟିରେ ସୁନା ଫଳିଥାଏ
ହସେ ମୋ ସହର ଗାଆଁ ।

ମୋ ଦେଶର ଯେତେ କଳକାରଖାନା
ମୋ ଦେଶ ଗୌରବ ସେହି
ମୋ ଦେଶର ନଦୀ ଗଙ୍ଗା ଗୋଦାବରୀ
କୁଳୁ କୁଳୁ ଯାଏ ବହି ।

ମୋ ଦେଶରେ ଅଛି ଗୀର୍ଜା ମସ୍‌ଜିଦ୍
ମନ୍ଦିର ବୌଦ୍ଧ ପୀଠ
ମୋ ଦେଶ ମଣିଷ ପଢେ ବାଇବେଲ୍
ଗୀତା କୋରାନ୍‌ର ପାଠ ।

ସର୍ବ ଧର୍ମର ସମନ୍ୱୟ ଏଠି
ଭେଦଭାବ କିଛି ନାହିଁ
ଏକଜୁଟ ହେଉ ଭାରତୀୟ ଆମେ
ଶତ୍ରୁର ସାମନା ପାଇଁ ।

ମୋ ଦେଶେ ଜନମ ହୋଇଛନ୍ତି କେତେ
ସାଧୁ ସନ୍ଥ ମହାବୀର
ଗାନ୍ଧୀ, ଗୋପବନ୍ଧୁ, ନେହେରୁ ଏ ଦେଶେ
ରଖିଲେ ଦେଶର ଶିର ।

ମୋ ଦେଶ ଚାଲିଛି ପ୍ରଗତିର ପଥେ
ହୋଇ ଆମେ ଅଗ୍ରଗତି
ମୋ ଦେଶ ଗୌରବ ବିଶ୍ୱେ ବିରାଜୁଛି
ଦେଖି ତା ଅହିଂସା ନୀତି ।

ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର

# ଭୂଦାନ ଯଜ୍ଞର ସନ୍ଥ

**ପଣ୍ଡିତ ତ୍ରିଲୋଚନ ମିଶ୍ର**

ଦେବଭୂମି ଭାରତବର୍ଷରେ ଏପରି କୌଣସି ଭୂଖଣ୍ଡ ନାହିଁ ଯେଉଁଠାରେ ସିଦ୍ଧ ସନ୍ଥମାନଙ୍କର ଆବିର୍ଭାବ ନ ଘଟିଛି । ବୀରଭୂମି ମହାରାଷ୍ଟ୍ର ମଧ୍ୟ ଏ ସୌଭାଗ୍ୟରୁ ବଞ୍ଚିତ ହୋଇନାହିଁ । ସନ୍ଥ ନାମଦେବ, ସନ୍ଥ ଜ୍ଞାନଦେବ, ସନ୍ଥ ଏକନାଥ, ସନ୍ଥ ତୁକାରାମ, ସମର୍ଥ ସନ୍ଥ ରାମ ଦାସଙ୍କ ପରି ମହାନ ସନ୍ଥମାନେ ଏଠାରେ ଜନ୍ମ ନେଇଛନ୍ତି । ଏ ଯୁଗରେ ସେହି ମହାତ୍ମାମାନଙ୍କ ସହ ଯୋଡି ହୋଇଗଲେ ସନ୍ଥ ବିନୋବାଭାବେ । ୧୮୯୫ ମସିହା ସେପ୍ଟେମ୍ବର ୧୧ ତାରିଖ ଦିନ ପିତା ନରହରି ଓ ମାତା ରୁକ୍ମିଣୀ ଦେବୀଙ୍କ କୋଳମଣ୍ଡନ କରିଥିଲେ ଏହି ମହାନ ସନ୍ଥ । ପିତା ଶିଶୁଟିର ନାମ ରଖିଥିଲେ ବିନାୟକ । ମାତ୍ର ଜେଜେ ଶମ୍ଭୁ ରାଓ ଶ୍ରଦ୍ଧାରେ ଡାକୁଥିଲେ ବିନ୍ୟା । ଜେଜେ, ଜେଜେମା ଶିଶୁଟିକୁ ବାଲ୍ୟକାଳରୁ ରାମାୟଣ, ମହାଭାରତ, ଭାଗବତ କଥା ଶୁଣାଇ ଆଧ୍ୟାତ୍ମିକ ମୂଳଦୁଆ ପକାଇ ଦେଇଥିଲେ । ମାତ୍ର ୩ବର୍ଷରେ ଶିଶୁ ବିନ୍ୟା ଅକ୍ଷର ଶିଖି, ଗୀତା ପାଠ ଆରମ୍ଭ କରିଦେଲେ । ଆଠବର୍ଷରେ ଗୀତାଜ୍ଞାନେଶ୍ୱରୀ ତାଙ୍କର କଣ୍ଠସ୍ଥ ହୋଇଗଲା । କୋଷ୍ଠୀ ସୁଝାଇ ପିତା ତାଙ୍କୁ ୧୦ ବର୍ଷରେ ଯଜ୍ଞୋପବୀତ ପ୍ରଦାନ କଲେ । ଜନ୍ମସ୍ଥାନ ବରୋଦାରୁ ବାଲ୍ୟଶିକ୍ଷା ସାରି ସେ ଅହମ୍ମଦାବାଦ ଯାଇ ମାଟ୍ରିକ ପାସ୍‌କଲେ । ପିତାଙ୍କ ଆଗ୍ରହକୁ ଦେଖି ସେ ଫ୍ରେଞ୍ଚ ପଢି କୃତକାର୍ଯ୍ୟ ହେଲେ । ମାତ୍ର ଏହି ଶିକ୍ଷା ଇଂରେଜମାନଙ୍କ ପାଖରେ ଗୋଲାମି କରିବା ପାଇଁ ଉଦ୍ଦିଷ୍ଟ ଜାଣି ସେ ଶିକ୍ଷାର ସମସ୍ତ ପ୍ରମାଣପତ୍ର ପୋଡି ଦେଇ ଭାରତୀୟ ଶିକ୍ଷାର ମୂଳାଧାର ସଂସ୍କୃତ ଅଧ୍ୟୟନ ଲକ୍ଷ୍ୟରେ କାଶୀ ଚାଲିଗଲେ । ସେଠାରେ ମୁକ୍ତି ସଂଗ୍ରାମର ମହାରଥୀ ତାନ୍ତିଆ ଟୋପେଙ୍କ ଭଗ୍ନିଙ୍କ ଗୃହରେ ରହି ୧୨ବର୍ଷର ସଂସ୍କୃତ ଶିକ୍ଷାକୁ ମାତ୍ର ୩ମାସରେ ସାରିଦେଲେ । ତାଙ୍କର ଏଭଳି ଅଲୌକିକ ପ୍ରତିଭା କାଶୀର ପଣ୍ଡିତ ମଣ୍ଡଳୀଙ୍କୁ ପ୍ରଭାବିତ କରିଥିଲା ।

୧୯୧୬ ମସିହାରେ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଗାନ୍ଧିଜୀଙ୍କ ପ୍ରଦତ୍ତ ଭାଷଣ ତାଙ୍କୁ ମୁକ୍ତି ସଂଗ୍ରାମ ପାଇଁ ଆକୃଷ୍ଟ କରିଥିଲା । ହିମାଳୟକୁ ତପସ୍ୟା କରି ଯିବା ଚିନ୍ତନ ବଦଳାଇ ସେ ସାବରମତୀ ଆଶ୍ରମକୁ ଯାଇ ବାପୁଜୀଙ୍କୁ ସାକ୍ଷାତ କଲେ । ପ୍ରଥମ ଦର୍ଶନରେ ଉଭୟେ ଉଭୟକୁ ଜାଣି ଏକାଠି ହୋଇଗଲେ । ଏପରି ହେଲା ଯେ ପରସ୍ପର ପରସ୍ପରକୁ ଗୁରୁଜ୍ଞାନ କଲେ । ଗୀତାଜ୍ଞାନ ଆହରଣ ପାଇଁ ବାପୁଜୀ ବିନୋବାଜୀଙ୍କୁ ଗୁରୁ ମଣୁଥିବା ସ୍ଥଳେ ମୁକ୍ତି ସଂଗ୍ରାମ ପରିଚାଳନାରେ ବିନୋବାଜୀ ବାପୁଜୀଙ୍କୁ ଗୁରୁ ଆସନ ଦେଇଥିଲେ । ନିଜେ ବାପୁଜୀ ବିନାୟକଙ୍କୁ ବିନୋବାଭାବେ ନାମ ପ୍ରଦାନ କରିଥିଲେ । ପୂଜ୍ୟ ବାପୁଙ୍କ ପ୍ରିୟ ଓ୍ୱାର୍ଦ୍ଧା ଆଶ୍ରମ ଓ ନିଜର ତପଃସ୍ଥଳୀ ପୌନାର ଆଶ୍ରମ ବିନୋବାଜୀଙ୍କ ଦ୍ୱାରା ହିଁ ପୂର୍ଣ୍ଣାଙ୍ଗ ହୋଇଥିଲା ।

୧୯୪୦ ମସିହାରେ ବାପୁଜୀ ଅସହଯୋଗ ଆନ୍ଦୋଳନକୁ କ୍ରିୟାଶୀଳ କରାଇବା ପାଇଁ ନୀତିନିଷ୍ଠ ନିଷ୍ଠଳଙ୍କ ସତ୍ୟାଗ୍ରହୀଙ୍କୁ ଖୋଜିବା ଆରମ୍ଭ କରି ସନ୍ଥ ବିନୋବାଜୀଙ୍କୁ ପ୍ରଥମ ସତ୍ୟାଗ୍ରହୀ ଘୋଷଣା କରିଦେଲେ । ୧୯୪୨ 'ଭାରତଛାଡ' ଆନ୍ଦୋଳନରେ ସଂପୃକ୍ତି ହେତୁ ବିନୋବାଜୀ ୩ବର୍ଷ ଜେଲ ଦଣ୍ଡ ଭୋଗିଲେ । ଜେଲ୍ ମଧ୍ୟରେ ରାଜବନ୍ଦୀର ସୁବିଧା ସୁଯୋଗକୁ ବର୍ଜନ କରି ସାଧାରଣ ବନ୍ଦୀ ଜୀବନ କଟେଇ ସେ ସଚ୍ଚା ସତ୍ୟାଗ୍ରହୀ ଧର୍ମ ପାଳନ କରିଥିଲେ । ଜେଲ୍ ଜୀବନ କଟେଇବା ସମୟରେ ସେ ଅନେକ ଦୁର୍ଲଭ ରଚନା କରିବା ସହ ସମସ୍ତ ଭାରତୀୟ ଭାଷା ବନ୍ଦୀମାନଙ୍କଠାରୁ ଶିଖିନେଇଥିଲେ । ଜେଲ୍‌ରୁ ମୁକ୍ତ ହେବାପରେ ସେ ସତ୍ୟାଗ୍ରହ ସାରସ୍ୱତ ସାଧନା, ସର୍ବୋଦୟ, ଗୋସୁରକ୍ଷା, ନିଶା ନିବାରଣ, ମୌଳିକ ଶିକ୍ଷା, ଗୀତଜ୍ଞାନ ଶିକ୍ଷା ଭଳି ମହାନ କାର୍ଯ୍ୟରେ ମଜ୍ଜି ରହିଥିଲେ । ୧୯୪୮ ମସିହା ବାପୁଙ୍କ ବିୟୋଗ ତାଙ୍କୁ ଭାରି

ବାଧିଥିଲା । ମାତ୍ର ବିଚଳିତ ନହୋଇ ସମଗ୍ର ଭାରତବର୍ଷ ପଦଯାତ୍ରାରେ ବାହାରିଲେ । ଲକ୍ଷ୍ୟ ଥିଲା ସମାଜର ଅବହେଳିତ, ଦଳିତମାନଙ୍କ ସହ ମିଶିବା ଓ ସେମାନଙ୍କୁ ବାପୁ ଆଣିଥିବା ସ୍ୱାଧୀନତାର ଉଦ୍ଦେଶ୍ୟ ବୁଝାଇବା । ନିଃସ୍ୱ କୃଷିଜୀବୀମାନଙ୍କୁ କିଛି କିଛି ଚାଷଜମି ଯୋଗାଇ ଦେବା ଲକ୍ଷ୍ୟରେ ସେ ଭୂଦାନ ଯଜ୍ଞ ଆରମ୍ଭ କଲେ । ୧୯୫୧ ମାର୍ଚ୍ଚ ୧୮ ତାରିଖ ଦିନ ତାଙ୍କ ପଦଯାତ୍ରା ପହଞ୍ଚିଲା ହାଇଦ୍ରାବାଦ ସନ୍ନିକଟ ଏକ ପଲ୍ଲୀ ଗ୍ରାମରେ । ସନ୍ଥଙ୍କ ମନକଥା ଜାଣି ରାମଚନ୍ଦ୍ର ରେଡ୍ଡି ନାମକ ଜଣେ ସହୃଦୟ ବ୍ୟକ୍ତି ୧୦୦ ଏକର ଜମି ଭୂଦାନ ଯଜ୍ଞ ପାଇଁ ଦାନ କରିଦେଲେ । ଏଥିରେ ଉତ୍ସାହିତ ହୋଇ ସନ୍ଥ ବିନୋବା ସମଗ୍ର ଦେଶ ବୁଲି ମାତ୍ର ୫ବର୍ଷ ମଧ୍ୟରେ ୧୨ଲକ୍ଷ ଏକର ଜମି ପାଇ ଦରିଦ୍ର ନିଃସ୍ୱମାନଙ୍କୁ ବାଣ୍ଟିଦେଲେ । ୧୯୫୫ରେ ବିନୋବାଜୀଙ୍କ ପାଦ ଓଡ଼ିଶା ମାଟି ମାଡ଼ିଲା । ଏଠାରେ ମଧ୍ୟ ତାଙ୍କୁ ୩ଲକ୍ଷ ଏକର ଜମି ମିଳିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । ଶ୍ରୀକ୍ଷେତ୍ର ପୁରୀରେ ଆୟୋଜିତ ୭ମ ଜାତୀୟ ସର୍ବୋଦୟ ମେଳାର ମୁଖ୍ୟ ଆକର୍ଷଣ ଥିଲେ ସନ୍ଥ ବିନୋବା । ଶ୍ରୀକ୍ଷେତ୍ରରୁ ବ୍ରହ୍ମପୁର ଦେଇ ଚିର ଅବହେଳିତ ବନବାସୀ ବହୁଳ କୋରାପୁଟ ଜିଲ୍ଲାରେ ପହଞ୍ଚିଥିଲା ଭୂଦାନଯଜ୍ଞ ପଦଯାତ୍ରା । କେବଳ ଜମି ନୁହେଁ, ୨୭୦ ଖଣ୍ଡ ଗ୍ରାମବାସୀ ତାଙ୍କୁ ସମସ୍ତ ଗ୍ରାମ ଦାନ କରି ଇତିହାସ ରଚିଲେ । ସେସବୁ ଗ୍ରାମର ପ୍ରତ୍ୟେକ ଗ୍ରାମବାସୀ ପରସ୍ପର ଦୁଃଖ ସୁଖରେ ସମଭାଗି ହୋଇ ଚଳିବାକୁ ସନ୍ଥଙ୍କ ସମ୍ମୁଖରେ ସଙ୍କଳ୍ପ କଲେ । ସରଳପ୍ରାଣ ବନବାସୀମାନଙ୍କର ଏତାଦୃଶ ସଂକଳ୍ପ ବିନୋବାଜୀଙ୍କୁ ବିଶେଷ ପ୍ରଭାବିତ କରିଥିଲା । ସଦାଶିବ ତ୍ରିପାଠୀ ନିଜ ପୈତୃକ ସମ୍ପତ୍ତିରୁ ୫୦ ଏକର ଭୂଦାନ ଯଜ୍ଞରେ ଦାନ ଦେଇ ରାଜ୍ୟ ପାଇଁ ଆଦର୍ଶ ହୋଇଗଲେ । ଦୀର୍ଘ ୪ମାସ ଧରି କୋରାପୁଟ ଜିଲ୍ଲାର ଗାଁକୁ ଗାଁ ପରିକ୍ରମା କରିଥିଲେ ସନ୍ଥ ବିନୋବା । ଏହି ଐତିହାସିକ ଯାତ୍ରାରେ ସନ୍ଥଙ୍କ ସହ ସାମିଲ ଥିଲେ ମା ରମାଦେବୀ, ମା' ଅନ୍ନପୂର୍ଣ୍ଣା ଦେବୀ, ମା' ଗୋଦାବରୀ ଦେବୀ, ମା ଇନ୍ଦୁମତୀ ଦେବୀ, ମା ମାଳତୀ ଦେବୀ, ସଦାଶିବ ତ୍ରିପାଠୀ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ବାଞ୍ଛାନିଧି ମିଶ୍ର, ମହମ୍ମଦ ବାଜୀ ଓ ଆହୁରି ଅନେକ । ସର୍ବୋଦୟ ଚିନ୍ତନର ଶ୍ରେୟ ହିଁ ମିଳିଛି ଏହି ପ୍ରଥିତଯଶାମାନଙ୍କୁ ।

ପୂଜ୍ୟ ବିନୋବାଜୀ ଥିଲେ ଜଣେ ବହୁ ଭାଷାବିତ୍ ଓ ସାରସ୍ୱତ ସାଧକ । ସମସ୍ତ ଭାରତୀୟ ଭାଷା ସହ ଇଂରାଜୀ, ଫ୍ରେଞ୍ଚ, ଜର୍ମାନ, ଲାଟିନ୍, ପାର୍ଶୀ, ଆରବୀ ଭାଷାଜ୍ଞାନ ତାଙ୍କର ଥିଲା । ଧର୍ମଗ୍ରନ୍ଥ ବେଦ, ବେଦାନ୍ତ, ପୁରାଣ, ଉପନିଷଦ, କୋରାନ, ବାଇବେଲ୍, ଗୁରୁଗ୍ରନ୍ଥ ସାହେବ, ବୌଦ୍ଧ ଦର୍ଶନ, ଜୈନ ଦର୍ଶନର ଗୁରୁତତ୍ତ୍ୱକୁ ସେ ଆହରଣ କରି ନିର୍ଭୁଲ ଭାବେ ବୋଲି ବୁଝାଇ ପାରୁଥିଲେ । କେବଳ ଏଇଥିପାଇଁ ଗାନ୍ଧିଜୀ ତାଙ୍କୁ ଅତି ମାନବ ଭାବେ ସମ୍ବୋଧନ କରୁଥିଲେ । ସାମ୍ୟବାଦର ବୈପ୍ଲବିକ ଚିନ୍ତନକୁ ସନ୍ଥ ବିନୋବାଙ୍କ ଭୂଦାନ, ଗ୍ରାମଦାନ, ଗ୍ରାମସ୍ୱରାଜ୍ୟ, ସର୍ବୋଦୟ ସଫଳତା ବଦଳାଇ ଦେଇଥିଲେ । ଆମେ କିନ୍ତୁ ଏହି ଅତି ମାନବଙ୍କ ମହାନ ଚିନ୍ତନକୁ ଭୁଲିଗଲେ । ନୀତିଭ୍ରଷ୍ଟମାନଙ୍କ ନାଲିଫିତା ତଳେ ତାଙ୍କ ସର୍ବୋଦୟ ବାଣୀ ଚିପି ହୋଇ ରହିଗଲା । ଗାନ୍ଧୀଙ୍କ ରାମରାଜ୍ୟ ବିନୋବାଙ୍କ ଗ୍ରାମ୍ୟ ସ୍ୱରାଜ୍ୟ ଇତିହାସ ହୋଇ ରହିଗଲା । ଦେଶ ନୀତିଭ୍ରଷ୍ଟମାନଙ୍କ କବଳକୁ ଚାଲିଗଲା । ୧୯୮୨ ନଭେମ୍ବର ୧୫ ତାରିଖ ପବିତ୍ର ଦୀପାବଳି ଦିନ ଏହି ମହାନ ସନ୍ଥ ବ୍ରହ୍ମଲୀନ ହୋଇଗଲେ । ଉପବାସ ବ୍ରତରଖି ଶୁଦ୍ଧ ଶରୀରରେ ସେ ପରମାତ୍ମାଙ୍କ ପାଖକୁ ଚାଲିଗଲେ । ତାଙ୍କୁ ୧୯୮୩ରେ ମରଣୋତ୍ତର 'ଭାରତରତ୍ନ' ସମ୍ମାନ ଅର୍ପଣ କରାଗଲା । ଅବହେଳିତ ନିଃସ୍ୱ ସମାଜ ଆଶାଭରସା ହରାଇ ବସିଲେ । ରାମରାଜ୍ୟ ଭଳି ଭୂଦାନ, ଗ୍ରାମସ୍ୱରାଜ୍ୟ, ସର୍ବୋଦୟ ସେମାନଙ୍କ ପାଇଁ ସ୍ୱପ୍ନହୋଇ ରହିଗଲା ଆମେ ସବୁ ନିରବ ରହିଲେ, ଭବିଷ୍ୟତ ଆମ ନିରବତାକୁ କ୍ଷମାଦେବ ତ ?

ଆବାହକ
ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ, ଶହୀଦ୍ ସ୍ମୃତି ସଂସଦ

❖ ❖ ❖

# ଶିଶୁ ଅଧିକାର ଓ ତା'ର ସୁରକ୍ଷା

**ଶଶଧର ମହନ୍ତୀ**

ଆଜିର ଶିଶୁ ଆଗାମୀ ଦେଶର ଭବିଷ୍ୟତ କର୍ଣ୍ଣଧାର । ଶିଶୁର ସ୍ଥିତି, ଅବସ୍ଥିତି ସମାଜଟିର ଗଠନ ଓ ପ୍ରଗତି ବିଷୟରେ ସୂଚନା ଦେଇଥାଏ । ଆମେ ସାଧାରଣଭାବେ ଜନ୍ମରୁ ୬ବର୍ଷ ମଧ୍ୟରେ ଥିବା ପିଲାଙ୍କୁ ଶିଶୁ ବୋଲି ସମ୍ବୋଧନ କରିଥାଉଁ । ଯେଉଁ ଶିଶୁମାନେ ଉପଯୁକ୍ତ ପରିବାର ଓ ପରିବେଶରେ ନିଜର ଗଠନ ଶୈଳୀକୁ ସଠିକ୍‌ଭାବେ ଗ୍ରହଣ କରିଥାଆନ୍ତି, ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇଥାଏ । ଦେଖାଯାଇଛି, ଯେଉଁ ଶିଶୁ ବାଲ୍ୟକାଳରୁ ଅବହେଳିତ, ନିଷ୍ପେଷିତ ଅବସ୍ଥାରେ ଥାଆନ୍ତି ଆସନ୍ତା ସମୟରେ ସେମାନେ ଅସାମାଜିକ, ହିଂସ୍ର କାର୍ଯ୍ୟରେ ଲିପ୍ତ ରହନ୍ତି । ସେମାନଙ୍କ ଜୀବନ ଯେତିକି ଦୁର୍ବିସହ ହୁଏ, ସମାଜଲାଗି ସେତିକି ବଡ ସମସ୍ୟା ମଧ୍ୟ ସୃଷ୍ଟି କରୁଥାଆନ୍ତି । ଅଠର ବର୍ଷ ମଧ୍ୟରେ ଆମ ଦେଶରେ ଶିଶୁମାନଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ଏକ ତୃତୀୟାଂଶ ।

୧୯୯୯ ମସିହାରେ ଓଡ଼ିଶା ମହାବାତ୍ୟା ପରେ ୟୁନିସେଫ୍‌ର ସହାୟତା ସମଗ୍ର ଭାରତବର୍ଷକୁ ମିଳିଥିଲା । ଶିକ୍ଷା ଓ ସାକ୍ଷରତା ଉପରେ ଏକ ସର୍ଭେ କରାଯାଇ ଦେଖାଗଲା, ଭାରତରେ ପ୍ରାୟ ୪୫ ଭାଗ ଶିଶୁ ପାଠ ପଢିବାକୁ ପ୍ରାଥମିକ ବିଦ୍ୟାଳୟକୁ ଯାଉନଥିବା ଏବଂ ଅଧାରୁ ପାଠ ଛାଡି ଯାଉଥିବା ଅବସ୍ଥା ଥିବାର ଅନୁଧ୍ୟାନ କରିବା ପରେ ଶିଶୁମାନଙ୍କ ଶିକ୍ଷା ଅଧିକାର ସାବ୍ୟସ୍ତ କରିବାର ମହାନ୍ ଲକ୍ଷ୍ୟ ପୋଷଣ କରି ସାରା ଭାରତରେ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ଶୁଭାରମ୍ଭ ହେଲା । ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ କରିବା, ଭାରତର ସବୁ ଶିଶୁଙ୍କୁ ଶିଶୁ ଅଧିକାର ମାଧ୍ୟମରେ ଶିକ୍ଷା ପ୍ରଶାସକମାନେ ସାମିଲ ହେଲେ । ଆହ୍ୱାନ ଥିଲା, 'ସଭିଏଁ ପଢନ୍ତୁ , ସଭିଏଁ ବଢନ୍ତୁ' । ଏହି ସ୍ଲୋଗାନ ଓ ଲୋଗୋରେ ଏକ ପେନ୍‌ସିଲ୍ ଉପରେ ଆଗରେ ବାଳିକା ଓ ପଛରେ ବାଳକଟିଏ ବସି ହାତରେ ପୁସ୍ତକ ଧରିଥିବାର ଫଟୋଚିତ୍ର ରହିଲା । ସେତେବେଳେ ସର୍ଭେକ୍ଷଣ ରିପୋର୍ଟ ଅନୁଯାୟୀ ଝିଅମାନଙ୍କ ଶିକ୍ଷାର ହାର ପୁଅମାନଙ୍କଠାରୁ ଯଥେଷ୍ଟ କମ୍ ଥିଲା । ଅନ୍ତତଃ ଏହି ଦୁଇ ଶ୍ରେଣୀ ପୁଅ ଓ ଝିଅ ମଧ୍ୟରେ ଶିକ୍ଷାର ହାର ସମତୁଲ କରିବା ସହିତ ପ୍ରତ୍ୟେକ ଶିଶୁମାନଙ୍କୁ ପାଠ ପଢାଇବାର ସମସ୍ତ ସୁଯୋଗ ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ । ଜାଣିବା ଦରକାର ଶିକ୍ଷା ଓ ସୁରକ୍ଷା ପ୍ରତିଟି ଶିଶୁର ମୌଳିକ ଅଧିକାର । ସେଥିପାଇଁ ଭାରତର ସମସ୍ତ ବିଦ୍ୟାଳୟରେ ଥିବା କଚ୍ଚାଘରଗୁଡିକୁ ପରିବର୍ତ୍ତନ କରି ପକ୍କାଘର ନିର୍ମାଣ କରିବାକୁ ଅର୍ଥ ବ୍ୟବସ୍ଥା କରାଯାଇଛି । ଏକ ସୁନ୍ଦର କୋଠାଘରେ ବିଜୁଳି ଆଲୁଅ, ପଙ୍ଖା ତଳେ ବସି ପିଲାମାନଙ୍କୁ ଶିକ୍ଷାଦାନ କରିବା ପାଇଁ ଶିକ୍ଷକମାନଙ୍କର ପାଠପଢା ଶୈଳୀକୁ ବ୍ୟାପକ ପରିବର୍ତ୍ତନ କରାଯାଇଛି । ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଉପଯୁକ୍ତ ତାଲିମ ବ୍ୟବସ୍ଥା କରାଯାଉଛି । ପାରମ୍ପରିକ ଶିକ୍ଷା ପଦ୍ଧତି ପରିବର୍ତ୍ତେ ସକ୍ରିୟାତ୍ମକ ଶିକ୍ଷାଦାନ ପଦ୍ଧତିର ପ୍ରଚଳନ କରାଯାଇଛି । ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନରେ ମୂଳଦୁଆକୁ ମଜଭୁତ କରି ସୁନ୍ଦର ଶୈକ୍ଷିକ ପରିବେଶ ମାଧ୍ୟମରେ ଶିକ୍ଷା ଅଧିକାରକୁ ଶିଶୁମାନଙ୍କ ପାଇଁ ଖୁବ୍ ଆକର୍ଷଣୀୟ କରାଯାଉଛି । ପିଲାମାନଙ୍କ ଭିତରେ ଥିବା ପାଠପଢା ପ୍ରତି ଭୟ ଦୂର କରାଯାଇ ଏକ ମୁକ୍ତ ସ୍ୱାଧୀନ ଶିକ୍ଷାଳୟ ଭିତରେ ନୃତ୍ୟ, ସଂଗୀତ, କ୍ରୀଡା, ବକ୍ତୃତା, ଚିତ୍ରାଙ୍କନ, କୁଇଜ୍ ଭଳି ବିଭିନ୍ନ ସହଶୈକ୍ଷିକ କାର୍ଯ୍ୟ କରାଯାଉଛି । କେବଳ ବହି ପାଠ ବ୍ୟତୀତ ଅନ୍ୟାନ୍ୟ ଅନ୍ତର୍ନିହିତ ଗୁଣର ବିକାଶ କରିବା ପାଇଁ ବିଭିନ୍ନ ସୁଯୋଗ ବିଦ୍ୟାଳୟ ପରିସରରେ ସୃଷ୍ଟି କରାଯାଉଛି । ଏହାଦ୍ୱାରା ପିଲାଟି ନିଜ ନିଜ ବିଦ୍ୟାଳୟ ପ୍ରତି ଅଧିକ ଆକର୍ଷିତ ହେଉଛି । ତା'ର ଏଭଳି ସହଶିକ୍ଷଣ ଗୁଣ ମଧ୍ୟରୁ ଯେଉଁଟିକୁ ପସନ୍ଦ କରୁଛି, ସେହି ପାଠକୁ ବାଛି ନେଉଛି । ସର୍ବଶିକ୍ଷା ପ୍ରଚଳନ ହେବା ଫଳରେ ଶିଶୁମାନଙ୍କ ଶିକ୍ଷାର ହାର ଯଥେଷ୍ଟ ପରିମାଣରେ ବୃଦ୍ଧି ଘଟିଛି । 'ସର୍ବଶିକ୍ଷା ଅଭିଯାନ' ପରେ ପରେ ଏହାର କେତେକ ନିୟମକୁ ପରିବର୍ତ୍ତନ କରି ୨୦୦୯ ମସିହାରୁ ଭାରତ ସରକାର 'ଶିକ୍ଷା ଅଧିକାର' ପ୍ରଣୟନ କରିଛନ୍ତି । ଏଥିରେ ସବୁ ଶିଶୁ ଶିକ୍ଷା ଅଧିକାରରେ ସାମିଲ ହେବେ । କୌଣସି ଶିଶୁ

ଶିକ୍ଷାଲାଭରୁ ବଞ୍ଚିତ ହେବେ ନାହିଁ । ଯେଉଁମାନେ ଏଭଳି ମହାନ୍ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ବଦଳରେ ପ୍ରତିବାଦ, ଅସହଯୋଗ କିମ୍ବା ଅବହେଳା କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ସୁତରାଂ ଯେକୌଣସି ପରିସ୍ଥିତିରେ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ମଧ୍ୟ କୌଣସି ପରିସ୍ଥିତିରେ ଶିକ୍ଷା ଅଧିକାରକୁ ବ୍ୟତିକ୍ରମ କରିପାରିବେ ନାହିଁ । ଶିଶୁମାନଙ୍କର ଶିକ୍ଷା ଅଧିକାର ଭାରତ ସମ୍ବିଧାନ ଆଇନ୍‌ରେ ପରିଣତ ହୋଇଯାଇଛି । ଆମ ରାଜ୍ୟରେ ଏହି ମହତ୍ ଲକ୍ଷ୍ୟ ସାଫଲ୍ୟ ମଣ୍ଡିତ କରିବାକୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶିକ୍ଷାବିତ୍ ଓ ଶିକ୍ଷକମାନେ ମଧ୍ୟ ନିଜକୁ ସମର୍ପଣ କରି ଦେଇଛନ୍ତି । ସରକାର ବହୁ ଯୋଜନା କାର୍ଯ୍ୟକାରୀ କରିଥିଲେ ମଧ୍ୟ 'ସର୍ବଶିକ୍ଷା ଅଭିଯାନ' ଏବଂ ତତ୍‌ପରେ 'ଶିକ୍ଷା ଅଧିକାର' ସଫଳତା ଦିଗରେ ଦୃଢ଼ ପଦକ୍ଷେପ ପୋଷଣ କରିଛି । ସୁତରାଂ 'ଶିକ୍ଷା ଅଧିକାର' ଆଇନ୍‌ରେ ପରିଣତ ହେବାପରେ ସବୁଗୋଷ୍ଠୀର ଲୋକେ ଅଧିକ ସଚେତନ ହୋଇ ଉଠିଛନ୍ତି । ଗୋଷ୍ଠୀ ସହାୟତା, ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟିର ସହଯୋଗ ଫଳରେ ଆଜି ସବୁ ସହର, ଗାଁ କିମ୍ବା ସାହି ବସ୍ତିରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହେଉଛି । 'ଶିକ୍ଷା ଅଧିକାର'ରେ ଖାଲି ପାଠ ପଢ଼ିଲେ ହେବନି । ଶିଶୁମାନଙ୍କ ପାଇଁ ବିଦ୍ୟାଳୟରେ ଅଧୁନା ସୁରକ୍ଷା ଅପରିହାର୍ଯ୍ୟ ହୋଇପଡ଼ିଛି । ଏହି ସମସ୍ୟା ମଧ୍ୟ ସାରା ପୃଥିବୀରେ ଆତଙ୍କ ଖେଳାଇ ଦେଇଛି । ୨୦୧୪ ମସିହା ଡିସେମ୍ବର ମାସରେ ପାକିସ୍ତାନର ପେଶୱାର ଆର୍ମି ପବ୍ଲିକ୍ ସ୍କୁଲରେ ନିଷ୍ଠୁର ତାଲିବାନ ଉଗ୍ରପନ୍ଥୀମାନେ କୋମଳମତି, ନିଷ୍ପାପ ଶିଶୁ କିଶୋର ବୟସର ପିଲାମାନଙ୍କୁ ଯେଭଳି ଜଘନ୍ୟ ହତ୍ୟାକଲେ, ତାହା ସମଗ୍ର ପୃଥିବୀବାସୀଙ୍କ ହୃଦୟ ତନ୍ତ୍ରିକୁ ଦୋହଲାଇ ଦେଇଛି । ଥରାଇ ଦେଇଛି ଏ ମାଟିକୁ । ଶହ ଶହ ପରିବାରର ବାପା ମାଆଙ୍କ ଆଖିରୁ ଏ ଯାଏଁ ଲୁହ ଶୁଖୁନି । ସାରା ପରିବାର ଆଜି ନିଃସହାୟ । ଏଇ ଶିଶୁ କି ଅପରାଧ କରିଥିଲେ ? ଯେଉଁମାନେ ନିରୀହ, କୋମଳମତି, ନବକାକଳି, ସେମାନେ ଆମ ସମାଜର ଭବିଷ୍ୟତ ଓ ଆଗାମୀ ପିଢ଼ି । ପରସ୍ପର କ୍ରୋଧର ଶିକାର ହେଲେ ସେମାନେ, ଯେଉଁମାନେ ଦୁନିଆକୁ କମ୍ ଜାଣିଥିଲେ । ଏ ଉଗ୍ରପନ୍ଥୀମାନେ କାପୁରୁଷ, ଅମଣିଷ । ମଣିଷ ଜାତି ଯୁଗେ ଯୁଗେ ସେମାନଙ୍କର ଏଭଳି ଜଘନ୍ୟ ଅପରାଧ ପାଇଁ କେବେ ବି କ୍ଷମା ଦେବନି । ଏଭଳି ହୀନ, ଘୃଣ୍ୟ, କଦର୍ଯ୍ୟ ମାନସିକତାର ପରିବର୍ତ୍ତନ ନିହାତି ଆବଶ୍ୟକ ।

ଗୋଟିଏ ଶିଶୁ ପାଇଁ ତା'ର ପରିବାର ହିଁ ସବୁଠାରୁ ସୁରକ୍ଷିତ ଜାଗା । ଶିଶୁଟିଏ ନିଜ ପରିବାର ଭିତରେ କିପରି ସୁସ୍ଥ ମାନସିକତା, ଉତ୍ତମ ପରିବେଶରେ ବଞ୍ଚିବ, ପରିବାର ଆଦର୍ଶକୁ ନେଇ ନିଜର ଅନ୍ତର୍ନିହିତ ଗୁଣରେ ବିକାଶ କରିବାର ସୁଯୋଗ ପାଇବ, ଏସବୁ ଦିଗ ପ୍ରତି ପ୍ରତ୍ୟେକେ ସଚେତନ ହେବା ଦରକାର । ସୁତରାଂ ଆଜି ସବୁ ପରିବାରକୁ ସଶକ୍ତିକରଣର ଆବଶ୍ୟକତା ରହିଛି । ସମସ୍ତ ଅସୁରକ୍ଷିତ ଶିଶୁମାନଙ୍କର ସୁରକ୍ଷା ଓ ଅଧିକାର ଦିଗରେ ଯେଉଁମାନେ ବାଧା ସୃଷ୍ଟି କରୁଛନ୍ତି, ସେମାନଙ୍କ ପ୍ରତି କଠୋର ଆଖିଦୃଶିଆ ଶାସ୍ତି ବିଧାନ କରିବା ସହ କ୍ଷତିଗ୍ରସ୍ତ ଶିଶୁମାନଙ୍କର ଥଇଥାନ ପାଇଁ ମଧ୍ୟ ଦୃଢ଼ ପଦକ୍ଷେପ ନେବା ଦରକାର । ଶିଶୁ କନ୍ୟାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ସଙ୍ଗେ ସଙ୍ଗେ ସେମାନଙ୍କ ଜୀବନଶୈଳୀକୁ ପରିମାର୍ଜିତ କରିବା, ଲିଙ୍ଗଗତ ଓ ବୈଷମ୍ୟଠାରୁ ଊର୍ଦ୍ଧ୍ୱରେ ରହିବା, ଏଚ୍.ଆଇ.ଭି. ଏଡ୍‌ସ ଆକ୍ରାନ୍ତ ଶିଶୁମାନଙ୍କର ଉପଯୁକ୍ତ ସୁରକ୍ଷା ଚିକିତ୍ସା ଏବଂ ଯତ୍ନର ଆବଶ୍ୟକତା ରହିଛି । ଶିଶୁ ସୁରକ୍ଷା ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଚାଇଲ୍ଡ୍ ଲାଇନ୍, ଶିଶୁମାନଙ୍କ ସାମୟିକ ଆଶ୍ରୟ ଗୃହ, ଶିଶୁ କଲ୍ୟାଣ ସମିତି, ବାଳ ଅପରାଧ ଗୃହ ଭଳି ବିଭିନ୍ନ ହେଲ୍‌ପ ଲାଇନ୍ ଖୋଲିଥିଲେ ମଧ୍ୟ ଆଜି ବି ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ଯାଏଁ ଶିଶୁଟିଏ ଫୁଟପାଥିରେ ଅସୁରକ୍ଷିତ ଓ ଅବହେଳିତ । ଭାରତ ସ୍ୱାଧୀନତାର ବହୁବର୍ଷ ବିତିଯାଇଥିଲେ ସୁଦ୍ଧା ଶିଶୁମାନଙ୍କର ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟପ୍ରତି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରଗତିମୂଳକ କାର୍ଯ୍ୟକ୍ରମ ଉପରେ ବହୁଲୋକ ଅଜ୍ଞ ଅଛନ୍ତି । ଭାରତ ସରକାରଙ୍କ ଦ୍ୱାରା ଶିଶୁ ସୁରକ୍ଷା ଆଇନ୍ ପ୍ରଚଳନ ଆମ ସମସ୍ତ ଭାରତୀୟମାନଙ୍କର ମିଳିତ ଦାୟିତ୍ୱ । ସମାଜର ପ୍ରତି ଶ୍ରେଣୀର ଲୋକମାନେ ଆଗାମୀ ସକାଳର ଭବିଷ୍ୟତ, ଶିଶୁମାନଙ୍କର ଅଧିକାର ଓ ସୁରକ୍ଷା ଉପରେ କାର୍ଯ୍ୟକାରୀ ହେଉଥିବା ପ୍ରଗତିମୂଳକ କାର୍ଯ୍ୟକ୍ରମ ପ୍ରତି ସଚେତନ ହେବା ସଙ୍ଗେ ସଙ୍ଗେ ସହଯୋଗ କରିବା ଦରକାର । ତଥାପି ସମୟ ଅଛି ଆମ ହାତରେ । ଆସନ୍ତୁ, ଆମର ଭାରତବାସୀ ସକାଳର ସୁନେଲି ସୂର୍ଯ୍ୟ, ଦେଶ ଓ ଜାତିର ଉଜ୍ଜ୍ୱଳ ଭବିଷ୍ୟତ ଶିଶୁ କିଶୋର ପିଲାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଦିଗରେ ଅଧିକ ଯତ୍ନଶୀଳ ହେବା । ଏହାଦ୍ୱାରା ଶିଶୁ ଅଧିକାର ଫଳପ୍ରଦ ହେବା ସହିତ ସମଗ୍ର ବିଶ୍ୱ, 'ବସୁଧୈବ କୁଟୁମ୍ବକମ୍'ରେ ପରିଣତ ହୋଇ ପାରିବ ।

ପ୍ରଧାନ ଶିକ୍ଷକ
ବରାଳପୋଖରୀ, ଚରମ୍ପା, ଭଦ୍ରକ

# ଖଣ୍ଡଗିରିର ଆତ୍ମଲିପି

ନିରଞ୍ଜନ ପ୍ରଧାନ

ଭୁବନେଶ୍ୱର ବା ଏକାମ୍ର କ୍ଷେତ୍ର ମଧ୍ୟରେ ଖଣ୍ଡଗିରି ଅନ୍ୟତମ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀଭାବେ ପ୍ରସିଦ୍ଧ । ପୂର୍ବେ ଏହି ଗିରିଯୁଗ୍ମ 'କୁମାର ଗିରି ଓ କୁମାରୀ ଗିରି' ନାମରେ ପ୍ରସିଦ୍ଧି ଲାଭ କରିଥିଲା । ଭୁବନେଶ୍ୱର ଏକ ପ୍ରସିଦ୍ଧ ଶୈବ କ୍ଷେତ୍ର । ଏହା 'ଏକାମ୍ର କ୍ଷେତ୍ର' ନାମରେ ପ୍ରସିଦ୍ଧି ଲାଭ କରିଛି । କୁମାର ଶବ୍ଦର ଅର୍ଥ ହେଲା ଭଗବାନ ଶିବଙ୍କ ପୁତ୍ର କାର୍ତ୍ତିକେୟ । କାର୍ତ୍ତିକେୟଙ୍କର ଅନ୍ୟନାମ ହେଉଛି ସ୍କନ୍ଧ । ଏହି ନାମର ଅବଲମ୍ବନରେ କୁମାର ଗିରି 'ସ୍କନ୍ଧ ଗିରି' ନାମରେ ନାମିତ ହେଲା । ସ୍କନ୍ଧଗିରି କାଳକ୍ରମେ ଜନପଦର ପ୍ରାକୃତ ଭାଷାରେ ଖଣ୍ଡଗିରି ହୋଇଛି । କୁମାରୀ ପର୍ବତ ଓ କୁମାର ପର୍ବତ (ଖଣ୍ଡଗିରି)ର କିଞ୍ଚିତ ପୂର୍ବରେ ଥିବାରୁ ଏହା ମଧ୍ୟ ଉଦୟଗିରି ନାମ ବହନ କରିଛି । 'ସ୍ୱର୍ଣ୍ଣାଦି ମହୋଦୟ' ନାମକ ସଂସ୍କୃତ ଗ୍ରନ୍ଥରେ ଉଲ୍ଲେଖ ଅଛି ଯେ– ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ଏହି ପାହାଡ ଦ୍ୱୟ ଯଥାକ୍ରମେ ଖଣ୍ଡାଚଳ ଓ ଉଦୟାଚଳ ଅଟେ ।



ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଐର ବଂଶୋଦ୍‌ଭବ ମହାମେଘବାହାନ ଖାରବେଳ, ଅନେଶତ ଭ୍ରାତୃହନ୍ତା, ସାମ୍ରାଜ୍ୟ ବିସ୍ତାରବାଦୀ, ଚଣ୍ଡାଶୋକ କଳିଙ୍ଗ ବିଜୟର ଆତ୍ମ ଗର୍ବକୁ ପଦାନତ କରି ଶିଶୁପାଳ ଗଡଠାରେ କଳିଙ୍ଗ ନଗରୀର ରାଜଧାନୀ ସ୍ଥାପନ କରିଥିଲେ । ସେହି ସମୟରେ ଏହି ଗିରିଯୁଗ୍ମର ଅବସ୍ଥିତି ସାଧାରଣ ଜନବସତିଠାରୁ ଦୂରରେ ଥିବାରୁ ଏହା ଖାରବେଳଙ୍କ ସମୟରେ ବସ୍ତୁତଃ କୌଣସି ଏକ ଧର୍ମର ତପସ୍ୱୀମାନଙ୍କର ତପଶ୍ଚର୍ଯ୍ୟା ନିମିତ୍ତ ଏକ ପ୍ରକୃଷ୍ଟ କ୍ଷେତ୍ର ରୂପେ ବିବେଚିତ ହୋଇଥିଲା । ତାହା ସମ୍ଭବତଃ ଜୈନ ଧର୍ମାବଲମ୍ବୀ ତପସ୍ୱୀ ଥିଲେ ।

ଏଠାରେ କହି ରଖିବା ଉଚିତ୍ ଯେ, ଅତି ପ୍ରାଚୀନ ଯୁଗରୁ ମଗଧ ଓ କଳିଙ୍ଗ ମଧ୍ୟରେ ସଂଘର୍ଷ ହୋଇ କେବେ କେବେ ମଗଧ ଓ କେବେ କେବେ କଳିଙ୍ଗ ଯୁଦ୍ଧରେ ବିଜୟଲାଭ କରୁଥିଲେ । ନନ୍ଦରାଜାଙ୍କ ପରେ ମଗଧର ରାଜା ଚନ୍ଦ୍ରଗୁପ୍ତ ଭାରତର ବହୁ ଅଞ୍ଚଳ ଜୟ କରିଥିଲେ ମଧ୍ୟ ପଡୋଶୀ ବୀର ଓ ସାହସୀ କଳିଙ୍ଗ ସେନାଙ୍କ ଆଗରେ ତାଙ୍କ ବିଜୟଧ୍ୱଜା ଉଡାଇ ପାରି ନଥିଲେ । ବିମ୍ବିସାରଙ୍କ ପୁତ୍ର ଅଶୋକ ପ୍ରାୟ ଆଠବର୍ଷ ଯାଏଁ ଯୁଦ୍ଧ ପ୍ରସ୍ତୁତି ଜାରିରଖି ଅତର୍କିତ ଭାବେ କଳିଙ୍ଗ ଉପରେ ଆକ୍ରମଣ କରି ବିଜୟଲାଭ କରିଥିଲେ । ସେତେବେଳେ କଳିଙ୍ଗ ସେନା ପ୍ରସ୍ତୁତ ନଥିଲେ କିନ୍ତୁ ତାଙ୍କର ନରସଂହାରର ଦୁଷ୍ଟ ପ୍ରକୃତି, କଳିଙ୍ଗ ଅଧିବାସୀଙ୍କର ସଂସ୍କୃତି ଓ ଧୈର୍ଯ୍ୟ ଆଗରେ ହାର ମାନିଥିଲା । ଓଡ଼ିଆ ଜାତିର ଅହିଂସା କ'ଣ ଓ ତା'ର ମହତ୍ୱ କେତେ ମହାନ, ତାହା ସେଇ କଳିଙ୍ଗ ଯୁଦ୍ଧରୁ ଅଶୋକ ଶିକ୍ଷାଲାଭ କରିଥିଲେ ।

ବାସ୍ତବରେ ଅଶୋକଙ୍କ କଳିଙ୍ଗ ଯୁଦ୍ଧ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳାଇ ଦେଇଥିଲା । ତା'ପରେ ଚେଦିବଂଶୀୟ ରାଜବଂଶର ସୁନାମଧନ୍ୟ ମହାମେଘବାହାନ ଖାରବେଳ ଖ୍ରୀଷ୍ଟପୂର୍ବ ୧ମ ବା ୨ୟ ଶତାବ୍ଦୀରେ ଅଶୋକଙ୍କର ସାମ୍ରାଜ୍ୟ ବିସ୍ତାରର

ଔଦ୍ଧତ୍ୟକୁ ପଦାନତ କରି ମଗଧରେ କଳିଙ୍ଗର ବିଜୟ ଧ୍ୱଜା ଉଡାଇ ପାରିଥିଲେ । ଯାହାର ବିଶଦ ବିବରଣୀ ଖଣ୍ଡଗିରି ହାତୀଗୁମ୍ଫା ଶିଳାଲେଖରୁ ଜଣାପଡେ ।

ଧଉଳି ଶିଳାଲେଖ ପରି କେତେକ ଶିଳାଲେଖରେ ଅଶୋକ ନିଜର ପ୍ରଶସ୍ତି ଗାନ କରିଥିଲାବେଳେ ଅପର ପକ୍ଷରେ କଳିଙ୍ଗ ସମ୍ରାଟ ପ୍ରାତଃ ସ୍ମରଣୀୟ ମହାମେଘବାହାନ ଖାରବେଳ, ଖଣ୍ଡଗିରି ହାତୀଗୁମ୍ଫା ଶିଳାଲେଖରେ ବ୍ରାହ୍ମଣ ବା ବ୍ରାହ୍ମ୍ୟଧର୍ମ ପ୍ରତି ନିଜର ଶୁଭେଚ୍ଛା ଘୋଷଣା କରିଥିଲେ ହେଁ, ଜୈନ ଧର୍ମ ପ୍ରତି ତାଙ୍କର ଅସୂୟା ଭାବ ନଥିଲା ।

ସମ୍ରାଟ ଖାରବେଳ ନୈଷ୍ଠିକ ହିନ୍ଦୁ ଥିଲେ ହେଁ– ଜୈନ ଧର୍ମ ପ୍ରତି ତାଙ୍କର କୌଣସି ଅସୂୟାଭାବ ନଥିବାରୁ ଏହାର ସୁଯୋଗ ନେଇ ସେତେବେଳର କତିପୟ ବୃଦ୍ଧ ଜୈନ ସନ୍ୟାସୀ ସମ୍ରାଟ ଖାରବେଳଙ୍କ ଶାସନ ଏବଂ ସାଧୁତା ଯୋଗୁଁ ମଗଧ ଫେରି ନଯାଇ ଉଦୟଗିରିରେ ତପଶ୍ଚର୍ଯ୍ୟା ପାଇଁ ନିଜର ଆସ୍ଥାନ ବଜାୟ ରଖିପାରିଥିଲେ । ସନ୍ୟାସୀମାନଙ୍କର ତପସ୍ୟା ଓ ବିଶ୍ୱାସ ପାଇଁ ଉତ୍କଳର ମହାରାଣୀ ଯେଉଁ ପଥର ଖୋଦେଇ ଗୁମ୍ଫା ନିର୍ମାଣ କରିଥିଲେ, ତାହା ରାଣୀ ଗୁମ୍ଫା ନାମରେ ପରିଚିତ । କିନ୍ତୁ ହିନ୍ଦୁଧର୍ମର ବାନପ୍ରସ୍ଥ ନିୟମାନୁଯାୟୀ, କଳିଙ୍ଗ ସମ୍ରାଟ ଖାରବେଳ ତାଙ୍କର ଦାୟାଦମାନଙ୍କୁ ଶାସନଭାର ଅର୍ପଣ କରି ସ୍ୱପତ୍ନୀଙ୍କ ସହିତ 'ରାଣୀଗୁମ୍ଫା'ଠାରେ ଶେଷଜୀବନ ଅତିବାହିତ କରିଥିଲେ ବୋଲି ପ୍ରବାଦ ଅଛି ।

'ରାଣୀଗୁମ୍ଫା କୋଳେ ଶେଷେ ରାଜାରାଣୀ
ସ୍ୱର୍ଗପୁରେ ଗଲେ ତେଜି ସୁଖ ଶ୍ରେଣୀ' ।

ମୃତ୍ୟୁ ପରେ ତାଙ୍କର ଅସ୍ଥି ଏହି କୁମାରୀ ପର୍ବତରେ ସଂରକ୍ଷିତ ହୋଇଥିବାରୁ ଇତିହାସରେ ଏହା ଏକ ପୁଣ୍ୟସ୍ଥଳୀ ରୂପେ ସ୍ୱୀକୃତି ଲାଭ କରିଥିଲା । ଖ୍ରୀଷ୍ଟୀୟ ୧୮ଶ–୧୯ଶ ଶତାବ୍ଦୀରେ ଖଣ୍ଡଗିରିର ଐତିହାସିକ ତଥା ଧାର୍ମିକ ପ୍ରସିଦ୍ଧି ବ୍ୟତୀତ ସାହିତ୍ୟିକ ମହତ୍ତ୍ୱ ମଧ ପ୍ରତିଷ୍ଠା ଲାଭକଲା ।

୧୧୨/୨୫୦୦, ଖଣ୍ଡଗିରି ବିହାର
ଭୁବନେଶ୍ୱର

# ତୁମ ଚରଣେ ଶତ ପ୍ରଣାମ

**ନିଶିକାନ୍ତ ପାଢୀ**

ଉତ୍କଳ ଜନନୀ କୋଳେ ସବୁଜ ବନାନୀ ମେଳେ
ସମ୍ବଲପୁରର ବରପାଲି ଗ୍ରାମ
ଦେଲା ସ୍ୱଭାବ କବିଙ୍କୁ ଜନ୍ମ, ସେହି କବିଙ୍କୁ ଶତ ପ୍ରଣାମ ।

ଲେଖିଗଲ ତୁମେ ପ୍ରଣୟ ବଲ୍ଲରୀ ମହାକାବ୍ୟ ତପସ୍ୱିନୀ
ଶବଦ ସମ୍ଭାରେ ଭାଷାର ଲାଳିତ୍ୟେ ନେଲ କୋଟି ମନ ଜିଣି
ପାଲଟିଛ ତାରା ଆକାଶରେ ଆଜି ଝଲସୁଛ ପ୍ରତି କ୍ଷଣ
ତୁମ ଚରଣେ ଶତ ପ୍ରଣାମ, ତୁମ ଚରଣେ ଶତ ପ୍ରଣାମ ।

ନଥିଲା ତ ଧନ ଯଶ ବଇଭବ ଥିଲା ସୃଜନୀର ଜ୍ଞାନ
ମରଣ ଲଭିବି ଅମର ହୋଇଲ ଏ ଧରାରେ ରଖିଲ ନାମ
ତୁମ ଚରଣେ ଶତ ପ୍ରଣାମ, ତୁମ ଚରଣେ ଶତ ପ୍ରଣାମ ।

ଅଭାବରେ ତୁମେ ରଚିଲ ସାହିତ୍ୟ ଲଗାଇ ଭାବର ଡୋର
ମନ ଓ ହୃଦୟ ଆନନ୍ଦେ ପୂରିଲା ପୂରିଲା ଅଭାବ ଘର
ରକତେ ଖେଳିଲା ଶତ ଶିହରଣ ଧନ୍ୟ ଗଙ୍ଗାଧର ଧନ୍ୟ
ତୁମ ଚରଣେ ଶତ ପ୍ରଣାମ, ତୁମ ଚରଣେ ଶତ ପ୍ରଣାମ ।

୩୯୦/୨୪୪୮, ଓସ୍କାରସିଟି
ଲକ୍ଷ୍ମୀସାଗର, ଭୁବନେଶ୍ୱର

# ମକା ଫସଲର ସମନ୍ୱିତ ରୋଗ ପରିଚାଳନା

ଭାଗ୍ୟଶ୍ରୀ ଖମାରୀ
ଡଃ. ସୂର୍ଯ୍ୟକାନ୍ତ ବେଉରା
ଡଃ.ନିରାକାର ରଣସିଂହ

ମକା ଏକ ବହୁବିଧ ଉପାଦେୟ ଶସ୍ୟ ଜାତୀୟ ଫସଲ । ଏହାର ଉପାଦେୟତା ତଥା ଉତ୍ପାଦନ କ୍ଷମତାକୁ ଲକ୍ଷ୍ୟ କରି ଏହାକୁ ଶସ୍ୟମାନଙ୍କର ରାଣୀ ହିସାବରେ ଗଣାଯାଏ । ଏହା ଏକ ଅଳ୍ପଦିନିଆ ଫସଲ ହୋଇଥିବାରୁ ବର୍ଷର ୩ଟି ଋତୁରେ ଚାଷ କରାଯାଇଥାଏ । ଆମ ରାଜ୍ୟରେ ସାଧାରଣତଃ ଏହା ବର୍ଷା, ଶୀତ ଓ ଖରା ଦିନରେ ଚାଷ କରାଯାଇଥାଏ । ଉତ୍ପାଦନ କ୍ଷମତା ଓ ଶିଳ୍ପଭିତ୍ତିକ ଗୁରୁତ୍ୱ ଅଧିକ ଥିବାରୁ ମକା ଚାଷ ଚାଷୀମାନଙ୍କ ପାଖରେ ଆଦୃତ ହେବାରେ ଲାଗିଛି । ସାଧାରଣ ମକା, ମିଠା ମକା ତଥା ବେବୀ ମକାର ବଜାର ଚାହିଦା ଧୀରେ ଧୀରେ ବଢିବାରେ ଲାଗିଛି । ଗତ ଦଶନ୍ଧି ମଧ୍ୟରେ ବିଭିନ୍ନ ଯୋଜନା ମାଧ୍ୟମରେ ମକା ଚାଷର ଆୟତନ ଓ ଉତ୍ପାଦନରେ ବୃଦ୍ଧି ହୋଇଅଛି । ଆମ ରାଜ୍ୟରେ ମକା ଉତ୍ପାଦନ ଧାନ ପରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ସାରା ଓଡିଶାରେ ବର୍ଷ ୨୦୧୩-୧୪ରେ ୨୬,୩୬,୨୭୦ କ୍ୱିଣ୍ଟାଲ ମକା ଉତ୍ପାଦନ ହୋଇଛି । ବିଭିନ୍ନ ରୋଗ ଯୋଗୁଁ ପ୍ରାୟ ୧୩.୨% ଅମଳ ନଷ୍ଟ ହେଉଛି, ଯାହାକି ପାରିପାର୍ଶ୍ୱିକ ଜଳବାୟୁ ତଥା ଫସଲର ଅଂଶ ବିଶେଷ ଓ ବିହନର ମାନ ଉପରେ ନିର୍ଭର କରିଥାଏ । ରୋଗମାନଙ୍କ ମଧ୍ୟରେ ଟର୍‌ସିକମ୍ ପତ୍ରପୋଡା, ମେଡିସ୍ ପତ୍ର ଦାଗ, କଳଙ୍କି ଓ ସାପକାତିଆ ପୋଡାରୋଗ ଓଡିଶାରେ ସାଧାରଣତଃ ଦେଖା ଦେଇଥାଏ ।



### ଟର୍‌ସିକମ୍ ପତ୍ରପୋଡା ରୋଗ

ଏହା ସାଧାରଣତଃ ଅକ୍ଟୋବର ବୁଣା ଫସଲରେ / ରବି ଫସଲରେ ଦେଖାଯାଏ । କମ୍ ଉତ୍ତାପ ତଥା ଅଧିକ ଆର୍ଦ୍ରତା ରୋଗ ବୃଦ୍ଧି ପାଇଁ ଅନୁକୂଳ ହୋଇଥାଏ । ରୋଗକାରୀ ଫିମ୍ପି ପୂର୍ବ ଫସଲର ଅଂଶ ବିଶେଷରେ ସାଧାରଣତଃ ବଞ୍ଚି ରହିଥାନ୍ତି । ଏହା ଏକ ବିହନଜନିତ ରୋଗ । କବକର ରେଣୁଗୁଡିକ ବାୟୁ ପ୍ରବାହ ଦ୍ୱାରା ସଂକ୍ରମଣ ହୋଇଥାନ୍ତି ।

#### ଲକ୍ଷଣ

ରୋଗଟି ଗୋଟିଏ ଗୋଲାକାର, ଛୋଟ, ଅଣ୍ଡାକୃତି, ସବୁଜ ରଙ୍ଗର ପାଣିପଶା ଦାଗରୁ ଆରମ୍ଭ ହୋଇଥାଏ । ସମୟକ୍ରମେ ଦାଗ ସବୁ ବଡ ହୋଇ ଲମ୍ବାଳିଆ ହୋଇଯାନ୍ତି । ଦାଗଗୁଡିକ କୁଟାପାଳ ରଙ୍ଗର ଏବଂ ଗାଢ ରଙ୍ଗର ଧାରରେ ଆବଦ୍ଧ ହୋଇଥାନ୍ତି । ପ୍ରଥମେ ଏହା ତଳ ପତ୍ରଗୁଡିକରେ ଦେଖାଯାଏ । ପରେ ଉପର ପତ୍ରଗୁଡିକରେ ସଂକ୍ରମିତ ହୋଇଥାଏ । ରୋଗର ପ୍ରାଦୁର୍ଭାବ ଅଧିକ ହେଲେ ପତ୍ର ସବୁ ଦାଆ ଭଳିଆ ହୋଇ ମଧ୍ୟଭାଗରୁ ଭାଙ୍ଗିଯାଇଥାଏ ।

### ପରିଚାଳନା

- ରୋଗମୁକ୍ତ ବିହନ ବ୍ୟବହାର କରନ୍ତୁ ।
- ପରିଷ୍କାର ଚାଷ ପ୍ରଣାଳୀ ଅବଲମ୍ବନ କରନ୍ତୁ ।
- ବୁଣା ପୂର୍ବରୁ ବିହନକୁ ଭିଟାଭାକ୍ସ ପାଓ୍ୱାର୍ ୨ଗ୍ରାମ୍ ପ୍ରତି ୧କେଜି ବିହନରେ ବିଶୋଧନ କରନ୍ତୁ ।
- ରୋଗ ସହନଶୀଳ ମକା କିସମ ଯଥା ପି.ଏ.ୟୁ. ୩୫୧, ପି.ଇ.ଏମ୍.ଏଚ୍ –୧, ଏଚ୍. କ୍ୟୁ.ପି.ଏମ୍–୫, ବିବେକ–୨୧, ବିବେକ–୨୩, ପ୍ରତାପ କାଞ୍ଚନ–୨, ନିତ୍ୟାଶ୍ରୀ, ଶକ୍ତିମାନ–୩ ଓ ଶକ୍ତିମାନ –୪ ବ୍ୟବହାର କରନ୍ତୁ ।
- କ୍ଲୋରୋଥାଲୋନିଲ୍ ୨ଗ୍ରାମ୍ ପ୍ରତି ଲିଟର କିମ୍ବା ପ୍ରୋପିକୋନାଜୋଲ୍ ୧.୫ ଗ୍ରାମ୍ ପ୍ରତି ଲିଟର କିମ୍ବା ମାଙ୍କୋଜେବ୍ ୩ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରେ ।

### ମେଡିସ୍ ପତ୍ର ଦାଗ

ଏହା ଏକ ବିହନ ଓ ବାୟୁଜନିତ ରୋଗ । ଅଧିକ ଉତ୍ତାପ ଓ ଆର୍ଦ୍ର ଜଳବାୟୁ ରୋଗ ବୃଦ୍ଧିରେ ସହାୟକ ହୋଇଥାଏ । ରୋଗକାରୀ ଫିମ୍ପି ଗଛର ଅବଶିଷ୍ଟାଂଶରେ ବାସ କରେ । ୨୫ରୁ ୩୦ ଡିଗ୍ରୀ ତାପମାତ୍ରା ତଥା ବାୟୁମଣ୍ଡଳର ଆର୍ଦ୍ରତା ଶତକଡା ୯୦ରୁ ଊର୍ଦ୍ଧ୍ୱ ହେଲେ ରୋଗର ପ୍ରାଦୁର୍ଭାବ ଅଧିକ ହୋଇଥାଏ ।

### ଲକ୍ଷଣ

ପ୍ରଥମେ ପତ୍ରରେ ଛୋଟ ଛୋଟ ହଳଦିଆ ରଙ୍ଗର ଅଣବର୍ଗାକାର କ୍ଷେତ୍ର ପରି କିମ୍ବା ଅଣ୍ଡାକୃତିର ପାଣିପଶା ଦାଗମାନ ଦେଖାଯାଏ । ଏହି ଦାଗ ସବୁ ପତ୍ରଶିରା ମଧ୍ୟରେ ଆବଦ୍ଧ ହୋଇଥାଏ । ଦାଗଗୁଡ଼ିକ କ୍ରମେ ବଢ଼ିଯାଇ ଆୟତକାର ରୂପ ନେଇଥାନ୍ତି । ପୁରୁଣା ଦାଗଗୁଡ଼ିକ ଲାଲରୁ ଧୂସର ଧାରରେ ଆବଦ୍ଧ ହୋଇ ପରସ୍ପର ସମାନ୍ତରାଳ ଭାବରେ ରହିଥାନ୍ତି । ରୋଗର ପ୍ରାଦୁର୍ଭାବ ଅଧିକ ହେଲେ ଦାଗ ସବୁ ପରସ୍ପର ସହିତ ମିଶିଯାଇ ବହୁତ କ୍ଷତି କରିଥାନ୍ତି । ଆକ୍ରାନ୍ତ ଅଂଶ କ୍ରମେ କଳା ପଡିଯାଏ । ବେଳେ ବେଳେ ପତ୍ର ଧାରର ସବୁଜ କଣିକା ନଷ୍ଟ ହୋଇଯିବା ଯୋଗୁଁ ପତ୍ର ସବୁ ଶୁଖିଯାଏ । ଗଛର ସମସ୍ତ ଅଂଶ ରୋଗାକ୍ରାନ୍ତ ହୋଇଯାଏ । ଏହି ରୋଗର ଫିମ୍ପି ଅଳ୍ପ ଦିନରେ ବହୁତ ଅଂଶ ମାଡିଯାଇଥାଏ । ଏହା ମୁଖ୍ୟତଃ ଖରିଫ ଫସଲରେ ଦେଖାଯାଏ ।

### ପରିଚାଳନା

- ରୋଗମୁକ୍ତ ବିହନ ବ୍ୟବହାର କରନ୍ତୁ ।
- ପରିଷ୍କାର ଚାଷ ପ୍ରଣାଳୀ ଅବଲମ୍ବନ କରନ୍ତୁ ।
- ବୁଣା ପୂର୍ବରୁ ବିହନକୁ ଭିଟାଭାକ୍ସ ପାଓ୍ୱାର୍ ନାମକ ଔଷଧ ୨ଗ୍ରାମ୍ ପ୍ରତି ୧ କେଜି ବିହନରେ ବିଶୋଧନ କରନ୍ତୁ ।
- ରୋଗ ସହନଶୀଳ ମକା କିସମ ଯଥା ଏଚ୍. ଏମ୍.–୧୦, ପି.ଏ.ୟୁ–୩୫୨, ପି.ଇ.ଏମ୍.ଏଚ୍–୧, ଏଚ୍.କ୍ୟୁ.ପି. ଏମ୍–୫, ଏଚ୍.କ୍ୟୁ.ପି.ଏମ୍ –୧, ବିବେକ –୨୧, ବିବେକ –୨୩, ପ୍ରତାପ କାଞ୍ଚନ–୨, ନିତ୍ୟାଶ୍ରୀ, ଶକ୍ତିମାନ–୪ ବ୍ୟବହାର କରନ୍ତୁ ।
- କ୍ଲୋରୋଥାଲୋନିଲ୍ ୨ଗ୍ରାମ୍ ପ୍ରତି ଲିଟର କିମ୍ବା ପ୍ରୋପିକୋନାଜୋଲ୍ ୧.୫ ଗ୍ରାମ୍ ପ୍ରତି ଲିଟର, ସ୍ୟାମୋକ୍ସାନିଲ୍ ମାଙ୍କୋଜେବ୍ ୨ ଗ୍ରାମ୍ ପ୍ରତି ଲିଟର କିମ୍ବା ମାଙ୍କୋଜେବ୍ ୩ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ପତ୍ରରେ ସିଞ୍ଚନ କଲେ ସୁଫଳ ମିଳେ ।

### ସାପକାତିଆ ରୋଗ

ଏହା ସାଧାରଣତଃ ଆର୍ଦ୍ର ଜଳବାୟୁରେ ଦେଖାଯାଏ । ସାଧାରଣତଃ ବାଲୁଙ୍ଗା, ବର୍ଷା ପାଣି ଏବଂ ଜଳସେଚନ ଦ୍ୱାରା ଏହା କ୍ଷେତକୁ ବ୍ୟାପିଥାଏ । ଅତ୍ୟଧିକ ଯବକ୍ଷାରଜାନ ପ୍ରୟୋଗ କଲେ ଗଛର ରୋଗ ସହନ ଶକ୍ତି ବହୁତ କମିଯାଏ । ଏହା ମୃତ୍ତିକାଜନିତ ରୋଗ । ଏହି ରୋଗର ଫିମ୍ପି ସୁପ୍ତ ଅବସ୍ଥାରେ ସୋରିଷ ପରି ସ୍କ୍ଲେରୋସିଆ ରୂପେ ମାଟିରେ ରହେ । ଏହା ୪୦ରୁ ୫୦ ଦିନ ମଧ୍ୟରେ ଦେଖାଯାଏ ।

### ଲକ୍ଷଣ

ପତ୍ରରେ ଗୋଲାକାର ଦାଗମାନ ଦେଖାଯାଏ । ପରେ ପତ୍ର ଓ ଆଚ୍ଛାଦରେ ସାପକାତି ଭଳିଆ ଲକ୍ଷଣ ପରିପ୍ରକାଶ ହୁଏ । ମକାଗୁଡ଼ିକରେ ଧୂସର ରଙ୍ଗର ତୁଳା ଭଳିଆ ଜାଳକ ଦେଖାଯାଏ । ଯେଉଁଥିରୁ ଛୋଟ ଛୋଟ ଗୋଲାକାର, କଳାରଙ୍ଗର ସ୍କ୍ଲେରୋସିଆ ଉତ୍ପନ୍ନ ହୁଏ । ଶେଷରେ ମକାଗୁଡ଼ିକ ପଚିଯାଏ । ପତ୍ର ଓ ଗଛରେ ପାଣିପଚା ପଟା ପଟା ଦାଗ ଦେଖାଯାଏ ।

### ପରିଚାଳନା

- ଅନାବନା ଘାସ ସବୁ କିଆରୀରୁ ସଫା କରନ୍ତୁ ଓ ପରିଷ୍କାର ଚାଷ ପ୍ରଣାଳୀ ଅବଲମ୍ବନ କରନ୍ତୁ ।

■ ସଠିକ୍ ଭାବରେ ଜଳ ପରିଚାଳନା, ସୁଷମ ଉର୍ବରକ ପ୍ରୟୋଗ ଏବଂ ମୃତ୍ତିକା ବିଶୋଧନ ଏହି ରୋଗ ପାଇଁ ନିହାତି ଆବଶ୍ୟକ ।

■ ତଳ ୨–୩ଟି ପତ୍ର, ମକା ସହିତ ବାହାର କରିଦେଲେ ରୋଗର ପ୍ରାଦୁର୍ଭାବ ଟିକେ କମ୍ ହୋଇଥାଏ ।

■ ହେକ୍ସାକୋନାଜୋଲ୍ କିମ୍ବା ଥାୟୋଫିନେଟ୍ ମିଥାୟିଲ୍ କିମ୍ବା ଏଜୋକ୍ସିଷ୍ଟ୍ରୋବିନ୍ ଟେବୁକୋନାଜୋଲ୍ ୧.୫ମି.ଲି.କୁ ଏକ ଲିଟର ପାଣିରେ ମିଶାଇ ରୋଗ ପରିପ୍ରକାଶ ହେଲେ ୧୦–୧୨ ଦିନ ଅନ୍ତରରେ ଦୁଇ ଥର ସିଞ୍ଚନ କରନ୍ତୁ ।

■ ଜୈବ ନିୟନ୍ତ୍ରକ ଯଥା ସୁଡୋମୋନାସ୍ ଫ୍ଲୁରୋସେନ୍ସକୁ ୮ରୁ ୧୦ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ଗଛର ମୂଳ ଏବଂ ମାଟିରେ ପ୍ରୟୋଗ କରନ୍ତୁ ।

■ ଏହି ରୋଗର ପ୍ରତିରୋଧକ କିସମ ଯଥା ପ୍ରତାପ କାଞ୍ଚନ–୨, ପ୍ରତାପ ମକା–୩, ଶକ୍ତିମାନ–୩କୁ ବିହନ ରୂପେ ବ୍ୟବହାର କରନ୍ତୁ ।

### କଳଙ୍କି ରୋଗ

ଏହି ରୋଗ ରବି ଋତୁରେ ଦେଖାଯାଏ । ଉପକୂଳ ଅଞ୍ଚଳରେ ରବି ଋତୁର ଶେଷ ଆଡ଼କୁ ଫସଲ ବୁଣାଗଲେ ଏହି ରୋଗ ଦ୍ୱାରା ବହୁତ କ୍ଷତି ହୋଇଥାଏ । କମ୍ ତାପମାତ୍ରା ଏବଂ ଅଧିକ ଆର୍ଦ୍ରତା ଏହି ରୋଗ ପାଇଁ ଅନୁକୂଳ ହୋଇଥାଏ । ଏହା ଚଅଁର ବାହାରିବା ସମୟରେ ପରିଲକ୍ଷିତ ହୁଏ ।

### ଲକ୍ଷଣ

ପ୍ରଥମେ ଗୋଲାକାର, ଧୂସର ବା ମାଟିଆ ରଙ୍ଗର ଗୁଣ୍ଡ ଭଳିଆ ଫିମ୍ପିର ରେଣୁଗୁଡିକ ପତ୍ର ଉପରେ ଦେଖାଯାଏ । କ୍ରମେ କ୍ରମେ ଏହି ରୋଗ, ପତ୍ରର ଉଭୟ ପାର୍ଶ୍ୱକୁ ବ୍ୟାପି କଳା ରଙ୍ଗ ହୋଇଯାଏ । ରୋଗର ପ୍ରାଦୁର୍ଭାବ ଅଧିକ ହେଲେ, ଏହା ପତ୍ର ଆଛାଦ ଓ ଅନ୍ୟସବୁ ଅଂଶକୁ ଧୀରେ ଧୀରେ ବ୍ୟାପିଥାଏ । ଏହାର ପ୍ରାଦୁର୍ଭାବ ମିଠା ମକାରେ ଅଧିକ ଦେଖାଯାଏ ।

### ପରିଚାଳନା

■ ସଅଳ ବୁଣା କାମ ଶେଷ କରନ୍ତୁ ।

■ ଏହି ରୋଗ ପାଇଁ ଟ୍ରାଇଡେମେଫୋନ୍ ୫ଗ୍ରାମ୍ ପ୍ରତି ୧୦ ଲିଟର ବା ଡାଇଫେନ୍‌କୋନାଜୋଲ୍ ୫ମିଲି ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ସୁଫଳ ମିଳେ । କ୍ଲୋରୋଥେଲୋନିଲ୍ ୨ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ରୋଗ ନିୟନ୍ତ୍ରଣ କରାଯାଇପାରେ ।

■ ରୋଗ ସହନଶୀଳ କିସମ ଯଥା ବୁଲନ୍ଦ, ଶୀତଳ, ଏଚ୍. ଏଚ୍. ଏମ୍.– ୧, ଏଚ୍, ଏଚ୍.ଏମ୍ ।

୨. ଏଚ୍.କ୍ୟୁ.ପି.ଏମ୍ –୫ କିମ୍ବା ନିତ୍ୟାଶ୍ରୀ ବ୍ୟବହାର କରାଯାଇପାରିବ ।

---

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

❖ ❖ ❖

# ସ୍ମୃତିରେ ସ୍ମୃତିରେ ରାଧାମୋହନ ଗଡ଼ନାୟକ

**ବିମଳା ସିଂହ**

ଉତ୍କଳ ବାଣୀ ଭଣ୍ଡାରକୁ ଯେଉଁ କେତେଜଣ ପ୍ରଥିତଯଶା କବି ସୁଜଳା ସଫଳା ଶସ୍ୟ ଶ୍ୟାମଳା କରି ଯାଇଛନ୍ତି , ସେମାନଙ୍କ ମଧ୍ୟରୁ ସବୁଜ କବି ରାଧାମୋହନ ଗଡ଼ନାୟକ ଅନ୍ୟତମ । ସାଧନା ଥିଲେ ସିଦ୍ଧି ଅଛି , ଏହା ଯୁଗଯୁଗ ଧରି ସତ୍ୟ । ଏହି ଚିର ସତ୍ୟକୁ ଆଲେଖ୍ୟ କରି କବି ଗଡ଼ନାୟକ କବି ହେବାର ଚରମ ଲକ୍ଷ୍ୟ ପୂରଣ କରିପାରିଥିଲେ ତାଙ୍କ କାବ୍ୟ ଦ୍ୱାରା, ଯାହା ଉତ୍କଳ ମାତାର ସାହିତ୍ୟ ରୂପକ ମାଟିକୁ ସ୍ୱର୍ଣ୍ଣପ୍ରସୂ କରିପାରିଛି । ଏହି କାବ୍ୟର ନାୟକ ଶତଶତ ଲେଖା ମାଧ୍ୟମରେ ନିଜକୁ ପ୍ରମାଣ କରିଯାଇଛନ୍ତି ଯେ ଅନେକ ଅନୁଭୂତିକୁ ନେଇ ସୃଷ୍ଟି କରି ଯାଇଥିବା ଅମର ଗାଥା ତାଙ୍କର ସ୍ନେହ–ପ୍ରୀତି, ସୁଖ–ଦୁଃଖର ବିଭୂତି । କବି ମାୟାଧର ମାନସିଂହ ଏବଂ କବି ସଚ୍ଚିଦାନନ୍ଦ ରାଉତରାୟଙ୍କର ସେ ଥିଲେ ସମସାମୟିକ । ରାଧାମୋହନ ଗଡ଼ନାୟକଙ୍କର ଏକ ସୁଖ୍ୟାତି ଅଛି ଯେ, ସେ ଜଣେ ବିପ୍ଳବୀ କବି ସଚ୍ଚି ରାଉତରାୟ ଏବଂ ଗୋଦାବରୀଶ ମହାପାତ୍ରଙ୍କ ଭଳି । ଲିଙ୍ଗରା ନଦୀ କୂଳରେ ଅବସ୍ଥିତ ଏକ ଛୋଟିଆ ଗ୍ରାମ କଲଣ୍ଡାପାଳ (ବର୍ତ୍ତମାନ ଅନୁଗୁଳ ଜିଲ୍ଲା ) ଥିଲା ତାଙ୍କ ଜନ୍ମସ୍ଥାନ । ଶ୍ରୀ ମହାଦେବ ଗଡ଼ନାୟକ ଓ ଶ୍ରୀମତୀ ଗୋଲକମଣି ଦେଈଙ୍କର ଔରସରୁ ୧୯୧୧ମସିହାରେ ସେ ଜନ୍ମ ହୋଇଥିଲେ ଏବଂ ସାହିତ୍ୟ ଜଗତ ଭିତରକୁ ପ୍ରବେଶ କରିଥିଲେ ୧୯୧୯ ମସିହାରେ, ଯେତେବେଳେ ସେ ଥିଲେ ଗଡ଼ ସନ୍ତରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର । ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି କବିତାକୁ ତାଙ୍କ ଶବ୍ଦର ତୂଳୀରେ ଆଙ୍କିବା ଆରମ୍ଭ କରି ଦେଇଥିଲେ ଅତି ନିଖୁଣ ଭାବରେ ସେଇ ବୟସରୁ, ଯାହାଦ୍ୱାରା ତାଙ୍କ କବି ଜୀବନର ସୁବାସ ବିଚ୍ଛୁରିତ ହୋଇଯାଉଥିଲା ଚତୁର୍ଦ୍ଦିଗରେ । ଛାତ୍ରାବସ୍ଥାରେ ୧୯୨୪ ମସିହାରେ ସେ ତାଙ୍କ କବିତା 'ବନରାଜି ନୀଳା' ଲେଖିଥିଲେ ।

ମାଟିର ମମତା ତାଙ୍କୁ ପ୍ରଗାଢ଼ ଭାବରେ ବାନ୍ଧି ରଖିଥିଲା, ଯଦ୍ୱାରା ମାଟିର ଗୁଣ ଗାନ କରିବାକୁ ଯାଇ ସେ ୧୯୩୫ ମସିହାରେ ଲେଖିଥିଲେ 'ସ୍ୱଦେଶ ପ୍ରେମ' ଅନୁବାଦ କବିତା, ଯାହା 'ସହକାର' ମାର୍ଗଶିର– ପୌଷ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ଶ୍ରୀ ଶ୍ରୀଧର ଦାସଙ୍କ ନାମରେ ଏବଂ ୧୯୩୫ ମସିହାରେ ସମ୍ବଲପୁରରୁ ପ୍ରକାଶିତ 'ନବଯୁଗ'ରେ ମଧ୍ୟ ତାଙ୍କର 'ରାଜଜେମା' କବିତା ପ୍ରକାଶ ପାଇଥିଲା ଛଦ୍ମ ନାମ ବ୍ୟଥିତ ମନର ଅକୁହା କାହାଣୀ ସେମିତି ନିରବତା ଭିତରେ ରହିଯାଇଥିଲା ସତ, କିନ୍ତୁ ତାଙ୍କ ଲେଖନୀ ମୁନ ନିଥର ହୋଇ ଯାଇ ନଥିଲା । ସେ ଲେଖିଥିଲେ ଅନ୍ୟ ଏକ କବିତା 'ମାଟିର ମଣିଷ' । ଏ କବିତାଗୁଡ଼ିକ ତାଙ୍କ ଜନ୍ମମାଟି ଓ ମାଟିର ମଣିଷ ପ୍ରତି ଥିବା ଭକ୍ତି, ପ୍ରୀତି ଏବଂ ଭଲ ପାଇବାର ସମସ୍ତ ଉପାଦାନ ଆମକୁ ଯୋଗାଇଥାଏ । ପ୍ରକୃତି ପ୍ରେମୀ ଭାବରେ ତାଙ୍କ କବି ମନରୁ ସେ ଆଙ୍କି ଦେଇ ଯାଇଛନ୍ତି ମନର କାଳିରେ ଅନେକ ଛନ୍ଦ କାବ୍ୟ । ତାଙ୍କର କବି ମନ ଆକାଶରୁ ମାଟି, ମାଟିରୁ ଆକାଶ ଛୁଇଁଥିଲା । ତେଣୁ ତାଙ୍କ କଲମ ମୁନରୁ ଝରି ଆସିଥିଲା ତାଙ୍କ ମନର କଥାକୁ ନେଇ ଅନେକ କବିତା ।

କବି ମଧୁକର ଅଳି ପରି ରସ ସଂଗ୍ରହରେ ମଜ୍ଜି ରହି ଗାଇଛନ୍ତି –

''କଳି ହେବା ପାଇଁ ବାସନା ମୋର
ଦିବସ ରାତିରେ ଦିବସ ରାତି
ମୁଗ୍ଧ କିଶୋର ଅଳିଟି ପରି
ଅନ୍ତର ତଳେ ଆବେଗ ଧରି
ଉଠଇ ମାତିରେ ଉଠଇ ମାତି ।''

ଏଥିରୁ ସ୍ପଷ୍ଟ ଯେ କବି ଗଡ଼ନାୟକଙ୍କ ମନ କିପରି ସର୍ବଦା ଜଳେ, ସ୍ଥଳେ, ଗଗନେ, ପବନେ ଯାଇ ଉଡୁଥିଲା । ଅନ୍ୟର

ଦୁଃଖରେ ଦୁଃଖୀ ହୋଇ ଉଠୁଥିଲା । ସେଇ ସବୁ ଅନୁଭୂତିକୁ ସାଉଁଟି ନେଇ ସେ ଲେଖିଯାଇଛନ୍ତି କିଛି ଅଲିଭା ଗୀତି ଛନ୍ଦ । ପ୍ରବଳ ଇଚ୍ଛାଶକ୍ତି ପାଖରେ ଈଶ୍ୱର ବି ହାର ମାନନ୍ତି ଏଥିରୁ ପ୍ରମାଣ ମିଳେ । ଜଣେ ସ୍ପଷ୍ଟବାଦୀ, ନିର୍ଭୀକ କବି ସେ ଥିଲେ । ସେଥିପାଇଁ ତାଙ୍କ ମନର କବିତା ଲେଖି ସେ ଗାଇ ଉଠିଥିଲେ–

‘ବଣ ମୂଳକର ମୁହିଁ ବାଘ ସିଂହ ବଂଶଧର
ସର୍କସେ ଯାଇ ବଶ ହେଲିନାହିଁ
ହୋଇ ପାରିଲିକି ଅନ୍ଧଚର ।’
‘କଳା ସୃଷ୍ଟିର ଉପଯୋଗ କରି
କରିନେଲି ମୋର କଳାର କାଳ
ଆହତ ବୁକୁରେ ଫେରିଲି ମୋ ପଥେ
କାଳିମା ଘେନି ମୋ ପୁରସ୍କାର ।’

ନିଜ ଜୀବଦ୍ଦଶାରେ ପ୍ରେମ, କରୁଣା, ମାଟିର ମମତା, ନିର୍ଭୀକ ଭାବ ଫୁଟାଇ ପାରିଥିବା କବି ଗଡ଼ନାୟକଙ୍କ ସାମଗ୍ରିକ କୃତିକୁ ନେଇ ଆମେ ଯଦି ବିଚାର କରିବା, ତେବେ କାବ୍ୟଭାରତୀ ମା’ ସରସ୍ୱତୀଙ୍କ ଅପାର କରୁଣାରୁ ସେ ସୃଷ୍ଟି କରି ଯାଇଥିବା ଅମର ଲେଖନୀରୁ ଅମର ଗାଥା, ଯାହା ଥିଲା ତାଙ୍କ ହୃଦୟର ସ୍ୱର, ସେସବୁ ଉତ୍କଳ ମାତାର ସାରସ୍ୱତ ଭଣ୍ଡାରକୁ ଯୁଗଯୁଗ ଧରି ଯାଦୁକର ଭାବରେ ତାଙ୍କର ଯାଦୁକରୀ ଗୁଣରେ ସମସ୍ତଙ୍କୁ ବାନ୍ଧି ରଖିଥିବେ, ଏ କଥା ଧ୍ରୁବ ସତ୍ୟ । ତାଙ୍କର ସମସ୍ତ ସାହିତ୍ୟ କୃତି ସଦାସର୍ବଦା ସୂର୍ଯ୍ୟସମ ଧରାପୃଷ୍ଠରେ ସାହିତ୍ୟର ଆଲୋକଧାରା ବିଚ୍ଛୁରିତ କରି ଚାଲିଥିବ । ୧୯୩୮ ମସିହାରେ ଗଡ଼ଜାତ ଆନ୍ଦୋଳନ ସମୟରେ ଚାଲୁଥିବା କ୍ୟାମ୍ପମାନଙ୍କରେ ତାଙ୍କ ଲିଖିତ କବିତା ଗାନ କରାଯାଉଥିଲା । ସେ ଥିଲେ ସ୍ୱକୀୟ ପରିଧିରେ ଏକକ ଏବଂ ସ୍ୱତନ୍ତ୍ର । ତେଣୁ ତାଙ୍କୁ ସବୁଜ ଯୁଗର କବି କହୁଥିବା ବେଳେ ତାଙ୍କର କାବ୍ୟ ସୃଷ୍ଟିକୁ ଆଧାର କରି ନାରୀ କବି ଶ୍ରୀମତୀ ମନମୋହିନୀ ଦେବୀ ୧୯୪୯ ମସିହାରେ ତାଙ୍କ ରଚିତ କାବ୍ୟଗ୍ରନ୍ଥ ‘ପୁଷ୍ପାଳି’ର ‘ସବୁଜ କବି’ ଶୀର୍ଷକ କବିତାରେ କହିଛନ୍ତି –

‘ଶିଳ୍ପୀ ମୁକୁଟ ମଣି
ଉତ୍କଳ ନଭ ପ୍ରତିଭା–ଦୁର୍ଗ–ନାୟକ–ପଦେ ମୁଁ ଗଣି ।
କିମ୍ପାଇ କେତେ ଭାବୁକ–ବକ୍ଷ
ଚମକାଇ କେତେ ସାଧନା–କକ୍ଷ
କାବ୍ୟ ନାୟିକା କାବ୍ୟ ତାରକା
ଯୁଗ–ନଭେ ଦେଲା ଦେଖା
ମୁଗ୍ଧ ସାଧକ ପରାଣେ ପାତିଲା
ନବୀନ ଆଲୋକ ରେଖା ।’

୧୯୪୬ ମସିହାରେ ଶ୍ରୀ ଜ୍ଞାନୀନ୍ଦ୍ର ବର୍ମା ତାଙ୍କର ‘ଲାଲ୍ ଘୋଡ଼ା’ ଉପନ୍ୟାସରେ ଶ୍ରୀ ଗଡ଼ନାୟକଙ୍କ ନାମରେ ଉତ୍ସର୍ଗ କରି ଲେଖିଛନ୍ତି –

‘‘ତୁମେ ଅଗଦ୍ୟ । ତେଣୁ ତୁମ ହାତରେ ଏ ଗଦ୍ୟର ଉପହାର ଦେଉଛି ।’’

ଏଇ ବିପ୍ଳବୀ କବି କେବଳ ଓଡ଼ିଶା ମାଟିରେ ତାଙ୍କର ସୃଷ୍ଟି ସବୁ ପାଇଁ ଚର୍ଚ୍ଚିତ ନଥିଲେ, ସମଗ୍ର ଭାରତବର୍ଷରେ ମଧ୍ୟ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ଲେଖନୀରୁ ଝରି ଆସିଥିବା କୃତିଗୁଡ଼ିକ ହେଲା – ‘ମାଳିନୀ ନଦୀର ଢେଉ’, ‘ମହାଯାତ୍ରାର ଶେଷ ସର୍ଗ’, ‘ଗାନ୍ଧୀ ଗାଥା’, ‘ଅନୁଗୁଳ’ (କାବ୍ୟ) ‘ପାଣ୍ଡୁ’, ‘କାଳି ଦାସ’ (କାବ୍ୟ ନାଟିକା), ‘କୁହୁଡ଼ିର ଇତିକଥା’, ‘ଖଦଡ଼ ଓ ଅନ୍ୟାନ୍ୟ କବିତା’, ‘ଆଉ ଜଣେ’ (ଗୀତି କବିତା), ‘ନୂତନ ଦ୍ରୌପଦୀ’ ( ଆଧୁନିକ କାବ୍ୟ), ‘ଆମ ଗୀତା’, ‘ବାଇଆର ଗୀତ’ (ସଙ୍ଗୀତ), ‘କିଏ ଆମ ସରିସା’ ( ଶିଶୁ କବିତା), ‘ଗୀତଗୋବିନ୍ଦ’, ‘ଦେଶ ବିଦେଶର ପ୍ରେମ– କବିତା’, ‘ସେକ୍ସପିୟରଙ୍କ ସନେଟ’ ( ଅନୁବାଦ କବିତା) ଆଦି ପ୍ରଧାନ । ସେ ମଧ୍ୟ ‘ନବଯୁଗ ସାହିତ୍ୟ ସଂସଦ’ ତରଫରୁ ‘ନାରୀ କବି କୁନ୍ତଳା କୁମାରୀ’ ‘ସ୍ମରଣିକା’ର ସମ୍ପାଦନା ଦାୟିତ୍ୱର ସହ ୧୯୫୫ରେ ଗୋଟିଏ ସାହିତ୍ୟ ପତ୍ରିକାର ସମ୍ପାଦନା କରି ନିଜ ପ୍ରତିଭାର ପରିଚୟ ଦେଇଥିଲେ ସେସମୟରେ । ୧୯୬୦ ମସିହାରେ ନୂଆଦିଲ୍ଲୀରୁ ପ୍ରକାଶିତ ‘କାରାଭାନ୍’ ପତ୍ରିକାର ସେପ୍ଟେମ୍ବର ସଂଖ୍ୟାରେ ଗଡ଼ନାୟକଙ୍କ ସମ୍ପର୍କରେ ପ୍ରକାଶିତ ଏକ ଆଲୋଚନାତ୍ମକ ନିବନ୍ଧରୁ ଜଣାଯାଏ ଯେ, ଓଡ଼ିଶା ମାଟିର ସନ୍ତାନ ରାଧାମୋହନ ଗଡ଼ନାୟକ ତତ୍କାଳୀନ ଶ୍ରେଷ୍ଠତ୍ୱ ହାସଲ କରିଥିବା କବିମାନଙ୍କ ମଧ୍ୟରୁ ଜଣେ ଥିଲେ, ଯେ କି ଓଡ଼ିଆ କାବ୍ୟ କବିତା, ଗୀତ ତଥା ଅନ୍ୟାନ୍ୟ ବିଭାଗ ରଚନା କ୍ଷେତ୍ରରେ ଅନେକ ଉନ୍ନତି ଆଣି ପାରିଥିଲେ ।

୧୯୩୮–୩୯ ମସିହାରେ ବାରିପଦାରେ ଥିବା ବେଳେ ଏହି ପ୍ରଚଣ୍ଡ ପ୍ରତିଭାଧର କବି ସମୟ ପାଇଲେ ବାରିପଦା ଲାଇବ୍ରେରୀ ଏବଂ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କର ବ୍ୟକ୍ତିଗତ ଲାଇବ୍ରେରୀକୁ ଯାଇ ବିଭିନ୍ନ ଭାଷାର ବହି ପଢ଼ିବାର ସୁଯୋଗ ପାଇଥିଲେ । ତେଣୁ ସେ କେବଳ ଓଡ଼ିଆ ଭାଷା ନୁହେଁ, ଇଂରାଜୀ, ହିନ୍ଦୀ, ବଙ୍ଗଳା ଓ ସଂସ୍କୃତ ଭାଷାରେ ମଧ୍ୟ ପ୍ରକାଶିତ ଅନେକ ପୁସ୍ତକ ପଢ଼ି ନିଜର ଜ୍ଞାନର ପରିସୀମାକୁ ଆହୁରି ଅଧିକ ବଢ଼ାଇ ପାରିଥିଲେ । ‘ବାରିପଦା’ କବିତା ଶୀର୍ଷକରେ ତାଙ୍କ ଲେଖନୀରୁ ଝରି ଆସିଥିଲା –

'ରସ ରାସ କଳା–କୁ ଭୂମି ତୁ ସୁନ୍ଦରୀ ନର୍ମଦା
ବାରିପଦା, ବାରିପଦା
ପ୍ରବାସୀ କବିର ଅନ୍ତର ତଳେ ସଞ୍ଚିତ ତୁହି ସଦା
ବାରିପଦା, ବାରିପଦା ।'

ଏହି କାବ୍ୟ ନାୟକ ତାଙ୍କର ସୃଷ୍ଟି ମାଧ୍ୟମରେ ଓଡ଼ିଶାର ଅନେକ ସାହିତ୍ୟ ଅନୁଷ୍ଠାନର ସଭ୍ୟ ଓ ସଭାପତି ପଦ ମଣ୍ଡନ କରିପାରିଥିଲେ । ୧୯୨୪ରୁ ୧୯୬୮ ମସିହା ପର୍ଯ୍ୟନ୍ତ ତାଙ୍କ ସାହିତ୍ୟ ସାଧନାର ପଥ ଥିଲା । ବହୁ ବିଳମ୍ବରେ ତାଙ୍କର ଅନେକ ଲେଖା ପ୍ରକାଶିତ ହୋଇଥିଲେ ମଧ୍ୟ ସେ ଥିଲେ ଯଥାର୍ଥରେ କାବ୍ୟ ନାୟକ । 'କାଳି ଦାସ' ତାଙ୍କର ପ୍ରଥମ କାବ୍ୟ ନାଟକ ହୋଇଥିଲେ ମଧ୍ୟ ତା' ପୂର୍ବରୁ ସେ ଜଣେ ଗୀତି କବି ଭାବରେ ଖୁବ୍ ଖ୍ୟାତି ଅର୍ଜନ କରି ସାରିଥିଲେ ।

ଏହି ନବ ଦିଗନ୍ତର ଯଶସ୍ୱୀ କବି ଆଜି ତାଙ୍କ ଜନନୀ, ମାଟି ମାଆ କୋଳରେ ଚିରଦିନ ପାଇଁ ଚୁପ୍‌ଚାପ୍ ଶୋଇ ଯାଇଛନ୍ତି ସିନା, ତାଙ୍କର କାବ୍ୟ ନାୟିକାମାନେ ଏବଂ ବିପ୍ଳବ ଭରା କାବ୍ୟକବିତାମାନଙ୍କ ଦ୍ୱାରା ଚିର ଭାସ୍ୱର ହୋଇ, ଚିର ସବୁଜ ହୋଇ ସାହିତ୍ୟ ଜଗତରେ ରହିଥିଲେ, ରହିଛନ୍ତି ଏବଂ ରହିଥିବେ ମଧ୍ୟ, ଏଥିରେ ଦ୍ୱିମତ ନାହିଁ । ସାମ୍ପ୍ରତିକ ପରିସ୍ଥିତିରେ ମନେ ପଡ଼ୁଛି, ସେ ପୁଣି ସେଇ ଅମର ରାଇଜରୁ ଫେରି ଆସି ଗାଇ ଉଠନ୍ତେ କି ସେଇ ହୃଦୟସ୍ପର୍ଶୀ କବିତା, ବିପ୍ଳବର ବୀଜ ବୁଣି ଦେଇ ଯାଆନ୍ତେ କି, ଶୋଇ ପଡ଼ିଥିବା ଓଡ଼ିଆମାନଙ୍କୁ ପୁଣି ଶୁଣାଇ ଦେଇ ଯାଆନ୍ତେ କି ତାଙ୍କ ବିପ୍ଳବର ସ୍ୱର ଝଙ୍କାରରେ –

'ରାଇଜ ଛାଡ଼ି ଯେ ପଳାଇ ଆସିଛୁ ଆମେ
ଭୀରୁ ବୋଲି ସିନା ଭାବୁଥିବ ତୁମ୍ଭେମାନେ
ନୋହୁ ଆମେ ପ୍ରାଣ ରଙ୍କ
ଆମେରେ ଏଇଠି ବଜାଇବୁ ଆଜି
ମଣିଷର ଜୟ ଶଙ୍ଖ ।''

୧୨୨୩, ମଲ୍ଲିକ କମ୍ପ୍ଲେକ୍ସ, ଜାଗମରା
ଖଣ୍ଡଗିରି, ଭୁବନେଶ୍ୱର– ୩୦

## ପରିବହନ ବିଭାଗର ବକେୟା ଟିକସ ଆଦାୟ ଉପରେ ପରିବହନ ମନ୍ତ୍ରୀଙ୍କ ଗୁରୁତ୍ୱାରୋପ

ରାଜ୍ୟରେ ମୋଟର ଯାନ ଟିକସ ସଂଗ୍ରହ ତ୍ୱରାନ୍ୱିତ କରିବା ପାଇଁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ରମେଶ ଚନ୍ଦ୍ର ମାଝୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମଟରଯାନ ସଂବନ୍ଧୀୟ ବିଭିନ୍ନ ବକେୟା ଟିକସ ଆଦାୟ ନିଷ୍ପାର ସହ କରିବା ସହିତ ଚଳିତ ବର୍ଷର ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଟିକସ ହାସଲ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ରାଜ୍ୟର ୩୫ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଗୁଡିକରେ ୧ ଅପ୍ରେଲ, ୨୦୧୫ ପର୍ଯ୍ୟନ୍ତ ୯୦ ହଜାର ୮୭୯ଟି ମାମଲାରେ ୧୫୩ କୋଟି ୨୨ ଲକ୍ଷ ୬୪ ହଜାର ଟଙ୍କା ଟିକସ ବକେୟା ଅଛି । ଚଳିତ ଆର୍ଥିକ ବର୍ଷରେ ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ୬୮ ହଜାର ୭୦୧ ମାମଲାରେ ୬୬ କୋଟି ୪୦ ଲକ୍ଷ ୫୪ ହଜାର ୨୮୪ ଟଙ୍କା ବକେୟା ଟିକସ ସଂଗ୍ରହ କରିବାକୁ ଅଛି । ଏହିପରି ସର୍ବମୋଟ୍ ୧ ଲକ୍ଷ ୫୯ ହଜାର ୫୮୦ ମାମଲାରେ ୨୧୯ କୋଟି ୬୩ ଲକ୍ଷ ୧୮ ହଜାର ୨୮୪ଟଙ୍କା ଟିକସ ବାବଦକୁ ବକେୟା ରହିଛି । ଏହି ବକେୟା ଟିକସକୁ ଆଦାୟ କରିବା ପାଇଁ ବିଭାଗ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଛି । ଏଥି ନିମନ୍ତେ ୨୮ ହଜାର ୨୬୦ ମାମଲାରେ ୭୦ କୋଟି ୬୪ ଲକ୍ଷ ୭୫ ହଜାର ୭୫ ଟଙ୍କା ପାଇଁ ନୋଟିସ ଜାରି କରାଯାଇଛି । ରାଉରକେଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ୧୨ଟି ମାମଲାରେ ନିଲାମ ସଂପତ୍ତି ଜବତ କରାଯାଇଛି । ୮୦୨ଟି ମାମଲାରେ ୱାରେଣ୍ଟ ଜାରି କରି ୪ କୋଟି ୯ ଲକ୍ଷ ୨୦ ହଜାର ୬୫୬ ଟଙ୍କା ଆଦାୟ କରାଯାଇଛି । ସେପ୍ଟେମ୍ବର ୨୦୧୫ ସୁଦ୍ଧା ବକେୟା ଟିକସ ବାବଦରେ ୧୫ କୋଟି ୧୪ ଲକ୍ଷ ୪୫ ହଜାର ୯୬ଟଙ୍କା ସଂଗ୍ରହ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି ।

❖ ❖ ❖

# ମାନବ ସମାଜ ପ୍ରତି ବୌଦ୍ଧ ଧର୍ମର ପ୍ରାସଙ୍ଗିକତା

ଡକ୍ଟର ତ୍ରିନାଥ ପଟ୍ଟନାୟକ

ପ୍ରାଚୀନ ଭାରତର ଭୂଗୋଳ ଓ ଇତିହାସକୁ ସମୀକ୍ଷା କରିବାକୁ ଗଲେ ସର୍ବ ପ୍ରଥମେ ବୌଦ୍ଧ ସାହିତ୍ୟ ଅଧ୍ୟୟନ କରିବାକୁ ପଡିବ । କାରଣ ଏଥିପାଇଁ ନିର୍ଭରଯୋଗ୍ୟ ପ୍ରମାଣ ହେଉଛି କେବଳ ବୌଦ୍ଧ ଦର୍ଶନ, ବୌଦ୍ଧ ଗ୍ରନ୍ଥ ଓ ସାହିତ୍ୟ, ଯେଉଁଥିରେ କି ବିଶ୍ୱସନୀୟ ପ୍ରମାଣ ଅଛି । ଭଗବାନ ବୁଦ୍ଧ 'ବୋଧି' ପ୍ରାପ୍ତ ହେବା ପରଠାରୁ ପରିନିର୍ବାଣ ପର୍ଯ୍ୟନ୍ତ, ଗୋଟିଏ ସ୍ଥାନରୁ ଅନ୍ୟ ଗୋଟିଏ ସ୍ଥାନକୁ ପରିଭ୍ରମଣ କରିଛନ୍ତି ।

ସମ୍ୟକ୍ ସମ୍ବୁଦ୍ଧୋ ଜନପଦେଷୁ ଚର୍ଯ୍ୟାଚରନ୍ ।

– ଦିବ୍ୟାବଦାନ ।

ନଗର, ନଦୀ, ପର୍ବତ ଆରାମ ଓ ଅରଣ୍ୟରେ ଗୌତମ ବୁଦ୍ଧଙ୍କର ଜୀବନ ଲୀଳା ବ୍ୟଥିତ ହୋଇଛି । ବୌଦ୍ଧ ସାହିତ୍ୟ ହିଁ ସେହି ବୁଦ୍ଧ ଲୀଳାର ରଙ୍ଗମଞ୍ଚ । ଏହିସବୁ ତତ୍ତ୍ୱ ହିଁ ବୌଦ୍ଧଧର୍ମ ପ୍ରଚାରର ବିଶେଷତ୍ୱ । ଭଗବାନ ବୁଦ୍ଧ ୨୯ ବର୍ଷ ବୟସରେ ଗୃହତ୍ୟାଗ କରିଥିଲେ ଓ ୮୦ ବର୍ଷ ବୟସରେ ପରିନିର୍ବାଣ ପ୍ରାପ୍ତି ହୋଇଥିଲେ ଅର୍ଥାତ୍ ୫୧ ବର୍ଷ ପର୍ଯ୍ୟନ୍ତ ଆଳସ୍ୟ ରହିତ ଭାବେ ଲୋକ ସମୁଦାୟଙ୍କ ମଧ୍ୟରେ କରୁଣା ଓ ମୈତ୍ରୀ ବାଣ୍ଟିବା ସହିତ ପୀଡିତ ମନୁଷ୍ୟମାନଙ୍କ ପାଖରେ ସୁଖଶାନ୍ତିର ବାର୍ତ୍ତା ପହଞ୍ଚାଉଥିଲେ । ସେହି କରୁଣା ଓ ଶାନ୍ତିବାର୍ତ୍ତା ଘରେ ଘରେ ମହୌଷଧି ରୂପେ କାମ ଦେଉଥିଲା । ଏଭଳି ଜଣେ ମହାନ୍, କାର୍ଯ୍ୟ–କୁଶଳ ଓ ଲୋକ ହିତୈଷୀ ମହାପୁରୁଷ ସମଗ୍ର ବିଶ୍ୱରେ ଖୁବ୍ କମ୍ ଅବତରିତ ହୋଇଛନ୍ତି । ସେ ନିଜ ଜୀବନର ଅନ୍ତିମ ଘଡି ପର୍ଯ୍ୟନ୍ତ ମନୁଷ୍ୟକୁ ନିଜର ମାନବିକତା ବିଷୟରେ ଶିକ୍ଷା ଦେଇ ଚାଲିଥିଲେ । ସେ ପୁରୁଷକୁ ପୁରୁଷାର୍ଥ ପ୍ରଦର୍ଶନ ନିମନ୍ତେ ପ୍ରେରଣା ଦେଇଥିଲେ । ଜୀବନର ଲକ୍ଷ୍ୟ ଓ ନିର୍ବାଣ ପ୍ରାପ୍ତିର ଉପଦେଶ ଦେଉଥିଲେ ।

ବୟଧମ୍ମା ସଙ୍ଖାରା ଅପମାଦେନ ସମ୍ପାଦେଥାତିତ ।

(ମହା ପରଦ୍ଧାନ ସୁତ୍ତ)

ସତ୍ୟ ହେଉଛି ପମାଦଂ ମଚ୍ଚୁନୋପଦଂ । ଏହି ବାକ୍ୟକୁ ଧ୍ୟାନରେ ରଖି ସେ ସମକାଳୀନ ରାଜନୀତି, ସମାଜ, ଧର୍ମ ଓ ଆର୍ଥିକ ଜୀବନରେ କ୍ରାନ୍ତି ଉତ୍ପନ୍ନ କରି ଏକ ନୂତନ ଯୁଗର ସୃଷ୍ଟି କରିପାରିଛନ୍ତି ।

ଭଗବାନ ବୁଦ୍ଧ ଅବଶ୍ୟ ରାଜନୀତିଠାରୁ ବହୁ ଦୂରରେ ଥିଲେ । ସେଥିପାଇଁ ରାଜ୍ୟ ଓ ରାଜପଦ ତ୍ୟାଗ କରିଥିଲେ । ତଥାପି ମାନବ ସମାଜର ଶୃଙ୍ଖଳା ନିମନ୍ତେ ରାଜ୍ୟ ଶାସନ ଓ ପ୍ରଶାସକମାନଙ୍କର ସେ ଥିଲେ ମାର୍ଗଦର୍ଶକ । ନୀତି ଶାସ୍ତ୍ର ଓ ଅନ୍ୟାନ୍ୟ ବୌଦ୍ଧ ସାହିତ୍ୟ ଆଧାର ଉପରେ ପର୍ଯ୍ୟବସିତ ଥିଲା ଶାସନ ପ୍ରଣାଳୀ । ଭଗବାନ ବୁଦ୍ଧଙ୍କର ଧର୍ମ ଓ କର୍ମ ଥିଲା ଲୋକ ରଞ୍ଜକ ଓ ଲୋକନୀତି । ଅନ୍ତିମ ସମୟ ପର୍ଯ୍ୟନ୍ତ ସେ ରାଜଚକ୍ରବର୍ତ୍ତୀ ରାଜା ସ୍ୱରୂପ ଥିଲେ ।

ଗୌତମ ବୁଦ୍ଧଙ୍କର ଜୀବନ ଚରିତ କେବଳ ଘଟଣା ବହୁଳ ନୁହେଁ, ତାହା ପ୍ରକୃତରେ ଏକ ବିରାଟ ମନୁଷ୍ୟ ମନର ସଂଘର୍ଷର ଇତିହାସ । ସେଥିପାଇଁ ତାଙ୍କୁ ଶ୍ରେଷ୍ଠମାନବ ବୋଲି ସମ୍ମାନିତ କରାଯାଇଛି । ମନୁଷ୍ୟ ମନକୁ ସକଳ ପ୍ରକାର ସଂସ୍କାରରୁ ମୁକ୍ତ କରି କ୍ଷୁରଧାରତୀକ୍ଷ୍ଣ ବିଚାର ମାର୍ଗରେ ଯାଇ ସତ୍ୟ ଦର୍ଶନ କିପରି କରାଯାଇପାରେ, ତା'ର ପ୍ରଥମ ମହାନ ପ୍ରଚାରକ ହେଉଛନ୍ତି ବୁଦ୍ଧ । ସେ ରାଜନୀତିକୁ ଧର୍ମ, ଶୀଳ ଓ ସଦାଚାର ଦ୍ୱାରା ପ୍ରଭାବିତ କରି ଧର୍ମ ରାଜ୍ୟର ଉଚ୍ଚ କଳ୍ପନା ପ୍ରବର୍ତ୍ତିତ କରିଥିଲେ । ଯେଉଁ ନୀତିକୁ ତାଙ୍କର ପରମ ଭକ୍ତ ସମ୍ରାଟ ଅଶୋକ ବ୍ୟବହାରିକ ରୂପ ପ୍ରଦାନ କରିଥିଲେ । ଅଶୋକଙ୍କ ଧର୍ମରାଜ୍ୟ ଅଥବା ଧର୍ମ ବିଜୟ

ମଧ୍ୟ ଅଚ୍ଛତିମ (ଅକ୍ଷତି) ସମଚେରାଂ (ସମଚର୍ଯ୍ୟା) ମାଦବଂ (ମୃଦୁତା) ଉପରେ ଆଧାରିତ ଥିଲା । ଏହି ସିଦ୍ଧାନ୍ତ ବଳରେ ସେ ପଶ୍ଚିମ ଏସିଆ, ଆଫ୍ରିକା ଓ ୟୁରୋପକୁ ମଧ୍ୟ ପ୍ରଭାବିତ କରିଥିଲେ । କାଳାନ୍ତରରେ ମଧ୍ୟ ବୌଦ୍ଧ ଧର୍ମ ଦେଶ–ବିଦେଶ, ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ ଦିଗରେ ପରିବ୍ୟାପ୍ତ ହୋଇଗଲା । ଆଜି ମଧ୍ୟ ସୁଦୂର ପୂର୍ବ ବର୍ମା (ମିୟାମାର) ଓ ଶ୍ରୀଲଙ୍କାରେ ଥିବା ଅଭିଲେଖମାନଙ୍କରେ ଦେଖିବାକୁ ମିଳୁଛି ବୁଦ୍ଧବାଣୀ– ୟେଧମ୍ମା ହେତୁପ୍ପଭବା ତେସଂହେତୁଁ..... ତଥାଗତେ ଆହ.... । ଏହି ମହାମାନବଙ୍କର ସ୍ମୃତି ରକ୍ଷା, ଶ୍ରଦ୍ଧା ଓ ପୂଜା ନିମନ୍ତେ ସେହି ଦେଶମାନଙ୍କରେ ସ୍ତୂପ, ଚୈତ ଓ ବିହାର ନିର୍ମାଣ କରାଯାଇଛି । ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ (ପାକିସ୍ଥାନ, ଆଫଗାନିସ୍ଥାନ) ଓ ମଧ୍ୟ ଏସିଆର ପାହାଡମାନଙ୍କରେ ବୁଦ୍ଧଙ୍କର ଜୀବନୀ ଓ ତାଙ୍କର ସିଦ୍ଧାନ୍ତକୁ ଭିନ୍ନିଭିନ୍ନ କଳାତ୍ମକ ରୂପ, ମୂର୍ତ୍ତିକଳା ଓ ଚିତ୍ରକଳା ମାଧ୍ୟମରେ ପରିପ୍ରକାଶ କରାଯାଇଛି । ଏପରିକି ଗବେଷଣା ଓ ଖନନରୁ ସିଦ୍ଧ ହୋଇଯାଇଛି ଯେ ସମ୍ପୂର୍ଣ୍ଣ ଜମ୍ବୁଦ୍ୱୀପ (ପ୍ରାୟତଃ ଏସିଆ) ବୌଦ୍ଧ ଧର୍ମଦ୍ୱାରା ପ୍ରଭାବିତ ହୋଇଥିଲା । ବୃହତ୍ତର ଭାରତ ପ୍ରତିଷ୍ଠା, ଦ୍ୱୀପାନ୍ତର ସଂସ୍କୃତିର ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ଥିଲା ବୌଦ୍ଧଧର୍ମ ।

ଭଗବାନ ବୁଦ୍ଧ ବିଶ୍ୱମିତ୍ର ଥିଲେ । ଆଜିର ଜ୍ଞାନ ଅନିସନ୍ଧିତ୍ସୁମାନେ ବିସ୍ମିତ ହେଉଛନ୍ତି ଯେ ଈଶ୍ୱରହୀନ ବୌଦ୍ଧ ଧର୍ମ ଭାରତ ସହିତ ଯେଉଁ ଯେଉଁ ଦେଶରେ ବ୍ୟାପ୍ତ ଥିଲା ଯଥା– ଶ୍ରୀଲଙ୍କା, ମିଆଁମାର, ଶ୍ୟାମ, କାମ୍ବୋଡିଆ, ଜାପାନ । ସେଠାରେ ଲୋକଜୀବନ ଆନନ୍ଦମୟ, ଗୃହପାଳିତ ପଶୁ ସୁସ୍ଥ, ନାରୀ ସ୍ୱାଧୀନତା ଓ ପ୍ରଗତିଶୀଳ । ସାକ୍ଷର ସଂଖ୍ୟା ମଧ୍ୟ ଅଧିକ ଥିଲା । ବୌଦ୍ଧ ଧର୍ମ ଯେଉଁ ଦେଶକୁ ଯାଇଛି ତା'ର ନୂତନ ସ୍ପର୍ଶରେ ସେହି ସେହି ଦେଶର କଳା ସାହିତ୍ୟରେ ନବଯୁଗର ଆରମ୍ଭ ହୋଇ ପାରିଛି । ଚୀନ୍, ଜାପାନ, କୋରିଆ, ତିବ୍ବତ, ମିଆଁମାର, ଶ୍ରୀଲଙ୍କାର ସାହିତ୍ୟ ବୌଦ୍ଧ ଦର୍ଶନରେ ପ୍ରଭାବିତ ହୋଇ ସ୍ୱର୍ଣ୍ଣଯୁଗ ସୃଷ୍ଟି କରି ପାରିଥିଲା ।

ଭାରତୀୟ ପ୍ରାଚୀନ ଶାସ୍ତ୍ର ଗୌତମ ବୁଦ୍ଧଙ୍କୁ ବାରମ୍ବାର ମୁନି ରୂପେ ସମ୍ବୋଧିତ କରିଛି । ବୁଦ୍ଧ ଥିଲେ ଶତ୍ରୁତା ଓ ବିରୋଧ ଭାବର ଊର୍ଦ୍ଧ୍ୱରେ । ନିନ୍ଦା ଶବ୍ଦ ବୌଦ୍ଧ ଧର୍ମ ଜାତକରେ ନାହିଁ । ସର୍ବଦା ରାଷ୍ଟ୍ର, ସମାଜ ଓ ବ୍ୟକ୍ତିର ଦୋଷକୁ ଦୂରକରି ସୁସ୍ଥ ଓ ସମୃଦ୍ଧ ଜୀବନଶୈଳୀ ସୃଷ୍ଟି କରିବା ଥିଲା ବୌଦ୍ଧ ଧର୍ମର ପରମ ଲକ୍ଷ୍ୟ । ଏଣୁ ବୌଦ୍ଧ ଧର୍ମ ସାମାଜିକ ସୁଧାର ଓ କ୍ରାନ୍ତିର ପଥ ଅଟେ । ଯାହାର ଉଦ୍ଦେଶ୍ୟ– 'ବସୁଧୈବ କୁଟୁମ୍ବକମ୍' ସ୍ଥାପନ ତଥା 'ଏକ ଜାତି', 'ମନୁଷ୍ୟ ବର୍ଣ୍ଣ' ବିଶିଷ୍ଟ 'ଲୋକ–କୁଟୁମ୍ବ' ପରମ୍ପରା ସୃଷ୍ଟି କରିବା । ଏଣୁ ସେ ବର୍ଣ୍ଣ ଓ ବର୍ଣ୍ଣର ପ୍ରାଚୀରକୁ ଭାଙ୍ଗି ଆତ୍ମତତ୍ତ୍ୱ ଆଧାର ଉପରେ ମାନବୀୟ ଏକତା ସ୍ଥାପନ କରିବା ନିମନ୍ତେ ଚାହୁଁଥିଲେ । ବୁଦ୍ଧ, ବୋଧିସତ୍ତ୍ୱ ଓ ବୋଧି (ସମ୍ବୋଧି) ଶବ୍ଦର ମୁଖ୍ୟ ସମ୍ବନ୍ଧ 'ଧୀ' (ବୁଦ୍ଧି) ସହିତ ସମ୍ପର୍କିତ । ଏହାର ଉଚିତ୍ ପ୍ରୟୋଗ ନିମନ୍ତେ ପ୍ରାର୍ଥନା କରାଯାଉଥିଲା । ଯେତେବେଳେ ବୁଦ୍ଧି ଏକାଗ୍ର ଯୁକ୍ତ ଓ ପ୍ରତିଷ୍ଠା ପାଇଥାଏ, ସେତେବେଳେ ତାହାକୁ ସମାଧି କୁହାଯାଏ । ଏଭଳି ଭାବରେ ବୌଦ୍ଧ ଧର୍ମ ଓ ଉପନିଷଦ ଧର୍ମ ଭିତରେ କୌଣସି ବିଶେଷ ବିପର୍ଯ୍ୟୟ ପ୍ରତୀତ ହୁଏ ନାହିଁ ।

ଯଦ୍ୟାପି ବୌଦ୍ଧ ଧର୍ମ କର୍ମବାଦ ଉପରେ ଓ ଉପନିଷଦୀୟ କର୍ମ ସିଦ୍ଧାନ୍ତର ସ୍ପଷ୍ଟ ପ୍ରଭାବ ପଡିଛି । ଯଥା– ପୁଣ୍ୟୋଂ ବେ ପୁଣ୍ୟେନ ନିର୍ମଣା ଭବତି ପାପଃ ପାପେନେତି । କିନ୍ତୁ ଏହି ବିଚାର ଧାରାକୁ ବ୍ରାହ୍ମଣ ଋଷିମାନେ ସାଧାରଣ ସମାଜ ପର୍ଯ୍ୟନ୍ତ ପହଞ୍ଚାଇ ପାରି ନାହାନ୍ତି । ସେହି ଅଭାବତ୍ତ୍ୱର ପୂର୍ତ୍ତି ଭଗବାନ ବୁଦ୍ଧ ହିଁ କରିଛନ୍ତି । ସେ ସମସ୍ତଙ୍କ ବିଚାରରେ ସମନ୍ୱୟ ଭାବ ଉପସ୍ଥାପିତ କରି ଗନ୍ତବ୍ୟ ସ୍ଥାନ ପର୍ଯ୍ୟନ୍ତ ପହଞ୍ଚିବାକୁ ଅତି ସରଳ ପଥ ପ୍ରସ୍ତୁତ କରାଇଛନ୍ତି । ବିଚାର ଏବଂ ମାର୍ମିକ ସିଦ୍ଧାନ୍ତକୁ ଅତ୍ୟନ୍ତ ସରଳ କରିବା ନିମନ୍ତେ ଶିଳ୍ପୀ, ଚିତ୍ରକାରମାନେ ନିଜ କଳା କୌଶଳ ଦ୍ୱାରା ସୁନ୍ଦର ଓ ଆକର୍ଷକ ଢଙ୍ଗରେ ଚିତ୍ରିତ କରି ଦୂରେଇ ଯାଇଥିବା ଲୋକଙ୍କୁ ନିଜ ଆଡକୁ ଆକର୍ଷିତ କରାଉଥିଲେ । ଏଣୁ ଆଜି ମଧ୍ୟ ହଜାର ହଜାର ମନୁଷ୍ୟ ସେହି ନିରବ ଓ ନିର୍ଜନ ସ୍ଥାନମାନଙ୍କରେ ଥିବା ବୌଦ୍ଧତୀର୍ଥ ଓ କଳା କେନ୍ଦ୍ରକୁ ଯାତ୍ରା କରୁଛନ୍ତି । ଚିତ୍ରଗୁଡିକ ଥିଲା ବୁଦ୍ଧ ଜୀବନୀ ସମ୍ବନ୍ଧୀୟ । କାରଣ ରାଜପୁତ ସିଦ୍ଧାର୍ଥ ବୁଦ୍ଧତ୍ତ୍ୱ ପ୍ରାପ୍ତି ପରେ ପଦବ୍ରଜରେ ଗୋଟିଏ କେନ୍ଦ୍ରରୁ ଅନ୍ୟ ଗୋଟିଏ କେନ୍ଦ୍ରକୁ ବୁଲି ନିଜ ଅନୁଭୂତିରୁ ପାଇଥିବା ନବ ସତ୍ୟକୁ ପ୍ରଚାର କରୁଥିଲେ । ତାଙ୍କର ସଂସ୍ପର୍ଶରେ କ୍ରୁର ଦସ୍ୟୁ, କୁଳନାଶିନୀ ଗଣିକା, କୋଟିପତି ଶ୍ରେଷ୍ଠୀ, ରାଜା, ସାମନ୍ତ ଓ ସାଧାରଣ ଗୃହସ୍ଥ ଜୀବନ ଅଦ୍ଭୁତ ଭାବରେ ପରିବର୍ତ୍ତିତ ହୋଇଥିଲା ।

ଏଭଳି ଭାବରେ ବୌଦ୍ଧକଳା, ଯାହାକି ଭାରତୀୟ ଜନଜୀବନରେ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରଖିପାରିଛି । ଏହି ଦେଶର ଇତିହାସ ଓ ସଂସ୍କୃତିର ଗୌରବ ମଧ୍ୟ ବଢି ପାରିଛି ।

ବୌଦ୍ଧ ଦର୍ଶନ ଓ ବୁଦ୍ଧଙ୍କ ଜୀବନୀ ଅଥବା ସିଦ୍ଧାନ୍ତକୁ ପ୍ରତିପାଦନ କରିବା ନିମନ୍ତେ ବୌଦ୍ଧ ସାହିତ୍ୟାବଳୀ ବିଶ୍ୱସାହିତ୍ୟ ଜଗତର ଅମୂଲ୍ୟ ନିଧି ଅଟେ । ଏହି ନିଷ୍କର୍ଷରୁ ପ୍ରତିପାଦିତ ହେଉଛି

ଯେ ବୁଦ୍ଧ ଓ ତାଙ୍କର ଧର୍ମର ପ୍ରଭାବ ଭାରତୀୟମାନଙ୍କ ଉପରେ ସର୍ବ ପ୍ରଥମେ ପ୍ରଭାବ ପକାଇ ପାରିଛି । ଏଣୁ ଗୌତମ ବୁଦ୍ଧଙ୍କୁ ଭାରତୀୟ ଧର୍ମ ଶାସ୍ତ୍ର ଅବତାରବାଦର ନବମ ଅବତାର ରୂପେ ନିର୍ବିବାଦରେ ଗ୍ରହଣ କରାଯାଇଛି । ସେଥିପାଇଁ ବିଶ୍ୱ କବି ଶ୍ରୀଜୟଦେବ ତଥା ଆଦି ଶଙ୍କରାଚାର୍ଯ୍ୟ ନିଜ ନିଜ ଦଶାବତାର ସ୍ତୋତ୍ରରେ ବୁଦ୍ଧଙ୍କର ଜୟଗାନ କରିଛନ୍ତି –

ଧରାବଦ୍ଧପଦ୍ମାସନସ୍ଥାଙ୍ଘ୍ରିଂ ଯଷ୍ଟିର୍ନିୟମ୍ୟାନିଳଂ ନ୍ୟସ୍ତନାଶାଗ୍ରଦୃଷ୍ଟିଃ ।<br>
ଯ ଆସ୍ତେ କଳୌ ଯୋଗିନାଂ ଚକ୍ରବର୍ତ୍ତୀ ସ ବୁଦ୍ଧଃ ପ୍ରବୁଦ୍ଧୋସ୍ତୁ ॥

ଅର୍ଥାତ୍– ଧରାତଳରେ ଯାହାଙ୍କର ପାଦ ଯଷ୍ଟିବଦ୍ଧ ପଦ୍ମାସନ ହୋଇ ଅବସ୍ଥିତ । ବାୟୁ ସଂଯମ ବା ପ୍ରାଣାୟମ କରି ଯେ ନାସିକା ଅଗ୍ରରେ ଦୃଷ୍ଟି ରଖି ନିକ୍ଷେପ କରିଥିଲେ । ଯୋଗୀମାନଙ୍କ ରାଜା ବା ଚକ୍ରବର୍ତ୍ତୀ ଭାବରେ ଯିଏ ବିଦ୍ୟମାନ ହୋଇଥିଲେ । ସେହି ପ୍ରାଣକର୍ତ୍ତା ବୁଦ୍ଧଦେବ ଆମ୍ଭମାନଙ୍କ ହୃଦୟ ମନ୍ଦିରରେ ଅବସ୍ଥାନ କରନ୍ତୁ ।

(ଦଶାବତାର ସ୍ତୋତ୍ରମ୍– ଶଙ୍କରାଚାର୍ଯ୍ୟ)

ନିନ୍ଦସି ଯଜ୍ଞବିଧେରହହ ଶ୍ରୁତି ଜାତମ୍,<br>
ସଦୟହୃଦୟଦର୍ଶିତ ପଶୁଘାତମ୍<br>
କେଶବଧୃତ ବୁଦ୍ଧଶରୀର,<br>
ଜୟ ଜଗଦିଶ ହରେ । (ଜୟଦେବ)

ବୌଦ୍ଧଧର୍ମ ଏମିତି ଯୁଗଯୁଗ ଧରି ମାନବ କଲ୍ୟାଣ ନିମନ୍ତେ କାର୍ଯ୍ୟ କରି ଆସୁଥିବ । ଆଜି ମଧ୍ୟ ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ଜୀବନରେ ସୁଖ ଶାନ୍ତି ଓ ସମୃଦ୍ଧି ପ୍ରାପ୍ତ ନିମନ୍ତେ ବୁଦ୍ଧ ଦର୍ଶନ ଓ ବାଣୀ ସ୍ପୃହଣୀୟ ହୋଇପାରିଛି ।

ଆଲୋକନଗର<br>
ନିଆଳୀ, କଟକ

# ମାତୃ ବନ୍ଦନା

**ସରୋଜ ରଞ୍ଜନ ପଟ୍ଟନାୟକ**

ସବୁଜ ବନାନୀ ଓଡ଼ିଶା ଧରଣୀ<br>
ନୀଳାମ୍ବୁ ଚିଲିକା ଶୋଭା<br>
ଧନ୍ୟ କୋଣାରକ ଧନ୍ୟ ଶ୍ରୀମନ୍ଦିର<br>
ଅଟଇ ସେ ମନଲୋଭା ।

ବଙ୍ଗୋପସାଗର ଚରଣ ଧୁଏ<br>
ଦିଶୁଥାଏ ମନୋହର<br>
କବି, ଭାବୁକଙ୍କ ଜ୍ଞାନର ଗରିମା<br>
ନାହିଁ ତା'ର ପଟାନ୍ତର ।

ସୁରମ୍ୟ ଉଦ୍ୟାନ ନଦୀ ହ୍ରଦ, ବନ<br>
ମନ୍ଦିର ଶୋଭିତ ଏ ମର୍ତ୍ତ୍ୟ ଭୁବନ<br>
ମହୋଦଧି ବେଳାଭୂମି ବିମଣ୍ଡିତ<br>
ପୁଣ୍ୟ ନୀଳାଚଳ ବଟବୃକ୍ଷ ସ୍ଥାନ ।

କାଠଯୋଡ଼ି ଯା'ର ବାରବାଟୀ ଦୁର୍ଗ<br>
କୀର୍ତ୍ତିରାଜି ଥିଲା ଗଡ କଟକର<br>
ଖୋରଧା ପାଇକ ମାନ ରଖିଥିଲା<br>
ଇତିହାସ ସାକ୍ଷୀ ଯା'ର ।

ଆସ ସର୍ବେ ମିଶି ପୂଜିବା ମା'ଙ୍କୁ<br>
ସର୍ବ ଶକ୍ତି ମହିୟସୀ<br>
ମା'ର କଲ୍ୟାଣ ସଦା ରହିଥାଉ<br>
ଧନ୍ୟ ତୁମେ ଜଗଦ୍ଧାତ୍ରୀ ।

କ୍ୱାର୍ଟର ନଂ ୨ଆର୍ ଏଫ୍– ୪/୧<br>
କୋ–ଅପରେଟିଭ୍ ହାଉସିଂ କଲୋନୀ<br>
ୟୁନିଟ୍–୩, ଖାରବେଳ ନଗର<br>
ଭୁବନେଶ୍ୱର–୧

# ଆକାଶ ଦୀପ

ଡକ୍ଟର ଶରତ ଚନ୍ଦ୍ର ପରିଡ଼ା

କାର୍ତ୍ତିକ ମାସରେ ଅନ୍ୟ ଏକ ବିଶେଷ ପୂଜା ହେଉଛି ଆଲୋକ ପୂଜା । ବେଦରେ ଅନ୍ଧକାରକୁ ଦୂର କରିବା ପାଇଁ ଜ୍ୟୋତିକୁ ଆହ୍ୱାନ କରି ମନୀଷୀମାନେ 'ତମସୋ ମା ଜ୍ୟୋତିର୍ଗମୟ' ବୋଲି ଆଲୋକର ପୂଜା କରିଥାନ୍ତି । ମହାକାର୍ତ୍ତିକରେ ଶ୍ରୀହରିଙ୍କ ଉଦ୍ଦେଶ୍ୟରେ ଆକାଶଦୀପ ଦାନ ଏକ ପୁରାଣ ପ୍ରସିଦ୍ଧ ବିଧି ଅଟେ । ଏହା ଏକ ମହିମାବନ୍ତ ପୁଣ୍ୟାନୁଷ୍ଠାନ । ଅଗଣିତ ଭାରତୀୟ ପ୍ରଜ୍ୱଳିତ ଦୀପାଗ୍ନିଙ୍କୁ ଈଶ୍ୱରଙ୍କ ପ୍ରତୀକ ଭାବେ ଗ୍ରହଣ କରିଥାନ୍ତି । ପ୍ରତ୍ୟେକ ଶୁଭାନୁଷ୍ଠାନରେ ପରଂବ୍ରହ୍ମଙ୍କ ପ୍ରତୀକ ରୂପେ ଦୀପ ପ୍ରଜ୍ୱଳନ ଏକ ଧାର୍ମିକ ପରଂପରା ରୂପେ ଭାରତୀୟ ଜନଜୀବନରେ ପ୍ରତିଭାତ । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଭାରତୀୟମାନେ କାର୍ତ୍ତିକ ମାସରେ ଦୀପ ପ୍ରଜ୍ୱଳନ କରି ଆଲୋକ ଓ ଆନନ୍ଦର ମହାନୁଭବତାରେ ଉଦ୍‌ବୁଦ୍ଧ ହୋଇଥାନ୍ତି । ଉକ୍ତ ବିଧି ମାସକ ଯାକ ପାଳିତ ହୋଇଥାଏ । ଯେଉଁମାନେ ମାସ ସାରା ଦୀପ ଜଳାଇ ପାରନ୍ତି ନାହିଁ, ସେମାନେ ପଞ୍ଚକରେ ଆକାଶ ଦୀପ ପ୍ରଜ୍ୱଳନ କରିଥାନ୍ତି । ଆଲୋକ ଓ ଆନନ୍ଦ ମାଧ୍ୟମରେ ଦିବ୍ୟାନୁଭୂତିର ସନ୍ଦେଶ ପ୍ରଦାନ କରିଥାଏ ଆକାଶ ଦୀପ । ଭୋଗ ନୁହେଁ ତ୍ୟାଗ ହିଁ ଧର୍ମ, ଏହି ଭାବନା କଲ୍ୟାଣଧର୍ମୀ କାର୍ତ୍ତିକର ଅନ୍ତର୍ନିହିତ ଉଦ୍ଦେଶ୍ୟ । କାର୍ତ୍ତିକର ପ୍ରତି ସଞ୍ଜରେ ମଧୁସୂଦନ କୀର୍ତ୍ତନ କରି ଆକାଶ ଦୀପ ବହୁ ଉଚ୍ଚରେ ଜାଳି ମଙ୍ଗଳ କାମନା କରାଯାଏ । ଏଭଳି ବ୍ରତୀର ତପ କହିଲେ ନସରେ । କାର୍ତ୍ତିକ ମାସର ପ୍ରତିଦିନ ବ୍ରତୀ ଦୀପଦାନ କରିବା ଦ୍ୱାରା ଧର୍ମବୃଦ୍ଧି ଘଟିଥାଏ । ଏହାଦ୍ୱାରା ସପ୍ତ ଜନ୍ମର ପାପରାଶି ଅତି ଅଳ୍ପ ସମୟରେ ଦଗ୍ଧୀଭୂତ ହୋଇଯାଇଥାଏ । ଅନ୍ତ କାଳରେ ବୈକୁଣ୍ଠରେ ସ୍ଥାନ ପାଇଥାନ୍ତି । କାର୍ତ୍ତିକେୟ ପୁରାଣ (ଷଷ୍ଠ ଅଧ୍ୟାୟ ପୃ.୨୧)ରେ ମହାଦେବ ଦାସ ଲେଖନ୍ତି :

ପାପ ନଥିଲେ ପୁଣ୍ୟ ବଢେ । ଅନ୍ତେ ଗରୁଡ଼ ଧ୍ୱଜ ଚଢେ ॥
ଗୋବିନ୍ଦ ସଙ୍ଗେ ସଙ୍ଗ ହୋଇ । ବୈକୁଣ୍ଠ ଭୁବନକୁ ଯାଇ ॥

**ଦୀପଦାନ କାର୍ତ୍ତିକ ବ୍ରତର ଏକ ଅବିଚ୍ଛେଦ୍ୟ ଅଙ୍ଗ :** କାର୍ତ୍ତିକ ବ୍ରତଧାରୀ ମୌନ ହୋଇ ଭୋଜନ କରିଥାନ୍ତି । ଯେଉଁମାନେ ଦୀପଦାନ କରନ୍ତି ସେମାନେ ଦିନରେ ଭୋଜନ କରନ୍ତି ନାହିଁ । କିନ୍ତୁ ସ୍ତ୍ରୀ ଲୋକ, ରୋଗୀ ବା ବୃଦ୍ଧବ୍ୟକ୍ତିମାନଙ୍କ ପାଇଁ ଏହି ନିୟମ ପ୍ରଯୁଜ୍ୟ ନୁହେଁ । ବ୍ରତୀମାନେ ଘୃତ ବା ତୈଳ ଦ୍ୱାରା ଦୀପ ଜଳାଇଥାନ୍ତି । ବୈଷ୍ଣବମାନଙ୍କ ଗହଣରେ କୃଷ୍ଣକଥାରେ ମଜ୍ଜି ଦିନ ବିତାଇଥାନ୍ତି । ଏହି କାର୍ତ୍ତିକ ବ୍ରତର ସଂକଳ୍ପ ସେମାନେ ଆଶ୍ୱିନ ମାସ ଶୁକ୍ଳ ପକ୍ଷର ହରିବାସରେ କରିଥାନ୍ତି କିମ୍ବା ପୂର୍ଣ୍ଣମୀ ପର ତୁଳା ସଂକ୍ରାନ୍ତିରେ କରିଥାନ୍ତି । ବିଷ୍ଣୁଙ୍କ ସନ୍ନିଧିରେ ଦେବାଳୟରେ ତୁଳସୀ ମୂଳରେ ବା ଆକାଶରେ ସେମାନେ ଅଖଣ୍ଡଦୀପ ଦାନ କରିଥାନ୍ତି ।

**ଦୀପଦାନର ପୌରାଣିକତା :** କୃଷ୍ଣ ଚତୁର୍ଦ୍ଦଶୀଠାରୁ ତିନି ଦିନ ପର୍ଯ୍ୟନ୍ତ ଦୀପୋତ୍ସବ ଅନୁଷ୍ଠିତ ହୋଇଥାଏ । ରାଜା ବଳି ଭଗବାନଙ୍କଠାରୁ ଏକଦା ବର ମାଗିଥିଲେ–ମୁଁ ଛଦ୍ମ ବେଶରେ ଆପଣଙ୍କୁ ତିନି ପାଦ ଭୂମି ଦାନ କରିଥିଲି । ଅତଏବ ଆଜିଠାରୁ ତିନି ଦିନ ପ୍ରତି ବର୍ଷ ପୃଥିବୀରେ ମୋର ରାଜତ୍ୱ ହେବ । ସେହି ସମୟରେ ମନୁଷ୍ୟ ଦୀପଦାନ କଲେ ତା'ର ଘରେ ଆପଣଙ୍କ ପତ୍ନୀ ଲକ୍ଷ୍ମୀ ସ୍ଥିର ହୋଇ ନିବାସ କରିବେ । ତେଣୁ ଉକ୍ତ ତିନି ଦିନ ଉତ୍ସବ କରଣୀୟ ।

**ଦୀପଦାନ ପୃଷ୍ଠଭୂମିର କିଂବଦନ୍ତୀ :** ଏହି ଆକାଶ ଦୀପ ଦାନ ପଛରେ ଏକ ରୋଚକ କାହାଣୀ ରହିଛି । ଏକଦା ପୂର୍ବ କାଳରେ ଦ୍ରାବିଡ଼ ଦେଶରେ ବୁଦ୍ଧ ନାମକ ଏକ ବ୍ରାହ୍ମଣର ସ୍ତ୍ରୀ ଅତ୍ୟନ୍ତ ଦୁଷ୍ଟ ଓ ଦୁରାଚାରିଣୀ ଥିଲା । ଏହାଦ୍ୱାରା ତା' ସ୍ୱାମୀର ଆୟୁ କ୍ଷୀଣରୁ କ୍ଷୀଣତର ହେବାକୁ ଲାଗିଲା । ଶେଷରେ ସେ ମୃତ୍ୟୁମୁଖରେ ପଡ଼ିଲା । ସ୍ୱାମୀର ମୃତ୍ୟୁ ପରେ ମଧ୍ୟ ସେ ଦୁରାଚାରରୁ ନିବୃତ୍ତ

ହେଲା ନାହିଁ । ଅନ୍ୟ ପକ୍ଷରେ ତା'ର ପାପାଚାର ପ୍ରବଳରୁ ପ୍ରବଳତର ହେବାରୁ ଅନ୍ତ କାଳରେ ବହୁ ଦୁଃଖଯନ୍ତ୍ରଣା ଭୋଗ କରିବାକୁ ଲାଗିଲା । ଦୈବଯୋଗକୁ ସେହି ସମୟରେ ଜଣେ ତୀର୍ଥାଚାରୀ ବ୍ରାହ୍ମଣ ତା'ର ଦ୍ୱାରସ୍ଥ ହୋଇ ତାହାର ଘରେ ଆଶ୍ରୟ ନେଲେ । ସେହି ପାପିନୀର କଳଙ୍କମୟ ଜୀବନ କାହାଣୀ ଶ୍ରବଣ କଲେ । ତାଙ୍କ ପ୍ରତି ଦୟା କଲେ । ଐହିକ ସୁଖର ନଶ୍ୱରତା ବିଷୟରେ ବୁଝାଇଲେ । ଅନେକ ଶାସ୍ତ୍ରର ଅବତାରଣା କଲେ । କାର୍ତ୍ତିକ ବ୍ରତର ମାହାତ୍ମ୍ୟ ତଥା ଆକାଶ ଦୀପଦାନର ମହତ୍ତ୍ୱ ସଂପର୍କରେ ଶିକ୍ଷା ଦେଲେ । ବିଷ୍ଣୁଙ୍କ ପ୍ରୀତିସାଧନ ପାଇଁ ଏକ ମାସ ବ୍ୟାପି ଦୀପଦାନ କରିବା ପାଇଁ ଉପଦେଶ ଦେଲେ । ଉକ୍ତ ନାରୀ ବିପ୍ରଙ୍କର ଉପଦେଶକୁ ଶିରୋଧାର୍ଯ୍ୟ କରି ତାହା ହିଁ ଆଚରଣ କରିଥିଲେ । ତଦ୍ଦ୍ୱାରା ମୃତ୍ୟୁପରେ ତାଙ୍କର ମୁକ୍ତି ଲାଭ ହୋଇଥିଲା ।

ମହାକାର୍ତ୍ତିକର ମହାଦୀପ ସଂପର୍କରେ ଆଉ ଏକ ଆଖ୍ୟାନ ପଦ୍ମପୁରାଣରେ ରହିଛି । ଚନ୍ଦ୍ରଶର୍ମା ନାମକ ଜଣେ ବ୍ରାହ୍ମଣ ଥିଲେ । ତାଙ୍କର ଉପଦେଶ ଅନୁସାରେ ମହାରାଜା ସୁନନ୍ଦ କାର୍ତ୍ତିକ ମାସର ସମସ୍ତ ବିଧି ବିଧାନ ପାଳନ କରୁଥିଲେ । ଆକାଶ ଦୀପ ମଧ୍ୟ ଦାନ କରୁଥିଲେ । ରାଜା ଭକ୍ତିବିଭୋର ଚିତ୍ତରେ ମନ୍ତ୍ର ଉଚ୍ଚାରଣ ପୂର୍ବକ କହୁଥିଲେ–ହେ ମହାପ୍ରଭୁ ଦାମୋଦର ! ବିଶ୍ୱ କହିଲେ ଆପଣଙ୍କୁ ହିଁ ବୁଝାଏ । ସମଗ୍ର ବିଶ୍ୱ ହେଉଛି ଆପଣଙ୍କ ରୂପ । ଆପଣ ଅନନ୍ତ । ଆପଣ ସୃଷ୍ଟିକର୍ତ୍ତା । ମୁଁ ଆପଣଙ୍କ ଚରଣ ତଳେ ପ୍ରଣତି ଜଣାଇବା ସହିତ ଆପଣଙ୍କର ପରମ ପ୍ରିୟ ଆକାଶ ଦୀପ ଅର୍ପଣ କରୁଅଛି । ମାସ ଶେଷରେ ମହାରାଜା ବ୍ରହ୍ମଣମାନଙ୍କୁ ସାଦରେ ଅଭ୍ୟର୍ଥନା ଜଣାଇ ଥିଲେ । ସେମାନଙ୍କୁ ଭୋଜନ ପ୍ରଦାନ କରି ଦକ୍ଷିଣା ଦାନ ପୂର୍ବକ ପରମ ସନ୍ତୋଷ ପ୍ରଦାନ କରିଥିଲେ । ଏହି ପ୍ରସଙ୍ଗରେ ମହର୍ଷି ମନୁ ତାଙ୍କ ସଂହିତା(୪/୨୨୯)ରେ ଲେଖନ୍ତି : ସୁଖମକ୍ଷୟମନ୍ନଦଃ । ଅର୍ଥାତ୍ ଅନ୍ନ ଦାନ କଲେ ଅକ୍ଷୟ ସୁଖ ମିଳେ । ତାହାର ପରିଣାମ ସ୍ୱରୂପ ରାଜା ପ୍ରଜାମାନଙ୍କୁ ପୁତ୍ରସମ ପାଳନ କରି ରାଜ୍ୟ ଶାସନ କରିବା ସଙ୍ଗେ ସଙ୍ଗେ ଏକ ଲକ୍ଷ ବର୍ଷ ପର୍ଯ୍ୟନ୍ତ ପରମ ପାର୍ଥିବ ସୁଖ ଲାଭ କରିଥିଲେ । ଶେଷରେ ସସ୍ତ୍ରୀକ ସୁନ୍ଦର ବିମାନରେ ଆରୂଢ ହୋଇ ଶ୍ରୀହରିଙ୍କ ସଦୃଶ ଶରୀର ଲାଭ କରି ମୋକ୍ଷ ଲାଭ କରିଥିଲେ । କାର୍ତ୍ତିକ ପୂର୍ଣ୍ଣିମାରେ ଜଗନ୍ନାଥଙ୍କୁ ଦୀପଦାନ କରାଯାଇ ବନ୍ଦାପନା କରାଯାଏ । ଯେଉଁ ଭକ୍ତ ଦୀପଦାନ କରନ୍ତି ଓ ଯେଉଁମାନେ ବନ୍ଦାପନା ଦର୍ଶନ କରନ୍ତି ସେମାନେ ଅନ୍ତକାଳରେ ବିଷ୍ଣୁଲୋକକୁ ଗମନ କରନ୍ତି ।

**କାର୍ତ୍ତିକରେ ଦୀପଦାନ ହରିପ୍ରାପ୍ତିର ସହଜ ଉପାୟ :** କାର୍ତ୍ତିକ ମାସରେ ଭକ୍ତ ବତ୍ସଳ ଦାମୋଦରଙ୍କ ପୂଜା ଲୋକପ୍ରସିଦ୍ଧ ଅଟେ । ବାରମାସ ମଧ୍ୟରେ କୃଷ୍ଣବଲ୍ଲଭ କାର୍ତ୍ତିକ ମାସରେ ବିଷ୍ଣୁଙ୍କୁ ଅଳ୍ପ ସାଧନରେ ପୂଜା କଲେ ସେ ବୈଷ୍ଣବ ଲୋକ ପ୍ରଦାନ କରିଥାନ୍ତି । ପ୍ରାଣୀମାନଙ୍କର ଦେହ କ୍ଷଣ ଭଙ୍ଗୁର । ବହୁ ଜନ୍ମର ପୁଣ୍ୟକର୍ମ ଫଳରେ ଏହି ଦୁର୍ଲଭ ନରଦେହ ପ୍ରାପ୍ତ ହୋଇଥାଏ । ଏହିପରି ସମୟ ଖଣ୍ଡ ମଧ୍ୟରେ ଦୁର୍ଲଭ କାଳ ହେଉଛି କାର୍ତ୍ତିକ ମାସ । ଏହି ସମୟରେ ଦୀପଦାନ କଲେ ହରି ପ୍ରମୁଦିତ ହୋଇଥାନ୍ତି ବୋଲି ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି ।

ଆଲୋକର ବନ୍ଦନା କରି ଭକ୍ତ ଦିବ୍ୟ ସତ୍ତାର ଅନୁଭବ କରି ଆନ୍ଦୋଳିତ ହୋଇ ଗାଏ :

ନୀଳାଚଳବାସୀ ପ୍ରଭୁ ବ୍ରହ୍ମରାଶି
ମହାବାହୁ ମୂଳାଧାର
ଶଶାଙ୍କ ତପନ, ଯୁଗଳ ନୟନ
ଆଲୋକର ପାରାବାର
ନମୋ ନମଃ ବାରବାର
ହୋଇଲେ ମୁଦ୍ରିତ ନିଖିଳ ଜଗତ
ଘୋଟିଯିବ ଅନ୍ଧକାର ॥

**କାର୍ତ୍ତିକରେ ସବୁ ଦେବଦେବୀଙ୍କୁ ଦୀପ ଅର୍ପଣ :** କାର୍ତ୍ତିକ ମାସରେ ସବୁ ଦେବଦେବୀଙ୍କୁ ଦୀପ ଅର୍ପଣ କରାଯାଇଥାଏ । ଲକ୍ଷ୍ମୀଙ୍କୁ ଦୀପଦାନ କରାଯାଇ କୁହାଯାଇଥାଏ, ହେ ପଦ୍ମା ପଦ୍ମାଳୟା ! ହେ ବିଶ୍ୱରୂପଙ୍କ ଭାର୍ଯ୍ୟା ! ହେ ଶୁଭଙ୍କରୀ ! ମୋତେ ସବୁ ଦିଗରୁ ରକ୍ଷା କର । ହେ ମହାଲକ୍ଷ୍ମୀ ! ତୁମକୁ ନମସ୍କାର । ନିମ୍ନ ମନ୍ତ୍ର ପାଠ କରି ଲକ୍ଷ୍ମୀଙ୍କୁ ଦୀପଦାନ କରାଯାଇଥାଏ :

ଓଁ ବିଶ୍ୱରୂପସ୍ୟ ଭାର୍ଯ୍ୟାସି ପଦ୍ମେ ପଦ୍ମାଳୟେ ଶୁଭେ ।
ସର୍ବତଃ ପାହି ମାଂ ଦେବୀ ମହାଲକ୍ଷ୍ମୀ ! ନମୋସ୍ତୁତେ ॥

ସେହିପରି ଉତ୍ତର ଦିଗର ଅଧିପତି କୁବେରଙ୍କୁ ଦୀପଦାନ କରି କୁହାଯାଇଥାଏ–ହେ ଧନଦ ! ହେ ନିଧିପଦ୍ମର ଅଧିପ ! ତୁମର ଅନୁଗ୍ରହରୁ ମୋର ଧନସଂପଦ ବୃଦ୍ଧି ହେଉ । ନିମ୍ନ ମନ୍ତ୍ରଟି ପାଠ କରି କୁବେରଙ୍କୁ ଦୀପଦାନ ପୂର୍ବକ ପାଦ୍ୟଅର୍ଘ୍ୟ ପ୍ରଦାନ କରାଯାଇଥାଏ :

ଓଁ ଧନଦାୟ ନମସ୍ତୁଭ୍ୟଂ ନିଧିପଦ୍ମାଧିପାୟ ଚ ।
ଭବନ୍ତୁ ତ୍ୱତ୍ପ୍ରସାଦାନ୍ମେ ଧନଧାନ୍ୟାଦିସଂପଦଃ ॥

ନିଜ ବାସଭବନରେ ଦୀପଦାନ କରି ପ୍ରାର୍ଥନା କରାଯାଇ ଥାଏ– ହେ ବାସ୍ତୁ ପୁରୁଷ ! ହେ ପ୍ରଣବ ସ୍ୱରୂପ ! ଅଗ୍ନିର ଜ୍ୟୋତି ଅଛି, ସୂର୍ଯ୍ୟର ଜ୍ୟୋତି ଅଛି ଓ ଚନ୍ଦ୍ରର ଜ୍ୟୋତି ଅଛି । କିନ୍ତୁ ଏହି ଦୀପର ଜ୍ୟୋତି ହେଉଛି ସର୍ବଶ୍ରେଷ୍ଠ । ଏହାକୁ ଆପଣ ଗ୍ରହଣ କରନ୍ତୁ :

ଓଁ ଅଗ୍ନିର୍ଜ୍ୟୋତି ରବିର୍ଜ୍ୟୋତିଶ୍ଚନ୍ଦ୍ରଜ୍ୟୋତିସ୍ତଥୈବ ଚ ।
ଉତ୍ତମଃ ସର୍ବଜ୍ୟୋତିନାଂ ଦୀପୋଽୟଂ ପ୍ରତିଗୃହ୍ୟତାମ୍ ॥

**କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ, ଚତୁର୍ଦ୍ଦଶୀ ଓ ଅମାବାସ୍ୟାରେ ଯମ ଦୀପଦାନ :** ଗର୍ଭଣା ସଂକ୍ରାନ୍ତି ବା ତୁଳା ସଂକ୍ରାନ୍ତିଠାରୁ ଓଡ଼ିଶାରେ କାର୍ତ୍ତିକ ବ୍ରତର ଆରମ୍ଭ ହୋଇଥାଏ । ତ୍ରୟୋଦଶୀ ଯୁକ୍ତ ଏହି ସଂକ୍ରାନ୍ତିକୁ ଜଳବିଷୁବ ସଂକ୍ରାନ୍ତି କୁହାଯାଏ । ପଦ୍ମ ପୁରାଣ ମତେ କାର୍ତ୍ତିକ ମାସର କୃଷ୍ଣ ପକ୍ଷର ତ୍ରୟୋଦଶୀ ତିଥିରେ ଘର ବାହାରେ ଦୀପଦାନ କଲେ ଅପମୃତ୍ୟୁ ଅପସରି ଯାଏ । ଜନ୍ତୁପତିଙ୍କୁ ଦୀପଦାନ କଲାବେଳେ ଦୀପଦାନର ପ୍ରାର୍ଥନା ମନ୍ତ୍ରରେ କୁହା ଯାଇଥାଏ–ହେ ସୂର୍ଯ୍ୟପୁତ୍ର ଯମ ! ଆମକୁ ମୃତ୍ୟୁର ପାଶଦଣ୍ଡରୁ ମୁକ୍ତ କର । ତ୍ରୟୋଦଶୀରେ ଆମ ଦ୍ୱାରା ପ୍ରଦତ୍ତ ଦୀପ ଗ୍ରହଣ କରି ପ୍ରସନ୍ନ ହୁଏ । ଯମଦୀପର ଫଳଶ୍ରୁତିରେ କୁହାଯାଇଛି କାର୍ତ୍ତିକର ଚତୁର୍ଦ୍ଦଶୀ ଓ ଅମାବାସ୍ୟାରେ ସଞ୍ଜବେଳେ ଦୀପଦାନ କଲେ ମନୁଷ୍ୟ ଯମ ମାର୍ଗରେ ଅନ୍ଧକାରରୁ ମୁକ୍ତିଲାଭ କରେ ।

**କାର୍ତ୍ତିକରେ ପିତୃପୁରୁଷଙ୍କୁ ଦୀପଦାନ :** ଦ୍ୱିତୀୟତଃ କାର୍ତ୍ତିକ ମାସ ବେଳକୁ ପିତୃପକ୍ଷ ଆରମ୍ଭ ହୋଇଯାଇଥାଏ । ପ୍ରେତ ପୁରୁଷ ତଥା ପିତୃଗଣଙ୍କୁ ପଥପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରାଚ୍ଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ସକାଶେ ଉଚ୍ଚ ସ୍ଥାନରେ ଏହି ଦୀପ ପ୍ରଜ୍ୱଳିତ କରାଯାଇଥାଏ । ପିତୃପୁରୁଷଙ୍କୁ ମୋକ୍ଷ ଦେବା ପାଇଁ ଆକାଶ ଦୀପ ଉଦ୍ଦିଷ୍ଟ । ଯଦ୍ୱାରା ନରକ ଭୋଗ କରୁଥିବା ପିତୃପୁରୁଷଗଣ ଉଦ୍ଧାର ପାଇ ପରମ ଗତି ପ୍ରାପ୍ତ ହୋଇଥାନ୍ତି । ସାଧାରଣତଃ ନିମ୍ନଲିଖିତ ମନ୍ତ୍ର ଉଚ୍ଚାରଣ କରି ପିତୃପୁରୁଷଙ୍କୁ ଦୀପଦାନ କରାଯାଇ ଥାଏ :

ନମଃ ପିତୃଭ୍ୟଃ ପ୍ରେତେଭ୍ୟୋ ନମୋ ଧର୍ମାୟ ବିଷ୍ଣବେ ।
ନମୋ ଯମାୟ ରୁଦ୍ରାୟ କାନ୍ତାରପତୟେ ନମଃ ॥

ତେଣୁ କାର୍ତ୍ତିକ ମାସରେ ଆକାଶଦୀପ ଦାନ କଲେ ଦାତାଙ୍କର କୁଳସମୂହ ପବିତ୍ର ହୁଏ । ସେ ଧନବାନ୍, ବୀର୍ଯ୍ୟବାନ୍, ପୁତ୍ରବାନ୍ ତଥା ସକଳ ପ୍ରକାର ଐଶ୍ୱର୍ଯ୍ୟରେ ସୁସଂପନ୍ନ ହୋଇଥାନ୍ତି । ଯେଉଁମାନେ ଦୀପଦାନ କରନ୍ତି ସେମାନେ ଦିନରେ ଭୋଜନ କରନ୍ତି ନାହିଁ । କିନ୍ତୁ ସ୍ତ୍ରୀଲୋକ, ରୋଗୀ ଓ ବୃଦ୍ଧମାନଙ୍କ ପାଇଁ ଏହା ପ୍ରଯୁଜ୍ୟ ନୁହେଁ । ପିତୃପୁରୁଷମାନଙ୍କୁ ଦକ୍ଷିଣମୁଖ ହୋଇ ମନ୍ତ୍ର ପାଠ କରି ଦୀପ ପ୍ରଦାନ କରାଯାଇଥାଏ । ଅସ୍ତ୍ରଶସ୍ତ୍ରରେ ଯେଉଁ ପିତୃପୁରୁଷମାନେ ନିହତ ହୋଇଛନ୍ତି କିମ୍ବା ଅନ୍ୟ ପ୍ରାଣୀମାନଙ୍କ ଦ୍ୱାରା ପ୍ରାଣ ହରାଇଛନ୍ତି ସେହି ପୂର୍ବ ପୁରୁଷମାନଙ୍କର ଦେହ ବ୍ୟୋମବହ୍ନି ଏହି ଉଜ୍ଜ୍ୱଳ ଆକାଶ ଦୀପର ଜ୍ୟୋତିରେ ଦହନ ହେଉ । ଏହା କହି ପିତୃପୁରୁଷମାନଙ୍କୁ ଦୀପ ବା ଆକାଶଦୀପ ପ୍ରଦର୍ଶନ କରାଯାଇଥାଏ । ବଂଶରେ ଯେଉଁମାନେ ଅଗ୍ନିରେ ଦଗ୍ଧ ହୋଇଛନ୍ତି ବା ଅଦଗ୍ଧ ହୋଇ ରହିଛନ୍ତି ଆକାଶ ଦୀପର ଉଜ୍ଜ୍ୱଳ ଜ୍ୟୋତିରେ ଦଗ୍ଧ ହୋଇ ସେମାନେ ପରମ ଗତିକୁ ପ୍ରାପ୍ତ ହୁଅନ୍ତୁ । ନିମ୍ନଲିଖିତ ମନ୍ତ୍ର ପାଠ କରି ଦୀପ ତଳେ ରଖାଯାଏ :

ଓଁ ଅଗ୍ନିଦଗ୍ଧାଶ୍ଚ ଯେ ଜୀବା ଯେପ୍ୟଦଗ୍ଧାଃ କୁଳେ ମମ ।
ଉଜ୍ଜ୍ୱଳଜ୍ୟୋତିଷା ଦଗ୍ଧାସ୍ତେ ଯାନ୍ତୁ ପରମାଂ ଗତିମ୍ ॥

ଯମଲୋକକୁ ତ୍ୟାଗ କରି ମହାଳୟାରେ ଯେଉଁ ପିତୃପୁରୁଷମାନେ ଆସିଥାନ୍ତି ସେମାନେ ଉଜ୍ଜ୍ୱଳ ଆଲୋକରେ ଉଦ୍ଭାସିତ ହୋଇଥିବା ମାର୍ଗଦର୍ଶନ କରି ଫେରି ଯାଆନ୍ତୁ ବୋଲି କହି ନିମ୍ନ ମନ୍ତ୍ର ପାଠ କରି ପିତୃପୁରୁଷମାନଙ୍କୁ ବିସର୍ଜନ କରାଯାଏ:

ଓଁ ଯମଲୋକଂ ପରିତ୍ୟଜ୍ୟ ଆଗତା ଯେ ମାହାଳୟେ ।
ଉଜ୍ଜ୍ୱଳ ଜ୍ୟୋତିଷା ବର୍ତ୍ମ ପ୍ରପଶ୍ୟନ୍ତୋ ବ୍ରଜନ୍ତୁ ତେ ॥

**ପରଦୀପ ପ୍ରଜ୍ୱଳନରେ ପୁଣ୍ୟ :** ଯେଉଁ ବ୍ୟକ୍ତି ଦୀପଦାନ ଦେବାରେ ଅସମର୍ଥ ସେ ପରଦୀପ ଜଳାଇବାରେ ସହାୟତା କଲେ ଅଶେଷ ପୁଣ୍ୟ ଲାଭ କରିଥାଏ ବୋଲି ପଦ୍ମ ପୁରାଣରେ ବର୍ଣ୍ଣନା ରହିଛି : ସୁଗତିଞ୍ଚ ଦଦାତ୍ୟେବ ପରଦୀପ ପ୍ରବୋଧନାତ୍ । ତାହା ଯଦି ନକରି ପାରେ, ତେବେ କ'ଣ କରିପାରିବ ତାହା ବିକଳ୍ପ ଭାବରେ ସ୍କନ୍ଦ ପୁରାଣରେ ବର୍ଣ୍ଣନା କରାଯାଇଛି । ଯେଉଁ ବ୍ୟକ୍ତି ନିଜେ ଦୀପ ଜଳାଇବା ପାଇଁ ଅସମର୍ଥ ସେ ପରଦୀପ ପ୍ରଜ୍ୱଳିତ କରି ଯତ୍ନ ସହକାରେ ପବନ ଦାଉରୁ ରକ୍ଷଣାବେକ୍ଷଣା କରିବା ଉଚିତ୍ । ଏଭଳି ପରିବେଶ ନମିଳିଲେ ତୁଳସୀ ବୃକ୍ଷ ବା ବୈଷ୍ଣବ ବ୍ରାହ୍ମଣଙ୍କ ପୂଜା କରିବା ବିଧେୟ । ଯଦି ତାହା ବି ସମ୍ଭବ ନହୁଏ ତେବେ ଯେକୌଣସି ବ୍ରାହ୍ମଣ ଓ ଧେନୁମାନଙ୍କର ପୂଜା କରିବା ବିଧି ସମ୍ମତ ଅଟେ । ଅନ୍ୟଥା ବ୍ରତର ପରିପୂର୍ଣ୍ଣତା ନିମନ୍ତେ ବୋଧିବଟର ପୂଜା କରଣୀୟ । ଅଭିଳଷିତ ବଡ଼ ବଡ଼ ଯଜ୍ଞ କରିବା ଦ୍ୱାରା ଯେଉଁ ଫଳ ମିଳିନଥାଏ ପରଦୀପ ଜଳାଇବା ଦ୍ୱାରା ତାହା ଉପଲବ୍ଧ ହୋଇଥାଏ ।

କେବଳ ସେତିକି ନୁହେଁ ପରଦୀପକୁ ସୁରକ୍ଷା ଦେଲେ ପିତୃପକ୍ଷରେ ଅନ୍ନ ଓ ଜଳ ଦାନର ପୁଣ୍ୟଫଳ ମିଳିଥାଏ । କାର୍ତ୍ତିକ ମାସରେ ବୈଷ୍ଣବମାନଙ୍କର ସେବା ଓ ପରଦୀପ ଜଳାଇବା ଦ୍ୱାରା ରାଜସୂୟ ଓ ଅଶ୍ୱମେଧ ଯଜ୍ଞର ଫଳ ପ୍ରାପ୍ତି ହୋଇଥାଏ । ଅନ୍ୟ ଦ୍ୱାରା ଦିଆଯାଉଥିବା ଦୀପକୁ ଯେଉଁମାନେ ହରିଭବନରେ ଅର୍ପଣ କରନ୍ତି ସେମାନଙ୍କୁ ଯମଯାତନା ସହିବାକୁ ପଡ଼େ ନାହିଁ । ପର ଦ୍ୱାରା ଦୀୟମାନ ଏକ ଦୀପକୁ ମୂଷିକାଟି ପ୍ରଜ୍ୱଳନ କରି ଦୁର୍ଲଭ ମନୁଷ୍ୟ ଜନ୍ମ ପାଇ ପରିଶେଷରେ ପରମ ଗତି ଲାଭ କରିଥିଲା ବୋଲି ସ୍କନ୍ଦ ପୁରାଣରେ ବର୍ଣ୍ଣନା ରହିଛି ।

**ପୁରାଣରେ ଦୀପମାଳାର ମାହାତ୍ମ୍ୟ :** ହରିଙ୍କ ଆଳୟର ଭିତରେ ଓ ବାହାରେ ଯିଏ ଦୀପମାଳାର ରଚନା କରନ୍ତି ସେହି ବ୍ୟକ୍ତି ଶଙ୍ଖଚକ୍ର ଧାରଣ କରି ବିଷ୍ଣୁଙ୍କ ବିମାନରେ ବସି ହରିପୁରକୁ ଗମନ କରନ୍ତି । ତାଙ୍କ କୁଳରେ ଜାତ ଲକ୍ଷେ ଲୋକ ପର୍ଯ୍ୟନ୍ତ କେହି ନରକରେ ପଡ଼ନ୍ତି ନାହିଁ । ଦୀପମାଳାର ଆଲୋକରେ ଉଦ୍‌ଭାସିତ ହୋଇ ସେହି ନର ପରମ ପଦପ୍ରାପ୍ତ ହୁଅନ୍ତି । ଯେଉଁମାନେ ବିଶେଷ କରି କାର୍ତ୍ତିକ ମାସର ଏକାଦଶୀ ଓ ଦ୍ୱାଦଶୀରେ ସୁନ୍ଦର ଦୀପମାଳା ପ୍ରଜ୍ୱଳିତ କରନ୍ତି ସେହି ତେଜୋପୁଞ୍ଜରେ ଦଶଦିଗ ଆଲୋକିତ ହୁଏ । ଘୃତରେ ପୂର୍ଣ୍ଣ ପ୍ରଦୀପସଂଘ ଆଲୋକିତ ହେଲେ ଏକ ହଜାର ବର୍ଷ ପର୍ଯ୍ୟନ୍ତ ଦୀପସତ୍ତା ବିଷ୍ଣୁ ଲୋକରେ ମହିମାନ୍ୱିତ ହୁଅନ୍ତି ।

**କାର୍ତ୍ତିକରେ ଶିଖର ଦୀପ ଓ ଆକାଶ ଦୀପ :** ଆକାଶର ଯେତେ ଉଚ୍ଚରେ ଯିଏ କାର୍ତ୍ତିକ ଦୀପ ପ୍ରଦାନ କରନ୍ତି ସେ ନିଜର ସଂପୂର୍ଣ୍ଣ କୁଳକୁ ଉଦ୍ଧାର କରି ବିଷ୍ଣୁଲୋକକୁ ଯାତ୍ରା କରନ୍ତି । ବିଷ୍ଣୁକେଶବଙ୍କ ଉଦ୍ଦେଶ୍ୟରେ ଯିଏ ଆକାଶ ଓ ଜଳରେ ଦୀପଦାନ କରନ୍ତି ସେ ଧନଧାନ୍ୟ, ସମୃଦ୍ଧି, ଶୁଭ ଦୃଷ୍ଟିଶକ୍ତ, ପାଣ୍ଡିତ୍ୟ ଓ ପୁତ୍ର ଲାଭ କରି ଘରେ ଈଶ୍ୱର ପରି ନିଜକୁ ଅନୁଭବ କରନ୍ତି । ସ୍କନ୍ଦ ପୁରାଣରେ ବର୍ଣ୍ଣନା ରହିଛି ଯେ କଳସ ଉପରେ ଦୀପ ପ୍ରଜ୍ୱଳିତ ହେଲେ ମଣିଷର ପାପ ସମୂହ ତରଳି ଯାଏ । ସମୁଦ୍ରର କଟିମେଖଳା ପୃଥିବୀ ସାରା ଓ ବ୍ରାହ୍ମଣମାନଙ୍କୁ ଦୀପଦାନର ପୁଣ୍ୟ, ବୈଷ୍ଣବମାନଙ୍କୁ ସର୍ବସ୍ୱ ଦାନ ଓ ଦୁଧିଆଳୀ ବାଛୁରୀ ଯୁକ୍ତ କୋଟିଏ ଧେନୁ ଦାନ ହରିଙ୍କ ଶିଖର ଦୀପଦାନର ଷୋଡ଼ଶୀ କଳାର ଯୋଗ୍ୟ ହୁଏ ନାହିଁ । ବିଷ୍ଣୁଙ୍କୁ ଦୀପ ପ୍ରଦାନ କରୁଥିବା ନରଙ୍କୁ ସ୍ୱର୍ଗରେ ଦେବତାମାନେ ନିରୀକ୍ଷଣ କରୁଥାନ୍ତି । ସେମାନେ ମଧ୍ୟ ଭାବୁଥାନ୍ତି ଏଭଳି ପୁଣ୍ୟକର୍ମ ସହିତ ଆମର କେବେ ସଂଗମ ହେବ । ଯିଏ ପ୍ରାସାଦ ଉପରେ ଦୀପଦାନ କରନ୍ତି ତାଙ୍କ ପକ୍ଷରେ ଇନ୍ଦ୍ରପଦ ଦୁର୍ଲଭ ନୁହେଁ ।

**କାର୍ତ୍ତିକ ମାସରେ କେଉଁ କେଉଁ ସ୍ଥାନରେ ଦୀପଦାନ କରାଯାଏ :** ଏହି ଧର୍ମମାସରେ ବ୍ରହ୍ମଣମାନଙ୍କ ଭବନରେ ଦୀପଦାନ କଲେ ଅଗ୍ନିଷ୍ଟୋମ ଯଜ୍ଞର ଫଳ ଲାଭ ହୋଇଥାଏ । ଗୁଆ ଗଛର ଶୀର୍ଷରେ, ଚାରି ଛକରେ, ବ୍ରାହ୍ମଣ ବସତିରେ, ବୃକ୍ଷମୂଳରେ, ଗୋଗୋଷ୍ଠରେ, ଗହନବନ, ଦେବାଳୟ ଓ ନଦୀକୂଳ ଇତ୍ୟାଦିରେ ଦୀପଦାନ କଲେ ମହାଫଳ ମିଳିଥାଏ ।

**ବିଭିନ୍ନ ତୀର୍ଥ କ୍ଷେତ୍ରରେ ଦୀପଦାନର ପୁଣ୍ୟଫଳ :** କାର୍ତ୍ତିକ ମାସରେ ଏହି ଧର୍ମଭୂମି ପୁଣ୍ୟଭୂମି ଭାରତବର୍ଷର ଯେକୌଣସି ସ୍ଥାନରେ ପୂଜା କରି ଦୀପଦାନ କଲେ ଅଗ୍ନିହୋତ୍ର ଯଜ୍ଞର ଫଳ ପ୍ରାପ୍ତ ହୋଇଥାଏ । କୁରୁକ୍ଷେତ୍ରରେ ଦୀପଦାନ କଲେ କୋଟିଗୁଣ ଫଳ ମିଳିଥାଏ । ଗଙ୍ଗାରେ ମଧ୍ୟ ତଦନୁରୂପ ଫଳ ଉପଲବ୍ଧ ହୋଇଥାଏ । କିନ୍ତୁ ଦ୍ୱାରକା ଓ ପୁଷ୍କର ଭଳି ତୀର୍ଥ କ୍ଷେତ୍ରରେ ଦୀପଦାନ କଲେ ତା'ଠାରୁ ଅଧିକ ଫଳ ମିଳିଥାଏ । କାର୍ତ୍ତିକ ମାସରେ ପୂଜାସ୍ନାନ ଆଦି କରି ବିଷ୍ଣୁଙ୍କ ପାଦପଦ୍ମରେ ଧ୍ୟାନ ରଖିଲେ କୃଷ୍ଣଙ୍କଠାରୁ ସାଲୋକ୍ୟ ମୁକ୍ତି ମିଳିଥାଏ । ମଥୁରାରେ ଦୀପଦାନ ସର୍ବଶ୍ରେଷ୍ଠ ଅଟେ । ଏହାଦ୍ୱାରା ବୈକୁଣ୍ଠନାଥଙ୍କର ପ୍ରୀତିବର୍ଦ୍ଧନ ହୋଇଥାଏ । ଏହାଠାରୁ ଉତ୍କୃଷ୍ଟ ଦୀପଦାନ ଆଉ ନାହିଁ । ମଥୁରାରେ ସ୍ନାନ ପୂଜା ଓ ଦୀପଦାନ ପୂର୍ବକ ଦାମୋଦରଙ୍କ ସେବା କଲେ ବ୍ରତୀ ସ୍ୱୟଂ ଦାମୋଦରତ୍ୱ ଲାଭ କରେ । ଏପରି ଭକ୍ତ କୃଷ୍ଣ ସ୍ୱରୂପ ହୋଇଯାନ୍ତି । ହରି ଭକ୍ତି ଓ ଭକ୍ତର ବଶୀଭୂତ । ମଥୁରାରେ କାର୍ତ୍ତିକବ୍ରତୀ ମନ୍ତ୍ରହୀନ କ୍ରିୟାହୀନ ଦ୍ରବ୍ୟହୀନ ଓ ବିଧିହୀନ ହୋଇ ରାଧିକାପ୍ରିୟଙ୍କୁ ଥରେ ମାତ୍ର ଅର୍ଚ୍ଚନା କଲେ ମଧ୍ୟ ହରି ତାହାକୁ ଗ୍ରହଣ କରନ୍ତି । ଭକ୍ତ ଯଥାଶୀଘ୍ର ହରିଭକ୍ତି ଲାଭ କରିବାକୁ ସମର୍ଥ ହୁଏ । ସବୁ ତୀର୍ଥ ନଦନଦୀ ଓ ପୁଷ୍କରିଣୀ କାର୍ତ୍ତିକ ମାସରେ ମଥୁରାରେ ହିଁ ବାସ କରନ୍ତି । ମଥୁରା ଭଗବାନ୍ ଶ୍ରୀକୃଷ୍ଣଙ୍କର ଜନ୍ମସଦନ ହୋଇଥିବାରୁ ଜୀବନରେ ଥରେ ମାତ୍ର ଯିଏ ଏଠାରେ ପ୍ରବେଶ କରନ୍ତି ସେ ପରମପଦ ଲାଭ କରନ୍ତି । ସେଥିପାଇଁ କୁହାଯାଇଛି କାର୍ତ୍ତିକ ମାସରେ ଗୃହରେ ବ୍ରତ ନକରି ଅତି ଯତ୍ନ ସହକାରେ ତୀର୍ଥମାନଙ୍କରେ କରିବା ବିଧେୟ ।

**ନାନାବିଧ ଧାତୁନିର୍ମିତ ଦୀପ ପ୍ରଦାନ ଯୋଗ୍ୟ :** କାର୍ତ୍ତିକ ମାସରେ କେବଳ ମୃତ୍ତିକା ନିର୍ମିତ ଦୀପ ପ୍ରଦାନ କରାଯାଏ ନାହିଁ ପରନ୍ତୁ ରୂପା, ସୁନା ଓ ମଣିମୁକ୍ତା ଆଦି ଧାତୁ ନିର୍ମିତ ଦୀପ ଦାମୋଦରଙ୍କ ପ୍ରୀତ୍ୟର୍ଥେ ପ୍ରଦାନ କରାଯାଏ ।

**ଆକାଶ ଦୀପଦାନ ପଛରେ ବିଜ୍ଞାନସମ୍ମତ ଯୁକ୍ତି :** ଦୀପଦାନର ଆଉ ଏକ ଭୌଗୋଳିକ ବୈଜ୍ଞାନିକ କାରଣ ହେଉଛି

କାର୍ତ୍ତିକ ମାସରେ ଶରତ କାଳରେ ନଭୋମଣ୍ଡଳରେ ପ୍ରଥମ ସ୍ତରରେ ନାନା ପ୍ରକାରର ଜୀବାଣୁ ସୃଷ୍ଟି ହୋଇ ସେଠାରେ ବିଚରଣ କରିଥାନ୍ତି । ଏହି ଜୀବାଣୁମାନେ ଲୋକସମାଜର ବହୁବିଧ କ୍ଷତି ସାଧନ କରିଥାନ୍ତି । ଆକାଶଦୀପ ପ୍ରଜ୍ଜ୍ୱଳନ ଦ୍ୱାରା ଦୀପଶିଖା ସଂସ୍ପର୍ଶରେ ସ୍ୱାଭାବିକ ଭାବରେ ଆକୃଷ୍ଟ ହୋଇ ଆସି ନଷ୍ଟ ହୋଇ ଥାଏ । ତେଣୁ ପ୍ରାୟତଃ ପ୍ରତି ଗ୍ରାମରେ, ଚଉଁରାମୂଳେ ବା ଦେବମନ୍ଦିର ପରିସରରେ ଉଚ୍ଚ ବାଉଁଶ ଖୁଣ୍ଟ ଉପରେ ମାଟି ପାତ୍ରରେ ଦୀପମାଳା ରଖି ଆକାଶଦୀପ ପ୍ରଦାନ କରାଯାଇଥାଏ । ଏହା ବିଧବା ବା ହବିଷ୍ୟାଳୀମାନଙ୍କ ଦ୍ୱାରା ବିଷ୍ଣୁ ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ । ଆଉ କେତେକ କହନ୍ତି ଆମର ସାଧବମାନେ ସମୁଦ୍ରରେ ଥିବାବେଳେ ଏ ଆଲୋକ ଦେଖି ସେମାନଙ୍କର ଗତିପଥ ସ୍ଥିର କରନ୍ତି ।

**ଦୀପଦାନର ଆଧ୍ୟାତ୍ମିକତା :** ଆକାଶ ଦୀପଦାନ ଦ୍ୱାରା ମନୁଷ୍ୟ ବହୁବିଧ ଦୁଷ୍କୃତରୁ ଉଦ୍ଧାର ପାଇ ଶେଷରେ ବିଷ୍ଣୁଲୋକ ପ୍ରାପ୍ତ ହୋଇଥାଏ । ଏହି ଆକାଶଦୀପ ଆତ୍ମା ପରମାତ୍ମା ମଧ୍ୟରେ ଏକ ସଂପର୍କ ସ୍ଥାପନର ପ୍ରତୀକ ବୋଲି କୁହାଯାଏ ।

**ଦୀପଦାନର ଫଳଶ୍ରୁତି :** ମହର୍ଷି ମନୁ ତାଙ୍କ ସଂହିତା (୪/୨୨୯)ରେ ଉଲ୍ଲେଖ କରିଛନ୍ତି : ଦୀପଦଶ୍ଚକ୍ଷୁରୁତ୍ତମମ୍ । ଅର୍ଥାତ୍ ଦୀପଦାନ କରୁଥିବା ବ୍ୟକ୍ତି ଉତ୍ତମ ନେତ୍ରଜ୍ୟୋତି ପ୍ରାପ୍ତ ହୁଅନ୍ତି । ଜଣେ କୋଟି ସହସ୍ର ପାପ କରିଥାଉ ପଛକେ ଅର୍ଦ୍ଧ ନିମେଷ ମାତ୍ର ଦୀପଦାନ କଲେ ମଧ୍ୟ ତାର ସମସ୍ତ ପାପ ବିଳୟ ହୋଇଯା'ନ୍ତି । ଏହାଦ୍ୱାରା ପୃଥିବୀ ପୃଷ୍ଠରେ ନର ଆଉ ଜନ୍ମ ଲାଭ କରି ନଥାଏ । କାର୍ତ୍ତିକରେ ରବିଗ୍ରହରେ କୁରୁକ୍ଷେତ୍ରରେ ଓ ଶଶିଗ୍ରହରେ ନର୍ମଦାରେ ଦୀପଦାନ କଲେ ତାହା କୋଟି ଗୁଣିତ ହୋଇଥାଏ । ଯିଏ ଘୃତ ବା ତିଳତୈଳରେ ଦୀପ ପ୍ରଜ୍ଜ୍ୱଳନ କରନ୍ତି ତାଙ୍କର ଅଶ୍ୱମେଧ ଯଜ୍ଞ କରିବା ଅନାବଶ୍ୟକ । ଜନାର୍ଦ୍ଦନଙ୍କଠାରେ ମନ୍ତ୍ରହୀନ କ୍ରିୟାହୀନ ବା ଶୌଚହୀନ ହୋଇଥାଆନ୍ତୁ ପଛକେ କାର୍ତ୍ତିକ ମାସରେ ଦୀପଦାନ କଲେ ତାଙ୍କର ସବୁ କ୍ରିୟା ସଂପୂର୍ଣ୍ଣତା ଲାଭ କରିଥାଏ । ସବୁ ତୀର୍ଥରେ ଅବଗାହନ ସକଳ ଯଜ୍ଞ ସଂପନ୍ନ ନକରି କେବଳ କେଶବ ଅଗ୍ରରେ ଦୀପଦାନ କଲେ ତାହାର ଫଳ ମିଳିଯାଇଥାଏ । ଏହି ଦୀପ ଜଳୁଥିବା ପର୍ଯ୍ୟନ୍ତ ସ୍ୱର୍ଗ ମର୍ତ୍ତ୍ୟ ଓ ରସାତଳରେ ପୁଣ୍ୟମାନ ଗର୍ଜନ କରୁଥାନ୍ତି । ଦୀପଦାନ କଲାବେଳେ ପୂର୍ବ ପୁରୁଷମାନେ ପ୍ରାର୍ଥନା କରିଥିଲେ ଯେ ଏହି ଦୀପ ଦ୍ୱାରା ହେ ପ୍ରଭୁ ! ଆମ କୁଳରେ ପିତୃଭକ୍ତ ସୁତମାନେ ଜନ୍ମ ଗ୍ରହଣ କରନ୍ତୁ । କାର୍ତ୍ତିକ ମାସରେ ଯିଏ ଦୀପ ପ୍ରଦାନ ଦ୍ୱାରା କେଶବଙ୍କୁ ସନ୍ତୁଷ୍ଟ କରନ୍ତି ସେ ମୁକ୍ତି ଲାଭ କରନ୍ତି ଏଥିରେ ସନ୍ଦେହ ନାହିଁ । ମେରୁ ପରି ବିପୁଳ ପାପରାଶି ଥିଲେ ବି କାର୍ତ୍ତିକ ଦୀପଦାନ ତାହା ଦହନ କରିଦେଇଥାଏ । ଗୃହରେ ହେଉ ଅବା ଅଗଣାରେ ହେଉ କାର୍ତ୍ତିକ ମାସରେ ବାସୁଦେବଙ୍କ ସମ୍ମୁଖରେ ଦୀପଦାନ ମହାଫଳଦାୟକ ହୋଇଥାଏ । ଏପରି ଜନ ସଂସାରରେ ଧନ୍ୟ ଓ କୀର୍ତ୍ତିମାନ୍ ହୋଇଥାଏ । ସର୍ବବିଧ ପାପ କରି ସକଳ ଅନୁଷ୍ଠାନହୀନ ହୋଇ ମଧ୍ୟ କାର୍ତ୍ତିକରେ ଦୀପଦାନ କଲେ ସେ ବ୍ୟକ୍ତି ପବିତ୍ର ହୋଇଯାଏ । ଯିଏ ଦୀପଦାନ କରନ୍ତି ନାହିଁ ତିନି ଲୋକରେ ତାଙ୍କଠାରୁ ବଡ଼ ପାପୀ କେହି ନାହିଁ । ଅନ୍ୟ ପକ୍ଷରେ ଦୀପଦାତା ସବୁ ପ୍ରକାର ବାଧା ଅତିକ୍ରମ କରି ଶାଶ୍ୱତ ସ୍ଥାନ ପ୍ରାପ୍ତ ହୁଅନ୍ତି । ଯିଏ କର୍ପୂର ପ୍ରଦାନ କରନ୍ତି ତାଙ୍କ ବଂଶରେ ଜନ୍ମିତ ପୁତ୍ରମାନେ ଦେବଲୋକରେ ମନ ଇଚ୍ଛା କ୍ରୀଡ଼ା କରି ଚକ୍ରପାଣିଙ୍କ କୃପାରୁ ମୁକ୍ତିଲାଭ କରନ୍ତି । ସକଳ କାଷ୍ଠରେ ଯେମିତି ବହ୍ନି ସନ୍ନିହିତ ଥାଏ ସେମିତି କାର୍ତ୍ତିକ ଦୀପରେ ସବୁ ପୁଣ୍ୟ ଅନ୍ତର୍ଭୁକ୍ତ ହୋଇଥାଏ । ଦ୍ୟୂତ ଛଳରେ କେଶବଙ୍କ ଆଳୟକୁ ଦୀପରେ ଆଲୋକିତ କରୁଥିବା ବ୍ୟକ୍ତିର ସାତ କୁଳ ପବିତ୍ର ହୋଇଯାଏ । ସେ ସର୍ବଦା ଧନ ପୁତ୍ର ଯଶ ଓ କୀର୍ତ୍ତିଲାଭ କରନ୍ତି । କାର୍ତ୍ତିକରେ ଯିଏ ଦୀପଦାନ କରନ୍ତି ନାହିଁ ସେ ବୈଷ୍ଣବ ନୁହେଁ । ସେ ମୂଢ଼ । ଅନ୍ୟ ପକ୍ଷରେ ହରିଙ୍କ ନିକଟରେ ଯିଏ ଅଖଣ୍ଡ ଦୀପ ପ୍ରଦାନ କରନ୍ତି ସେ ଦିବ୍ୟକାନ୍ତିରେ ଉଦ୍ଭାସିତ ହେଉଥିବା ବିମାନରେ ବସି ହରିଙ୍କ ବୈକୁଣ୍ଠରେ ଆମୋଦିତ ହୁଅନ୍ତି ବୋଲି ସ୍କନ୍ଦ ପୁରାଣରେ ଦୀପଦାନ ମାହାତ୍ମ୍ୟରେ କୁହାଯାଇଛି ।

ଦିବ୍ୟ ଆଲୋକରେ ଉଦ୍‌ବୁଦ୍ଧ ହେବା ଉଦ୍ଦେଶ୍ୟରେ କବି ବିନମ୍ର ପ୍ରାର୍ଥନା କରେ :

ମନ ମନ୍ଦିର ମୁକୁଳିତ କରି
ଜ୍ଞାନଦୀପ ଦିଅ ଜାଳି
ସବୁ ପାପ ତାପ ତିମିର ତମସା
ନିମିଷକେ ଦିଅ ଟାଳି
ବିବେକ ବିଚାର ଚାଳି
ସଂଦୀପିତ କର ସଳିତା ଶିଖାଟି
ଭକତି ତଇଳ ଢାଳି ॥

କ୍ୱା.ନଂ ସି–୨୨/୧, ନାଲ୍‌କୋ, ଦାମନଯୋଡ଼ି
କୋରାପୁଟ–୭୬୩୦୦୮

# ଗାଁରେ ଏବେ ବି ଆନନ୍ଦ ଅଛି

ଇଂ. ଅଭୟ ସୂତାର

ଆମ ଦେଶ ଏକ ଗ୍ରାମବହୁଳ ରାଷ୍ଟ୍ର । ଦେଶରେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ବାସ କରୁଥିବା ଅଧିବାସୀଙ୍କ ସଂଖ୍ୟା ବହୁ ଗୁଣରେ ଅଧିକ । ଶିକ୍ଷୋନ୍ନତ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ସହରାଞ୍ଚଳରେ ଯେପରି ଅଧିକ ଲୋକ ବାସ କରନ୍ତି, ଏ ଦେଶରେ ଠିକ୍ ତା'ର ବିପରୀତ । ଗ୍ରାମାଞ୍ଚଳର ଉନ୍ନତି ବିନା ଆମ ଦେଶର ସର୍ବାଙ୍ଗୀନ ଉନ୍ନତି କଳ୍ପନା କରିବା ଅସମ୍ଭବ । ଗ୍ରାମ ବା ପଲ୍ଲୀ ଅଞ୍ଚଳର ଶ୍ୟାମଳ କୃଷିକ୍ଷେତ, ନାନାବିଧ ଶସ୍ୟ ସମ୍ଭାର ଓ ପ୍ରାକୃତିକ ସଂପଦ ସହରାଞ୍ଚଳର ଶ୍ରୀବୃଦ୍ଧି ସାଧନ କରୁଛି,ଏହା ସ୍ୱୀକାର୍ଯ୍ୟ । ମାତ୍ର ଏସବୁ ସତ୍ତ୍ୱେ ଅଧୁନା ଦୀର୍ଘ ୬୮ ବର୍ଷର ସ୍ୱାଧୀନତା ପ୍ରାପ୍ତି ପରେ ଗ୍ରାମାଞ୍ଚଳର ଉନ୍ନତି କଳ୍ପେ ଯୁବ ସମାଜର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ଅଟେ ।

ସ୍ୱାଧୀନତାର ପୂର୍ବ ଓ ପରବର୍ତ୍ତୀ ଅବସ୍ଥାକୁ ପର୍ଯ୍ୟାଲୋଚନା କଲେ ଏହା ଅତ୍ୟନ୍ତ ସ୍ପଷ୍ଟ, ଆମ ଦେଶ ବିଭିନ୍ନ କ୍ଷେତ୍ରରେ ସାଫଲ୍ୟ ହାସଲ କରିଅଛି । ମାତ୍ର ଏହି ସାଫଲ୍ୟର ସୁଫଳ ଗ୍ରାମ ଅପେକ୍ଷା ସହରରେ ବସବାସ କରୁଥିବା ଲୋକମାନେ ଅଧିକ ପରିମାଣରେ ଉପଭୋଗ କରୁଛନ୍ତି । ଅଧିବାସୀମାନଙ୍କର ଆଶାନୁରୂପ ଉନ୍ନତି ସମ୍ଭବ ହୋଇ ପାରୁନାହିଁ । ଏଣୁ ପ୍ରଚଳିତ ପଦ୍ଧତିର ଏକ ବୈପ୍ଳବିକ ପରିବର୍ତ୍ତନ ପାଇଁ ଦେଶର ପ୍ରତ୍ୟେକ ସଚେତନ ନାଗରିକ ଧ୍ୟାନ ଦେବା ଏକାନ୍ତ ବାଞ୍ଛନୀୟ ।

ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ସହିତ ଶିକ୍ଷା କ୍ଷେତ୍ରରେ ଆମ ଦେଶକୁ ତୁଳନା କଲେ ଲଜ୍ଜିତ ହେବାକୁ ପଡ଼େ । ଶିକ୍ଷା ପ୍ରତ୍ୟେକ ମଣିଷର ଏକାନ୍ତ ଆବଶ୍ୟକ । ଶିକ୍ଷା ବିନା ମଣିଷ ଅଜ୍ଞାନ ଅନ୍ଧକାର ମଧ୍ୟରେ ଦିଗହରା ହୋଇ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନତା ପ୍ରକାଶ କରିପାରେ ନାହିଁ । ଏଣୁ ଶିକ୍ଷାର ବହୁଳ ପ୍ରସାର ପାଇଁ ସଂଘବଦ୍ଧ ଉଦ୍ୟମ ଏକାନ୍ତ ଅପରିହାର୍ଯ୍ୟ । ଗ୍ରାମାଞ୍ଚଳର ଶିକ୍ଷିତ ଯୁବ ସମାଜ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଉଚିତ୍ । ସହରାଞ୍ଚଳ ପରି ଗ୍ରାମଗୁଡ଼ିକ ଶିକ୍ଷା କ୍ଷେତ୍ରରେ ଅଗ୍ରସର ନୁହେଁ । ସହରରେ ସ୍କୁଲ କଲେଜ, ଉଚ୍ଚତର ଶିକ୍ଷା ପାଇଁ ଗବେଷଣାଗାର ଓ ବିଶ୍ୱବିଦ୍ୟାଳୟମାନ ରହୁଛି । ଏହି କାରଣ ହେତୁ ସହରର ଅଧିବାସୀମାନେ ପଲ୍ଲୀ ଅଞ୍ଚଳର ଅଧିବାସୀଙ୍କଠାରୁ ଅଧିକ ସଚେତନ । ଗ୍ରାମରେ ବାସ କରୁଥିବା ନିରକ୍ଷର ଲୋକଙ୍କୁ ଶିକ୍ଷାର ଆବଶ୍ୟକତା ଓ ଉପାଦେୟତା ସମ୍ବନ୍ଧେ ସମ୍ୟକ ଧାରଣା ଦେବା ସଙ୍ଗେ ସଙ୍ଗେ ସେମାନଙ୍କର ଗତାନୁଗତିକ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବା ଦିଗରେ ଶିକ୍ଷିତ ଯୁବ ସମାଜ ଜାଗ୍ରତ ପ୍ରହରୀ ସଦୃଶ କାର୍ଯ୍ୟ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହେବା ଉଚିତ। ଏଥିପାଇଁ ସେମାନଙ୍କର ତ୍ୟାଗ, ସେବା ଓ ଦୃଢ଼ ମନୋବଳ ଏକାନ୍ତ ଆବଶ୍ୟକ ।

ପଲ୍ଲୀ ଅଞ୍ଚଳରେ ପିଲାମାନଙ୍କର ଶିକ୍ଷାର ସୁବିଧା ନିମିତ୍ତ ବିଦ୍ୟାଳୟ ସ୍ଥାପନ ଓ ସେଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ସୁପରିଚାଳନାର ଆବଶ୍ୟକୀୟ ସରକାରୀ ସାହାଯ୍ୟ ଲାଭ ସକାଶେ ଯୁବ ସମାଜର ସଂଘବଦ୍ଧ ଉଦ୍ୟମ ବିଶେଷ ପ୍ରଣିଧାନଯୋଗ୍ୟ। ନିରକ୍ଷରତା ଏକ ସାମାଜିକ ବ୍ୟାଧି ଓ ଏହାର ଦୂରୀକରଣ ନିମନ୍ତେ ଜନ ଜାଗୃତି ଲୋଡ଼ା, ଏହା ଯେପରି ପ୍ରତ୍ୟେକ ନାଗରିକ ଉପଲବ୍ଧି କରନ୍ତି, ସେ ଦିଗରେ ଯୁବଗୋଷ୍ଠୀର ଉଦ୍ୟମ ସର୍ବାଦୌ ଅଗ୍ରଗଣ୍ୟ । ଅଧୁନା ସରକାରଙ୍କର ଜାତୀୟ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ନିରକ୍ଷରତା ଦୂରୀକରଣ ଦିଗରେ ଏକ ପ୍ରୋତ୍ସାହନ । ଗ୍ରାମାଞ୍ଚଳର ନିରକ୍ଷର ଯୁବକ ଯୁବତୀଙ୍କୁ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ ନିମନ୍ତେ ପ୍ରବର୍ତ୍ତାଇବା ଯୁବ ସମାଜର ଏକ ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ। ପ୍ରକୃତରେ ଶିକ୍ଷା ବିହୀନ ଜୀବନ ନିରର୍ଥକ । ଜଣେ ନିରକ୍ଷର ନାଗରିକ ଦେଶ ଓ ଜାତିର ସମସ୍ୟା ହୃଦୟଙ୍ଗମ କରିବା କେବେ ହେଲେ ସହଜସାଧ୍ୟ ହୋଇ ନ ପାରେ। ଏସବୁ ଦୃଷ୍ଟିରୁ ଯୁବ

ସମାଜ ଗ୍ରାମାଞ୍ଚଳରେ ବସବାସ କରୁଥିବା ଅଗଣିତ ନରନାରୀଙ୍କ ମନରେ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ଅଜ୍ଞତା ଓ ନିରକ୍ଷରତା ଜୀବନର ଉନ୍ନତି ପଥରେ ଏକ ପ୍ରଧାନ ଅନ୍ତରାୟ ବୋଲି ପ୍ରତ୍ୟେକ ନାଗରିକ ଅନୁଭବ କରିବା ଦରକାର ।

ଭାରତ ଏକ କୃଷି ପ୍ରଧାନ ଦେଶ । ଜାତୀୟ ଆୟର ଅଧିକାଂଶ ଭାଗ ମୁଖ୍ୟତଃ କୃଷି ଉପରେ ନିର୍ଭର କରେ । ଏଣୁ ଏକ ଉନ୍ନତ କୃଷି ପ୍ରଣାଳୀ ଦ୍ୱାରା ହିଁ ଦେଶର ଆୟକୁ ବୃଦ୍ଧି କରାଯାଇପାରିବ । ଏଣୁ ଗ୍ରାମାଞ୍ଚଳର କୃଷକମାନଙ୍କୁ ଆଧୁନିକ କୃଷି ପଦ୍ଧତି ସହ ପରିଚିତ କରାଇବା ଦିଗରେ ଶିକ୍ଷିତ ଯୁବ ସମାଜ ସହାୟତା କରିବା ଉଚିତ୍ । କୃଷି ବିଭାଗ କର୍ମଚାରୀ ଓ ବିଶେଷଜ୍ଞଙ୍କ ଦ୍ୱାରା କୃଷକମାନଙ୍କୁ କୃଷିର ଉନ୍ନତି ସମ୍ପର୍କେ ସବିଶେଷ ଉପଦେଶ ନିମନ୍ତେ କୃଷକ ସଭାର ଆୟୋଜନ ପାଇଁ ଯୁବ ସମାଜ ଚେଷ୍ଟିତ ହେବା ଦରକାର ।

ଗ୍ରାମାଞ୍ଚଳରେ ଗମନାଗମନ ପଥର ଅସୁବିଧା ଏହାର ଉନ୍ନତିର ଏକ ପ୍ରଧାନ ପ୍ରତିବନ୍ଧକ ଅଟେ । ସ୍ୱାଧୀନତା ହାସଲର ପରବର୍ତ୍ତୀ କାଳରେ ଗମନାଗମନ ପଥର ପ୍ରସାର ହୋଇଥିଲେ ହେଁ ଆବଶ୍ୟକତା ଦୃଷ୍ଟିରୁ ତାହା ଯଥେଷ୍ଟ ନୁହେଁ । ରାସ୍ତାଘାଟ ନିର୍ମାଣ ସକାଶେ ସରକାରୀ ସାହାଯ୍ୟ ବ୍ୟତିରେକ ଗ୍ରାମବାସୀଙ୍କର ସଂଘବଦ୍ଧ ଉଦ୍ୟମ ଦ୍ୱାରା ହିଁ ବହୁକାର୍ଯ୍ୟ ସାଧିତ ହୋଇପାରିବ । ଗ୍ରାମବାସୀଙ୍କୁ ସଂଗଠିତ କରି ଓ ସେମାନଙ୍କ ସହିତ ନିଜକୁ ସାମିଲ କରାଇ କାର୍ଯ୍ୟ କରିବା ନିମନ୍ତେ ଯୁବଗୋଷ୍ଠୀ ତତ୍ପର ହେବା ଦରକାର । ଗ୍ରାମର ରାସ୍ତାଘାଟ ସଫା ରଖିବା ଓ ଅଳିଆ ଆବର୍ଜନାକୁ ପୋତି ଖତ ରୂପେ ବ୍ୟବହାର କରିବା ପାଇଁ ଶିକ୍ଷା ଦିଆଯିବା ଉଚିତ । ଗ୍ରାମର କୂପ ଓ ପୁଷ୍କରିଣୀ ଆଦିର ପରିଷ୍କାର ପରିଚ୍ଛନ୍ନତା ପ୍ରତି ସବିଶେଷ ଧ୍ୟାନ ଦିଆଯିବା ନିମନ୍ତେ ଗ୍ରାମବାସୀଙ୍କୁ ଶିକ୍ଷା ଦିଆଯିବା ଯୁବ ସମାଜର ଏକ ଗୁରୁ ଦାୟିତ୍ୱ । ରୋଗ ଦାଉରୁ ରକ୍ଷା ପାଇବା ନିମନ୍ତେ ପରିଷ୍କାର ପରିଚ୍ଛନ୍ନତା ହିଁ ଏକ ଉତ୍ତମ ପନ୍ଥା । ଏହା ପ୍ରତ୍ୟେକ ଗ୍ରାମବାସୀ ହୃଦୟଙ୍ଗମ କରିବା ଦରକାର ।

ଆଜକୁ ବହୁ କାଳ ଧରି ଆମ ସମାଜରେ ପ୍ରଚଳିତ ଯୌତୁକ ପ୍ରଥା ଏକ କଳଙ୍କ ରୂପେ ଅନୁଭୂତ ହେଉଥିଲେ ମଧ୍ୟ ତାହାର ବିଲୋପ ସାଧନ କରା ନ ହେବା ଘୋର ପରିତାପର ବିଷୟ । ଯୌତୁକ ବିରୋଧ ଆଇନ ବଳବତ୍ତର ଥିଲେ ହେଁ ଜନଚେତନାର ଅଭାବ ଯୋଗୁଁ ଏହାର ଉଚ୍ଛେଦ ହୋଇପାରି ନାହିଁ । ଏଣୁ ଯୁବ ସମାଜ ଏ ଦିଗରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରି ଜନମତକୁ ପ୍ରଭାବିତ କରାଇ ପାରିଲେ ଯୌତୁକଜନିତ ବହୁ ନାରକୀୟ ଘଟନାର ଅବସାନ ହୋଇପାରନ୍ତା ।

ଗ୍ରାମବାସୀଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ନିମନ୍ତେ କର୍ମ ସଂସ୍ଥାନର ବ୍ୟବସ୍ଥା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଅବସର ସମୟରେ ପରିବାରର ଲୋକଙ୍କୁ ବିଭିନ୍ନ ପ୍ରକାର କାର୍ଯ୍ୟରେ ନିଯୁକ୍ତ କରାଯାଇପାରିଲେ ସେମାନେ ସେମାନଙ୍କର ପରିଶ୍ରମଲବ୍ଧ ଅର୍ଥ ଦ୍ୱାରା ପରିବାରର ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି କରିପାରିବେ । ଗ୍ରାମାଞ୍ଚଳରେ କୁଟୀର ଶିଳ୍ପ ବେକାର ସମସ୍ୟାର ସମାଧାନ କରିବାର ଏକ ଉତ୍କୃଷ୍ଟ ପନ୍ଥା । ଆଜିକାଲି ସରକାର କୁଟୀରଶିଳ୍ପର ବିକାଶ ପାଇଁ ଉଦ୍‌ଯୋଗୀ ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରକାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ଏଣୁ ଶିକ୍ଷିତ ଯୁବ ସମାଜ ଏ ଦିଗରେ ଗ୍ରାମବାସୀଙ୍କୁ ସଚେତନ କରାଇବା ଏକାନ୍ତ ଆବଶ୍ୟକ ।

ଗ୍ରାମ୍ୟ ଜୀବନକୁ ସରସ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ଉତ୍ତମ ପ୍ରତିବେଶୀ ମନୋଭାବ ଏକାନ୍ତ ଆବଶ୍ୟକ । ଗ୍ରାମର ଅଧିବାସୀଙ୍କ ମଧ୍ୟରେ ପରସ୍ପର ପ୍ରତି ସ୍ନେହ ଓ ଆନ୍ତରିକତାର ଅଭାବ ଘଟିଲେ ଗ୍ରାମ୍ୟ ଜୀବନ କଳୁଷିତ ହେବା ସୁନିଶ୍ଚିତ । କ୍ଷୁଦ୍ର ଦଳୀୟ ମନୋଭାବ, ପରଶ୍ରୀକାତରତା ଓ ସର୍ବୋପରି ଆତ୍ମକୈନ୍ଦ୍ରିକ ଚିନ୍ତାଧାରା ଗ୍ରାମ୍ୟ ସଂହତିକୁ ନଷ୍ଟ କରିବାକୁ ଯାଉଛି । ଏଣୁ ଏହି ବିଭେଦକାରୀ ଶକ୍ତିଗୁଡ଼ିକ ବିରୋଧରେ ସ୍ୱର ଉତ୍ତୋଳନ କରି ଗ୍ରାମର ଏକତାକୁ ବଜାୟ ରଖିବା ଯୁବ ସମାଜର କର୍ତ୍ତବ୍ୟ । ଜାତିଆଣ ମନୋଭାବ, ଛୁଆଁ ଅଛୁଆଁ ଭେଦଭାବ, ସାଂପ୍ରଦାୟିକତା ଓ ଧର୍ମାନ୍ଧତା ଭଳି ସାମାଜିକ ଅପରାଧ ପ୍ରତି ସଦାସର୍ବଦା ଜାଗ୍ରତ ରହିବା ନିମନ୍ତେ ଗ୍ରାମବାସୀଙ୍କୁ ଶିକ୍ଷା ଦିଆଯିବା ପ୍ରୟୋଜନ । ଏହା ଆମର ଜାତୀୟ ଜୀବନକୁ କଳୁଷିତ କରିବା ସଙ୍ଗେ ସଙ୍ଗେ ଜାତୀୟ ସଂହତି ପ୍ରତି ବିପଦ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ସମୟେ ସମୟେ ଗ୍ରାମାଞ୍ଚଳର ଅଧିବାସୀଙ୍କ ମଧ୍ୟରେ ଉପୁଜୁଥିବା ବାଦ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ କରି ସେମାନଙ୍କ ମନରେ ଭ୍ରାତୃଭାବ ଓ ସୌହାର୍ଦ୍ଦ୍ୟ ଫେରାଇ ଆଣିବା ନିମନ୍ତେ ଶିକ୍ଷିତ ଯୁବଗୋଷ୍ଠୀ ଯତ୍‌ପରୋନାସ୍ତି ଉଦ୍ୟମ କରିବା ଆବଶ୍ୟକ ।

ସଭାପତି (କାର୍ଯ୍ୟକାରୀ)
ଜିଲ୍ଲା ଲେଖକ ସାମ୍ମୁଖ୍ୟ,ଭଦ୍ରକ

# ବିଶ୍ୱ ମାନବବାଦ ଚେତନାରେ ଶ୍ରୀଜଗନ୍ନାଥ

ନମିତା ପ୍ରଧାନ

ଶ୍ରୀଜଗନ୍ନାଥ ହେଉଛନ୍ତି ସମଗ୍ର ବିଶ୍ୱମାନବର ଏକ ବିସ୍ମୟ ଦେବତା। ସେ ହେଉଛନ୍ତି ଜ୍ୟୋତିଃ ରୂପ ପରଂବ୍ରହ୍ମ। ଶ୍ରୀଜଗନ୍ନାଥ ବେଦାନ୍ତର ପରଂବ୍ରହ୍ମ, ଯୋଗୀର ପରମେଶ୍ୱର ଭକ୍ତର ଭଗବାନ। ତେବେ ଶ୍ରୀଜଗନ୍ନାଥଙ୍କୁ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପୂଜା କରିବା ଦେଖାଯାଏ। ହିନ୍ଦୁମାନେ ଜଗନ୍ନାଥଙ୍କ ଧାମକୁ ଏକ ପବିତ୍ର ତୀର୍ଥକ୍ଷେତ୍ର ଭାବେ ମଣିଥାନ୍ତି । ଏହା ହିନ୍ଦୁ ଧର୍ମର ସବୁଠାରୁ ପବିତ୍ର ଚାରିଧାମ ମଧ୍ୟରେ ଏକ ପ୍ରଧାନ ଧାମ ଭାବେ ବିବେଚନା କରାଯାଏ ।



ଶ୍ରୀଜଗନ୍ନାଥ ସାକ୍ଷାତ ପରଂବ୍ରହ୍ମ। ସେ ସବୁର ସ୍ରଷ୍ଟା, ଆଉ ସେ ହିଁ ସମଗ୍ର ସୃଷ୍ଟି। ସେ ଅନାଦି, ଅନନ୍ତ, ନିରାକାର, ସର୍ବବ୍ୟାପି, ଆଦିମୂଳ ଏବଂ ସ୍ୱୟଂସିଦ୍ଧ। ନିରାକାର ପରଂବ୍ରହ୍ମଙ୍କର ସାକାର ଉପାସନା ହେଉଛି ଶ୍ରୀଜଗନ୍ନାଥଙ୍କ ଉପାସନା। ସତ୍, ଚିତ୍ ଆନନ୍ଦର ସ୍ୱରୂପ ଜଗନ୍ନାଥ ହେଉଛନ୍ତି ଓଁ କାର ବ୍ରହ୍ମ। ଓଁ ନିରାକାର ବ୍ରହ୍ମ ସ୍ୱରୂପ। ନିର୍ଗୁଣ ବ୍ରହ୍ମଙ୍କର ସଗୁଣ ସ୍ୱରୂପ ହିଁ ଜଗନ୍ନାଥ। ସର୍ବବ୍ୟାପି ନିରାକାର ପରଂବ୍ରହ୍ମ । ଶ୍ରୀକ୍ଷେତ୍ରରେ ଦାରୁବ୍ରହ୍ମ ପରମେଶ୍ୱର ଜଗତର ନାଥ ଜଗନ୍ନାଥ ରୂପେ ପୂଜା ପାଉଛନ୍ତି । ପୁରୁଷୋତ୍ତମଙ୍କ ଅସଂଖ୍ୟ ନାମ ମଧ୍ୟରୁ ଶ୍ରୀଜଗନ୍ନାଥ ନାମଟିର ସ୍ୱାତନ୍ତ୍ର୍ୟ, ବୈଶିଷ୍ଟ୍ୟ, ମୂଲ୍ୟବୋଧ ଓ ମହନୀୟତା ଅବର୍ଣ୍ଣନୀୟ । ବିଶ୍ୱର ସକଳ ଧର୍ମଶାସ୍ତ୍ରର ସାରତତ୍ତ୍ୱ ଶ୍ରୀଜଗନ୍ନାଥ ସଂସ୍କୃତିରେ ଅନୁଭବନୀୟ, ଅଥଚ ଏହି ସଂସ୍କୃତି କୌଣସି ଧର୍ମଧାରାରେ ସୀମାବଦ୍ଧ ନୁହେଁ । ଜଗନ୍ନାଥ ସଂସ୍କୃତିରେ କୌଣସି ପ୍ରକାର ଆଞ୍ଚଳିକ ସଂକୀର୍ଣ୍ଣତା ନାହିଁ । ଏହା ଅତୀତ,ବର୍ତ୍ତମାନ ଓ ଭବିଷ୍ୟତର ସଂଯୋଗକାରୀ ସେତୁ। ପରିବର୍ତ୍ତିତ ସ୍ଥିତିରେ ଏହାର ବାହ୍ୟ ରୂପର ପରିବର୍ତ୍ତନ ଘଟିଥିଲେ ହେଁ ମୂଳତତ୍ତ୍ୱ ଅପରିବର୍ତ୍ତିତ ରହିଛି। ପରିଣାମ ସ୍ୱରୂପ ବିଶ୍ୱର ସକଳ ସଂସ୍କୃତି ମଧ୍ୟରେ ଏହା ସମନ୍ୱୟ ପ୍ରତିଷ୍ଠା କରିପାରିଛି। ଜଗନ୍ନାଥ ସଂସ୍କୃତି ସମସ୍ତ ଜାତି, ଧର୍ମ, ପ୍ରଥା, ପରମ୍ପରା ଓ ସଂସ୍କୃତିକୁ ପ୍ରଶୟ ଦେଇଛି । ଏହି ନାମଟିର ସ୍ମରଣ, ମନନ ଓ ଉଚ୍ଚାରଣ ମାତ୍ରେ ଭାବ ମହାଭବରେ ରୂପାନ୍ତରିତ ହୋଇଯାଏ, ପ୍ରାଣୀ ଉଦ୍‌ବେଳିତ ହୋଇଉଠେ, ହୃଦୟରେ ବ୍ୟାକୁଳତା ଜାଗିଉଠେ ଏବଂ ଭକ୍ତର ନୟନ ତାଙ୍କ ଦର୍ଶନ ନିମିତ୍ତ ଅଧୀର ହୁଏ ।

ଚତୁର୍ଦ୍ଧାମୂର୍ତ୍ତିଙ୍କର ଚାରିଗୋଟି ବର୍ଣ୍ଣ ସମଗ୍ର ମାନବ ଜାତିର ବିଭିନ୍ନ ରଙ୍ଗର ନିଦର୍ଶନ। ଏହା ହିଁ ପ୍ରମାଣ କରିଥାଏ ଯେ ଜଗନ୍ନାଥ ସଂସ୍କୃତି ହେଉଛି ସାର୍ବଜନୀନ ସଂସ୍କୃତି। ଏକତା,ସମାନତା ଓ ବିଶ୍ୱଭ୍ରାତୃତ୍ୱ ଏହାର ପରମ ଲକ୍ଷ୍ୟ। ଚତୁର୍ଦ୍ଧାମୂର୍ତ୍ତିଙ୍କର ଚାରିଗୋଟି ବର୍ଣ୍ଣ ହେଉଛି ପ୍ରତୀକାତ୍ମକ, ଯାହା ସମଗ୍ର ବିଶ୍ୱବାସୀଙ୍କ ନିକଟରେ ସାମ୍ୟ, ମୈତ୍ରୀ ଓ ଭ୍ରାତୃତ୍ୱ ପ୍ରତିଷ୍ଠା କରି ଆସୁଅଛି । ଏହି ପୁରୋଦୃଷ୍ଟିରେ ଜଗନ୍ନାଥ ସଂସ୍କୃତି କେବଳ ଜନହିତୈଷୀ ସଂସ୍କୃତି ନୁହେଁ ବିଶ୍ୱହିତୈଷୀ ସଂସ୍କୃତି। ଏହି ସଂସ୍କୃତି ବିଶ୍ୱର ମଙ୍ଗଳ ଉପରେ ପ୍ରାଧାନ୍ୟ ଦିଏ। ଏହି ସଂସ୍କୃତି ଉଦ୍‌ଘୋଷଣା କରେ ଯେ, ଈଶ୍ୱର ସକଳ ଜୀବ ମଧ୍ୟରେ ପ୍ରକାଶିତ, ତେଣୁ ପୃଥିବୀର ସକଳ ପ୍ରାଣୀ ସମାନ। ଏହା ସରସ, ସୁନ୍ଦର, ସମୃଦ୍ଧ, ସୃଜନଶୀଳ ଓ ପରିପୂର୍ଣ୍ଣ କରିଆସିଛି । ବିଶେଷତ୍ୱ ହେଉଛି, ଯୁଗ

ଯୁଗ ଧରି ଏହି ଅନ୍ତରଙ୍ଗ ବିଭବ ସମୂହ ବିଶ୍ୱ ଜନମାନସକୁ ଆକର୍ଷିତ କରି ଜଗନ୍ନାଥ ସଂସ୍କୃତି ସହିତ ଜନଜୀବନକୁ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ କରିପାରିଛି । ମହନୀୟତା ହେଉଛି, କ୍ରମାଗତ ସଂସ୍କାର ଓ ଉତ୍ତରଶୀଳତା ଦ୍ୱାରା ଊର୍ଦ୍ଧ୍ୱମୁଖୀ ହୋଇ ଏହା ମାନବିକତାର ଫଳପ୍ରଦ ଶକ୍ତିରେ ସମୃଦ୍ଧ । ସୂଚନାଯୋଗ୍ୟ ଯେ, ସୁଦୀର୍ଘ ପରମ୍ପରା ଏହାକୁ ଉଜ୍ଜୀବିତ ରଖିବା ସହିତ ଆତ୍ମୀୟ ସନନ୍ଦ ଭାବରେ ପ୍ରତିଭାତ ହୋଇ ନୈତିକତା, ମର୍ଯ୍ୟାଦାବୋଧ ଓ ସୃଜନଶୀଳତାକୁ ଭବ୍ୟରୂପ ପ୍ରଦାନ କରିପାରିଛି । ଅଧିକନ୍ତୁ, ପରମ୍ପରା କ୍ରମବିକାଶ ଧାରା ଜଗନ୍ନାଥ ସଂସ୍କୃତି ସହିତ ଜୀବନର ସମ୍ପର୍କକୁ ପ୍ରତିଷ୍ଠିତ କରିପାରିଛି । ପରିଣାମ ସ୍ୱରୂପ, ଏହାର ସାଂସ୍କୃତିକ ସ୍ରୋତ୍ରରେ ଅବଗାହନ କରୁଥିବା ପ୍ରତ୍ୟେକଟି ବ୍ୟକ୍ତି, ଜାତି, ଗୋଷ୍ଠୀ ଓ ସମାଜର ଜନଜୀବନ ସୁଶୃଙ୍ଖଳିତ, ସୁସଂହତ, ସମୃଦ୍ଧ ଓ ସମ୍ଭାବ୍ୟ । ଏହି ପ୍ରବହମାନ ଧାରାରେ ଆଧ୍ୟାତ୍ମିକ ଐକ୍ୟବୋଧର ଉନ୍ନତି ରୁଚି, ବୌଦ୍ଧିକ ସୃଜନଶୀଳତା ଓ ସଂସ୍କାରବୋଧ ଚିର ଜାଜ୍ୱଲ୍ୟମାନ । କେଉଁ ଅନାଦି କାଳରୁ ଏହି ଶ୍ରୀଜଗନ୍ନାଥ ଧର୍ମ ହିଁ ସନାତନ ଧର୍ମ ଓ ଏହି ଧର୍ମ ମାନବ ସୃଷ୍ଟିର ଆରମ୍ଭରୁ ସମଗ୍ର ବିଶ୍ୱର ମାନବ ଜଗତକୁ ନିୟନ୍ତ୍ରଣ କରିଆସୁଛି । ଏହି ଧର୍ମ ମାନବ ଧର୍ମ ବା ବିଶ୍ୱଧର୍ମ ଭାବରେ ବିଖ୍ୟାତ । ଏହି ସନାତନ ଧର୍ମର ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ । ବଣ ଜଙ୍ଗଲର ଆଦିମ ଅଧିବାସୀଙ୍କଠାରୁ ଆରମ୍ଭ କରି ଆଜିର ସୁସଭ୍ୟ ମାନବ ଜାତି ପର୍ଯ୍ୟନ୍ତ କେତେ ଯେ ସାଧୁ ସନ୍ଥ ମହାପୁରୁଷ ଋଷିମହର୍ଷି ଓ ଅବତାରମାନଙ୍କର ଅଭ୍ୟୁଦୟ ଓ ବିଲୟ ଘଟୁଛି ତାହା କହିହେବ ନାହିଁ । ବିଭିନ୍ନ ସମୟରେ ସେମାନେ ଆଣି ଦେଇଛନ୍ତି ସମାଜ ତଥା ଦେଶର ପରିବର୍ତ୍ତନ । ସେମାନେ ସଶରୀରରେ ନଥିଲେ ହେଁ ସେମାନଙ୍କ ଧର୍ମର ବାଣୀ ଅମର କାରଣ ସେହିସବୁ ଧର୍ମ ମଧ୍ୟରେ ଉଦ୍‌ଘୋଷିତ ହୋଇଛି ସନାତନ ବା ଶ୍ରୀଜଗନ୍ନାଥ ଧର୍ମର ଚିରନ୍ତନ ବାଣୀ । ଗୀତା, ବାଇବେଲ, କୋରାନ୍, ବୌଦ୍ଧ, ଜୈନ ପୁଣି ଶିଖ୍ ଧର୍ମଗ୍ରନ୍ଥ ଓ ଅନ୍ୟାନ୍ୟ ବହୁ ଧର୍ମଗ୍ରନ୍ଥ ଲକ୍ଷ୍ୟ ଆଦର୍ଶ ଓ ନୀତି ଏକ । ସବୁଥିରେ ମାନବିକତା ଉଚ୍ଚ ସ୍ଥାନ ପାଇଛି । ବିଭିନ୍ନ ଧର୍ମ ବାହ୍ୟ ରୀତିନୀତି ଭିନ୍ନ ହୋଇପାରେ କିନ୍ତୁ ସମସ୍ତେ ଏକ ଅଦୃଶ୍ୟ ଐଶ୍ୱରିକ ଶକ୍ତି ଭଗବାନଙ୍କୁ ବିଶ୍ୱାସ କରିଛନ୍ତି ।

ଶ୍ରୀଜଗନ୍ନାଥ ହେଉଛନ୍ତି ସମଗ୍ର ବିଶ୍ୱ ଦରବାରର ପ୍ରାଣକର୍ତ୍ତା ବା ପ୍ରାଣବିନ୍ଦୁ । ସେ ସାରା ଜଗତରେ ଜଣେ, ଯିଏ କି ଏହି ବିଶ୍ୱ ବ୍ରହ୍ମାଣ୍ଡଙ୍କୁ ପାଳନ କରୁଛନ୍ତି ବା ଚଳାଉଛନ୍ତି । ସେ ଆଉ କେହିଁ ନୁହଁନ୍ତି ସେ ହେଉଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ । ସେ ଜଗତର ନାଥ, ସେ ଜଗତ ସ୍ରଷ୍ଟା, ସେ ସୃଷ୍ଟି, ସେ ହିଁ ବିଲୟ, ସେ ହିଁ ଧାରଣ କରିଥିଲେ ମୀନ ରୂପ, କଚ୍ଛପ, ବରାହ, ନରସିଂହ, ବାମନ, ପର୍ଶୁରାମ, ରାମ, ବଳରାମ ଏବଂ ବୁଦ୍ଧ । ସେ ହିଁ ସୃଷ୍ଟି କରିଥିଲେ କୁରୁକ୍ଷେତ୍ରରେ ମହାଭାରତ । ସେ କେବଳ ସେ ଯିଏ ଏବେ ଆସିଛନ୍ତି କଳିଯୁଗରେ କଳକୀ ସାଜି, ଯାହା ଏବେ ସଂସାରରେ ଗ୍ଲାନି ହେବାକୁ ଯାଉଛି । ଯେଉଁଥିରେ ଭଗବାନ ନିଜେ ଜଗତକୁ ଆବିର୍ଭାବ ହେବାକୁ ବାଧ୍ୟ ହେଉଛନ୍ତି । ତେଣୁ ଯାହା ଗୀତାରେ ଶ୍ଳୋକ ଉଲ୍ଲେଖ ଅଛି ।

ଯଦାଯଦାହି ଧର୍ମସ୍ୟ ଗ୍ଲାର୍ନିଭବତି ଭାରତ
ଅଭ୍ୟୁତଥାନମ୍ ଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍
ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।
(ଅ – ୪/୭,୮)

'ଜଗନ୍ନାଥ' ଶବ୍ଦଟି ଜଗତରୁ ଉତ୍ପନ୍ନ ଏବଂ ଜଗତ୍ ଶବ୍ଦର ଅର୍ଥ ଗତିଶୀଳ ବା କ୍ରିୟାମୟ ବସ୍ତୁ । କ୍ରିୟା ମାତ୍ରେ ହିଁ ଶକ୍ତିର ପ୍ରକାଶକୁ ବଝାଏ । ଶକ୍ତିକୁ ବାଦ୍ ଦେଲେ କୌଣସି କ୍ରିୟା କରିପାରିବ ନାହିଁ । ତେଣୁ ଆମେ ଜଗତର ନାଥ ଜଗନ୍ନାଥଙ୍କୁ ଛାଡ଼ିଲେ କିଛି କରି ପାରିବା ନାହିଁ । ବିଶ୍ୱରେ ସେ ମେରୁଦଣ୍ଡ । ତାଙ୍କରି ଦ୍ୱାରା ଏହି ଜଗତର ପରିଚାଳନା ହେଉଛି ତେଣୁ ସେ ହେଉଛନ୍ତି 'ବିଶ୍ୱ ମାନବବାଦ' । ଆଜିର ବିଶ୍ୱ ଦରବାରରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ଜୋର ସୋର୍‌ରେ ଅଗ୍ରଗତି ହେବାରେ ଲାଗିଛି । ବିଶ୍ୱ ଭ୍ରାତୃତ୍ୱରେ ବିଶ୍ୱବାସୀଙ୍କୁ ଗୋଟିଏ ସ୍ୱରରେ ବାନ୍ଧିବାର କର୍ତ୍ତା ଏକା ସେଇ ଜଗତରେ ନାଥ ଶ୍ରୀଜଗନ୍ନାଥ ।

ଶ୍ରୀଜଗନ୍ନାଥ ଚେତନାରେ ସର୍ବ ଧର୍ମର ସମନ୍ୱୟ ଦେଖିବାକୁ ମିଳିଥାଏ । ରଥଯାତ୍ରାରେ ସବୁ ଧର୍ମର ଲୋକ ଏକତ୍ରିତ ହୋଇ ପ୍ରଭୁଙ୍କର ଆଶୀର୍ବାଦ କାମନା କରିଥାନ୍ତି । 'ମହାପ୍ରସାଦ 'ସାମ୍ୟବାଦର ପ୍ରତୀକ, ଯାହାକୁ ସମସ୍ତେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଗ୍ରହଣ କରିଥାନ୍ତି ।

### ନୀଳମାଧବ ହିଁ ଜଗନ୍ନାଥ

ଜଗନ୍ନାଥ ରୂପରେ ଆରାଧିତ ଦେବତା ପୂର୍ବରୁ ନୀଳମାଧବ ରୂପରେ ନୀଳଗିରିରେ ଆରାଧିତ ହେଉଥିଲେ । ପ୍ରାଚୀ ଉପତ୍ୟକାରେ ଓ ଅନ୍ୟାନ୍ୟ ଜାଗାମାନଙ୍କରେ ଯେଉଁ ସବୁ ମାଧବ ପୂଜିତ ହେଉଥିଲେ, ସେମାନେ ସବୁ ପଥର ମୂର୍ତ୍ତି । ମାତ୍ର ବ୍ରହ୍ମ ପୁରାଣ ଅନୁଯାୟୀ ପୁରୁଷୋତ୍ତମ କ୍ଷେତ୍ରରେ ଯେଉଁ ଇନ୍ଦ୍ରଦ୍ୟୁମ୍ନ ବିଗ୍ରହ ପୂଜା ପାଉଥିଲେ ସେ ନୀଳପାଷାଣ ମୂର୍ତ୍ତି । ଡଃ ବାସୁଦେବ ସାହୁଙ୍କ ମତ ଅନୁଯାୟୀ ବାଲୁକାରାଶି ମଧ୍ୟରେ ଅନ୍ତର୍ନିହିତ ହୋଇଥିବାର ବର୍ଣ୍ଣନା ରହିଛି । ସମ୍ଭବତଃ କୌଣସି ଏକ ସମୟରେ

ପୁରୁଷୋତ୍ତମ କ୍ଷେତ୍ରରେ ବାଲୁକାରାଶିରେ ନୀଳପାଷାଣ ମୂର୍ତ୍ତି 'ନୀଳମାଧବ' ଲୁକ୍‌କାୟିତ ହୋଇଯିବା ଫଳରେ ସାର୍ବଜନୀନ ସ୍ଥାନୀୟ ଶବରମାନେ କାଷ୍ଠ ମୂର୍ତ୍ତି ବା ଦାରୁ ମୂର୍ତ୍ତି ନିର୍ମାଣ କରି ପୂଜା କରୁଛନ୍ତି କିନ୍ତୁ ଦେବତାଙ୍କର ପୂର୍ବରୁ ନୀଳମାଧବ ରହିଯାଇଛି।

### ବୁଦ୍ଧ ହିଁ ଜଗନ୍ନାଥ

ବୁଦ୍ଧଙ୍କର ଅନ୍ୟ ନାମ ଜଗନ୍ନାଥ। ଏହା ପୁରାତନ ପାଲି ଭାଷା ଓ ନେପାଳରୁ ମିଳିଥିବା ତନ୍ତ୍ର ପୋଥିରୁ ମିଳେ। ଜଗନ୍ନାଥ ଗବେଷକମାନେ ବୁଦ୍ଧଧର୍ମୀ ସମ୍ବନ୍ଧୀ ତ୍ରିରତ୍ନ ତ୍ରିମୂର୍ତ୍ତି (ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର)ଙ୍କର ଉତ୍ପତ୍ତି ବୋଲି କହି ଜଗନ୍ନାଥଙ୍କୁ ବୌଦ୍ଧ ଧର୍ମର ପ୍ରତୀକ ରୂପେ ଅଭିହିତ କରିଛନ୍ତି । ସେମାନଙ୍କର ଯୁକ୍ତି ସମ୍ମତ ସର୍ବଜନ ଗ୍ରାହ୍ୟ ମତ ହେଉଛି ବୌଦ୍ଧ ଧର୍ମର ପ୍ରଧାନ ଚିହ୍ନ ତ୍ରିରତ୍ନ ବୁଦ୍ଧ–ଧର୍ମ–ସଂଘ । ଏହାର ରହସ୍ୟାର୍ଥ ହେଉଛି ବୁଦ୍ଧ ବୋଇଲେ ପୁରୁଷ, ଧର୍ମ ହେଉଛି ପ୍ରକୃତି ଏବଂ ସଂଘ ବୋଇଲେ ପ୍ରଥମ ଓ ଦୁଇର ସଂଯୋଗ । ଏତଦ୍‌ବ୍ୟତୀତ ଗାୟତ୍ରୀର ଓଁ ଭୂର୍ଭୂବଃ ସ୍ୱଃ ! ଏହି ତିନି ଶବ୍ଦ ବେଦରେ ବ୍ୟବହୃତ ବା ସାର ବୋଲି ଅଭିହିତ, ଏଲୋରାର ଏକ ପ୍ରସିଦ୍ଧ ବୌଦ୍ଧ ମନ୍ଦିରର ନାମ ଜଗନ୍ନାଥ ମନ୍ଦିର। ବୁଦ୍ଧଙ୍କର 'ଦ' ପୁରୀ' ମଧ୍ୟ ପୁରୀ ବୋଲି ଅନେକ କହିଥାନ୍ତି।

### କୃଷ୍ଣ ହିଁ ଜଗନ୍ନାଥ

ଜଗନ୍ନାଥ ଶ୍ରୀକୃଷ୍ଣ ସହିତ ଏକ ଓ ଅଭିନ୍ନ। ଜଗନ୍ନାଥଙ୍କର ବର୍ହିଃ ପ୍ରକାଶର ଏହା ପ୍ରଥମ ପର୍ଯ୍ୟାୟ ଯେଉଁଥିରେ କି ଏକ ପକ୍ଷରେ ପୌରାଣିକ ଦୃଷ୍ଟିରୁ କୃଷ୍ଣ ବା ବିଷ୍ଣୁଙ୍କ ସହିତ ଜଗନ୍ନାଥଙ୍କୁ ସଂଶ୍ଳିଷ୍ଟ କରାଯାଉଛି। ସାଧକମାନେ ସୁଦର୍ଶନଙ୍କୁ ମହାଶୂନ୍ୟ, ତା'ପରେ ଶୂନ୍ୟ ଓ ଶୂନ୍ୟ ମଧ୍ୟରେ ନିରାମୟ ବା ଜ୍ୟୋତି– ଏହି ଜ୍ୟୋତି କୃଷ୍ଣ ବୋଲି ପରିକଳ୍ପନା କରିଛନ୍ତି । ଶ୍ରୀଜଗନ୍ନାଥ ଦାସ କୃତ ଦାରୁ ବ୍ରହ୍ମ ଗୀତାରେ ଉଲ୍ଲେଖ ହୋଇଛି ଯେ, ଜାରା ଶବର ଶରାଘାତରେ ଶ୍ରୀକୃଷ୍ଣଙ୍କ ଦେହ ତ୍ୟାଗର ସମ୍ବାଦ ଶୁଣି ପଞ୍ଚପାଣ୍ଡବ ଭ୍ରାତାଗଣ ଶ୍ରୀକୃଷ୍ଣଙ୍କ ପିଣ୍ଡଦାନ କରିବାକୁ ସ୍ଥିର କଲେ । ଚନ୍ଦନ ଅଗରୁ କାଠରେ ପୋଡ଼ିଲେ, କିନ୍ତୁ ସେ ପିଣ୍ଡ ପୋଡ଼ି ନଥିଲା ସେହି ଅପୋଡ଼ା ପିଣ୍ଡକୁ ନେଇ ପୁରୀଠାରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ଥାପନ କରାଗଲା । କାଳୀୟଦଳନରେ ଆଦି ବେଶ ଶ୍ରୀଜଗନ୍ନାଥଙ୍କ କୃଷ୍ଣ ଭାବ କରାଯାଏ।

### ବିଷ୍ଣୁ ହିଁ ଜଗନ୍ନାଥ

ଜଗନ୍ନାଥ ବିଷ୍ଣୁଙ୍କ ନବମ ଅବତାର। ବୁଦ୍ଧ କ୍ରମେ ବିଷ୍ଣୁଙ୍କ ନବମ ଅବତାର ବୋଲି ପରିକଳ୍ପିତ ହେଲେ। ଅଣାକାର ବିଷ୍ଣୁରୂପୀ ଶ୍ରୀଜଗନ୍ନାଥଙ୍କଠାରୁ ପ୍ରତ୍ୟେକ ଅବତାର ଅବତରଣ କରିବା ବିଷୟ ପୁରାଣ ପ୍ରସିଦ୍ଧ। ସୃଷ୍ଟି କରତା ବ୍ରହ୍ମା, ପାଳନକରତା ବିଷ୍ଣୁ, ସଂହାରକରତା ଶିବ ସ୍ୱରୂପ କେତେକ ଶ୍ରୀଜଗନ୍ନାଥଙ୍କୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ନାମରେ ନାମିତ କରିଥାନ୍ତି, ବଳଭଦ୍ରଙ୍କୁ ଶିବ ରୂପରେ ଜଗନ୍ନାଥଙ୍କୁ ବିଷ୍ଣୁ ରୂପରେ ଓ ସୁଭଦ୍ରାଙ୍କୁ ବ୍ରହ୍ମା ନାମରେ ନାମିତ କରିଥାନ୍ତି ।

### ବାସୁଦେବ ହିଁ ଜଗନ୍ନାଥ

ମହାପ୍ରଭୁ ଶ୍ରୀଜଗନ୍ନାଥ ମହାଭାରତରେ କୃଷ୍ଣ ବାସୁଦେବ ନାମରେ ନାମିତ ଅଟନ୍ତି । ସକଳ ପ୍ରାଣୀଙ୍କର ମୂଳଧାର ରୂପେ ପରିଚିତ। ସାରା ବିଶ୍ୱକୁ ସୂର୍ଯ୍ୟ କିରଣରେ ଆଚ୍ଛାଦିତ କରୁଥିବାରୁ ତାଙ୍କ ନାମ ବାସୁଦେବ। ଖ୍ରୀଷ୍ଟପୂର୍ବ ୩ୟ ଦଶକରେ ବାସୁଦେବ ଏକ ଲୋକପ୍ରିୟ ଦେବତା ରୂପେ ଭାରତରେ ପୂଜିତ ହେଉଥିଲେ। ଓଡ଼ିଶାରେ ବାସୁଦେବ ଉପାସନା ବୈଷ୍ଣବ ଧର୍ମ ନାମରେ ପରିଚିତ ଥିଲା। ବାସୁଦେବଙ୍କର ସନ୍ତକ ରୂପେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମକୁ ଗ୍ରହଣ କରାଗଲା। ସର୍ବ ଗୋଷ୍ଠୀର ସମନ୍ୱୟରେ ଗଠିତ ଏକ ସାର୍ବଜନୀନ ମାନବ ଧର୍ମ ଏଥିରେ କଳା, ଗୋରା, ଦେଶୀ ବିଦେଶୀ, ସ୍ୱଧର୍ମୀ ପରଧର୍ମୀ, ବ୍ରାହ୍ମଣ–ଚଣ୍ଡାଳ, ନାରୀ–ପୁରୁଷ, ଧନୀ–ଦରିଦ୍ର, କୌଣସି ପ୍ରକାର ଭେଦଭାବ ନାହିଁ। ସମସ୍ତେ ଏକାକାର ଏବଂ ଏଇଠି ଦେବତା ଦର୍ଶନ କରିବାର ସମସ୍ତଙ୍କର ଅଧିକାର ଅଛି। ଶ୍ରୀଜଗନ୍ନାଥ ସଂକୀର୍ଣ୍ଣତା ଆଞ୍ଚଳିକତା ଓ ସ୍ଥାନିକତାର ଉର୍ଦ୍ଧ୍ୱରେ। ଏହି ଦେବତା ସମଗ୍ର ବିଶ୍ୱ ଦ୍ୱାରା ବନ୍ଦନୀୟ। ଯେ ଯେଉଁ ରୂପରେ ତାଙ୍କୁ ପୂଜା କରୁଛି ସେ ସେହି ରୂପେ ପ୍ରାପ୍ତ ହୋଇଛି। ସେ ନିର୍ଗୁଣ, ପୁଣି ସଗୁଣ, ସକାର ଓ ନିରାକାର ଭାବରେ ପୂଜିତ ଶଙ୍ଖ ସମୃଦ୍ଧିର ଚକ୍ର ବିଶ୍ୱ ଭାବରେ ଗଦା ଶକ୍ତିର ଏବଂ ପଦ୍ମ ପବିତ୍ରତାର ପ୍ରତୀକ ରୂପେ ଅଧିଗୃହୀତ ହେଲେ। କୃଷ୍ଣ ବାସୁଦେବ ଭାବରେ ମଧ ଏକ ଓ ଅଭିନ୍ନ ତେଣୁ ଜଗନ୍ନାଥ ହିଁ ବାସୁଦେବ।

### ଗଣପତି ହିଁ ଜଗନ୍ନାଥ

ପ୍ରତ୍ୟେକ ସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥ ଗଜାନନ ବେଶ ହୋଇଥାନ୍ତି । ପୁରୀ ଶ୍ରୀକ୍ଷେତ୍ରରେ ଜଗନ୍ନାଥ ପୀଠରେ ଗଣପତିଙ୍କର ମୂର୍ତ୍ତି ରହିଅଛି। ସୂର୍ଯ୍ୟ ଜାଗତିକ ସଂସାରରେ ଜୀବନ ସଞ୍ଚାଳକ ଗଣନାଂ ଗଣପତି ଜ୍ଞାନ ଓ ନିର୍ଗୁଣର ଅଧିକାରୀ । ଶିବ ସକଳ ସୃଷ୍ଟି ଧାରଣାରେ ସେ ଆଧାର। ବିଷ୍ଣୁ ମହା ଉଦାରଚେତା । ଦେବୀ ହିଁ ସୃଷ୍ଟି । ସ୍ଥିତି ଓ ପ୍ରଳୟର କାରଣ ଏହି ପଞ୍ଚ ଶକ୍ତିର ସମନ୍ୱୟାତ୍ମକ ବିଗ୍ରହ ଯେ ଶ୍ରୀଜଗନ୍ନାଥ ଏଥିରେ କୌଣସି ସନ୍ଦେହ ନାହିଁ ।

### ଶିବ ହିଁ ଜଗନ୍ନାଥ

ଅନେକ କହନ୍ତି – ଜଗନ୍ନାଥ ମୂର୍ତ୍ତି କୃଷ୍ଣାନଦୀ କୂଳରେ ଅବସ୍ଥିତ ଶ୍ରୀଶୈଳରେ ଶିବଲିଙ୍ଗର ଅନୁକରଣରେ ସ୍ଥାପିତ ହୋଇଛି। ଆନୁମାନିକ ନବମ ଶତାବ୍ଦୀରେ ଶଙ୍କରାଚାର୍ଯ୍ୟ ପୁରୀକୁ ଆସିଥିଲେ । ସେ ହିଁ ଭୈରବଙ୍କ ପୂଜା ରହିତ କରି ସ୍ମାର୍ତମତ ଅନୁସାରେ ପୂଜା ପ୍ରଚଳିତ କଲେ। ଦେବତାଙ୍କ ପୁରୁଷୋତ୍ତମ ନାମ ବୋଧହୁଏ ଶଙ୍କରାଚାର୍ଯ୍ୟ ଦେଇଥିଲେ । ଜଗନ୍ନାଥ ପୂଜାରେ ଶୈବ ଦଣ୍ଡୀ ସନ୍ନ୍ୟାସୀମାନଙ୍କର କେତୋଟି ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ହିନ୍ଦୁସ୍ଥାନୀ ଯାତ୍ରୀମାନଙ୍କର ଧାରଣା ଯେ, ଜଗନ୍ନାଥ ଦର୍ଶନ କରି ଫେରିବା ବାଟରେ ଲିଙ୍ଗରାଜ ଦର୍ଶନ ନକଲେ ଜଗନ୍ନାଥ ଅସନ୍ତୁଷ୍ଟ ହୁଅନ୍ତି କାରଣ ଦୁହେଁ ଅଭିନ୍ନ।

### ଜୈନ ହିଁ ଜଗନ୍ନାଥ

ଜୈନମାନେ ଶ୍ରୀଜଗନ୍ନାଥଙ୍କ ସହ ଜୈନ ଧର୍ମର ଆରୋପ କରିଛନ୍ତି । କେତେକ ବିଦ୍ୱାନ ଜୀନନାଥରୁ ଜଗନ୍ନାଥ ଶବ୍ଦର ଉଦ୍ଭବ ଏବଂ ଜୈନମାନଙ୍କ ସ୍ୱସ୍ତିକ। ବୃଦ୍ଧ ମଙ୍ଗଳ ଓ ନୀଳାପଦ ପ୍ରତୀକମାନଙ୍କ ସମଷ୍ଟିରେ ଜଗନ୍ନାଥଙ୍କର ସ୍ୱରୂପ ଗଠିତ ବୋଲି ମତ ଦିଅନ୍ତି । ଏଥିରୁ ଶ୍ରୀଜଗନ୍ନାଥଙ୍କ ପୂଜା ପୂର୍ବରୁ ଜୈନ ଧର୍ମର ପ୍ରାଚୀନତା ବୋଧହୁଏ । ବହୁ ଗବେଷକଙ୍କ ମତରେ ଜଗନ୍ନାଥ ଶବ୍ଦ ମୂଳରେ ଜୈନ ଧର୍ମର ଅସଲ ପ୍ରାଣ ପ୍ରବାହ ରହିଛି। ଋଷଭ ଦେବ ବାସୁବଂଶ ବିଭୁଙ୍କ ଅବତାର କେତେକଙ୍କ ମତରେ ଜଗନ୍ନାଥ ବିଗ୍ରହ ଋଷଭମୂର୍ତ୍ତିର ଅଟନ୍ତି ଏବଂ 'ଋଷଭ' ହିଁ ଜୈନ ନାଥ ।

### ଶୂନ୍ୟ ପୁରୁଷ ହିଁ ଜଗନ୍ନାଥ

ଅଚ୍ୟୁତାନନ୍ଦଙ୍କ ଶୂନ୍ୟ ସଂହିତା ଅନୁସାରେ ଶୂନ୍ୟପୁରୁଷ ଅଣାକ୍ଷର ବ୍ରହ୍ମ କ୍ରମେ ଏକାକ୍ଷର ବ୍ରହ୍ମ ହେଲେ। ଏକାକ୍ଷର ବ୍ରହ୍ମଙ୍କ ପଞ୍ଚ ବୀଜରେ ଭାଗ କରାହେଲା। ପ୍ରଥମ ତିନୋଟି ବୀଜ କ୍ଲିମ୍, ହ୍ଲୀମ, ଶ୍ଲିମ୍, ଯଥାକ୍ରମେ ଜଗନ୍ନାଥ, ବଳରାମ, ସୁଭଦ୍ରା ସୂଚିତ ହେଲା । ଜଗନ୍ନାଥ ହେଉଛନ୍ତି ନାରାୟଣ।

### ମହାଭୈରବ ହିଁ ଜଗନ୍ନାଥ

ଖ୍ରୀଷ୍ଟୀୟ ଅଷ୍ଟମ ନବମ ଶତାବ୍ଦୀ ସୁଦ୍ଧା ଜଗନ୍ନାଥ ତାନ୍ତ୍ରିକ ବା ବଜ୍ରଯାନୀ ଓ ବୈଷ୍ଣବ ଧର୍ମର ଇଷ୍ଟଦେବତାର ପରିଣତ ହୋଇଯାଇଥିଲେ ବୋଲି ଅନେକ ମତ ପ୍ରକାଶ କରନ୍ତି । ଶକ୍ତ ତାନ୍ତ୍ରିକମାନଙ୍କ ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ବିମଳାଙ୍କୁ ଭୈରବୀ, ଜଗନ୍ନାଥଙ୍କୁ ଭୈରବ ଏବଂ ପୁରୀକୁ ଭୈରବ ଚକ୍ର ରୂପେ ଗ୍ରହଣ କରାଯାଇଛି ।

### ଜଗନ୍ନାଥ ହିଁ ଯୀଶୁ

କେତେକ ଆଲୋଚକ ଖ୍ରୀଷ୍ଟ ଧର୍ମ ସହିତ ଶ୍ରୀଜଗନ୍ନାଥଙ୍କ ସମ୍ପର୍କ ଥିବା ବିଷୟ ସ୍ୱୀକାର କରିଥାନ୍ତି। ବାଇବେଲ୍‌ରେ ଖ୍ରୀଷ୍ଟଙ୍କୁ ସ୍ୱୟଂ ଈଶ୍ୱର ଓ ଅଦ୍ୱିତୀୟ ଭାବରେ ପରିକଳ୍ପନା କରାଯାଇଛି। ସେ ଶାଶ୍ୱତ ଅନନ୍ତ ଓ ଅବ୍ୟକ୍ତ । ଜଗନ୍ନାଥଙ୍କୁ ଈଶ୍ୱରଙ୍କର ଅବତାର ଭାବରେ ଗ୍ରହଣ କରାଯାଇଥାଏ। ସେ ମଧ୍ୟ ସର୍ବଶକ୍ତିମାନ ଅନନ୍ତ ଓ ଅବ୍ୟକ୍ତ । ନୀଳାଦ୍ରି ମହୋଦୟରେ ବର୍ଣ୍ଣିତ ଅଛି ଜଗନ୍ନାଥଙ୍କ ପରି ଖ୍ରୀଷ୍ଟଙ୍କୁ ମଧ୍ୟ ପ୍ରଭୁ ଭାବରେ ଗ୍ରହଣ କରାଯାଇଥାଏ। ଖ୍ରୀଷ୍ଟଙ୍କୁ ଉଦାର ଓ ମହାନ ଭାବରେ ବର୍ଣ୍ଣନା କରାଯାଇଛି। ପିତା, ପୁତ୍ର ଓ ପବିତ୍ର ଆତ୍ମା ସହିତ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ସମାନ ରହିଛି। ତା' ସହିତ ଗୀତାର 'ଯଦା ଯଦା ହି ଧର୍ମସ୍ୟ' ଶ୍ଳୋକଟି ମଧ୍ୟ ସୂଚାଇ ଦେଇଥାଏ ।

ଉପରୋକ୍ତ ସମସ୍ତ ତଥ୍ୟକୁ ବ୍ୟାଖ୍ୟା କଲେ ପ୍ରଭୁ ଶ୍ରୀଜଗନ୍ନାଥ ପ୍ରକୃତରେ ସର୍ବ ସମନ୍ୱୟବାଦ ଏବଂ ବିଶ୍ୱବାସୀଙ୍କର ଠାକୁର । ସର୍ବ ଧର୍ମ, ସର୍ବ ଶକ୍ତିର ସମାହାର । ତାଙ୍କୁ ଚିହ୍ନିବା, ତାଙ୍କୁ ବୁଝିବାର ଜ୍ଞାନ ପରିସର ଯେତେ ବ୍ୟାପକ ହେଲେ ମଧ୍ୟ ଶରଧାବାଲିର କଣିକା ଓ ବାଲିରେଣୁଠାରୁ ମଧ୍ୟ ନିହାତି ନଗଣ୍ୟ । ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ସାରା ଓଡ଼ିଆ ଜାତିର ଇଷ୍ଟଦେବ ହେଲେ ମଧ୍ୟ ସେ ସାରା ଜଗତର ନାଥ ଅର୍ଥାତ ଚଉଦ ବ୍ରହ୍ମାଣ୍ଡର କର୍ତ୍ତା । ତେଣୁ ସେ ହେଉଛନ୍ତି ବିଶ୍ୱ ମାନବବାଦର ଦେବତା ।

ଗବେଷିକା (ଓଡ଼ିଆ ବିଭାଗ)
କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର– ୨୪

❖ ❖ ❖

# ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା – ୨୦୧୫ରେ ଓଡ଼ିଶା ମଣ୍ଡପ

**ତାପସ କୁମାର ସାହା**

ନଭେମ୍ବର ୧୪ ତାରିଖ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମଦିନ । ଏହିଦିନ ଭାରତରେ ଶିଶୁ ଦିବସ ଭାବେ ପାଳନ କରାଯାଉଥିବା ବେଳେ ନୂଆଦିଲ୍ଲୀସ୍ଥିତ ପ୍ରଗତି ମଇଦାନ ସଜେଇ ହୋଇ ରହିଥାଏ ଆଉ ଏକ ମୁହୂର୍ତ୍ତକୁ । ପ୍ରଗତି ମଇଦାନରେ ଭାରତବର୍ଷର ଦ୍ରୁତ ପ୍ରଗତିର ପ୍ରତିଛବିକୁ ବିଶ୍ୱବାସୀଙ୍କ ସମ୍ମୁଖରେ ଟେକି ଧରିବାର ପ୍ରୟାସ କରାଯାଇଥାଏ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଆୟୋଜନ ମାଧ୍ୟମରେ । ପ୍ରତିବର୍ଷ



ନଭେମ୍ବର ୧୪ ତାରିଖଠାରୁ ନଭେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ୧୪ଦିନ ବ୍ୟାପୀ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ପ୍ରଗତି ମଇଦାନରେ ଇଣ୍ଡିଆନ ଟ୍ରେଡ ପ୍ରମୋଶନ ଅର୍ଗାନାଇଜେସନ ଦ୍ୱାରା ଆୟୋଜନ କରାଯାଇଥାଏ । ଏଥିରେ ଭାରତର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଉଦ୍ୟୋଗ ଏବଂ ବେସରକାରୀ ଉଦ୍ୟୋଗ ଭାଗ ନେଇଥାଆନ୍ତି । ଏଥିସହିତ ଭାରତର ପଡୋଶୀ ରାଷ୍ଟ୍ର ପାକିସ୍ଥାନ, ବାଂଲାଦେଶ ଓ ଶ୍ରୀଲଙ୍କା ସମେତ ୩୦ରୁ ଊର୍ଦ୍ଧ୍ୱ ବିଦେଶୀ ରାଷ୍ଟ୍ର ମଧ୍ୟ ଏହି ବାଣିଜ୍ୟ ମେଳାରେ ଅଂଶଗ୍ରହଣ କରିଥାଆନ୍ତି ।

ବାଣିଜ୍ୟ ମେଳାରେ ବିଭିନ୍ନ ଉଦ୍ୟୋଗ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ବିକ୍ରିବଟାର ଏକ ବିରାଟ ବଜାର ସୃଷ୍ଟି କରିବା ସହିତ ଭାରତବର୍ଷର ବିଭିନ୍ନ ରାଜ୍ୟର ଉଲ୍ଲେଖନୀୟ ପ୍ରଗତିର ଏକ ସ୍ୱଷ୍ଟ ଚିତ୍ର ଦର୍ଶକମାନଙ୍କ ସମ୍ମୁଖରେ ଉପସ୍ଥାପିତ ହୋଇଥାଏ । ଏହି ମେଳା ମାଧ୍ୟମରେ ଲୋକମାନେ ଉତ୍ପାଦିତ ହେଉଥିବା ନୂତନ କିସମର ଦ୍ରବ୍ୟ ସହିତ ପରିଚିତ ହେବାର ସୁଯୋଗ ଲାଭ କରିବା ସହିତ ଉତ୍ପାଦକମାନଙ୍କୁ ଗୋଟିଏ ପରିସରରେ ଏତେ ସଂଖ୍ୟକ ଗ୍ରାହକମାନଙ୍କୁ ପାଇବାର ଅପୂର୍ବ ସୁଯୋଗ ସେମାନଙ୍କୁ ପ୍ରତିବର୍ଷ ମେଳାରେ ଭାଗନେବା ପାଇଁ ଆକର୍ଷିତ କରିଥାଏ । ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଜାତୀୟ ସଂହତିର ପ୍ରତୀକ ହୋଇଥିବା ବେଳେ ବିଦେଶୀ ରାଷ୍ଟ୍ରଗୁଡିକ ମଧ୍ୟ ପ୍ରତିବର୍ଷ ଏହାର ଆୟୋଜନକୁ ଉତ୍ସୁକତାର ସହ ଚାହିଁ ରହିଥାଆନ୍ତି । ମେଳାରେ ଅତ୍ୟଧିକ ଜନଗହଳି ହେଉଥିବା ଦୃଷ୍ଟିରୁ ଏହାକୁ ନିୟନ୍ତ୍ରଣ କରିବା ଓ ବ୍ୟବସାୟୀ ତଥା ଉଦ୍ୟୋଗପତିମାନଙ୍କ ସୁବିଧା ନିମନ୍ତେ ମେଳାର ପ୍ରଥମ ୫ଦିନ ଅର୍ଥାତ୍ ନଭେମ୍ବର ୧୪ ତାରିଖଠାରୁ ୧୮ ତାରିଖ ପର୍ଯ୍ୟନ୍ତ ବ୍ୟବସାୟୀ ଦର୍ଶକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହୋଇଥିବା ବେଳେ ନଭେମ୍ବର ୧୯ ତାରିଖଠାରୁ ନଭେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ସାଧାରଣ ଦର୍ଶକମାନଙ୍କ ନିମନ୍ତେ

ଖୋଲା ରହିଥାଏ । ତେବେ ଉପରୋକ୍ତ ସମସ୍ତ ଦିବସଗୁଡିକରେ ସାଧାରଣ ଦର୍ଶକମାନଙ୍କ ପ୍ରବେଶ ନିମନ୍ତେ କୌଣସି ବାରଣ ନଥିଲେ ହେଁ ବ୍ୟବସାୟ ଦିବସଗୁଡିକରେ ପ୍ରବେଶ ଟିକେଟ୍‌ର ମୂଲ୍ୟ ଅଧିକ ହୋଇଥିବାରୁ ସାଧାରଣ ଦର୍ଶକଙ୍କ ଭିଡ ନଭେମ୍ବର ୧୯ ତାରିଖରୁ ଅଧିକ ହୋଇଥାଏ । ଏଥିସହିତ ବାଣିଜ୍ୟ ମେଳାରେ ବହୁ ବିଦେଶୀ କମ୍ପାନୀମାନେ ଭାଗ ନେଉଥିବା ଦୃଷ୍ଟିରୁ ସାଧାରଣ ଲୋକଙ୍କୁ ମେଳା ପରିସରରେ ବିଦେଶୀ ଦ୍ରବ୍ୟର ଦେଖିବାର ଓ କ୍ରୟ କରିବାର ସୁଯୋଗ ସହଜରେ ମିଳିଥାଏ ।

ବିଗତ ୩୫ ବର୍ଷ ଧରି ଓଡ଼ିଶା ଏହି ବାଣିଜ୍ୟ ମେଳାରେ ଭାଗ ନେଇ ଆସୁଛି । ଚଳିତବର୍ଷ ମଧ୍ୟ ଓଡ଼ିଶା ତା'ର ନିଜସ୍ୱ ସ୍ଥାୟୀ ମଣ୍ଡପରେ ବାଣିଜ୍ୟ ମେଳାର ଆୟୋଜନ କରିଥିଲା । ଏଠାରେ ସୂଚନାଯୋଗ୍ୟ ଯେ ପ୍ରାୟ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ନିଜସ୍ୱ ସ୍ଥାୟୀ ମଣ୍ଡପର ବ୍ୟବସ୍ଥା ରହିଛି, ଯାହାକୁ ସେମାନେ ପ୍ରତିବର୍ଷ ବାଣିଜ୍ୟ ମେଳାର ବିଷୟବସ୍ତୁ ଅନୁସାରେ ସଜ୍ଜିତ କରିଥାଆନ୍ତି । ଚଳିତବର୍ଷ ବାଣିଜ୍ୟ ମେଳାର ବିଷୟବସ୍ତୁ 'ମେକ୍ ଇନ୍ ଇଣ୍ଡିଆ' ରଖାଯାଇଥିବା ବେଳେ ଓଡ଼ିଶା ସମେତ ସମସ୍ତ ରାଜ୍ୟ ଏହି ଥିମ୍ ଉପରେ ଆଧାର କରି ସେମାନଙ୍କର ମଣ୍ଡପକୁ ସଜାଇ ଥିଲେ । ତଦନୁଯାୟୀ ନିବେଶକ ଓ ଦର୍ଶକମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଓଡ଼ିଶା ମଣ୍ଡପକୁ ବେଶ୍ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରାଯାଇଥିଲା । ରାଜ୍ୟରେ ଦ୍ରୁତ ଶିଳ୍ପାୟନ ନିମନ୍ତେ ଓ ସାରା ବିଶ୍ୱର ନିବେଶକମାନଙ୍କ ପାଇଁ ଓଡ଼ିଶା ଯେପରି ପ୍ରଥମ ପସନ୍ଦ ହୋଇପାରିବ, ସେହି ଲକ୍ଷ୍ୟରେ ରାଜ୍ୟରେ ପ୍ରଣୟନ କରାଯାଇଥିବା ଶିଳ୍ପନୀତି ଓ ପ୍ରୋତ୍ସାହନର ଏକ ସ୍ୱଚ୍ଛଚିତ୍ର ମଣ୍ଡପ ମାଧ୍ୟମରେ ଦର୍ଶକ ଓ ନିବେଶକମାନଙ୍କ ସମ୍ମୁଖରେ ତୋଳି ଧରିବାର ପ୍ରୟାସ କରାଯାଇଥିଲା ।

ବିପୁଳ ଖଣିଜ ସମ୍ପଦରେ ଭରପୂର ଓଡ଼ିଶା ଖଣିଜ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଶିଳ୍ପପତିମାନଙ୍କ ପ୍ରଥମ ପସନ୍ଦ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଶିଳ୍ପ ନୀତିରେ ସୂଚନା ପ୍ରଯୁକ୍ତି, IT Enabled services, ଇଲେକ୍ଟ୍ରୋନିକସ୍ ଡିଜାଇନ ଏବଂ ନିର୍ମାଣ, ବାୟୋଟେକ୍ନୋଲୋଜି, କୃଷି, ସାମୁଦ୍ରିକ ଓ ଖାଦ୍ୟ ପ୍ରକ୍ରିୟାକରଣ, ବୟନଶିଳ୍ପ, ଆପାରେଲ, ଅଟୋମୋଟିଭ ଏବଂ ପର୍ଯ୍ୟଟନ ଆଦି ଶିଳ୍ପକୁ ଅଗ୍ରାଧିକାର ଶିଳ୍ପ ଭାବରେ ଚିହ୍ନଟ କରାଯାଇ ଏହିସବୁ ଶିଳ୍ପରେ ପୁଞ୍ଜିନିବେଶ କରିବା ନିମନ୍ତେ ଶିଳ୍ପପତିମାନଙ୍କୁ ଯଥେଷ୍ଟ ପ୍ରୋତ୍ସାହନ ଓ ସୁଯୋଗ ଦିଆଯାଇଛି । ରାଜ୍ୟରେ ମିଳୁଥିବା ପ୍ରାକୃତିକ ସମ୍ପଦ ଓ ମାନବ ସମ୍ବଳର ସୁବିନିଯୋଗ କରି ଶିଳ୍ପର ବିକାଶ କରି ରାଜ୍ୟର ଅର୍ଥନୀତି ଓ ଲୋକମାନଙ୍କୁ ରୋଜଗାର ଯୋଗାଇଦେବା ରାଜ୍ୟ ସରକାରଙ୍କ ପ୍ରାଥମିକତା ହୋଇଥିବା ବେଳେ ଏଥି ନିମନ୍ତେ ପୁଞ୍ଜି ନିବେଶକାରୀମାନଙ୍କୁ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ଦିଗରେ ଆଗ୍ରହୀ କରିବା ନିମନ୍ତେ ରାଜ୍ୟ ସରକାର ସମସ୍ତ ପ୍ରକାର ସୁବିଧା ଓ ସୁଯୋଗ ଯୋଗାଇ ଦେଇଛନ୍ତି । ଓଡ଼ିଶାରେ ଦ୍ରୁତ ଶିଳ୍ପାୟନ ଓ ଶିଳ୍ପୋଦ୍ୟୋଗୀମାନଙ୍କୁ ବିଭିନ୍ନ ପ୍ରକାରର ସହଯୋଗ କରିବା ଦିଗରେ 'ଟିମ୍ ଓଡ଼ିଶା' ଗଠନ କରାଯାଇଛି । ଘରୋଇ ପୁଞ୍ଜି ନିବେଶ ନିମନ୍ତେ ରାଜ୍ୟରେ ଉପଯୁକ୍ତ ବାତାବରଣ ସୃଷ୍ଟି କରିବା ଏବଂ ନିବେଶକାରୀମାନେ ଯେପରି ସହଜରେ ଓଡ଼ିଶାରେ ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠା କରି ପାରିବେ, ସେଥି ନିମନ୍ତେ ସିଙ୍ଗଲ ୱିନଡୋ ବ୍ୟବସ୍ଥା ସହିତ ବିଭିନ୍ନ ସ୍ତରରେ ସହାୟତା କେନ୍ଦ୍ର ସ୍ଥାପନ କରାଯାଇଛି । ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଆବଶ୍ୟକ ଜମି, ପରିବେଶ ମଂଜୁରୀ, ବିଦ୍ୟୁତ ସଂଯୋଗ ଓ ଜଳଯୋଗାଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସିଙ୍ଗଲ ୱିନଡୋ ମାଧ୍ୟମରେ କରାଯିବାର ବ୍ୟବସ୍ଥା ସହିତ ଏଥି ନିମନ୍ତେ ଗୋଟିଏ କମନ ଆପ୍ଲିକେସନ ଫର୍ମର ପ୍ରଚଳନ କରାଯାଇଛି । ବିଭିନ୍ନ ଲାଇସେନ୍‌ସ ଓ ନିୟନ୍ତ୍ରଣ ବ୍ୟବସ୍ଥାର ପୁନଃ ସମୀକ୍ଷା କରାଯାଇ ଏହା କିପରି ଶିଳ୍ପ ପ୍ରତିଷ୍ଠା ଦିଗରେ ସହାୟକ ହୋଇପାରିବ ସେଥି ନିମନ୍ତେ ପଦକ୍ଷେପ ନିଆଯାଉଛି । ରାଜ୍ୟରେ ବୃହତ ଶିଳ୍ପ ପ୍ରତିଷ୍ଠା ସହିତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓ ଡାଉନଷ୍ଟ୍ରିମ୍ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି ।

ବାଣିଜ୍ୟ ମେଳାର ବିଷୟବସ୍ତୁ ଅନୁସାରେ ଓଡ଼ିଶା ମଣ୍ଡପରେ ଟିମ୍ ଓଡ଼ିଶା (ଶିଳ୍ପ ବିଭାଗ, ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ) ଓଡ଼ିଶାରେ ଶିଳ୍ପାୟନର ଅଗ୍ରଗତି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପୁଞ୍ଜି ନିବେଶକାରୀମାନଙ୍କୁ ଦିଆଯାଉଥିବା ସମସ୍ତ ପ୍ରକାରର ସୁବିଧାର ସମ୍ୟକ ଧାରଣା ଦର୍ଶକମାନଙ୍କ ସମ୍ମୁଖରେ ପ୍ରଦର୍ଶନୀ ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା । ଏଥିସହିତ କେନ୍ଦ୍ର ସରକାରଙ୍କ ଅଧୀନରେ ପରିଚାଳିତ ପ୍ରମୁଖ ନବରତ୍ନ ଉଦ୍ୟୋଗ ନାଲ୍‌କୋ ଏବଂ ବୃହତ ଘରୋଇ ଉଦ୍ୟୋଗ ଟାଟା ଷ୍ଟିଲ ଓ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠାରେ ପ୍ରମୁଖ ଭାଗିଦାରିତା ସମ୍ପର୍କରେ ବେଶ୍ ଉଲ୍ଲେଖନୀୟ ଭାବରେ ପ୍ରଦର୍ଶିତ ହୋଇଥିଲା । ରାଜ୍ୟର ସାମଗ୍ରିକ ବିକାଶ ଦିଗରେ କୃଷି, ପ୍ରାଣୀ ସଂପଦ ବିକାଶ, ପର୍ଯ୍ୟଟନ ବିଭାଗ ପକ୍ଷରୁ ଓଡ଼ିଶାର ପ୍ରଗତିର ପ୍ରତିଛବିକୁ ଦର୍ଶକମାନଙ୍କ ସମ୍ମୁଖରେ ତୋଳି ଧରିବାର ସଫଳ ପ୍ରଚେଷ୍ଟା କରାଯାଇଥଲା । ଏଥିସହିତ ମାନ୍ୟବର

ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟର ଦ୍ରୁତ ସାମାଜିକ ଓ ଅର୍ଥନୈତିକ ଉନ୍ନତି ତଥା ଅଭିନବ ଓ କଲ୍ୟାଣକାରୀ ଯୋଜନାର ଏକ ନିଛକ ଛବି ଅତି ନିଖୁଣ ଭାବରେ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିଲା ।

ମଣ୍ଡପର ସମ୍ମୁଖ ଭାଗଟି ରାଜ୍ୟର ପ୍ରଗତି ଓ ସମୃଦ୍ଧିର ସୂଚନା ଦେଉଥିବା ବେଳେ ଦେଶୀୟ ଓ ବିଦେଶୀ ପୁଞ୍ଜି ନିବେଶକାରୀମାନଙ୍କ ନିମନ୍ତେ ଓଡ଼ିଶାର ଦ୍ୱାର ସର୍ବଦା ଉନ୍ମୁକ୍ତ ବୋଲି ସ୍ପଷ୍ଟ ଘୋଷଣା କରାଯାଇଥିଲା । ଜଗତର ପାଳନକର୍ତ୍ତା ଭଗବାନ ବିଷ୍ଣୁଙ୍କ ଦଶାବତାର ମାଧ୍ୟମରେ ଓଡ଼ିଶାର ପ୍ରଗତିର କ୍ରମବର୍ଦ୍ଧିଷ୍ଣୁ ବିକାଶଧାରାକୁ କ୍ରମ ଅନୁସାରେ ଅତି ଆକର୍ଷଣୀୟ ଢଙ୍ଗରେ ଦର୍ଶକମାନଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା । ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାସନ ଟେକ୍ନୋଲୋଜି, ଭୁବନେଶ୍ୱର ଶାଖା ଦ୍ୱାରା ମଣ୍ଡପର ଡିଜାଇନ ପ୍ରସ୍ତୁତ କରାଯାଇଥିଲା ।

ଓଡ଼ିଶା ମଣ୍ଡପର ତଳ ମହଲାରେ 'ମେକ୍ ଇନ୍ ଇଣ୍ଡିଆ'ରେ ପୁଞ୍ଜି ନିବେଶକାରୀମାନଙ୍କୁ ଆକର୍ଷିତ କରିବା ଦିଗରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ଯୋଜନା ଓ ପଦକ୍ଷେପ ସମ୍ପର୍କରେ ଫଟୋଚିତ୍ର ସମ୍ବଳିତ ସୂଚନା ପ୍ରଦାନ କରାଯାଇଥିବା ବେଳେ ମଣ୍ଡପର ଦ୍ୱିତୀୟ ମହଲାରେ ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟ ଏବଂ ହସ୍ତଶିଳ୍ପ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ଉତ୍ପାଦିତ ବିଭିନ୍ନ ଦ୍ରବ୍ୟର ବିକ୍ରି ନିମନ୍ତେ ଷ୍ଟଲ ଖୋଲାଯାଇଥିଲା । ଏଥିରେ ବୟନିକା, ସେରିଫେଡ ଏବଂ ଉତ୍କଳିକା ସମେତ ବହୁ ନାମୀଦାମୀ ସଂସ୍ଥା ଭାଗନେଇ ସେମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ବିକ୍ରିର ବ୍ୟବସ୍ଥା କରିଥିଲେ । ଏଥିରେ ହସ୍ତତନ୍ତ ଶାଢୀ, ରୂପା ତାରକସି, ପଥର ମୂର୍ତ୍ତି, କାଠମୂର୍ତ୍ତି, ଆଦିବାସୀ ଅଳଙ୍କାର, ପାଟଶାଢୀ, ଢୋକ୍ରା କାଷ୍ଟିଂ, ଚାନ୍ଦୁଆ, ଖେଳନା, ପଟ୍ଟଚିତ୍ର, ପେଣ୍ଟିଂ ଓ ଗହଣା ଆଦି ଦର୍ଶକ ଓ ଗ୍ରାହକମାନଙ୍କୁ ବିଶେଷଭାବେ ଆକର୍ଷିତ କରିଥିଲା । ବହୁ ବିଦେଶୀ ଦର୍ଶକ ଓ ଅନ୍ୟ ରାଜ୍ୟର ଦର୍ଶକମାନଙ୍କ ଦ୍ୱାରା ଓଡ଼ିଶାର ହସ୍ତତନ୍ତରେ ପ୍ରସ୍ତୁତ ଶାଢୀ ଓ ଅନ୍ୟାନ୍ୟ ବସ୍ତ୍ର ଆଦୃତ ହୋଇଥିବା ବେଳେ ବିକ୍ରିବଟା ଆଶାନୁରୂପ ହୋଇଥିଲା । ଏତଦ୍‌ବ୍ୟତୀତ ନଡିଆ କତାରେ ପ୍ରସ୍ତୁତ ଦ୍ରବ୍ୟ, ପଥର କାମ ଓ ହସ୍ତତନ୍ତର ଲାଇଭ ଡେମୋନଷ୍ଟ୍ରେସନ ଉପର ମହଲାରେ ପ୍ରସ୍ତୁତ କରାଯାଇଥିବା ବେଳେ ମଣ୍ଡପର ସମ୍ମୁଖ ଭାଗରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ଶ୍ରୀ ସୁବଳ ମହାରଣାଙ୍କ ଦ୍ୱାରା ଆକର୍ଷଣୀୟ ବାଲୁକାକଳା ପରିବେଷଣ କରାଯାଇଥିଲା । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଓଡ଼ିଶାର ବାଲୁକା କଳା ଦର୍ଶକମାନଙ୍କ ନିମନ୍ତେ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା ଏବଂ ବାଲୁକାକଳା ସମ୍ମୁଖରେ ସର୍ବଦା ଗହଳି ପରିଲକ୍ଷିତ ହେବା କଳା ଓ ଭାସ୍କର୍ଯ୍ୟରେ ଓଡ଼ିଶାର ସ୍ୱାତନ୍ତ୍ର୍ୟତାକୁ ପ୍ରତିପାଦିତ କରୁଥିଲା । ଏଥିସହିତ ପ୍ରସିଦ୍ଧ ପଥର ମୂର୍ତ୍ତି ଶିଳ୍ପୀ ଶ୍ରୀ ଅନୀଲ କୁମାର ମହାରାଣାଙ୍କ ଦ୍ୱାରା ପଥର ଖୋଦେଇର ଲାଇଭ ଡେମୋନଷ୍ଟ୍ରେସନ ମଧ୍ୟ ମେଳାର ଅନ୍ୟ ଏକ ଆକର୍ଷଣ ଥିଲା ।

ପ୍ରତିବର୍ଷ ପରି ଚଳିତବର୍ଷ ନଭେମ୍ବର ୧୪ ତାରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀ ପ୍ରଣବ ମୁଖାର୍ଜୀ ପ୍ରଗତି ମଇଦାନସ୍ଥିତ ହଂସଧ୍ୱନି ଥିଏଟରଠାରେ ବାଣିଜ୍ୟ ମେଳାକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ । ମଧ୍ୟାହ୍ନରେ ଓଡ଼ିଶାର ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଅତନୁ ସବ୍ୟସାଚୀ ନାୟକ, ମାନ୍ୟବର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଶିଷ୍ଟ ଅତିଥିମାନଙ୍କ ଗହଣରେ ଓଡ଼ିଶା ମଣ୍ଡପକୁ ଉଦ୍‌ଘାଟନ କରିଥିଲେ । ନଭେମ୍ବର ୨୪ ତାରିଖ ଓଡ଼ିଶା ରାଜ୍ୟ ମଣ୍ଡପର ଏକ ଅନ୍ୟତମ ଆକର୍ଷଣର ଦିନ ଥିଲା । ଏହି ଦିନ ହଂସଧ୍ୱନି ଥିଏଟରରେ ପାଳିତ ହୋଇଥିଲା ଓଡ଼ିଶା ରାଜ୍ୟ ଦିବସ । ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ବିଭିନ୍ନ ଦିବସରେ ବିଭିନ୍ନ ରାଜ୍ୟ ଦିବସ ପାଳନ କରିବା ଏକ ନିଆରା ପରମ୍ପରା । ଏହି କ୍ରମରେ ବହୁ ଧୁମଧାମ ଓ ଆକର୍ଷଣୀୟ ଢଙ୍ଗରେ ପାଳିତ ହୋଇଥିଲା ଓଡ଼ିଶା ଦିବସ । ଦିଲ୍ଲୀରେ ରହୁଥିବା ବହୁ ଓଡ଼ିଆ ଛୁଟି ଆସିଥିଲେ ହଂସଧ୍ୱନି ଥିଏଟରକୁ ଓଡ଼ିଶା ଦିବସରେ ସାମିଲ ହେବା ପାଇଁ । ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ଉତ୍ସବରେ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉତ୍ସବର ଶୁଭାରମ୍ଭ କରିଥିଲେ । ବାଣିଜ୍ୟ ମେଳାର ବିଷୟବସ୍ତୁ ସମ୍ବଳିତ ଓଡ଼ିଶା ସରକାରଙ୍କ ମାସିକ ମୁଖପତ୍ର 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସ୍ୱତନ୍ତ୍ର ସଂଖ୍ୟାର ଶୁଭ ଉନ୍ମୋଚନ ଏହି ଅବସରରେ ହୋଇଥିଲା ।

ପ୍ରାରମ୍ଭରେ ଓଡ଼ିଶାର ପାରମ୍ପରିକ ଶାସ୍ତ୍ରୀୟ ନୃତ୍ୟ ପ୍ରସିଦ୍ଧ ନୃତ୍ୟାଙ୍ଗନା କବିତା ଦ୍ୱିବେଦୀ ପରିବେଷଣ କରିଥିଲେ । ଏଥିସହିତ

ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ଗୋଟିପୁଅ ଓ ପ୍ରତିଭା ଡ୍ୟାନ୍ସ ଏକାଡେମୀ, ଭବାନୀପାଟଣା ଦ୍ୱାରା ସିଂଘାରୀ ନୃତ୍ୟ ପ୍ରସ୍ତୁତ କରାଯାଇଥିବା ବେଳେ ସୁର ଭାଇବ୍ରେସନ୍, ଭୁବନେଶ୍ୱର ଦ୍ୱାରା ପାରମ୍ପରିକ ନୃତ୍ୟ ଓ ସମରକଳା ନୃତ୍ୟ ପରିବେଷଣ କରାଯାଇଥିଲା । ଶେଷରେ ପ୍ରସିଦ୍ଧ ଘୋଡାନାଚ ଶିଳ୍ପୀ ଡଃ ଉଚ୍ଛବ ଦାସଙ୍କ ଦ୍ୱାରା ଘୋଡା ନାଚ ପରିବେଷଣ କରାଯାଇଥିଲା । ଓଡ଼ିଶାର ନୃତ୍ୟ ପରିବେଷଣ ଦିଲ୍ଲୀର ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିବା ସହିତ ଶିଳ୍ପୀମାନଙ୍କର ନିଖୁଣ କଳା ନୈପୁଣ୍ୟ ସେମାନଙ୍କ ନିମନ୍ତେ ଆଣିଦେଇଥିଲା ପ୍ରଚୁର କରତାଳି । ପ୍ରତ୍ୟେକ ଅନୁଷ୍ଠାନ ସୀମିତ ସମୟ ମଧ୍ୟରେ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ବିମୋହିତ କରିବା ସହିତ ସେମାନଙ୍କ ପାଇଁ ଆଣି ଦେଇଥିଲା ଏକ ନିଆରା ଅନୁଭୂତି । ହଂସଧ୍ୱନି ଥିଏଟରର ଭରପୂର ଦର୍ଶକ ମଣ୍ଡଳୀ ମନଭରି ଓଡ଼ିଶାର ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ପୁଣି ଥରେ ପ୍ରମାଣ କରିଦିଏ ଯେ ଉତ୍କୃଷ୍ଟ କଳାର ରାଜ୍ୟ ଓଡ଼ିଶା ସାଂସ୍କୃତିକ ବୈଭବ ଓ କଳାନୈପୁଣ୍ୟ ନିମନ୍ତେ ଆଜି ବି ବିଶ୍ୱବନ୍ଦିତା ।

ଅନ୍ତର୍ଜାତୀୟ ବାଣିଜ୍ୟ ମେଳା କେବଳ ବାଣିଜ୍ୟ ବ୍ୟବସାୟରେ ସୀମିତ ନରହି ସାଂସ୍କୃତିକ ଭାବ ବିନିମୟର ଏକ ମାଧ୍ୟମ ହେବା ସହିତ ମେଳା ପରିସରରେ ଖୋଲାଯାଇଥିବା ବିଭିନ୍ନ ରାଜ୍ୟର ଫୁଡ୍ ଷ୍ଟଲ ଦର୍ଶକମାନଙ୍କୁ ବିଭିନ୍ନ ରାଜ୍ୟର ଓ ପ୍ରାନ୍ତରର ଖାଦ୍ୟ ଓ ବ୍ୟଞ୍ଜନ ସ୍ୱାଦ ଅନୁଭବ କରିବାର ସୁଯୋଗ ପ୍ରଦାନ କରିଥିଲା । ଚଳିତବର୍ଷ ମେଳା ପରିସରରେ ଓଡ଼ିଶାର ଫୁଡ୍ ଷ୍ଟଲ ଖୋଲାଯାଇଥିଲା, ଯେଉଁଠାରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସହିତ ପ୍ରସିଦ୍ଧ ରସଗୋଲା ବିକ୍ରିର ବ୍ୟବସ୍ଥା କରାଯାଇଥିଲା । ଓଡ଼ିଶାର ଫୁଡ୍‌ଷ୍ଟଲ ନିକଟରେ ଲାଗି ରହିଥିବା ଗହଳି ଓଡ଼ିଶାର ଖାଦ୍ୟ ଓ ବିଶେଷ କରି ରସଗୋଲାର ଚାହିଦା ସମ୍ପର୍କରେ ସୂଚାଇ ଦେଉଥିଲା ।


ନଭେମ୍ବର ୨୭ ତାରିଖ ବାଣିଜ୍ୟ ମେଳାର ଉଦ୍‌ଯାପନୀ ଦିବସ । ପ୍ରଗତି ମଇଦାନରେ ପ୍ରବଳ ଗହଳି । ସରି ଆସୁଥିଲା ବାଣିଜ୍ୟ ମେଳା । ପ୍ରତିଦିନ ହାରାହାରି ପ୍ରାୟ ୧ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକ ମେଳା ଦେଖିବାକୁ ଆସୁଥିଲେ ହେଁ ମନେ ହେଉଥିଲା ଆହୁରି କିଛି ଦେଖିବାର ବାକି ରହିଗଲା । ଆହୁରି କିଛି କିଣିବାର ବାକି ରହିଗଲା । ‘ମେକ୍ ଇନ୍ ଇଣ୍ଡିଆ’ର ଥିମ୍ ଉପରେ ଆଧାରିତ ବାଣିଜ୍ୟ ମେଳା ଆଗ୍ରହୀ ପୁଞ୍ଜି ନିବେଶକାରୀ ଓ ଆୟୋଜକମାନଙ୍କ ନିମନ୍ତେ ନିଶ୍ଚିତ ରୂପେ ଫଳପ୍ରସୂ ହୋଇଥିବା ବେଳେ ସାଧାରଣ ଦର୍ଶକମାନେ ମଧ୍ୟ ମନଭରି ମେଳାକୁ ଉପଭୋଗ କରିଥିଲେ ଏବଂ ଚାହିଁ ରହିଥିଲେ ପୁଣି ଆସନ୍ତାବର୍ଷ ନଭେମ୍ବର ୧୪ ତାରିଖକୁ ।

ପ୍ରଦର୍ଶନୀ ସଙ୍ଗଠକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଭୁବନେଶ୍ୱର

## ବୈଦ୍ୟୁତିକ ଗଣମାଧ୍ୟମଙ୍କୁ ସେକ୍ରେଟାରିଏଟ୍ ପ୍ରବେଶ ତଥା ଯାନବାହନ ପ୍ରବେଶ ପାସ୍ ପ୍ରଦାନ ସମ୍ପର୍କିତ ନିଷ୍ପତ୍ତି

ବୈଦ୍ୟୁତିକ (ବିଭିନ୍ନ ଚ୍ୟାନେଲ୍) ଗଣମାଧ୍ୟମଙ୍କୁ ସେକ୍ରେଟାରିଏଟ୍ ମଧ୍ୟକୁ ପ୍ରବେଶ ପାସ୍ ପ୍ରଦାନ ନିମନ୍ତେ ଗୃହ ବିଭାଗ ପ୍ରମୁଖ ଶାସନ ସଚିବ, ସ୍ୱତନ୍ତ୍ର ଶାସନ ସଚିବ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଅନୁଯାୟୀ ସୂଚନା ଓ ଲୋକସମ୍ପର୍କ ବିଭାଗର ଅନୁମୋଦନକ୍ରମେ ପ୍ରତ୍ୟେକ ବୈଦ୍ୟୁତିକ ଗଣମାଧ୍ୟମକୁ ୩ଗୋଟି ସେକ୍ରେଟାରିଏଟ୍ ପାସ୍ ପ୍ରଦାନ କରାଯିବ । ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇ କେବଳ ଗୋଟିଏ ମାତ୍ର ସେକ୍ରେଟାରିଏଟ୍ କାର (ଗାଡ଼ି) ପାସ୍ ପ୍ରତ୍ୟେକ ବୈଦ୍ୟୁତିକ ଗଣମାଧ୍ୟମଙ୍କୁ ପ୍ରଦାନ କରାଯିବ । ସେହିପରି ପ୍ରତ୍ୟେକ ବୈଦ୍ୟୁତିକ ଗଣମାଧ୍ୟମର ଓବିଭ୍ୟାନ୍ (O.B. Van) ପାଇଁ ଗୋଟିଏ ସେକ୍ରେଟାରିଏଟ୍ ପାସ୍ ପ୍ରଦାନ କରାଯାଇପାରିବ । ନଭେମ୍ବର ୨୩ ତାରିଖଠାରୁ ସେକ୍ରେଟାରିଏଟ୍ ମଧ୍ୟରେ ବିନା ପାସ୍‌ରେ କୌଣସି ଗଣମାଧ୍ୟମ (ଅଧିକାରୀ)ମାନଙ୍କୁ ଗାଡ଼ି ଓ ଓବିଭ୍ୟାନ୍ ପ୍ରବେଶ ନିମନ୍ତେ ଅନୁମତି ପ୍ରଦାନ କରାଯିବ ନାହିଁ ବୋଲି ଉକ୍ତ ବୈଠକରେ ସ୍ଥିରୀକୃତ ହୋଇଛି ।

# ସପ୍ରସଙ୍ଗ ଓଡ଼ିଶା



## ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାକୁ ପ୍ରଧାନମନ୍ତ୍ରୀଙ୍କ ଭୂୟସୀ ପ୍ରଶଂସା

ରାଜ୍ୟର ଶିଳ୍ପାୟନ ଓ ବ୍ୟବସାୟିକ ପରିଚାଳନାଗତ ସଂସ୍କାର ପ୍ରକ୍ରିୟାରେ ସୁଧାର ଆସିଥିବା ବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏହାର ଭୂୟସୀ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କ ଟ୍ୱିଟ୍‌ରେ ଜଣାଇଛନ୍ତି ଯେ ରାଜ୍ୟର ବ୍ୟବସାୟିକ ବ୍ୟବସ୍ଥାର ସରଳୀକରଣରେ ଯେଉଁ ଉନ୍ନତି ପରିଲକ୍ଷିତ ହୋଇଛି ଏହା ନିଶ୍ଚିତ ଭାବେ ତାଙ୍କୁ ପ୍ରଭାବିତ କରିଛି । ଏହାଦ୍ୱାରା ରାଜ୍ୟରେ ଶିଳ୍ପୋଦ୍ୟୋଗୀମାନେ ଶିଳ୍ପ ପ୍ରତିଷ୍ଠା ତଥା ବ୍ୟବସାୟ କରିବା ପାଇଁ ଆକୃଷ୍ଟ ହେବା ସହ ପୁଞ୍ଜି ବିନିଯୋଗର ପରିସର ବୃଦ୍ଧି ପାଇବ । ବିଗତ ୮–୯ ମାସ ମଧ୍ୟରେ ରାଜ୍ୟ ସରକାର ଏ ଦିଗରେ ବିଭିନ୍ନ ସଂସ୍କାରମୂଳକ ବ୍ୟବସ୍ଥା ଲାଗୁ କରିଛନ୍ତି । ପୁଞ୍ଜିନିବେଶକାରୀ ତଥା ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହୀ ସଂସ୍ଥାମାନଙ୍କୁ ମଞ୍ଜୁରୀ ଦେବା ସହ ସେମାନଙ୍କର ବିଭିନ୍ନ ସୁବିଧା, ଅସୁବିଧା, ଅଭିଯୋଗର ସମାଧାନ ଦିଗରେ ଏକ ସହାୟକ କେନ୍ଦ୍ର ସ୍ଥାପନ କରିଛନ୍ତି । ଏହି କେନ୍ଦ୍ର ମାଧ୍ୟମରେ ପ୍ରାୟ ୫୦ଟି ପ୍ରକଳ୍ପର ସମସ୍ତ ଅସୁବିଧାର ସମାଧାନ ହୋଇପାରିଛି । ଏହାଦ୍ୱାରା ପ୍ରକଳ୍ପ ମଞ୍ଜୁରୀରେ ବିଳମ୍ବଜନିତ ସମସ୍ୟା ଦୂର ହୋଇପାରିଛି । ଏହା ସହିତ ଜନସାଧାରଣଙ୍କ ସୁବିଧା ପାଇଁ ସରକାର ଜନସାଧାରଣ ସେବା ଅଧିକାର ଆଇନ ଲାଗୁକରି ତା' ମଧ୍ୟରେ ୪୨ଟି ସେବା ଅନ୍ତର୍ଭୁକ୍ତ କରିଛନ୍ତି । ଏବେ ଗ୍ରୀନ୍ କ୍ୟାଟେଗୋରୀ ଶିଳ୍ପକୁ ୧୫ ଦିନ ଓ ଅନ୍ୟ ଶିଳ୍ପ ସଂସ୍ଥାକୁ ୩୦ ଦିନ ମଧ୍ୟରେ ମଞ୍ଜୁରୀ ମିଳିପାରୁଛି ।

ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ସରକାର ସମସ୍ତ ଗ୍ରୀନ୍ ପର୍ଯ୍ୟାୟଭୁକ୍ତ ଶିଳ୍ପ କ୍ଷେତ୍ରରେ ପରିଚାଳନାଗତ ସ୍ୱୀକୃତି ବ୍ୟବସ୍ଥାକୁ ଉଚ୍ଛେଦ କରିଛନ୍ତି । ଅନ୍ୟ ପକ୍ଷରେ ଅନ୍ୟାନ୍ୟ ଶ୍ରେଣୀର ଶିଳ୍ପଗୁଡିକ କ୍ଷେତ୍ରରେ ଆବଶ୍ୟକ ବାରମ୍ବାର ନବୀକରଣ ବ୍ୟବସ୍ଥା ମଧ୍ୟ କୋହଳ କରାଯାଇଛି । ଶ୍ରମ ସଂସ୍କାର କ୍ଷେତ୍ରରେ ରାଜ୍ୟ ସରକାର ଏକ ସ୍ୱେଚ୍ଛାକୃତ ଅନୁପାଳନ ବ୍ୟବସ୍ଥା ମଧ୍ୟରେ ୧୮ଟି ବିଭିନ୍ନ ଶ୍ରମ ଆଇନକୁ ପରିସରଭୁକ୍ତ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ଉଦ୍ୟୋଗୀମାନେ ନିଜେ ସମସ୍ତ କାର୍ଯ୍ୟର ତନଖି କରିବା ସହ ସହଜରେ ସମସ୍ତ ନିରୀକ୍ଷଣର କୈଫିୟତ ମଧ୍ୟ ଦେଇପାରିବେ । ବିଭିନ୍ନ ପ୍ରକାର ପ୍ରଯୁକ୍ତିବିଦ୍ୟାର ଉପଯୋଗ ମାଧ୍ୟମରେ ସରକାର ଏକ ନୂତନ ୱେବ୍‌ସାଇଟ୍ ଆରମ୍ଭ କରିବା ସହିତ ମୋବାଇଲ୍ ଆପ୍‌ର ବ୍ୟବହାର କରୁଛନ୍ତି । ଯାହା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ମଞ୍ଜୁରୀ ଓ ପୁଞ୍ଜି ବିନିଯୋଗର ସୁଯୋଗ ଓ ସୁବିଧା ସଂପର୍କରେ ସବିସ୍ତୃତ ତଥ୍ୟ ହାସଲ ହୋଇପାରୁଛି । ଅନ୍ୟ ପକ୍ଷରେ ଏକ ଅନ୍‌ଲାଇନ୍ ପୋର୍ଟାଲ ମଧ୍ୟ ଆରମ୍ଭ କରାଯାଇଛି । ଯଦ୍ୱାରା କି ଆବଶ୍ୟକୀୟ ଜମି ସଂପର୍କିତ ସୂଚନା ଓ ଜଣେ ପୁଞ୍ଜିନିବେଶକାରୀ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସମସ୍ତ ଆବଶ୍ୟକୀୟ ତଥ୍ୟ ହାସଲ କରିପାରିବ । ରାଜ୍ୟ ପ୍ରଦୂଷଣ ବୋର୍ଡ ମଧ୍ୟ ଅନ୍‌ଲାଇନ୍ ବ୍ୟବସ୍ଥାରେ ବିଭିନ୍ନ ପ୍ରକଳ୍ପ ପାଇଁ ସମ୍ମତି ପ୍ରଦାନ କରିପାରୁଛି । ଖୁବ୍ ଶୀଘ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଅନ୍ୟ ୧୪ଟି ସେବା ସଂପର୍କରେ ମଞ୍ଜୁରୀ ଦିଆଯିବାର ବ୍ୟବସ୍ଥା କରାଯାଉଛି । କମ୍ପ୍ୟୁଟରାଇଜଡ଼ ଫ୍ରେମ୍‌ୱାର୍କ ଦ୍ୱାରା ସମସ୍ତ ବିଭାଗଗୁଡ଼ିକୁ ନେଇ ଏକ କେନ୍ଦ୍ରୀୟ ତଦାରଖ ବ୍ୟବସ୍ଥା ଆରମ୍ଭ କରାଯାଇଛି ଯାହା ଏକ ଅନନ୍ୟ ବ୍ୟବସ୍ଥା ଅଟେ । ରେଜିଷ୍ଟ୍ରେସନ୍ ଓ ନବୀକରଣ ବ୍ୟବସ୍ଥାର ବ୍ୟାପକ ପରିବର୍ତ୍ତନ କରାଯାଇଛି । ଅନ୍‌ଲାଇନ୍ ଆବେଦନ ମାଧ୍ୟମରେ ଶିଳ୍ପ ସଂସ୍ଥାଗୁଡ଼ିକୁ ବିଦ୍ୟୁତ ସଂଯୋଗର ସୁବିଧା ମିଳିପାରୁଛି । ବିଲ୍‌ଡିଂ ପ୍ଲାନ୍ ମଞ୍ଜୁର କରିବା ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥାର ଉପଯୋଗ ମଧ୍ୟ କରାଯିବ । ବର୍ତ୍ତମାନ ଶିଳ୍ପାୟନ କ୍ଷେତ୍ରରେ ରାଜ୍ୟ ଗ୍ରହଣ କରିଥିବା ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟକ୍ରମକୁ ବିଶ୍ୱବ୍ୟାଙ୍କ ସ୍ୱୀକୃତି ଦେବା ସହ ଓଡ଼ିଶାକୁ ଉଚ୍ଚାକାଂକ୍ଷୀ ନେତୃତ୍ୱ (Aspiring Leader) ବର୍ଗରେ ଗ୍ରହଣ କରିଛି । ଶିଳ୍ପାୟନ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ଠାରୁ ବହୁତ ଆଗରେ ରହିଛି ବୋଲି ବିଶ୍ୱବ୍ୟାଙ୍କ ମତ ଦେଇଛି ।

ବିଭୂତି ନାୟକ, ସୂଚନା ଅଧିକାରୀ

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୨୮୧ଜଣଙ୍କୁ ନିଯୁକ୍ତି

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୨୮୧ ଜଣଙ୍କୁ ଥଇଥାନ ଯୋଜନାରେ ବିଭିନ୍ନ ପୌର ପରିଷଦ କାର୍ଯ୍ୟାଳୟ ଅଧୀନରେ ନିଯୁକ୍ତି ଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏଠାରେ ପ୍ରକାଶଯୋଗ୍ୟ ଯେ ସେପ୍ଟେମ୍ବର ଶେଷ ସୁଦ୍ଧା ବିଭାଗ ନିକଟରେ ଥଇଥାନ ନିଯୁକ୍ତି ପାଇଁ ସର୍ବମୋଟ ୨୮୧ଟି ଦରଖାସ୍ତ ପହଞ୍ଚିଥିଲା । ଏଗୁଡିକୁ ଯାଞ୍ଚ କରାଯାଇ ସେଥିରୁ ୨୩୬ ଜଣଙ୍କୁ ୬୯ଟି ସ୍ୱାୟତ୍ତ ଶାସନ ସଂସ୍ଥାରେ ଗ୍ରୁପ୍–ଡି ପଦରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଗୁଡ଼ିକ ମଧ୍ୟରେ କର୍ପୋରେସନ୍, ମ୍ୟୁନିସିପାଲିଟି ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଭୁକ୍ତ । ସଂପୃକ୍ତ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ ନିଯୁକ୍ତିଦାତା ହୋଇଥିବା ହେତୁ ତୁରନ୍ତ ସେମାନଙ୍କୁ ନିଯୁକ୍ତି ଦେବା ପାଇଁ କୁହାଯାଇଛି । ଖୁବ୍ ଶୀଘ୍ର ବାକି ୪୫ ଜଣଙ୍କୁ ଯୋଗ୍ୟତାଭିତ୍ତିରେ ନିଯୁକ୍ତି ଦିଆଯିବ ବୋଲି ଜଣାପଡିଛି । ବହୁଦିନ ଧରି ନିଯୁକ୍ତି ପାଇଁ ପ୍ରତୀକ୍ଷା କରିଥିବା ଆଶାୟୀମାନେ ଏହି ନିଯୁକ୍ତି ଫଳରେ ଉପକୃତ ହୋଇପାରିବେ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ପ୍ରକାଶ କରିଛନ୍ତି ।

ସୁବାଷ ନିଆଲ, ସୂଚନା ଅଧିକାରୀ

## ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଜଣେ ବି ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିବେନି

ପ୍ରଥମ ପର୍ଯ୍ୟାୟରେ ୧୪ ଟି ଜିଲ୍ଲାରେ ନଭେମ୍ବର ୧୬ ତାରିଖରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଲାଗୁ କରାଯାଇଛି ଓ ଡ଼ିସେମ୍ବର ମାସରୁ ଅବଶିଷ୍ଟ ୧୬ ଟି ଜିଲ୍ଲାରେ ଏହା ଲାଗୁ ହେଉଛି । ହିତାଧିକାରୀମାନେ ନୂଆ ରେସନ୍ କାର୍ଡ଼ ମାଧ୍ୟମରେ ମୁଣ୍ଡପିଛା ୫ କେଜି ଚାଉଳ କିମ୍ବା ଗହମ ପାଇବେ । ହିତାଧିକାରୀ ଚୟନକୁ ତ୍ରୁଟିଶୂନ୍ୟ କରିବାକୁ ବ୍ୟାପକ ପଦକ୍ଷେପ ନିଆଯାଇଛି । ତଥାପି କେତେକ ସ୍ଥାନରେ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଥିବା ଓ ଅଯୋଗ୍ୟ ହିତାଧିକାରୀ ତାଲିକାରେ ରହିଥିବା ଅଭିଯୋଗ ଆସିଛି । ସେ ଅଭିଯୋଗଗୁଡ଼ିକ ସମ୍ପର୍କରେ ଯଥାଯଥ ଅନୁସନ୍ଧାନ କରାଯାଇ ବିହିତ ପଦକ୍ଷେପ ନିଆଯାଉଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ପ୍ରକାଶ କରିଛନ୍ତି ।

ପ୍ରତି ବ୍ଲକ୍ ଓ ଅର୍ବାନ ଲୋକାଲ ବଡ଼ିରେ ରେସନ କାର୍ଡ଼ ଡ଼ାଟା ବେସଡ଼ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ ୩୭୦ କେନ୍ଦ୍ରରେ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନିଆଯାଇଛି । ସେଠାରେ ରେସନ କାର୍ଡ଼ ସଂଶୋଧନ ବର୍ଷ ସାରା ଜାରି ରହିବ । ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯିବ ଓ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇପାରିବ । ଏ ସମ୍ପର୍କରେ ଜନସାଧାରଣଙ୍କଠାରୁ ସୂଚନା ଆହ୍ୱାନ କରାଯାଇଛି । ଅଯୋଗ୍ୟ ହିତାଧିକାରୀଙ୍କ ସମ୍ପର୍କରେ ସୂଚନା ଦେଉଥିବା ବ୍ୟକ୍ତିଙ୍କ ପରିଚୟ ଗୋପନ ରଖାଯିବ । ଏହା ସହିତ ଅଯୋଗ୍ୟ ହିତାଧିକାରୀ ତାଲିକାରେ ଥିଲେ ତାଙ୍କ ବିରୁଦ୍ଧରେ ଦଣ୍ଡର ବ୍ୟବସ୍ଥା ମଧ୍ୟ ଅଛି । ସେହିଭଳି ଯୋଗ୍ୟ ହିତାଧିକାରୀ ଯଦି କୌଣସି କାରଣରୁ ତାଲିକାରେ ନ ଥାଆନ୍ତି, ତେବେ ସେମାନେ ଆବେଦନ କରିପାରିବେ ଓ ତା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କିଛି ବ୍ୟକ୍ତିବିଶେଷ ନ୍ୟସ୍ତ ସ୍ୱାର୍ଥ ପାଇଁ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି ଯାହା ଆଦୌ ସ୍ପୃହଣୀୟ ନୁହେଁ । ଅଯଥା ଦାୟିତ୍ୱହୀନ ମନ୍ତବ୍ୟ ଦେଇ ବିଭ୍ରାନ୍ତି ସୃଷ୍ଟି ନକରି ଯୋଗ୍ୟ ହିତାଧିକାରୀଙ୍କ ସମ୍ପର୍କରେ ସୂଚନା ଦେଇ ସେମାନଙ୍କୁ ସହାୟତା କରିବାକୁ ମନ୍ତ୍ରୀ ଶ୍ରୀ ଦାସବର୍ମା ନିବେଦନ କରିଛନ୍ତି । ଭାରତ ସରକାର ୨୦୧୩ ସେପ୍ଟେମ୍ବରରେ ଖାଦ୍ୟ ସୁରକ୍ଷା ଆଇନ ଲାଗୁ କରିଥିଲେ, ଏହି ଆଇନରେ ଓଡ଼ିଶା ପାଇଁ ୩,୨୬,୪୧,୮୦୦ ହିତାଧିକାରୀ ଯାହାକି ଜନସଂଖ୍ୟାର ୭୮% ଧାର୍ଯ୍ୟ କରିଥିଲେ । ହିତାଧିକାରୀ ଚୟନ ଭଳି ବିଶାଳ କାର୍ଯ୍ୟକ୍ରମର ସମ୍ପାଦନ ସମୟ ସାପେକ୍ଷ ଥିବାରୁ ଓଡ଼ିଶା ସମେତ ବହୁ ରାଜ୍ୟ ସମୟ ବଢ଼ାଇବାକୁ କେନ୍ଦ୍ରକୁ ଅନୁରୋଧ କରିଥିଲେ ଓ କେନ୍ଦ୍ର ସରକାର ଅବଧି ବଢ଼ାଇଥିଲେ । ତେବେ ଏଠାରେ ଉଲ୍ଲେଖଯୋଗ୍ୟ ଯେ କଂଗ୍ରେସ ଓ ବିଜେପି ଶାସିତ ରାଜ୍ୟ ସମେତ ଭାରତବର୍ଷର ଅର୍ଦ୍ଧାଧିକ ରାଜ୍ୟ ଏପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ କରିପାରିନାହାନ୍ତି । ହିତାଧିକାରୀ ଚୟନ ପାଇଁ ରାଜ୍ୟ ସରକାର ୫ ଟି ଯୋଗଦେବା ମାନଦଣ୍ଡ ଓ ୯ ଟି ବାଦ୍ ଦେବା ମାନଦଣ୍ଡ ନିର୍ଦ୍ଧାରଣ କରି ହିତାଧିକାରୀ ଚୟନ ପ୍ରକ୍ରିୟା ଆରମ୍ଭ କରିଥିଲେ । ଏହି ଚୟନ ପ୍ରକ୍ରିୟାରେ ଜାତୀୟ ଜନସଂଖ୍ୟା ରେଜିଷ୍ଟର ଡ଼ାଟାର ଆବଶ୍ୟକତା ଥିବାରୁ ତାହାକୁ ଦେବାକୁ କେନ୍ଦ୍ରକୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ ତାହା ବହୁ ବିଳମ୍ବରେ ମିଳିଥିଲା । ବିଭାଗୀୟ ସଚିବ, ମୁଖ୍ୟ ଶାସନ ସଚିବ ଓ ବିଭାଗୀୟ ମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ବାରମ୍ବାର ଚିଠି ଲେଖିଥିଲେ । ଡ଼ାଟା ମିଳିବାରେ ବିଳମ୍ବ ହେତୁ ଚୟନ ପ୍ରକ୍ରିୟା ପ୍ରଭାବିତ ହୋଇଛି । ଶେଷରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କେନ୍ଦ୍ର ଗୃହମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଅଗଷ୍ଟ ୨୦୧୪ରେ ଏନ୍‌ପିଆର୍ ଡ଼ାଟା ମିଳିଥିଲା ଓ ସେହି ତଥ୍ୟାବଳୀ ଆଧାରରେ ରେକର୍ଡ଼ ସମୟ ମଧ୍ୟରେ ହିତାଧିକାରୀ ଚୟନ କରାଯାଇଥିବା ମନ୍ତ୍ରୀ ଶ୍ରୀ ଦାସବର୍ମା ପ୍ରକାଶ କରିଛନ୍ତି । ହିତାଧିକାରୀ ଚୟନ ପାଇଁ ଆବେଦନ ଆହ୍ୱାନ

କରାଯାଇଥିଲା । ଅନେକ ଅଯୋଗ୍ୟ ହିତାଧିକାରୀ ମଧ୍ୟ ଆବେଦନ କରିଥିଲେ । କେତେକ ଜିଲ୍ଲାରେ ଜନସଂଖ୍ୟାରୁ ଅଧିକ ଆବେଦନ ହୋଇଥିବା ଦେଖା ଦେଇଥିଲା । ମୋଟ ୧୦୫ ଲକ୍ଷ ପରିବାର ୩ କୋଟି ୯୪ ଲକ୍ଷ ବ୍ୟକ୍ତି ଆବେଦନ କରିଥିଲେ । ସବୁ ଆବେଦନପତ୍ରକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରି ଚିଠା ଅଗ୍ରାଧିକାର ତାଲିକା ପ୍ରସ୍ତୁତ କରାଯାଇଛି । ଏହା ସହିତ ସଂଦିଗ୍ଧ ତାଲିକା ମଧ୍ୟ କରାଯାଇ ତା'ର କ୍ଷେତ୍ରୀୟ ଯାଞ୍ଚ କରାଯାଉଛି । ମୋଟ ଆବେଦନକାରୀଙ୍କ ସଂଖ୍ୟାକୁ ଆଧାର କରି ବାଦ୍ ପଡ଼ିଥିବା ଲୋକଙ୍କ ସଂଖ୍ୟାକୁ ଉପସ୍ଥାପନ କରିବା ବାସ୍ତବରେ ଅଜ୍ଞତାର ପରିଚାୟକ ଓ ବିଭ୍ରାନ୍ତିପୂର୍ଣ୍ଣ । ଯେଉଁମାନେ ଭୁଲ ତଥ୍ୟ ଦେଇ ବିଭ୍ରାନ୍ତି ସୃଷ୍ଟି କରିବାକୁ ଚାହୁଁଛନ୍ତି, ସେମାନଙ୍କର ଉଦ୍ଦେଶ୍ୟ ସଫଳ ହେବ ନାହିଁ । ଜଣେ ବି ଯୋଗ୍ୟ ହିତାଧିକାରୀ ଯେଭଳି ବାଦ୍ ନପଡ଼ନ୍ତି ସେଥିପାଇଁ ସରକାର ଅଙ୍ଗୀକାରବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ଦାସବର୍ମା ପ୍ରକାଶ କରିଛନ୍ତି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ର ଯଥେଷ୍ଟ ପୂର୍ବରୁ ରାଜ୍ୟ ସରକାର ଖାଦ୍ୟ ନିରାପତ୍ତା ପାଇଁ କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ସରକାର ଗରିବ ଲୋକଙ୍କୁ ଟଙ୍କାକରେ କିଲେ ଚାଉଳ ଯୋଗାଇ ଦେଇଆସୁଛନ୍ତି । କେନ୍ଦ୍ର ସରକାରଙ୍କ ଅସହଯୋଗ ଓ ଅର୍ଥନୈତିକ ପ୍ରତିବନ୍ଧକ ସତ୍ତ୍ୱେ ଏହା ଜାରି ରହିଥିଲା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ହିତାଧିକାରୀମାନଙ୍କୁ ସେହି ଟଙ୍କାକରେ କିଲେ ଚାଉଳ ଏବଂ ଗହମ ଯୋଗାଣ ଏବେ ମଧ୍ୟ ଜାରି ରହିବ ବୋଲି ମନ୍ତ୍ରୀ ଶ୍ରୀ ଦାସବର୍ମା ପ୍ରକାଶ କରିଛନ୍ତି । ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରାବାସରେ ମୋଟ ୪ ଲକ୍ଷ ୮୮ ହଜାର ୫୫୫ ଅନ୍ତେବାସୀ ଥିଲାବେଳେ କେନ୍ଦ୍ର ସରକାର ବି.ପି.ଏଲ୍. ଦରରେ ୬୨ ହଜାର ୭୯୫ ଜଣଙ୍କୁ ଚାଉଳ ଯୋଗାଇ ଦେଉଛନ୍ତି । ଅବଶିଷ୍ଟ ୪ ଲକ୍ଷ ୨୫ ହଜାର ୭୬୦ ଅନ୍ତେବାସୀଙ୍କୁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ରିହାତି ଦରରେ ଚାଉଳ ଯୋଗାଇ ଦେଉଛନ୍ତି । ସେମାନଙ୍କୁ ବି.ପି.ଏଲ୍. ଦରରେ ଚାଉଳ ଯୋଗାଇଦେବାକୁ ଅନୁରୋଧ କରାଯାଇଥିଲେ ମଧ୍ୟ କେନ୍ଦ୍ର ସରକାର ଏ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହାନ୍ତି । ଏ ବିଷୟରେ ରାଜ୍ୟ ବିଜେପି ନେତୃବୃନ୍ଦ କେନ୍ଦ୍ର ଉପରେ ଚାପ ପ୍ରୟୋଗ କରିବାକୁ ମନ୍ତ୍ରୀ ଶ୍ରୀ ଦାସବର୍ମା ଅନୁରୋଧ କରିଛନ୍ତି । ଖାଦ୍ୟ ସରୁକ୍ଷା ଆଇନ ଅନ୍ତର୍ଗତ ହିତାଧିକାରୀ ଚୟନ ପ୍ରକ୍ରିୟାରେ ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗ କରାଯାଇଛି। ଏହାକୁ ତ୍ରୁଟିଶୂନ୍ୟ କରିବାକୁ ଅନେକ ବ୍ୟବସ୍ଥା କରାଯାଇଛି । ଏହା ଏକ ନିରନ୍ତର ପ୍ରକ୍ରିୟା । ସମସ୍ତ ତଥ୍ୟାବଳୀ ପବ୍ଲିକ୍ ଡୋମେନ୍‌ରେ ଉପଲବ୍ଧ ହେଉଛି । ରାଜନୈତିକ ବାଛବିଚାର କରି କାର୍ଡ ଦିଆଯାଇଥିବା ଅଭିଯୋଗ ଭିତ୍ତିହୀନ ଓ ଅନଭିଜ୍ଞତାର ପରିଚାୟକ । କେଉଁଠି କିଛି ବି ତ୍ରୁଟି ବିଚ୍ୟୁତି ନଜରକୁ ଆସିଲେ ତୁରନ୍ତ ପ୍ରତିକାର କରିବା ପାଇଁ ବ୍ୟବସ୍ଥା ହୋଇଛି । ଏହି ପରିପ୍ରେକ୍ଷୀରେ କାଁ ଭାଁ ତ୍ରୁଟି ବିଚ୍ୟୁତିକୁ ନେଇ ରାଜନୀତି କରାନଯାଉ । ବରଂ ଦଳୀୟ ସଂକୀର୍ଣ୍ଣତାର ଉର୍ଦ୍ଧ୍ୱକୁ ଉଠି ଗଠନମୂଳକ ସକାରାତ୍ମକ ସହଯୋଗ କରିବାକୁ ମନ୍ତ୍ରୀ ଶ୍ରୀ ଦାସବର୍ମା ସମସ୍ତଙ୍କୁ ନିବେଦନ କରିଛନ୍ତି ।

ରକ୍ଷକ ନାୟକ, ସୂଚନା ଅଧିକାରୀ

## ଦ୍ରବ୍ୟ ଓ ସେବା କରକୁ ସରଳ ଓ ସହଜ କରିବା ପାଇଁ ଅର୍ଥମନ୍ତ୍ରୀଙ୍କ ମତ

ନୂଆଦିଲ୍ଲୀରେ ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କୁ ନେଇ ଗଠିତ କ୍ଷମତାସଂପନ୍ନ କମିଟି ବୈଠକରେ ଦ୍ରବ୍ୟ ଓ ସେବା କର ସଂପର୍କରେ ଆଲୋଚନା ହୋଇଥିଲା । ଓଡ଼ିଶାର ଅର୍ଥମନ୍ତ୍ରୀ ଶ୍ରୀ ପ୍ରଦିପ କୁମାର ଅମାତ ଏହି ବୈଠକରେ ଯୋଗଦେଇ ଦ୍ରବ୍ୟ ଓ ସେବା କରକୁ ସରଳ ଓ ସହଜ କରିବା ପାଇଁ ପରାମର୍ଶ ଦେଇଛନ୍ତି । କେନ୍ଦ୍ରୀୟ ବିକ୍ରିକରର ହ୍ରାସଜନିତ କ୍ଷତି ଭରଣା ପାଇଁ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ନିକଟରେ ୨୦୧୧–୧୨ଆର୍ଥିକ ବର୍ଷରୁ ୨୦୧୩–୧୪ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୨୮୩୪ କୋଟି ଟଙ୍କା ଦାବି କରି ଆସୁଛନ୍ତି । ତନ୍ମଧ୍ୟରୁ କେନ୍ଦ୍ର ସରକାର ୨୮୭.୪୧ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଜାନୁଆରୀ ୨୦୧୩ ମସିହାରେ ଭୁବନେଶ୍ୱରଠାରେ ଅନୁଷ୍ଠିତ କ୍ଷମତାସଂପନ୍ନ କମିଟି ରାଜ୍ୟମାନେ ଦାବି କରୁଥିବା କ୍ଷତିଭରଣା ବାବଦକୁ ୨୦୧୧–୧୨ ଆର୍ଥିକ ବର୍ଷ ପାଇଁ ୭୫%, ୨୦୧୨–୧୩ ଆର୍ଥିକ ବର୍ଷ ପାଇଁ ୫୦% କ୍ଷତିପୂରଣ ଦେବାକୁ ନିଷ୍ପତ୍ତି ହୋଇଥିଲା । ତଦନୁସାରେ କେନ୍ଦ୍ର ସରକାରଙ୍କୁ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୨୦୧୧–୧୨, ୨୦୧୨–୧୩ ଆର୍ଥିକ ବର୍ଷର କେନ୍ଦ୍ରୀୟ ବିକ୍ରିକର କ୍ଷତିପୂରଣ ଦେବା ପାଇଁ ଦାବି କରାଯାଇଛି । ୨୦୧୩–୧୪ ଓ ୨୦୧୪–୧୫ ଆର୍ଥିକ ବର୍ଷ ପାଇଁ କ୍ଷତିପୂରଣ ବାବଦରେ ନିଷ୍ପତ୍ତି ନେବାକୁ ଅନୁରୋଧ କରାଯାଇଛି ।

ସନ୍ତୋଷ କୁମାର ଦାସ, ସୂଚନା ଅଧିକାରୀ

## ଲଣ୍ଡନ ପର୍ଯ୍ୟଟନ ମେଳାରେ ସାମିଲ ହେଲା ଓଡ଼ିଶା

ଲଣ୍ଡନଠାରେ ଅନୁଷ୍ଠିତ ବିଶ୍ୱ ପର୍ଯ୍ୟଟନ ମେଳା–୨୦୧୫ରେ ଓଡ଼ିଶାକୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ବ୍ୟାପକ ପ୍ରଦର୍ଶନ ହୋଇଛି । ସ୍ୱତନ୍ତ୍ର ମଣ୍ଡପ, ପର୍ଯ୍ୟଟନ ତଥ୍ୟ ସାମଗ୍ରୀ ବିତରଣ, ବ୍ୟବସାୟିକ ଆଲୋଚନା ସମେତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ

ହୋଇଛି । ଓଡ଼ିଶା ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଏଲ୍. ଏନ୍. ଗୁପ୍ତାଙ୍କ ନେତୃତ୍ୱରେ ଓଡ଼ିଶାର ପ୍ରତିନିଧି ମଣ୍ଡଳୀ ଏହି ମେଳାରେ ଯୋଗଦେଇ ସମବେତ ଟୁର ଅପରେଟର, ବିଦେଶୀ ପର୍ଯ୍ୟଟକ, ଟ୍ରାଭେଲ ଏଜେଣ୍ଟ ତଥା ସଂଭ୍ରାନ୍ତ କ୍ରେତାମାନଙ୍କ ମଧ୍ୟରେ ମତ ବିନିମୟ କରିଥିଲେ । ଓଡ଼ିଶାର ପର୍ଯ୍ୟଟନ ବିଭବ ସହିତ ସେମାନଙ୍କୁ ପରିଚିତ କରାଯିବା ସହିତ ରାଜ୍ୟକୁ ଅଧିକ ସଂଖ୍ୟକ ପର୍ଯ୍ୟଟକମାନଙ୍କୁ ଆଣିବା ନିମନ୍ତେ ଟୁର ଅପରେଟରମାନଙ୍କୁ ଆକର୍ଷିତ କରାଯାଇଥିଲା । ମେଳାରେ ଓଡ଼ିଶା ପର୍ଯ୍ୟଟନ ମଣ୍ଡପକୁ କେନ୍ଦ୍ର ପର୍ଯ୍ୟଟନ ସଚିବ ଶ୍ରୀ ବିନୋଦ ଜୁଛୀ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଶାସନ ସଚିବ ଶ୍ରୀ ଗୁପ୍ତା ଓ ବିଭାଗୀୟ ନିର୍ଦ୍ଦେଶକ ଅନୀଲ କୁମାର ସାମଲ ଉପସ୍ଥିତ ଥିଲେ । ପ୍ରାୟ ୩୨ଟି ବ୍ୟବସାୟିକ ସମ୍ବନ୍ଧୀୟ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଶ୍ରୀ ଗୁପ୍ତା ପ୍ରାୟ ୨୦୦ କ୍ରେତା, ଟୁର ଅପରେଟର୍ସ ଓ ଏଜେଣ୍ଟମାନଙ୍କ ଗହଣରେ ଓଡ଼ିଶା ପର୍ଯ୍ୟଟନର ତଥ୍ୟ-ଚିତ୍ର ଉପସ୍ଥାପନ କରିଥିଲେ । ମଣ୍ଡପରେ ଓଡ଼ିଶା ପର୍ଯ୍ୟଟନ ବିବରଣୀ ସମ୍ବଳିତ ସିଡି, ପ୍ରଚାର ପୁସ୍ତିକା ଓ ତଥ୍ୟ ସାମଗ୍ରୀ ବିତରଣ କରାଯାଇଥିଲା । ଲଣ୍ଡନ, ପ୍ୟାରିସ୍, ଫ୍ରାଙ୍କଫର୍ଟ, ମିଲାନ ଓ ଆମଷ୍ଟରଡ୍ୟାମ୍ ଇତ୍ୟାଦିରେ ଅବସ୍ଥାପିତ ଭାରତୀୟ ପର୍ଯ୍ୟଟନ ନିଗମର ଆଞ୍ଚଳିକ ମୁଖ୍ୟମାନଙ୍କୁ ନେଇ ଏକ ବୈଠକ ଆୟୋଜିତ ହୋଇଥିଲା ଓ ଏଥିରେ ଓଡ଼ିଶା ପର୍ଯ୍ୟଟନର ବିକାଶ ଉପରେ ସେମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ମେଳାରେ ଉପସ୍ଥିତ ଗୋଆ ଓ ଗୁଜୁରାଟର ପର୍ଯ୍ୟଟନ ମନ୍ତ୍ରୀ ଏବଂ କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, କେରଳ ତଥା ତାମିଲନାଡୁର ପର୍ଯ୍ୟଟନ ସଚିବମାନଙ୍କ ସମେତ ଭାରତୀୟ ପର୍ଯ୍ୟଟନ ନିଗମର ଅଧ୍ୟକ୍ଷ-ପରିଚାଳନା ନିର୍ଦ୍ଦେଶକଙ୍କ ସହ ଓଡ଼ିଶା ପର୍ଯ୍ୟଟନର ବିକାଶ ଉପରେ ଆଲୋଚନା ହେବା ସହିତ ସ୍ଥାନୀୟ ଶିଳ୍ପୀଙ୍କୁ ନେଇ ଆୟୋଜିତ ଓଡ଼ିଶୀ ନୃତ୍ୟ ସମସ୍ତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଲଣ୍ଡନ ପର୍ଯ୍ୟଟନ ମେଳା ସମଗ୍ର ବିଶ୍ୱରେ ଏକ ପ୍ରମୁଖ ଆୟୋଜନ । ପର୍ଯ୍ୟଟନ ବିପଣନ ଓ ପ୍ରସାରଣ ନିମନ୍ତେ ଉଦ୍ଦିଷ୍ଟ ଏହି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାବୀ ଢଙ୍ଗରେ ସାମିଲ ହୋଇଥିଲା ।

ସୂର୍ଯ୍ୟ ମିଶ୍ର, ସୂଚନା ଅଧିକାରୀ

## ଓଡ଼ିଆ ଭାଷାରେ ୱେବ୍‌ସାଇଟ୍ ଉନ୍ମୋଚିତ

ଓଡ଼ିଆ ଭାଷା ସମ୍ବନ୍ଧୀୟ ସ୍ୱତନ୍ତ୍ର ୱେବ୍‌ସାଇଟ୍ www.odia.odisha.gov.in ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଯାଇଛି । ଭାଷା ଅଧିନିୟମ ବୈଠକରେ ଅଧ୍ୟକ୍ଷତା କରି ଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଦେବୀପ୍ରସାଦ ମିଶ୍ର କହିଲେ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଆ ଭାଷା ସଂପର୍କିତ ନୀତି ପ୍ରଣୟନ ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହା ତୃତୀୟ ବୈଠକ । ପରବର୍ତ୍ତୀ ସମୟରେ ଜନସାଧାରଣ ଏ ସଂପର୍କରେ ଯାହା ମତାମତ ଦେବେ ସେସବୁକୁ ତର୍ଜମା କରି ଏଥିରେ ସାମିଲ କରାଯିବ । ଆଇନ୍ ବିଭାଗ ଏ ସଂପର୍କରେ ବିଧିବଦ୍ଧ ଭାବେ ଚିଠା ଅଧିନିୟମାବଳୀ ପ୍ରସ୍ତୁତ କରିବେ । ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ମାଧ୍ୟମରେ ୨୩୫ଟି ଓଡ଼ିଆ ଭାଷା ଅଧ୍ୟାପକ ପଦବୀ ପୂରଣ କରିବେ । ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶିକ୍ଷକମାନଙ୍କୁ ପର୍ଯ୍ୟାୟକ୍ରମେ ଓଡ଼ିଆ ଭାଷା ସଂପର୍କରେ ସ୍ୱଳ୍ପ ଅବଧିର ତାଲିମ ଦେବାର ବ୍ୟବସ୍ଥା କରିବା ସହ ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକୀୟ ଭାଷା ଶିକ୍ଷକ ପଦ ପୂରଣ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବେ । ଏହି ନୂଆ ନୀତି ଦ୍ୱାରା ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଜନସାଧାରଣଙ୍କ ନିକଟରେ ଓଡ଼ିଆରେ ପହଞ୍ଚି ପାରିବ । ଏହି ୱେବ୍‌ସାଇଟ୍ ଏକ ସପ୍ତାହ ମଧ୍ୟରେ ଜନସାଧାରଣଙ୍କ ପାଇଁ ଉପଲବ୍ଧ ହେବ । ଏଥିରେ ବିଧି ବ୍ୟବସ୍ଥା, ପ୍ରସ୍ତାବ, ଲୋକାଭିଯୋଗ, କାର୍ଯ୍ୟାନୁଷ୍ଠାନ, କାର୍ଯ୍ୟ ସମୀକ୍ଷା ଓ ସଂଯୋଗ ଭଳି ବିଭିନ୍ନ ସୁବିଧା ରହିଛି । ପରବର୍ତ୍ତୀ ସମୟରେ ଏହାର ପ୍ରଣୟନ ସଂପର୍କରେ ନିୟମିତ ଭାବେ ଉଚ୍ଚସ୍ତରୀୟ ସମୀକ୍ଷା ଓ ବିଭାଗୀୟ ସମୀକ୍ଷା କରାଯିବ ।

ଏହି ବୈଠକରେ ଭାଷା ଅଧିନିୟମ ମନ୍ତ୍ରୀସ୍ତରୀୟ କମିଟିର ସଭ୍ୟ ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ, ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ଏବଂ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ଅତନୁ ସବ୍ୟସାଚୀ ନାୟକ, ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ଶକ୍ତି ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ପ୍ରଣବ ପ୍ରକାଶ ଦାସ, ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ଡ. ନଟବର ଶତପଥୀ, ଆବାହକ ଶ୍ରୀ ଶଂକର୍ଷଣ ପରିଡା, ଶ୍ରୀ ସୁବାସ ଚନ୍ଦ୍ର ପଟ୍ଟନାୟକ, ଡ. ସୁବ୍ରତ କୁମାର ପୃଷ୍ଟି, ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଜି.ଭି.ଜି. ଶର୍ମା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା, ବିଧି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଭୂପ୍ରସାଦ ରାଉତରାୟ ଓ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ବିଭୂତି ନାୟକ, ସୂଚନା ଅଧିକାରୀ